ଧରିତ୍ରୀ
DHARITRI
ବ୍ରହ୍ମପୁର, ଗୁରୁବାର, ଅଗଷ୍ଟ ୨୦/୨୦୨୦ (୧୬ ପୃଷ୍ଠା) | Berhampur, Thursday, August 20/2020 | ★★★
୧୬ଶ ଭାଗ ୧୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-

# ଅବପାତ ରୂପ ନେଲା ଲଘୁଚାପ

## ପ୍ରବଳ ବର୍ଷାରୁ ବନ୍ୟା ଆଶଙ୍କା

- ୧୦ ଜିଲାକୁ ରେଡ୍ ୱାର୍ନିଂ ଜାରି କଲା ପାଣିପାଗ ବିଭାଗ
- ୨୩ରେ ଆଉ ଏକ ଲଘୁଚାପ
- ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବୈତରଣୀ ଫୁଲୁଛି
- ସତର୍କ ରହିବାକୁ ଜିଲାପାଳଙ୍କୁ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୧୯।୮(ବ୍ୟୁରୋ)**

ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ବୁଧବାର ଲଘୁଚାପ ସୃଷ୍ଟି ହୋଇଛି। ଏହା ଆହୁରି ଘନୀଭୂତ ହୋଇ ଡିପ୍ରେଶନ(ଅବପାତ)ରେ ପରିଣତ ହୋଇଛି। ଏଥିସହିତ ଓଡ଼ିଶା ଉପକୂଳ ବଙ୍ଗୋପସାଗର ଉପରେ ଦକ୍ଷିଣ ପଶ୍ଚିମ ଦିଗରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଲଘୁଚାପ ଯୋଗୁ ଦକ୍ଷିଣ ପଶ୍ଚିମ ମୌସୁମୀ ଅଧିକ ସକ୍ରିୟ ହୋଇଛି। ଏସବୁ ମିଶି ରାଜ୍ୟରେ ପ୍ରବଳ ବର୍ଷା କରାଇବ। ଏହାର ପ୍ରଭାବରେ ଆସନ୍ତା ତିନିଦିନ ଯାଏ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ସେହିପରି ଆସନ୍ତା ୨୩ ତାରିଖରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି। ଏଥିଯୋଗୁ ରାଜ୍ୟରେ ଏବଂ ମହାନଦୀର ଉପରମୁଣ୍ଡ ଛତିଶଗଡ଼ରେ ମଧ୍ୟ ପ୍ରବଳ ବର୍ଷା ହୋଇପାରେ। ଫଳରେ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି।

ଲଘୁଚାପ ଯୋଗୁ ରାଜ୍ୟରେ ଗତ ଦୁଇଦିନ ହେବ ପ୍ରବଳ ବର୍ଷା ଲାଗିରହିଛି। ହୀରାକୁଦର ଜଳସ୍ତର ବଢ଼ିବା ସହିତ ମହାନଦୀ ଓ ଏହାର ବିଭିନ୍ନ ଶାଖାନଦୀ ମଧ୍ୟ ଫୁଲିବା ଆରମ୍ଭ କରିଛି। ବୁଧବାର ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦରେ ୧୦ଟି ଗେଟ୍ ଖୋଲାଯାଇଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨, ୪୦, ୫୯୮ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୧,୭୮,୬୩୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ଥିତିକୁ ଦେଖି ଆହୁରି ଅଧିକ ଗେଟ୍ ଖୋଲାଯିବ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଏହି ଲଘୁଚାପ ଦୁର୍ବଳ ହେବାବେଳକୁ ଆଉ ଏକ ଲଘୁଚାପ ପରିସ୍ଥିତିକୁ ବିଗାଡ଼ିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଜଳ ସମ୍ପଦ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ବୈତରଣୀ ଏବଂ କୁଶଭଦ୍ରା ନଦୀରେ ବନ୍ୟାଜଳ ବୃଦ୍ଧି ପାଇଚାଲିଛି। ମହାନଦୀର ଖଇରମାଳଠାରେ ବନ୍ୟାଜଳ ସ୍ଥିର ରହିଛି। ହୀରାକୁଦ ପାଣି ପହଞ୍ଚିବା ପରେ ନଦୀଗୁଡ଼ିକ ଫୁଲିବ ବୋଲି ଅନୁମାନ କରାଯାଇଛି। ରାଜ୍ୟର ସମସ୍ତ ୭ଟି ଜଳଭଣ୍ଡାରରେ ଜଳପତ୍ତନ ବୃଦ୍ଧି ପାଇବାରେ ଲାଗିଛି।

ଅବପାତ ଯୋଗୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, ବୌଦ୍ଧ, ଜଗତ୍‌ସିଂହପୁର, କଟକ ଏବଂ ☞ପୃଷ୍ଠା–୪



ବୁଧବାର ଲଗାଣ ବର୍ଷା ଯୋଗୁ ଭୁବନେଶ୍ୱର ବମିଖାଲ ଅଞ୍ଚଳ ଜଳମଗ୍ନ।

# ଯୁକ୍ତ୨ ବାଣିଜ୍ୟ ପାସ୍ ହାର ୪.୬୯% ବୃଦ୍ଧି

- ପାସ୍ ହାର ୭୪.୯୫%, ସିଡୁ ବେହେରା ଟପ୍ପର
- ମନସ୍ୱିତା ମହାନ୍ତି ଦ୍ୱିତୀୟ, ରାହୁଲ ପ୍ରସନ୍ନ ସାହୁ ତୃତୀୟ

**ଭୁବନେଶ୍ୱର,୧୯।୮(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ବାଣିଜ୍ୟ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଚଳିତବର୍ଷ ପାସ୍ ହାରରେ ୪.୬୯% ବୃଦ୍ଧି ଘଟିଛି। ଗତବର୍ଷ ପାସ୍ ହାର ୭୦.୨୬% ଥିବାବେଳେ ଏଥର ୭୪.୯୫% ରହିଛି। ରାଜ୍ୟରେ ମୋଟ ୨୫,୭୭୨ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୯,୩୧୮ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ନୟାଗଡ଼ ଉଚ୍ଚ ମାଧ୍ୟମିକ ସ୍କୁଲର ଛାତ୍ର ସିଡୁ ବେହେରା ୫୬୭ ନମ୍ବର ରଖି ଟପ୍ପର ହୋଇଛନ୍ତି। ସେହିପରି ଉକ୍ତ ବିଦ୍ୟାଳୟର ଛାତ୍ରୀ ମନସ୍ୱିତା ମହାନ୍ତି ୫୬୨ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ବ୍ରହ୍ମପୁର ନୀଳକଣ୍ଠନଗର ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ସ୍କୁଲର ଛାତ୍ର ରାହୁଲ ପ୍ରସନ୍ନ ସାହୁ ୫୬୧ ନମ୍ବର ସହ ତୃତୀୟ ସ୍ଥାନରେ ରହିଛନ୍ତି। ନୟାଗଡ଼ ଜିଲାରେ ସର୍ବାଧିକ ପାସ୍ ହାର ୮୮.୭୦% ଥିବାବେଳେ ☞ପୃଷ୍ଠା–୪



ପରୀକ୍ଷାଫଳ ପ୍ରକାଶ ପରେ ଖୁସି ମନାଉଛନ୍ତି ଭୁବନେଶ୍ୱରର ଏକ ଘରୋଇ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀ।

# ମଦ୍ରାସା ବୋର୍ଡ ପରୀକ୍ଷା: ପାସ୍ ହାର ୮୦.୭୮%

**ଭୁବନେଶ୍ୱର, ୧୯।୮(ବ୍ୟୁରୋ)**

ଓଡ଼ିଶା ମଦ୍ରାସା ବୋର୍ଡ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ବୋର୍ଡ ଅଧୀନରେ ହୋଇଥିବା ମୌଲବୀ(ମାଟ୍ରିକ୍), ମାହିର(ଯୁକ୍ତ୨), ଅଲିମ୍(ଯୁକ୍ତ୩), ଫାଜିଲ(ପିଜି) ସ୍ତରୀୟ ପରୀକ୍ଷାଫଳକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଘୋଷଣା କରିଛନ୍ତି। ଚଳିତବର୍ଷ ପାସ୍ ହାର ୮୦.୭୮% ରହିଛି। ରାଜ୍ୟରେ ମୋଟ ୧,୩୦୬ଜଣ ପରୀକ୍ଷା ଦେଇଥିବାବେଳେ ୧,୦୫୫ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରଦୀପ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶିକା ସ୍ନେହମୟୀ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

୮.୪ ଲକ୍ଷ କୋଟିର ଋଣ ପୁନର୍ଗଠନ ହୋଇପାରେ
....... ୧୩ .......

ଆଜିର ସମ୍ପାଦକୀୟ
ବିଲୁପ୍ତି ପଥେ ପ୍ରାଣୀ

# ସୁଶାନ୍ତ ସିଂ ମାମଲାର ସିବିଆଇ ତଦନ୍ତ ନିର୍ଦ୍ଦେଶ

## ମହାରାଷ୍ଟ୍ରକୁ ସୁପ୍ରିମକୋର୍ଟ ଝଟକା

**ନୂଆଦିଲ୍ଲୀ, ୧୯।୮**

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାକୁ ନେଇ ରାଜନୀତି ଜୋର୍ ଧରିଥିବାବେଳେ ଏହାର ସିବିଆଇ ତଦନ୍ତ ଲାଗି ସୁପ୍ରିମକୋର୍ଟ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୁମ୍ବାଇ ପୋଲିସ ସଂଗ୍ରହ କରିଥିବା ତଥ୍ୟ ସିବିଆଇକୁ ହସ୍ତାନ୍ତର କରି ସମ୍ପୂର୍ଣ୍ଣ ସହଯୋଗ କରିବା ଲାଗି ବିଚାରପତି ହୃଷୀକେଶ ରୟଙ୍କୁ ନେଇ ଗଠିତ ଜଣିକିଆ ଖଣ୍ଡପୀଠ କହିଛନ୍ତି। ସୁଶାନ୍ତଙ୍କ ମୃତ୍ୟୁକୁ ନେଇ ରୁଜୁ ହୋଇଥିବା ଅନ୍ୟ ମାମଲାଗୁଡ଼ିକ ମଧ୍ୟ ସିବିଆଇ ତଦନ୍ତ ପରିସରଭୁକ୍ତ ହେବ



ବୋଲି ଖଣ୍ଡପୀଠ କହିଛନ୍ତି। ମାମଲାକୁ ନେଇ ବିହାର ଓ ମହାରାଷ୍ଟ୍ର ମଧ୍ୟରେ ଟଣାଓଟରା ଚାଲିଥିବାବେଳେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ମହାରାଷ୍ଟ୍ରକୁ ଝଟକା ଦେଇଛି। ସୁଶାନ୍ତ ସିଂଙ୍କ ବାପା କେ. କେ. ସିଂ ପାଟନାରେ କରିଥିବା ଏଫ୍‌ଆଇଆର୍ ଓ ବିହାରରୁ ମାମଲାର ସିବିଆଇ ତଦନ୍ତ ଲାଗି ସୁପାରିସ୍ କରାଯିବା ଠିକ୍ ବୋଲି କୋର୍ଟ କହିଛନ୍ତି। ଏକ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରକରି ଉଚିତ ନ୍ୟାୟ ପ୍ରଦାନ କରାଯିବାର ଆବଶ୍ୟକତା ରହିଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ସେପଟେ ଅଭିଯୁକ୍ତ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀ ସୁଶାନ୍ତଙ୍କ ☞ପୃଷ୍ଠା–୪





ରାଷ୍ଟ୍ରପତି ରାମନାଥ କୋବିନ୍ଦ ବୁଧବାର ଆଫ୍‌ଗାନିସ୍ତାନର ୧୦୧ତମ ସ୍ୱାଧୀନତା ଦିବସ ଅବସରରେ ପଡ଼ୋଶୀ ଦେଶର ରାଷ୍ଟ୍ରପତି ଅଶ୍ରଫ୍ ଗନିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏକ ସ୍ୱତନ୍ତ୍ର ସନ୍ଦେଶରେ ରାଷ୍ଟ୍ରପତି ଲେଖିଛନ୍ତି ଆଫ୍‌ଗାନିସ୍ତାନ ହେଉଛି ଭାରତର ପ୍ରିୟ ଭାଇ। ସେଠାରେ ଶାନ୍ତି, ସୁରକ୍ଷା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ବଜାୟ ରଖିବା ପାଇଁ ଭାରତ ସମସ୍ତ ପ୍ରକାର ସହାୟତା ଦେବ।

## ସଂକ୍ଷେପରେ

### ପ୍ରଣବଙ୍କ ଫୁସ୍‌ଫୁସ୍‌ରେ ସଂକ୍ରମଣ



ନୂଆଦିଲ୍ଲୀ, ୧୯।୮(ପି.ଟି.): ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଦେଖାଦେଇଛି। ତାଙ୍କ ଫୁସ୍‌ଫୁସ୍‌ରେ ସଂକ୍ରମଣ ହୋଇଥିବା ବୁଧବାର ଆର୍ମି ରିସର୍ଚ୍ଚ ଆଣ୍ଡ ରେଫରାଲ ହସ୍ପିଟାଲ ପକ୍ଷରୁ କୁହାଯାଇଛି। ୮୪ ବର୍ଷୀୟ ପ୍ରଣବ ଗତ ୧୦ ତାରିଖରେ ଉକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେବେଠାରୁ ସେ ଭେଣ୍ଟିଲେଟର ସପୋର୍ଟରେ ରହିଛନ୍ତି। ମସ୍ତିଷ୍କରେ ଜମାଟ ବାନ୍ଧିଥିବା ରକ୍ତକୁ ବାହାର କରିବା ପାଇଁ ଅସ୍ତ୍ରୋପଚାର ପରେ ପ୍ରଣବ କୋମା ଅବସ୍ଥାକୁ ଚାଲିଯାଇଥିଲେ। ତାଙ୍କଠାରେ କୋଭିଡ୍-୧୯ ପଜିଟିଭ୍ ଚିହ୍ନଟ ହୋଇଥିଲା। ବିଶେଷଜ୍ଞମାନଙ୍କର ଏକ ଟିମ୍ ତାଙ୍କର ଚିକିତ୍ସା କରୁଛନ୍ତି।

### ସିଜେଆଇଙ୍କୁ ଚିଠି ଲେଖିଲେ ୭୭୨ ଓକିଲ

ନୂଆଦିଲ୍ଲୀ,୧୯।୮: ଦେଶର ୭୭୨ ଓକିଲ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେଙ୍କୁ ପତ୍ର ଲେଖିଛନ୍ତି। ନିକଟରେ ନ୍ୟାୟପାଳିକା ପ୍ରତି ଭୟ ସୃଷ୍ଟି କରିଥିବା ତତ୍ତ୍ୱ ଉପରେ ସେମାନେ ଏଥିରେ ଚିନ୍ତାବ୍ୟକ୍ତ କରିଛନ୍ତି। ସ୍ୱାକ୍ଷର କରିଥିବା ଉକ୍ତ ପତ୍ରରେ ଲେଖିଛନ୍ତି, ଆମେ ଆଇନଜୀବୀମାନେ ବର୍ତ୍ତମାନର ସ୍ଥିତିରେ ନ୍ୟାୟପାଳିକାକୁ ଡରାଇବା ଓ ଧମକାଇବା ପ୍ରବୃତ୍ତିକୁ ନେଇ ଚିନ୍ତିତ। ଭାରତ ସେହି ବିଚାରପତିମାନଙ୍କ ବିରୋଧରେ ସଂସ୍ଥାଗତ ବ୍ୟବଧାନର ଏକ ଶୃଙ୍ଖଳା ଦେଖିବାକୁ ପାଇଛି, ଯାହା ସେମାନଙ୍କ ସହ ଅସହମତ ହେବା ପାଇଁ ପ୍ରସ୍ତୁତ ନୁହେଁ। ନ୍ୟାୟପାଳିକାକୁ ନିଜ ଭୂମିକା ପ୍ରଭାବୀ ଢଙ୍ଗରେ ତୁଲାଇବାକୁ ହେଲେ ନିଜ ଗରିମା ଓ ଅଧିକାରର ସୁରକ୍ଷା କରିବାକୁ ପଡ଼ିବ। ଯେତେବେଳେ ଆଇନଜୀବୀମାନଙ୍କ ରାଜନୈତିକ ଉଦ୍ଦେଶ୍ୟ ଅଦାଲତଙ୍କ ରାୟ ଯୋଗୁ ପୂରଣ ହୋଇପାରୁନାହିଁ ସେତେବେଳେ ସେମାନେ ସୁପ୍ରିମକୋର୍ଟ ଓ ବିଚାରପତିମାନଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଉଛନ୍ତି।

# ସିବିଆଇ ସମ୍ମୁଖରେ ୧୪ ବଡ଼ ପ୍ରଶ୍ନ

ନୂଆଦିଲ୍ଲୀ, ୧୯।୮

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାର ତଦନ୍ତ ସିବିଆଇ କରିବ ବୋଲି ସୁପ୍ରିମକୋର୍ଟ ବୁଧବାର ସ୍ପଷ୍ଟ କରିଛନ୍ତି। ଅଗଷ୍ଟ ୨୦ରୁ ବିଧିବଦ୍ଧ ଭାବେ ସିବିଆଇ ଏହି ମାମଲାର ତଦନ୍ତ କରିବ। ମୁମ୍ବାଇ ପୋଲିସର ପ୍ରାରମ୍ଭିକ ତଦନ୍ତ ଓ ସାମ୍ପୁଲ ଟେଷ୍ଟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କୁହାଯାଉଛି। ଅପରାଧ ପରର ବିଭିନ୍ନ ପରୀକ୍ଷା ନିରୀକ୍ଷା, ସୁଶାନ୍ତଙ୍କ ରୁମ୍‌ର ସ୍ଥିତି ଆଦିର ଫୋରେନ୍‌ସିକ ତଥ୍ୟ ସିବିଆଇ ହାତରେ ଲାଗିବା ଦରକାର। ନ ହେଲେ ସିବିଆଇ ଠିକ୍ ଭାବେ ଏହି ହାଇ ପ୍ରୋଫାଇଲ ମାମଲାର ତଦନ୍ତ କରିବା କଷ୍ଟସାଧ ହେବ ବୋଲି କୁହାଯାଉଛି।

ସୁଶାନ୍ତ ସିଂ ରହୁଥିବା ରୁମ୍‌ର ସିଲିଂ ଫ୍ୟାନ୍ ଓ ତାଙ୍କ ବେଡ୍ ମଧ୍ୟରେ ଦୂରତା ୫ ଫୁଟ ୧୧ ଇଞ୍ଚ ରହିଥିବାବେଳେ ସୁଶାନ୍ତଙ୍କ ଉଚ୍ଚତା ୫ ଫୁଟ ୧୦ ଇଞ୍ଚ। ବେଡ୍‌ରେ ଛିଡ଼ା ହେଲେ ସିଲିଂ ଫ୍ୟାନ୍ ଛୁଇଁବା ଲାଗି ମାତ୍ର ୧ ଇଞ୍ଚର ଦୂରତା ରହୁଛି। ଘରର ଡୋର ଖୋଲାଥିବାବେଳେ ସୁଶାନ୍ତଙ୍କ ୩ ସାଙ୍ଗ ସେଠାରେ ରହୁଥିଲେ ବୋଲି ଜଣାପଡ଼ିଛି। ଏହା ଛଡ଼ା ସୁଶାନ୍ତଙ୍କ ମୃତଦେହ ବେଡ୍‌ରେ ନ ଥିଲା କି ଗୋଡ଼ ବେଡ୍ ଆଡ଼କୁ ନ ଥିଲା। ସୁଶାନ୍ତଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ବେଡ୍ ଆରପଟେ ଥିଲା। ଏଭଳି ସ୍ଥିତିରେ ସୁଶାନ୍ତଙ୍କ ମୃତଦେହ ଉଦ୍ଧାର କରାଯିବା ଘଟଣାକୁ ରହସ୍ୟାବୃତ କରୁଛି। ଏଥିଲାଗି ମୁମ୍ବାଇ ପୋଲିସ ଓ ଏକ୍ସପର୍ଟମାନଙ୍କ ମତାମତ ଗୁରୁତ୍ୱପୂର୍ଣ୍ଣ ମନେହେଉଛି। ଗୁରୁବାର ସିବିଆଇ ଟିମ୍ ମୁମ୍ବାଇ ଯାଇ ଘଟଣାର ଅନୁଧ୍ୟାନ କରିବାର କାର୍ଯ୍ୟକ୍ରମ ରହିଛି। ସୁଶାନ୍ତଙ୍କ ଷ୍ଟାଫ୍, ରିଆ ଚକ୍ରବର୍ତ୍ତୀ ଓ ସାଙ୍ଗମାନଙ୍କୁ ଜେରା କରାଯିବ। ସିବିଆଇ ଅନେକ ରହସ୍ୟକୁ ନେଇ ତଦନ୍ତ କରିବ। ସୁଶାନ୍ତ ସିଂଙ୍କ ମୃତ୍ୟୁ ଆତ୍ମହତ୍ୟାଜନିତ କି ହତ୍ୟା ଏହା ଏକ ବଡ଼ ପ୍ରଶ୍ନ ହୋଇରହିଛି। ଯଦି ଏହା ହତ୍ୟାକାଣ୍ଡ, ତେବେ ଏହା ପଛରେ କ'ଣ କାରଣ ଥାଇପାରେ ତାହାର ତଦନ୍ତ ଜରୁରୀ। ସୁଶାନ୍ତ ସିଂ ମୃତ୍ୟୁ ପଛରେ ପ୍ରେମିକା ରିଆ ଚକ୍ରବର୍ତ୍ତୀଙ୍କ ଭୂମିକା କ'ଣ। ସୁଶାନ୍ତ ମୃତ୍ୟୁ ମାମଲାରେ ଫିଲ୍ମଷ୍ଟାର୍‌ଙ୍କ କ'ଣ ଭୂମିକା ରହିଛି। ସୁଶାନ୍ତଙ୍କ ସହ ଟଙ୍କା ହେର୍‌ଫେର କରାଯାଇଛି କି ନାହିଁ। ଦିଶା ସାଲିଆନ୍‌ଙ୍କ ସହ ସୁଶାନ୍ତ ମୃତ୍ୟୁର କ'ଣ ସମ୍ପର୍କ ରହିଛି। ସୁଶାନ୍ତଙ୍କ ଷ୍ଟାଫ୍‌ଙ୍କ ଏଥିରେ ଭୂମିକା କ'ଣ ରହିଛି। ସୁଶାନ୍ତଙ୍କ ଅସୁସ୍ଥତାର କାରଣ କ'ଣ। ସୁଶାନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟର ସତ୍ୟତା କେତେ। ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ କେତେକ ଗ୍ରହଣଯୋଗ୍ୟ, ଜୁନ୍ ୮ରେ ରିଆ ଓ ସୁଶାନ୍ତଙ୍କ ମଧ୍ୟରେ କ'ଣ ଘଟିଥିଲା। ଜୁନ୍ ୧୩ ଓ ୧୪ କାହାଣୀର ରହସ୍ୟ କ'ଣ। ଏହି ୧୪ଟି ପ୍ରଶ୍ନକୁ ନେଇ ସିବିଆଇ ତଦନ୍ତ ଆରମ୍ଭ କରିବ ବୋଲି କୁହାଯାଉଛି।



**ସୁଶାନ୍ତ ସିଂ ମୃତ୍ୟୁ ମାମଲା**

### ଘଟଣାକ୍ରମ...

**ଜୁନ୍ ୧୪ :** ମୁମ୍ବାଇର ବାନ୍ଦ୍ରାସ୍ଥିତ ଆପାର୍ଟମେଣ୍ଟରୁ ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଝୁଲନ୍ତା ମୃତଦେହ ମୁମ୍ବାଇ ପୋଲିସ ଉଦ୍ଧାର କରିଥିଲା।

**ଜୁନ୍ ୧୮ :** ସୁଶାନ୍ତ ସିଂଙ୍କ ପ୍ରେମିକା ତଥା ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କ ବୟାନ ରେକର୍ଡ କରିଥିଲା ମୁମ୍ବାଇ ପୋଲିସ।

**ଜୁଲାଇ ୬ :** ସୁଶାନ୍ତ ସିଂ ମୃତ୍ୟୁ ମାମଲାରେ ଫିଲ୍ମନିର୍ମାତା ସଞ୍ଜୟଲୀଲା ବଂଶାଲିଙ୍କ ବୟାନ ରେକର୍ଡ କରାଯାଇଥିଲା।

**ଜୁଲାଇ ୧୮ :** ଫିଲ୍ମନିର୍ମାତା ଏବଂ ଯଶ୍‌ରାଜ ଫିଲ୍ମ ଅଧ୍ୟକ୍ଷ ଆଦିତ୍ୟ ଚୋପ୍ରାଙ୍କ ବୟାନ ରେକର୍ଡ କରାଯାଇଥିଲା।

**ଜୁଲାଇ ୨୫ :** ସୁଶାନ୍ତଙ୍କ ବାପା କେ. କେ. ସିଂ ଅଭିନେତ୍ରୀ ରିଆ ଓ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ପାଟନାରେ ଏଫ୍‌ଆଇଆର୍ ଦାଖଲ କରିଥିଲେ।

**ଜୁଲାଇ ୨୭ :** ମୁମ୍ବାଇ ପୋଲିସ ଫିଲ୍ମନିର୍ମାତା ମହେଶ୍ ଭଟ୍ଟଙ୍କ ବୟାନ ରେକର୍ଡ କରିଥିଲା।

**ଜୁଲାଇ ୨୯ :** ପାଟନାରୁ ମୁମ୍ବାଇକୁ ମାମଲା ସ୍ଥାନାନ୍ତର କରିବା ଲାଗି ରିଆ ଚକ୍ରବର୍ତ୍ତୀ ସୁପ୍ରିମକୋର୍ଟ ଯାଇଥିଲେ।

**ଜୁଲାଇ ୩୧ :** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ମନିଲଣ୍ଡରିଂ ମାମଲା ଦାୟର କରାଯାଇଥିଲା।

**ଅଗଷ୍ଟ ୪ :** ସୁଶାନ୍ତ ସିଂ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ଲାଗି ବିହାର ସରକାରଙ୍କ ସୁପାରିସ୍। ମାମଲାରେ ୫୪ ଜଣଙ୍କ ବୟାନ ରେକର୍ଡ କରାଯାଇଥିବା ମୁମ୍ବାଇ ପୋଲିସ କମିଶନର କହିଥିଲେ।

**ଅଗଷ୍ଟ ୬ :** ଘଟଣା ସମ୍ପର୍କରେ ସିବିଆଇ ପକ୍ଷରୁ ଏଫ୍‌ଆଇଆର୍ ରୁଜୁ କରାଗଲା।

**ଅଗଷ୍ଟ ୭ :** ରିଆ ଚକ୍ରବର୍ତ୍ତୀଙ୍କ ଆବେଦନ ଉପରେ ପକ୍ଷ ହେବାକୁ କେନ୍ଦ୍ର ସରକାର ସୁପ୍ରିମକୋର୍ଟ ଗଲା।

**ଅଗଷ୍ଟ ୮ :** ସୁଶାନ୍ତ ସିଂଙ୍କ ବାପା କେ. କେ. ସିଂ ରିଆଙ୍କ ଆବେଦନକୁ ବିରୋଧ କରି ସୁପ୍ରିମକୋର୍ଟ ଗଲେ।

**ଅଗଷ୍ଟ ୧୧ :** ମାମଲାର ତଦନ୍ତ ଲାଗି ବିହାର ପୋଲିସର ଅଧିକାର ନାହିଁ ବୋଲି ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟଙ୍କୁ କହିଲେ। ରିଆଙ୍କ ଆବେଦନ ଉପରେ ରାୟ ସଂରକ୍ଷିତ ରଖାଗଲା।

# ସୁପ୍ରିମକୋର୍ଟ ଗଲେ ପ୍ରଶାନ୍ତ

ନୂଆଦିଲ୍ଲୀ,୧୯।୮

ଅଦାଲତ ଅବମାନନା ମାମଲାରେ ଦଣ୍ଡବିଧାନର ଦିନକ ପୂର୍ବରୁ ବରିଷ୍ଠ ଆଇନୀବୀ ପ୍ରଶାନ୍ତ ଭୂଷଣ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରିଭ୍ୟୁ ପିଟିଶନ୍‌ର ଶୁଣାଣି ନ ହେବା ଯାଏ ତାଙ୍କ ବିରୋଧରେ ଦଣ୍ଡବିଧାନ କରା ନ ଯାଉ ବୋଲି ସେ ଏକ ଆବେଦନ କରିଛନ୍ତି।

୪ ପୂର୍ବତନ ସିଜେଆଇ ଓ ବର୍ତ୍ତମାନର ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କୁ ନେଇ ପ୍ରଶାନ୍ତ ଭୂଷଣ କରିଥିବା ଟୁଇଟ୍ ଅଦାଲତ ଅବମାନନା କରୁଛି ବୋଲି ଗତ ୧୪ ତାରିଖରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ। ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ପ୍ରଶାନ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ତାଙ୍କୁ ୬ ମାସ ପର୍ଯ୍ୟନ୍ତ ଜେଲ୍ ଓ ୨ ହଜାର ଟଙ୍କା ଯାଏ ଜରିମାନା ହୋଇପାରେ। ଗୁରୁବାର ତାଙ୍କ ଦଣ୍ଡବିଧାନ କରାଯିବାକୁ ଧାର୍ଯ୍ୟ ହୋଇଥିବାବେଳେ ଏହାକୁ ରୋକିବା ପାଇଁ ପ୍ରଶାନ୍ତ ବୁଧବାର ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଛନ୍ତି। ଏଥିରେ ପ୍ରଶାନ୍ତ ଉଲ୍ଲେଖ କରିଛନ୍ତି ଯେ, ଅଗଷ୍ଟ ୧୪ ରାୟକୁ ବିସ୍ତୃତ ଅନୁଧ୍ୟାନ କରିବା ଓ ଉପଯୁକ୍ତ ଆଇନଗତ ପରାମର୍ଶ ନେବା ପରେ ସେ ଏହା ବିରୋଧରେ ଏକ ରିଭ୍ୟୁ ପିଟିଶନ ଦାଖଲ କରିବାକୁ ଚାହୁଁଛନ୍ତି।

**ରିଭ୍ୟୁ ପିଟିଶନର ବିଚାର ଯାଏ ଦଣ୍ଡବିଧାନ ସ୍ଥଗିତ ରଖାଯାଉ**



ପ୍ରଶାନ୍ତ ଭୂଷଣ

କାରଣ ଅଭିବ୍ୟକ୍ତି ସ୍ୱାଧୀନତା ପ୍ରସଙ୍ଗରେ ଏହି ରାୟ ସାମ୍ବିଧାନିକ ଗୁରୁତ୍ୱ ଦୃଷ୍ଟିରୁ ବିପଜ୍ଜନକ। ରାୟ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଆବେଦନକାରୀ ସମୀକ୍ଷା ପିଟିଶନ ଦାଏର କରିପାରିବେ ବୋଲି ସୁପ୍ରିମକୋର୍ଟ ରୁଲ୍ସ, ୨୦୧୩ରେ ବ୍ୟବସ୍ଥା ରହିଛି। ତେଣୁ ୨୦ ତାରିଖରେ ଦଣ୍ଡବିଧାନ କରା ନ ଯାଇ ରିଭ୍ୟୁ ପିଟିଶନ୍‌ର ବିଚାର କରାଯିବା ଯାଏ ଏହାକୁ ସ୍ଥଗିତ ରଖାଯାଉ ବୋଲି ପ୍ରଶାନ୍ତ ଆବେଦନ କରିଛନ୍ତି।

### ସାମ୍ବିଧାନିକ ପୀଠରେ ଶୁଣାଣି ହେଉ: ଜଷ୍ଟିସ୍ ଜୋସେଫ୍

ନୂଆଦିଲ୍ଲୀ,୧୯।୮

ମାନବାଧିକାର କର୍ମୀ ତଥା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କ ବିରୋଧରେ ଅଦାଲତ ଅବମାନନା ମାମଲାର ଶୁଣାଣି ସାମ୍ବିଧାନିକ ପୀଠରେ କରାଯାଉ ବୋଲି ବୁଧବାର ତାଙ୍କ ସପକ୍ଷରେ ବାହାରିଛନ୍ତି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି କୁରିଏନ୍ ଯୋସେଫ।

ଜଷ୍ଟିସ୍ ଜୋସେଫ୍‌ଙ୍କ ମତରେ ପ୍ରଶାନ୍ତଙ୍କ ବିରୋଧରେ ଅବମାନନା ମାମଲା ଯୋଗୁ ଆଇନର କେତେକ ଦିଗ ଉପରେ ପ୍ରଶ୍ନ ଉଠିଛି, ଯାହାର ବିଚାର ଏକ ସାମ୍ବିଧାନିକ ପୀଠରେ ହୋଇପାରିବ। ଗୋଟିଏ ଅଦାଲତଙ୍କ ପକ୍ଷରୁ ନିଜ ଆଡୁ ରୁଜୁ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କୁ ସମ୍ପୃକ୍ତ କୋର୍ଟର ବୃହତ୍ ବେଞ୍ଚରେ ଅପିଲ କରିବା ସୁଯୋଗ ମିଳୁ। ସମ୍ବିଧାନର ଅନୁଚ୍ଛେଦ ୧୪୫ (୩) ଅନୁସାରେ ସାମ୍ବିଧାନିକ ସମୀକ୍ଷା ସମ୍ପର୍କିତ ପ୍ରଶ୍ନ ଉଠିଲେ ଅନ୍ୟୁନ ୫ ବିଚାରପତି ବିଶିଷ୍ଟ ସାମ୍ବିଧାନିକ ପୀଠରେ ମାମଲାର ଶୁଣାଣି ହୋଇପାରିବ।



ଚେନ୍ନାଇ ଉପକଣ୍ଠ ଏକ ଗଛଡାଳରେ ବାୟା ଚଢ଼େଇ ବସା ବାନ୍ଧୁଛି।

### ଜମ୍ମୁ-କଶ୍ମୀରରୁ ୧୦ ହଜାର ଯବାନ ପ୍ରତ୍ୟାହୃତ

ନୂଆଦିଲ୍ଲୀ, ୧୯।୮(ପି.ଟି.)

ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରୁ ତୁରନ୍ତ ୧୦,୦୦୦ ଅର୍ଦ୍ଧସାମରିକ ବାହିନୀ ଯବାନ ପ୍ରତ୍ୟାହାର କରିନେବା ଲାଗି କେନ୍ଦ୍ର ସରକାର ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ମୁତୟନର ସମୀକ୍ଷା କରିବା ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉପରୋକ୍ତ ନିଷ୍ପତ୍ତି ନେଇଛି। ୧୦୦ କମ୍ପାନୀ ସିଏପିଏଫ୍ ଯବାନଙ୍କୁ ସେମାନଙ୍କ ମୂଳ ସ୍ଥାନକୁ ଫେରିଯିବା ଲାଗି କୁହାଯାଇଛି। ଗତବର୍ଷ ଅଗଷ୍ଟରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରରେ ଅଧିକ ଅର୍ଦ୍ଧସାମରିକ ଯବାନଙ୍କୁ ମୁତୟନ କରାଯାଇଥିଲା। ନିଷ୍ପତ୍ତି ଅନୁଯାୟୀ ସେଠାରୁ ୪୦ କମ୍ପାନୀ ସିଆର୍‌ପିଏଫ୍ (କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ), ୨୦ କମ୍ପାନୀ ଲେଖାଏ ସିଆଇଏସ୍‌ଏଫ(କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ), ବିଏସ୍‌ଏଫ୍ (ସୀମା ସୁରକ୍ଷା ବଳ) ଏବଂ ଏସ୍‌ଏସ୍‌ବି (ସଶସ୍ତ୍ର ସୀମା ବଳ) ଯବାନଙ୍କୁ ଚଳିତ ସପ୍ତାହ ସୁଦ୍ଧା ପ୍ରତ୍ୟାହାର କରିନିଆଯିବ। ଗତ ମେ' ମାସରେ ଜମ୍ମୁ-କଶ୍ମୀରରୁ ୧୦ କମ୍ପାନୀ ଯବାନ ପ୍ରତ୍ୟାହୃତ ହୋଇଥିଲେ।

# ଜାତୀୟ ନିଯୁକ୍ତି ଏଜେନ୍ସି ସ୍ଥାପନକୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ, ୧୯।୮(ଆଇଏନ୍‌ଏସ୍)

ଜାତୀୟ ନିଯୁକ୍ତି ଏଜେନ୍ସି ସ୍ଥାପନକୁ ବୁଧବାର କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ଅଧିକାଂଶ କେନ୍ଦ୍ରୀୟ ସରକାରୀ ଚାକିରି ପାଇଁ ଏହି ସଂସ୍ଥା ସାଧାରଣ ଯୋଗ୍ୟତା ପରୀକ୍ଷା ପରିଚାଳନା କରିବ। ଏହା ଏକ ଐତିହାସିକ ନିଷ୍ପତ୍ତି ଯାହା ନିଯୁକ୍ତି ଆଶାୟୀ ଯୁବତୀଯୁବକଙ୍କ ପାଇଁ ଲାଭଦାୟକ ହେବ ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି। ଚଳିତ ବର୍ଷର କେନ୍ଦ୍ରୀୟ ବଜେଟ ଉପସ୍ଥାପନ ବେଳେ ସରକାର ଜାତୀୟ ନିଯୁକ୍ତି ଏଜେନ୍ସି (ଏନ୍‌ଆର୍‌ଏ) ପ୍ରସ୍ତାବ ଆଣିଥିଲେ। ଏହା ଏକ ନିରପେକ୍ଷ ସଂଗଠନ ଯାହା ସରକାରୀ ନିଯୁକ୍ତି ପାଇଁ ସାଧାରଣ ଯୋଗ୍ୟତା ପରୀକ୍ଷା ମାଧ୍ୟମରେ ପ୍ରାର୍ଥୀ ଚୟନ କରିବ। ଏବେ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ଏବଂ ଷ୍ଟାଫ୍ ସିଲେକ୍ସନ କମିଶନ (ଏସ୍‌ଏସ୍‌ସି) ଜରିଆରେ ସରକାରୀ ନିଯୁକ୍ତି ଲାଗି ପରୀକ୍ଷା କରାଯାଉଛି।

ଏନ୍‌ଆର୍‌ଏ ସ୍ଥାପନ ଲାଗି କ୍ୟାବିନେଟ ନିଷ୍ପତ୍ତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟର ଜରିଆରେ ଉଚ୍ଚ ପ୍ରଶଂସା କରିଛନ୍ତି। ଦେଶର କୋଟି କୋଟି ଯୁବତୀଯୁବକଙ୍କ ପାଇଁ ଏହା ବରଦାନ ହେବ। ବିଭିନ୍ନ ନିଯୁକ୍ତି ପାଇଁ ସେମାନଙ୍କୁ ଆଉ ଏକାଧିକ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଫଳରେ ସେମାନଙ୍କର ମୂଲ୍ୟବାନ ସମୟ ଓ ସମ୍ବଳ ବଞ୍ଚିବା ସହ ନିଯୁକ୍ତି କ୍ଷେତ୍ରରେ ସ୍ୱଚ୍ଛତା ଆସିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏନ୍‌ଆର୍‌ଏ ସବୁ ଜିଲାରେ ପରୀକ୍ଷା କେନ୍ଦ୍ର କରିବ। ପରୀକ୍ଷାର୍ଥୀଙ୍କୁ ବିଶେଷ କରି ମହିଳା ପ୍ରାର୍ଥୀଙ୍କୁ ପରୀକ୍ଷା ପାଇଁ ଦୂରକୁ ଯିବାକୁ ପଡ଼ିବ ନାହିଁ। ସମ୍ପ୍ରତି ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଁ ପ୍ରାର୍ଥୀମାନଙ୍କୁ ବିଭିନ୍ନ ସଂସ୍ଥା ଅଧୀନରେ ଭିନ୍ନ ଭିନ୍ନ ପରୀକ୍ଷା ଦେବାକୁ ପଡୁଛି। ଏଥିରେ ସମୟ ବରବାଦ ହେବା ସହ ନିଯୁକ୍ତି ଆଶାୟୀମାନେ ଖର୍ଚ୍ଚାନ୍ତ ହେଉଛନ୍ତି। ଦୂରରେ ଥିବା ପରୀକ୍ଷାକେନ୍ଦ୍ରକୁ ଯିବା ଆସିବା, ରହିବା ଆଦିରେ ମଧ୍ୟ ଅଧିକ ଖର୍ଚ୍ଚ ହେଉଛି। ଗୋଟିଏ ପରୀକ୍ଷା ହେବା ଦ୍ୱାରା ଏହିସବୁ ଖର୍ଚ୍ଚରୁ ମୁକ୍ତି ମିଳିବ ବୋଲି କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ୪ ମାସରେ ନିଯୁକ୍ତି ହରାଇଲେଣି ୧.୮୯ କୋଟି

ନୂଆଦିଲ୍ଲୀ, ୧୯।୮(ପି.ଟି.)

- ସିଏମ୍‌ଆଇଇ ରିପୋର୍ଟ
- କେନ୍ଦ୍ରକୁ ଟାର୍ଗେଟ କଲେ ରାହୁଲ

କରୋନା ଲକ୍ଷ ଲକ୍ଷ ଲୋକଙ୍କ ଜୀବିକା ଛଡ଼ାଇ ନେଇଛି। ଏକ ଆକଳନ ଅନୁଯାୟୀ କେବଳ ଜୁଲାଇ ମାସରେ ୫୦ ଲକ୍ଷ ବେତନଭୋଗୀ ନିଯୁକ୍ତି ହରାଇଥିବାବେଳେ ଏପ୍ରିଲ୍‌ରୁ ଇତିମଧ୍ୟରେ ପାଖାପାଖି ୨ କୋଟି ଲୋକଙ୍କ ଚାକିରି ଯାଇଛି। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମ୍‌ଆଇଇ) ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହା କୁହାଯାଇଛି।

ସିଏମ୍‌ଆଇଇ ରିପୋର୍ଟ ଅନୁଯାୟୀ, କରୋନା ଜନିତ ଲକ୍‌ଡାଉନ ଯୋଗୁ ଏପ୍ରିଲରେ ମୋଟ ୧.୭୭ କୋଟି ବେତନଭୋଗୀ ନିଯୁକ୍ତି ହରାଇଥିଲେ। ମେ' ଓ ଜୁନ୍‌ରେ ସ୍ଥିତିରେ ଉନ୍ନତି ଆସିଥିଲା ଓ ୪୦ ଲକ୍ଷ ଲୋକ ନିଯୁକ୍ତି ଫେରିପାଇଥିଲେ। ତେବେ ଜୁଲାଇରେ ପୁଣି ୫୦ ଲକ୍ଷଙ୍କୁ ନିଯୁକ୍ତି ହରାଇବାକୁ ପଡ଼ିଛି। ଏହାକୁ ମିଶାଇ ମୋଟ ୧.୮୯ କୋଟି ନିଯୁକ୍ତି ହରାଇ ଦୁର୍ଦ୍ଦିନର ସମ୍ମୁଖୀନ ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ମହାମାରୀ ଯୋଗୁ ଦେଶର ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଥିବାବେଳେ ନିକଟରେ ଏଥିରେ ସୁଧାର ଆସିବା ଭଳି ଜଣାପଡୁନାହିଁ। ଏଥିସହିତ ବେତନଭୋଗୀ କର୍ମଚାରୀ ନିଯୁକ୍ତି ହରାଇବା ସ୍ଥିତିକୁ ଆହୁରି ସଙ୍ଗିନ କରିଦେଇଛି। ଭାରତରେ ମୋଟ ନିଯୁକ୍ତିର ୨୧ ପ୍ରତିଶତ ବେତନଭୋଗୀ କର୍ମଚାରୀ, ଯାହାକି ଅଣଆନୁଷ୍ଠାନିକ ସେକ୍ଟରରେ ନିଯୁକ୍ତଙ୍କ ସଂଖ୍ୟାଠାରୁ ଯଥେଷ୍ଟ କମ୍। ଏପ୍ରିଲରୁ ଅଣଆନୁଷ୍ଠାନିକ ସେକ୍ଟର ଏବଂ ଗ୍ରାମାଞ୍ଚଳରେ ନିଯୁକ୍ତିରେ ସାମାନ୍ୟ ଉନ୍ନତି ହୋଇଥିବାବେଳେ ବେତନଭୋଗୀ ନିଯୁକ୍ତି ହ୍ରାସ ପାଇବା ଚିନ୍ତାର କାରଣ ପାଲଟିଛି।

୪ ମାସରେ ପାଖାପାଖି ୨ କୋଟି ଲୋକ ନିଯୁକ୍ତି ହରାଇବା ଘଟଣାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଉଦ୍‌ବେଗ ପ୍ରକାଶ କରିବା ସହ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ୨ କୋଟି ପରିବାରର ଭାଗ୍ୟ ଅନ୍ଧକାର ମଧ୍ୟକୁ ଠେଲିହୋଇଯାଇଛି। ଫେସ୍‌ବୁକ୍‌ରେ ମିଛ ଖବର ଓ ହିଂସା ଉଦ୍ରେକକାରୀ ଭାଷଣ ଦେଇ ବେରୋଜଗାରୀ ଏବଂ ଦେଶର ଆର୍ଥିକ ବିପର୍ଯ୍ୟୟ ଜନିତ ସତ୍ୟତାକୁ ଲୁଚାଯାଇପାରିବ ନାହିଁ ବୋଲି ସେ କହିଛନ୍ତି।

# ଆରୋଗ୍ୟ ହେଲେଣି ୨୦ ଲକ୍ଷ

ନୂଆଦିଲ୍ଲୀ, ୧୯।୮(ପି.ଟି.)

ଦିନକରେ ୬୦,୦୯୧ କରୋନା ରୋଗୀ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ଭାରତରେ ବୁଧବାର ସୁଦ୍ଧା ୨୦ ଲକ୍ଷରୁ ଅଧିକ କରୋନାରୁ ଆରୋଗ୍ୟ ଲାଭ କଲେଣି। ଆରୋଗ୍ୟ ହାର ୭୩.୬୪ ପ୍ରତିଶତରେ ପହଞ୍ଚିଥିବାବେଳେ ମୃତ୍ୟୁହାର ୧.୯୧ ପ୍ରତିଶତକୁ ହ୍ରାସ ପାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।



ମନ୍ତ୍ରଣାଳୟ ରିପୋର୍ଟ ଅନୁଯାୟୀ ମୋଟ ୨୦,୩୭,୮୭୦ ଜଣ କରୋନାରୁ ସୁସ୍ଥ ହୋଇଥିବାବେଳେ ୬,୭୬,୫୧୪ ଜଣ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ଯାହାକି ମୋଟ ସଂକ୍ରମଣର ଏକଚତୁର୍ଥାଂଶ (୨୪.୪୫%)। ସକ୍ରିୟ ମାମଲାଠାରୁ ଆରୋଗ୍ୟ ସଂଖ୍ୟା ୧୩,୬୧,୩୫୬ ଅଧିକ ରହିଛି। ଗୋଟିଏ ଦିନରେ ୬୪,୫୩୧ ଜଣ କରୋନା ସଂକ୍ରମିତ ହୋଇଥିବାବେଳେ ବୁଧବାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୭,୬୭,୨୭୩ରେ ପହଞ୍ଚିଛି। ସେହିପରି ଗୋଟିଏ ଦିନରେ ୧୦୯୧ ଜଣଙ୍କ ମୃତ୍ୟୁ ସହ ଦେଶରେ ମୋଟ କରୋନା ଜନିତ ମୃତ୍ୟୁ ୫୨,୮୮୯ ରହିଛି। ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ରିପୋର୍ଟ ଅନୁଯାୟୀ ମଙ୍ଗଳବାର ସୁଦ୍ଧା ଦେଶରେ ମୋଟ ୩,୧୭,୪୨,୭୮୨ ନମୁନା ପରୀକ୍ଷା କରାଯାଇଛି।

# ପିଏମ୍ କେୟାର୍ସକୁ ୨୧୦୫ କୋଟି ଦାନ କରିଛନ୍ତି ୩୮ ପିଏସ୍‌ୟୁ

ନୂଆଦିଲ୍ଲୀ,୧୯।୮

ପ୍ରାଇମ୍ ମିନିଷ୍ଟର୍ସ ସିଟିଜେନ୍ ଆସିଷ୍ଟାନ୍ସ ଆଣ୍ଡ ରିଲିଫ୍ ଇନ୍ ଏମର୍ଜେନ୍ସି ସିଚ୍ୟୁଏଶନ୍ସ (ପିଏମ୍ କେୟାର୍ସ) ଫଣ୍ଡକୁ ବେଳକୁ ବେଳ ସହାୟତାର ସୁଅ ଛୁଟିବାରେ ଲାଗିଛି। କୋଭିଡ୍ ମୁକାବିଲା ବେଳେ ନାଗରିକ ସହାୟତା ପ୍ରଦାନ ଉଦ୍ଦେଶ୍ୟରେ ମାର୍ଚ୍ଚ ୨୮ରେ ଗଠିତ ଏହି ପାଣ୍ଠିକୁ ଅଦ୍ୟାବଧି ୩୮ ରାଷ୍ଟ୍ରାୟତ୍ତ ସଂସ୍ଥା ବା ପବ୍ଲିକ ସେକ୍ଟର ୟୁନିଟ୍ (ପିଏସ୍‌ୟୁ) ୨୧୦୫ କୋଟି ଟଙ୍କା ଦାନ କରିସାରିଲେଣି। ଦାନ କରିଥିବା ଅଧିକାଂଶ ପିଏସ୍‌ୟୁ ସେଗୁଡ଼ିକର ୨୦୧୯-୨୦ ବର୍ଷ ପାଇଁ ଉଦ୍ଦିଷ୍ଟ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ପାଣ୍ଠିରୁ ଅର୍ଥ ଦେଇଛନ୍ତି। ଅଏଲ୍ ଆଣ୍ଡ ନେଚୁରାଲ ଗ୍ୟାସ୍ ଏଜେନ୍ସି (ଓଏନ୍‌ଜିସି) ୩୦୦ କୋଟି ଟଙ୍କା ଦାନ କରି ୩୮ ପିଏସ୍‌ୟୁ ମଧ୍ୟରୁ ସର୍ବବୃହତ୍ ଦାତା ପାଲଟିଛି। ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ମିଳିଥିବା ଏକ ଉତ୍ତରରୁ ଏହି ବିଷୟ ଜଣାପଡ଼ିଛି। ୨୦୧୯-୨୦ ଆର୍ଥିକ ବର୍ଷ ଶେଷ ହେବାକୁ ୪ ଦିନ ବାକି ଥିବାବେଳେ ଅର୍ଥାତ୍ ମାର୍ଚ୍ଚ ୨୮ରେ ପିଏମ୍ କେୟାର୍ସ ଫଣ୍ଡ ଗଠନ ହୋଇଥିଲା। ମାର୍ଚ୍ଚ ୩୧ ବେଳକୁ ଏହି ପାଣ୍ଠିରେ ୩,୦୭୬.୬୨ କୋଟି ଟଙ୍କା ଜମାହୋଇ ସାରିଥିଲା। ଆର୍‌ଟିଆଇରେ ଏନେଇ ୫୫ ପିଏସ୍‌ୟୁକୁ ପ୍ରଶ୍ନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଅଗଷ୍ଟ ୧୩ ସୁଦ୍ଧା ୩୮ ପିଏସ୍‌ୟୁ ଉତ୍ତର ଦେଇଥିଲେ। ଆର୍‌ଟିଆଇ ତଥ୍ୟ ଅନୁସାରେ ପିଏମ୍ କେୟାର୍ସ ଫଣ୍ଡ ଗଠନ ହେବାର ୫ ମାସ ମଧ୍ୟରେ ୩୮ ପିଏସ୍‌ୟୁ ୨୦୧୫.୩୮ କୋଟି ଟଙ୍କା ଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ନିଜର ସିଏସ୍‌ଆର୍ ଫଣ୍ଡରୁ ଦେଇଛନ୍ତି, ଯାହାକି ସଂସ୍ଥାଗୁଡ଼ିକ ୨୦୧୯-୨୦ ଆର୍ଥିକ ବର୍ଷରେ ଖର୍ଚ୍ଚ କରିପାରି ନ ଥିଲେ। ଅନ୍ୟ କ୍ଷେତ୍ରରେ ଆବଣ୍ଟନ ଚୂଡ଼ାନ୍ତ ହୋଇ ନ ଥିଲେ ହେଁ ପିଏସ୍‌ୟୁଗୁଡ଼ିକ ଚଳିତ ବର୍ଷର ସିଏସ୍‌ଆର୍ ବଜେଟରୁ ଦାନ କରିଥାଆନ୍ତି। ଅନ୍ୟପକ୍ଷରେ ଗୋଟିଏ ପିଏସ୍‌ୟୁ ସିଏସ୍‌ଆର୍ ପାଇଁ ଆକଳନ କରିଥିବା ପାଣ୍ଠିରୁ ଅଧିକ ଦାନ କରିଥିବା ସ୍ୱୀକାର କରିଛି। ଦାତାଙ୍କ ମଧ୍ୟରେ ରହିଛନ୍ତି, ମହାରତ୍ନଠୁ ନେଇ ନବରତ୍ନ କମ୍ପାନୀ, ଶକ୍ତି ଓ ବିଦ୍ୟୁତ୍ କମ୍ପାନୀ। ଓଏନ୍‌ଜିସି ସର୍ବାଧିକ ୩୦୦ କୋଟି ଟଙ୍କା ଦାନ କରିଛି। ସେହିପରି ଏଚ୍‌ପିସିଏଲ୍‌ର ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ସିଏସ୍‌ଆର୍ ଆବଣ୍ଟନ ଚୂଡ଼ାନ୍ତ ହୋଇ ନ ଥିଲେ ମଧ୍ୟ ଏହି ସଂସ୍ଥା ସେଥିରୁ ୧୨୦ କୋଟି ଟଙ୍କା ପିଏମ୍ କେୟାର୍ସ ଫଣ୍ଡକୁ ଦେଇଛି। ଇତିମଧ୍ୟରେ ପାୱାର ଫାଇନାନ୍ସ କର୍ପୋରେଶନ ୨୦୨୦-୨୧ ପାଇଁ ଥିବା ମୋଟ ସିଏସ୍‌ଆର୍ ଆବଣ୍ଟନରୁ ଅଧିକ ଦାନ କରିଛି। ଆର୍‌ଟିଆଇ ଉତ୍ତରରେ ପାୱାର ଫାଇନାନ୍ସ କର୍ପୋରେଶନ ପକ୍ଷରୁ କୁହାଯାଇଛି ଯେ ଏହି ବର୍ଷ ପାଇଁ ଏସ୍‌ଏସ୍‌ଆର୍ ଲାଗି ୧୫୦.୨୮ କୋଟି ଟଙ୍କା ଆବଣ୍ଟନ ପାଇଁ ଆକଳନ କରାଯାଇଥିବାବେଳେ ପିଏମ୍ କେୟାର୍ସକୁ ୨୦୦ କୋଟି ଟଙ୍କା ଦାନ କରିଛି। ସେହିପରି ଅଏଲ୍ ଇଣ୍ଡିଆ ଲିମିଟେଡ୍ ୩୮ କୋଟି, ପାୱାର ଗ୍ରୀଡ୍ କର୍ପୋରେଶନ ୨୦୦ କୋଟି ଓ ରୁରାଲ ଇଲେକ୍ଟ୍ରିଫିକେଶନ କର୍ପୋରେଶନ ୧୦୦ କୋଟି ଟଙ୍କା ପିଏମ୍ କେୟାର୍ସକୁ ଦେଇଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୨୩,୯୭,୮୮୧ | ୭,୮୬,୨୬୯ | ୧,୫୧,୨୨,୩୮୧ |
| ଭାରତ | ୨୮,୧୪,୧୫୭ | ୫୩,୭୦୧ | ୨୦,୭୫,୮୩୬ |
| ଓଡ଼ିଶା | ୬୭,୧୨୨ | ୩୭୨(+୫୩) | ୪୫,୩୧୫ |

ବୁଧବାର ରାତି ୯ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




## କରୋନା ମୁକାବିଲା ଲାଗି ବୈଷୟିକ କମିଟି ଗଠିତ

**ଭୁବନେଶ୍ୱର, ୧୯।୮(ବ୍ୟୁରୋ):** ରାଜ୍ୟରେ ଏବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ରହୁଛି। ଯଦିଓ ଅଧିକ ନମୁନା ପରୀକ୍ଷା ହେଉଥିବାରୁ ସଂକ୍ରମିତ ଅଧିକ ଚିହ୍ନଟ ହେଉଛନ୍ତି, ତଥାପି କାହିଁକି ଆକ୍ରାନ୍ତ ଓ ମୃତ୍ୟୁସଂଖ୍ୟା ବଢ଼ୁଛି ତାହାକୁ ନେଇ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ିଛି। ତେଣୁ ସରକାର କରୋନା ମୁକାବିଲା ପାଇଁ ନୂଆ ରଣନୀତି ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ମଲ୍ଟି ଡିସିପ୍ଲିନାରୀ ଟେକ୍ନିକାଲ କମିଟି ଗଠନ ହୋଇଛି। ୭ଟି ମେଡିକାଲ କଲେଜର ପ୍ରଫେସରଙ୍କୁ ନେଇ ଡାଇରେକ୍ଟୋରେଟ୍ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ୍ ଟ୍ରେନିଂ ଦ୍ୱାରା ଏହି କମିଟି ଗଠନ କରାଯାଇଛି। କମିଟିରେ ଥିବା ପ୍ରଫେସରଙ୍କୁ ୩୦ ଜିଲାର ଦାୟିତ୍ୱ ଦିଆଯାଇଛି। ସେମାନେ ସମସ୍ତ ଜିଲା ପରିଦର୍ଶନ କରିବେ ଏବଂ କରୋନା ସ୍ଥିତି ତଦାରଖ କରିବେ। ଜିଲା ବୁଲିବା ସହିତ କରୋନା ଚିକିତ୍ସା ନେଇ ଡାକ୍ତରଙ୍କୁ ମାଗଦର୍ଶନ ଦେବେ। ଏହାପରେ ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ଦେବେ। ଉକ୍ତ ରିପୋର୍ଟ ଆଧାରରେ କରୋନା ଲଢ଼େଇ ପାଇଁ ପରବର୍ତ୍ତୀ ନୂଆ ରଣନୀତି ସ୍ଥିର କରାଯିବ ବୋଲି ଜଣାପଡ଼ିଛି।

## ନୂଆପଡ଼ା ଏଡିଏମ୍‌ଙ୍କୁ କରୋନା

**ନୂଆପଡ଼ା ଅଫିସ, ୧୯।୮:** ନୂଆପଡ଼ା ଅତିରିକ୍ତ ଜିଲାପାଳ (ରାଜସ୍ୱ) ରୁଦ୍ରମାଧବ ମହାରଣା କରୋନା ସଂକ୍ରମିତ ହୋଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କାଳୀଚରଣ ବେହେରା ସୂଚନା ଦେଇଛନ୍ତି। ଗତ ୧୧ତାରିଖ ସେ ଭୁବନେଶ୍ୱରରୁ ଫେରିବା ପରେ ତାଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଥିଲା। ମଙ୍ଗଳବାର ତାଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ୍ ଆସିଛି। କଲେକ୍ଟୋରେଟ୍ ସହ ସେ ରହୁଥିବା ସର୍କିଟ ହାଉସକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ସର୍କିଟ୍ ହାଉସରେ ସେ ସଙ୍ଗରୋଧରେ ରହିଛନ୍ତି।






# ରାଜ୍ୟରେ ଆକ୍ରାନ୍ତ ସଂଖ୍ୟା ୬୭ ହଜାର ପାର

## ୨,୫୮୯ ନୂଆ ପଜିଟିଭ୍, ୧୦ ମୃତ

**ଭୁବନେଶ୍ୱର, ୧୯।୮(ବ୍ୟୁରୋ)**

- ଖୋର୍ଦ୍ଧାରେ ଦିନକରେ ସର୍ବାଧିକ ୪୬୬ ଚିହ୍ନଟ
- ୩୭୨ରେ ପହଞ୍ଚିଲା ରାଜ୍ୟର କରୋନା ମୃତ୍ୟୁ
- ରେକର୍ଡ ସଂଖ୍ୟକ ୫୩,୦୧୫ ନମୁନା ପରୀକ୍ଷା

ରାଜ୍ୟରେ କରୋନା ଆକ୍ରାନ୍ତଙ୍କୁ ତୁରନ୍ତ ଠାବ କରିବା ସହ ସଂକ୍ରମଣ ନିୟନ୍ତ୍ରଣ ପାଇଁ ଟେଷ୍ଟକୁ ବ୍ୟାପକ କରାଯାଇଛି। ଫଳରେ ଗତ ୫ଦିନ ହେବ ଦୈନିକ ୨ହଜାରରୁ ଅଧିକ ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଶେଷ ୨୪ ଘଣ୍ଟାରେ ମଧ୍ୟ ୨୯ ଜିଲାରୁ ୨,୫୮୯ ନୂଆ ଆକ୍ରାନ୍ତ ବାହାରିଛନ୍ତି। ଏମାନଙ୍କ ମଧ୍ୟରେ ୧,୫୭୪ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୧,୦୧୫ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଫଳରେ ରାଜ୍ୟରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୬୭,୧୨୨ରେ ପହଞ୍ଚିଛି। ଅନ୍ୟପକ୍ଷରେ କରୋନାରେ ଆଉ ୧୦ଜଣଙ୍କ ଜୀବନ ଯାଇଛି। ଗଞ୍ଜାମରୁ ସର୍ବାଧିକ ୪ଜଣ ଥିବାବେଳେ ଖୋର୍ଦ୍ଧା ଓ ସୁନ୍ଦରଗଡ଼ରୁ ୨ଜଣ ଲେଖାଏ ଏବଂ ଭଦ୍ରକ ଓ ବରଗଡ଼ରୁ ଜଣେ ଲେଖାଏ ମୃତକ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୩୭୨କୁ ବୃଦ୍ଧି ପାଇଛି।

ତେବେ ଖୋର୍ଦ୍ଧା ଜିଲାରେ ସ୍ଥିତିରେ କିଛି ବି ସୁଧାର ଆସିପାରୁନି। ଏବେ ବି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସମେତ ଜିଲାର ବିଭିନ୍ନ ବ୍ଲକ୍‌ରେ ସ୍ଥିତି ଉଦ୍‌ବେଗଜନକ ରହିଛି। ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ସର୍ବାଧିକ ୪୬୬ଜଣ କେବଳ ଖୋର୍ଦ୍ଧାରୁ ରହିଛନ୍ତି, ଯାହା ଜିଲାର ସର୍ବକାଳୀନ ରେକର୍ଡ ବୋଲି କୁହାଯାଉଛି। ସେହିପରି ଗଞ୍ଜାମରୁ ୨୪୨ଜଣ, ପୁରୀ ୨୩୫, କଟକ ୨୨୨, ରାୟଗଡ଼ା ୨୧୧, ସୁନ୍ଦରଗଡ଼ ୧୫୫, ବାଲେଶ୍ୱର ୧୫୦, ମୟୂରଭଞ୍ଜ ୧୧୭, ଯାଜପୁର ୯୫, କୋରାପୁଟ ୯୨, ମାଲକାନଗିରି ୭୩, ବରଗଡ଼ ୬୭, ସମ୍ବଲପୁର ୬୬, କେନ୍ଦୁଝର ୫୩, ଭଦ୍ରକ ୪୭, କଳାହାଣ୍ଡି ୪୨, ଗଜପତି, ନବରଙ୍ଗପୁରରୁ ୩୬ଜଣ ଲେଖାଏ, କନ୍ଧମାଳ ୩୦, ସୁବର୍ଣ୍ଣପୁର ୨୬, ଢେଙ୍କାନାଳ ୨୫, ଜଗତ୍‌ସିଂହପୁର ୨୧, ଅନୁଗୋଳ ୨୦, ଝାରସୁଗୁଡ଼ା ୧୮, ବୌଦ୍ଧ ୧୬, ନୟାଗଡ଼ ୧୧, କେନ୍ଦ୍ରାପଡ଼ା ୧୦, ନୂଆପଡ଼ା ୬ ଓ ବଲାଙ୍ଗୀରରୁ ଜଣେ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ତଥ୍ୟ ଅନୁସାରେ, ବର୍ତ୍ତମାନ ରାଜ୍ୟରେ ମୋଟ ୧୦,୬୨,୫୮୯ ନମୁନା ପରୀକ୍ଷା ହୋଇଥିବାବେଳେ ସେଥିରୁ ମାତ୍ର ୬.୩୨% ରିପୋର୍ଟ ପଜିଟିଭ୍ ବାହାରିଛି। ଶେଷ ୨୪ଘଣ୍ଟାରେ ରେକର୍ଡ ସଂଖ୍ୟକ ୫୩,୦୧୫ ନମୁନା ପରୀକ୍ଷା ହୋଇଥିଲା। ଏଥିମଧ୍ୟରେ ଆର୍‌ଟି-ପିସିଆର୍ ୫,୦୬୮, ଆଣ୍ଟିଜେନ୍ ୪୭,୮୩୪ ଓ ଟ୍ରୁନଟ୍ ମାଧ୍ୟମରେ ୧୧୩ଟି ନମୁନା ପରୀକ୍ଷଣ ହୋଇଛି। ଏସବୁ ରିପୋର୍ଟକୁ ତର୍ଜମା କଲେ ଜଣାପଡୁଛି ଯେ, ରାଜ୍ୟରେ ନମୁନା ପରୀକ୍ଷା ତୁଳନାରେ ପଜିଟିଭ୍ ସଂଖ୍ୟା କମ୍ ରହୁଛି। ଅର୍ଥାତ୍ ସଂକ୍ରମଣ କମୁଛି। ଆରମ୍ଭରୁ ଚିନ୍ତା ବଢ଼ାଇଥିବା ଗଞ୍ଜାମ ଜିଲାରେ ସ୍ଥିତି ଏବେ ନିୟନ୍ତ୍ରଣକୁ ଆସୁଛି। ଏବେ ଖୋର୍ଦ୍ଧା, କଟକ, ସୁନ୍ଦରଗଡ଼ ଓ ରାୟଗଡ଼ା ଆଦି ୪ ଜିଲାରେ କୋଭିଡ୍ ନିୟନ୍ତ୍ରଣ ନିମନ୍ତେ ଆଞ୍ଚଳିକ ରଣନୀତି ପାଇଁ ସ୍ଥିର କରାଯାଇଛି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ୪ ଜିଲାକୁ ଅଧିକ ଫୋକସ୍ କରିବା ସହ ସଂକ୍ରମିତ ହାର ହ୍ରାସ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।




**ଆଜିର ମନ୍ତବ୍ୟ**

"କିଏ ସରକାରରେ ରହିବେ ଓ କାହାକୁ ସାଙ୍ଗଠନିକ ଦାୟିତ୍ୱ ମିଳିବ ତାହା କଂଗ୍ରେସ ନେତୃତ୍ୱ ସ୍ଥିର କରିବେ।
-ସଚିନ ପାଇଲଟ, ରାଜସ୍ଥାନ କଂଗ୍ରେସ ବିଧାୟକ


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................



ଶ୍ରୀୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧୀର ପାଣି**
**ପଥର କାଟେ ।**
ଯେତେ ଟାଣ ପଥର ହେଲେବି ଧୀରେ ଧୀରେ ବହୁଥିବା ପାଣିରେ ତାହା କ୍ଷୟ ହୋଇଯାଏ। କିନ୍ତୁ ଜୋରରେ ବହୁଥିବା ସ୍ରୋତରେ କିଛି ହୁଏ ନାହିଁ, ତା' ଦେହରେ ଶିଉଳି ବି ଲାଗେନି କି ମାଟି ଲାଗି ନ ଥାଏ। ସବୁ ଧୋଇ ହୋଇଯାଏ। ପରୋକ୍ଷରେ ସବୁ କଥା ଧୀର ସ୍ଥିର ହୋଇ ବୁଝି ବିଚାରି କଲେ କିଛି ଅସୁବିଧା ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧୁଆ ମୂଳା ଅଧୁଆ ମୂଳା**
**ସବୁ ସମାନ ।**
ବେଳେ ବେଳେ ଯୋଗ୍ୟ ଅଯୋଗ୍ୟ ମଧ୍ୟରେ କେହି ପ୍ରଭେଦ ଦେଖି ନଥାନ୍ତି । ଭଲ ମନ୍ଦ ଭିତରେ ଫରକ ବାରି ନଥାନ୍ତି । ଦୁହିଁଙ୍କୁ ସମାନ ଅର୍ଥରେ ଦେଖିବା ବା ବିଚାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ—ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# କରୋନାରେ ମୃତ ୧୨ ଶିକ୍ଷକଙ୍କ ପରିବାରକୁ ମିଳିବ ଆର୍ଥିକ ସହାୟତା

**ଭୁବନେଶ୍ୱର,୧୯।୮(ବ୍ୟୁରୋ)**

ରାଜ୍ୟରେ ମହାମାରୀ କରୋନା ଲଢ଼େଇରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପୋଲିସ, ଶିକ୍ଷକମାନେ ଆଗଧାଡ଼ିର ଯୋଦ୍ଧା ସାଜିଛନ୍ତି। ୫ ମାସ ହେଲାଣି ନିଜ ଜୀବନକୁ ବାଜି ଲଗାଇ ନିଃସ୍ୱାର୍ଥପର ଭାବେ ସେବା କରିଚାଲିଛନ୍ତି। ସାରା ରାଜ୍ୟରେ ୬୨ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷା କର୍ମଚାରୀ କରୋନା ଲଢ଼େଇରେ ସାମିଲ ହୋଇନ୍ତି। ଇତିମଧ୍ୟରେ କରୋନାରେ ଆକ୍ରାନ୍ତ ହୋଇ ରାଜ୍ୟର ୧୩ଜଣ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରୁ ମୃତ ୧୨ଜଣ ଶିକ୍ଷକଙ୍କୁ ରାଜ୍ୟ ସରକାର କରୋନା ଯୋଦ୍ଧା ଭାବେ ଘୋଷଣା କରିବା ସହିତ ସେମାନଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇ କହିଛନ୍ତି, କରୋନା ଲଢ଼େଇରେ ମୃତ ୧୨ଜଣ ଶିକ୍ଷକଙ୍କ ଘରକୁ ଯାଇ ଶିକ୍ଷା ବିଭାଗର କର୍ମଚାରୀମାନେ ସେମାନଙ୍କ ପରିବାରବର୍ଗଙ୍କୁ ଆଶ୍ୱାସନା ଦେବା ସହିତ କରୋନା ଯୋଦ୍ଧା ଭାବେ ଘୋଷଣା କରିଛନ୍ତି। ଗତ ୪ତାରିଖରେ ଅର୍ଥ ବିଭାଗ ପକ୍ଷରୁ ଜାରି ସର୍କୁଲାର୍ ଅନୁସାରେ ସେମାନଙ୍କ ପରିବାରକୁ ସମସ୍ତ ପ୍ରକାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ତେବେ ଅନ୍ୟ ଜଣେ ମୃତ ଶିକ୍ଷକଙ୍କ ପରିବାରର କେହି ନାହାନ୍ତି। ଗଞ୍ଜାମ ଜିଲାର ଯୁବ ଶିକ୍ଷକ ସୀମାଞ୍ଚଳ ଶତପଥୀଙ୍କ କରୋନାରେ ମୃତ୍ୟୁ ହୋଇଥିଲା। ଏହାପରେ ତାଙ୍କ ମା' ଓ ବାପା ଆତ୍ମହତ୍ୟା କରିଦେଇଥିଲେ। ଏବେ ତାଙ୍କ ପରିବାରରେ କେହି ନ ଥିବାରୁ ଏଥିପାଇଁ କ'ଣ ବିକଳ୍ପ ବ୍ୟବସ୍ଥା କରାଯାଇପାରିବ ସେ ଦିଗରେ ସରକାର ଚିନ୍ତା କରୁଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ହୋମଗାର୍ଡଙ୍କୁ ଦୈନିକ ୫୩୩ ଟଙ୍କା ଭତ୍ତା

**ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ**

- ୨୦୨୦ ଜାନୁୟାରୀରୁ ପିଛିଲା ଭାବେ ଲାଗୁ ହେବ
- ୩ ମାସ ମଧ୍ୟରେ ଲାଗୁ କରିବେ ରାଜ୍ୟ ସରକାର
- ଉପକୃତ ହେବେ ୧୬,୮୯୪ ହୋମଗାର୍ଡ



**କଟକ ଅଫିସ,୧୯।୮**

ହୋମଗାର୍ଡମାନଙ୍କ ଭତ୍ତା ବୃଦ୍ଧି କରି ରାଜ୍ୟ ସରକାର ସେମାନଙ୍କୁ ଦୈନିକ ୫୩୩ ଟଙ୍କା ଦିଅନ୍ତୁ। ସେମାନଙ୍କ ମଜୁରିକୁ ନେଇ ହାଇକୋର୍ଟ ବୁଧବାର ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ତିନି ମାସ ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍ ଓ ଜଷ୍ଟିସ ଏ.କେ. ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଗତ ଜାନୁୟାରୀରୁ ପିଛିଲା ଭାବେ ଏହା ଲାଗୁହେବ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେଲେ ରାଜ୍ୟର ୧୬,୮୯୪ ଜଣ ହୋମଗାର୍ଡ ଉପକୃତ ହେବେ।

ଉଲ୍ଲେଖଯୋଗ୍ୟ, ପୋଲିସ କର୍ମଚାରୀଙ୍କ ଭଳି ହୋମଗାର୍ଡଙ୍କୁ ଦରମା ଦେବା ପାଇଁ ସୁପ୍ରିମ୍‌କୋର୍ଟ ୨୦୧୬ରେ ନିର୍ଦ୍ଦେଶ ଦେଇଥିଲେ। ଦେଶର ୮ଟି ରାଜ୍ୟରେ ଏହି ନିର୍ଦ୍ଦେଶ ଲାଗୁ ହୋଇଥିବା ବେଳେ ଓଡ଼ିଶାରେ କାର୍ଯ୍ୟକାରୀ କରାଯାଇ ନ ଥିଲା। ହୋମଗାର୍ଡ ଡିଜି ଏନେଇ ରାଜ୍ୟ ସରକାରଙ୍କୁ ସୁପାରିସ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏହା ବିରୋଧରେ ପ୍ରକାଶ ଜେନା ଓ ଅନ୍ୟ ଦୁଇଜଣ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ଫେବୃୟାରୀ ୨୮ରେ ବିଚାରପତି ବିଶ୍ୱନାଥ ରଥ ମାମଲାର ଶୁଣାଣି କରି ଦୈନିକ ୫ଶହ ଟଙ୍କା ମଜୁରି ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ରାଜ୍ୟ ସରକାର ଏହି ନିର୍ଦ୍ଦେଶ ବିରୋଧରେ ପୁଣି ଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବୁଧବାର ହୋଇଥିବା ଏହାର ଶୁଣାଣିରେ ସରକାରଙ୍କ ପକ୍ଷରୁ ଆଇନଜୀବୀ ଜେ.ପି. ପଟ୍ଟନାୟକ ଯୁକ୍ତି ରଖିଥିଲେ ଯେ, ବର୍ତ୍ତମାନ ଦୈନିକ ୩ଶହ ଟଙ୍କା ହିସାବରେ ମାସିକ ୯ ହଜାର ଟଙ୍କା ପାରିଶ୍ରମିକ ଦିଆଯାଉଛି। ଏହା ଚୁକ୍ତିଭିତ୍ତିକ କନଷ୍ଟେବଲଙ୍କ ଦରମା ସହ ପ୍ରାୟତଃ ସମାନ। ଜଣିକିଆ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ବେଳେ ରାଜ୍ୟ ସରକାର ଏନେଇ ସତ୍ୟପାଠ ଦେଇଛନ୍ତି। ତଥାପି ହୋମଗାର୍ଡ ଡିଜିଙ୍କ ସୁପାରିସ କାର୍ଯ୍ୟକାରୀ କରିବା ପାଇଁ ଅନୁମତି ଦେଇ ଜଣିକିଆ ଖଣ୍ଡପୀଠ ଆଇନ ଅନୁଯାୟୀ ତ୍ରୁଟି କରିଛନ୍ତି। ଅନ୍ତତଃ ଚୁକ୍ତିଭିତ୍ତିକ କନଷ୍ଟେବଲଙ୍କୁ ମିଳୁଥିବା ପ୍ରାପ୍ୟ ଅନୁଯାୟୀ ହୋମଗାର୍ଡଙ୍କୁ ମଧ୍ୟ ମଜୁରି ଦେବା ଦିଗରେ ବିଚାର ପାଇଁ କୋର୍ଟ ନିର୍ଦ୍ଦେଶ ଦେଇପାରିଥାନ୍ତେ। କିନ୍ତୁ ଯେଉଁ ନିର୍ଦ୍ଦେଶ ଦିଆଯାଇଛି, ତାହା ବେଆଇନ। ହୋମଗାର୍ଡଙ୍କ ପକ୍ଷରୁ ଆଇନଜୀବୀ ସତ୍ୟବ୍ରତ ମହାନ୍ତି ଯୁକ୍ତି ରଖିଥିଲେ ଯେ, ମଜୁରି ନେଇ ସୁପ୍ରିମ୍‌କୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଅନ୍ୟ କେତେକ ରାଜ୍ୟ କାର୍ଯ୍ୟକାରୀ କରିଥିବା ଯୋଗୁ ଓଡ଼ିଶାରେ ମଧ୍ୟ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ଜଣିକିଆ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ହୋମଗାର୍ଡମାନେ ଦୈନିକ ୨୪୦ ଟଙ୍କା ଭାବେ ମାସକୁ ମାତ୍ର ୭ ହଜାର ୨ଶହ ଟଙ୍କା ଭତ୍ତା ପାଉଛନ୍ତି। କନଷ୍ଟେବଲଙ୍କୁ ମିଳୁଥିବା ସର୍ବନିମ୍ନ ମଜୁରି ତୁଳନାରେ ମଧ୍ୟ ଏହା କମ୍। ଏପରିକି ରାଜ୍ୟ ଶ୍ରମ କମିଶନ କୁଶଳୀ କର୍ମଚାରୀଙ୍କ ଦୈନିକ ମଜୁରି ୩୮୮.୩୦ ଟଙ୍କା ଓ ଅତି କୁଶଳୀଙ୍କ ମଜୁରି ଦୈନିକ ୪୪୮ ଟଙ୍କା ଧାର୍ଯ୍ୟ କରିଥିବା ବେଳେ ହୋମଗାର୍ଡମାନେ ତଦନୁଯାୟୀ ମଧ୍ୟ ମଜୁରି ପାଉନାହାନ୍ତି।

ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ କୋର୍ଟ କହିଥିଲେ, ୨୦୨୦ ଫେବୃୟାରୀ ୨୬ରେ ରାଜ୍ୟ ସରକାର ଦେଇଥିବା ସତ୍ୟପାଠ ଅନୁଯାୟୀ ରାଜ୍ୟରେ ୧୬,୮୯୪ ଜଣ ହୋମଗାର୍ଡ କାର୍ଯ୍ୟ କରୁଛନ୍ତି। କନଷ୍ଟେବଲଙ୍କ ଭଳି ସେମାନେ ମଧ୍ୟ ଦୈନିକ ୮ ଘଣ୍ଟା ଖଟୁଛନ୍ତି। ସେମାନଙ୍କୁ ଛୁଟି କିମ୍ବା ପଦୋନ୍ନତି ମିଳୁନି। ଛୁଟିରେ ରହିଲେ, ସେଦିନର ମଜୁରିରୁ ବଞ୍ଚିତ ହେବାକୁ ପଡୁଛି। ତେଣୁ ହୋମଗାର୍ଡ ଡିଜିଙ୍କ ସୁପାରିଶ ଅନୁଯାୟୀ, ହୋମଗାର୍ଡମାନଙ୍କୁ ଦୈନିକ ମଜୁରି ୫୩୩ ଟଙ୍କା ଦେବା ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଡିଏସ୍‌ପି ସ୍ତରରେ ଅଦଳବଦଳ

**କଟକ ଅଫିସ,୧୯।୮**

ଡିଏସ୍‌ପି ସ୍ତରରେ ଅଦଳବଦଳ ହୋଇଥିବା ନେଇ ବୁଧବାର ରାଜ୍ୟ ପୋଲିସ ମୁଖ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କନ୍ଧମାଳ ମୁଖ୍ୟାଳୟ ଡିଏସ୍‌ପି ଡି. ତିରୁପତି ରାଓ ପଟ୍ଟନାୟକଙ୍କୁ ଜି. ଉଦୟଗିରି ଏସ୍‌ଡିପିଓ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ପାରଳାଖେମୁଣ୍ଡି ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ଜେନାଙ୍କୁ ବ୍ରହ୍ମପୁର ମୁଖ୍ୟାଳୟ ଡିଏସ୍‌ପି, ବ୍ରହ୍ମପୁର ମୁଖ୍ୟାଳୟ ଡିଏସ୍‌ପି ରାମକୃଷ୍ଣ ପତିଙ୍କୁ ପାରଳାଖେମୁଣ୍ଡି ଏସ୍‌ଡିପିଓ ଭାବେ ବଦଳି କରାଯାଇଛି। କଳାହାଣ୍ଡି ମୁଖ୍ୟାଳୟ ଡିଏସ୍‌ପି ଗୁଣନିଧି ମଲ୍ଲିକଙ୍କୁ କୋରାପୁଟ ସଦର ଏସ୍‌ଡିପିଓ, ସମ୍ବଲପୁର ମୁଖ୍ୟାଳୟ ଡିଏସ୍‌ପି ହିମାଂଶୁ ଭୂଷଣ ବେହେରାଙ୍କୁ ବଡ଼ବିଲ ଏସ୍‌ଡିପିଓ, କୋରାପୁଟ ସଦର ଏସ୍‌ଡିପିଓ ବଳଭଦ୍ର ଦୀପ୍‌ଙ୍କୁ ମାଲକାନଗିରି ମୁଖ୍ୟାଳୟ ଡିଏସ୍‌ପି, କରଞ୍ଜିଆ ଏସ୍‌ଡିପିଓ ନାରାୟଣ ନାୟକଙ୍କୁ କଳାହାଣ୍ଡି ମୁଖ୍ୟାଳୟ ଡିଏସ୍‌ପି, ବଡ଼ବିଲ ଏସ୍‌ଡିପିଓ ସତ୍ୟବିକାଶ ଭୂୟାଁଙ୍କୁ କରଞ୍ଜିଆ ଏସ୍‌ଡିପିଓ ଭାବେ ଅବସ୍ଥାପିତ କରାଯାଇଛି। ଭଦ୍ରକ ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ଅଶୋକ ଦାସଙ୍କୁ ଅନୁଗୋଳ ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ଭାବେ ଅବସ୍ଥାପିତ କରିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ତାହାକୁ ବାତିଲ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ବକ୍ରୀ ଶନି ଉତ୍ତରାଷାଢ଼ା ନକ୍ଷତ୍ରରେ ଥିବାରୁ ପ୍ରତ୍ୟେକ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। କିନ୍ତୁ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଶିଥିଳତା ପରିଲକ୍ଷିତ ହେବ। ଦୈହିକସ୍ୱାସ୍ଥ୍ୟ ନିୟନ୍ତ୍ରଣ ଭିତରେ ରହିବ ମାତ୍ର ମାନସିକ ସ୍ଥିତି ମଧ୍ୟମ । ନିଜ ଲୋକମାନେ ଦାଉ ସାଧିପାରନ୍ତି।

**ବୃଷ**
ରବି ସହ ଚନ୍ଦ୍ର ଓ ବୁଧ ଚତୁର୍ଥଭାବସ୍ଥ ଯୋଗୁ ପାଖ ପଡ଼ୋଶୀ, ବନ୍ଧୁ ପରିଜନମାନଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ବନ୍ଧୁଙ୍କ ସହାନୁଭୂତି କଥାରୁ ଖୁସି ଅନୁଭବ କରିବେ।

**ମିଥୁନ**
ବୃହସ୍ପତି ପୂର୍ବାଷାଢ଼ା ନକ୍ଷତ୍ରସ୍ଥ ହେତୁ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଓ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ମଧ୍ୟ ପାଇବେ। କିନ୍ତୁ ସତର୍କରେ ନ ଚଳିଲେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**କର୍କଟ**
ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରସ୍ଥ ଚନ୍ଦ୍ରଙ୍କ ଯୋଗୁ ଦୀର୍ଘଦିନର ଆଶା ଫଳବତୀ ହେବ। ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ପାଖ ପଡ଼ୋଶୀଙ୍କ ଅନାହୂତ ପ୍ରବେଶ ଓ ଉତ୍ତେଜନା ସୃଷ୍ଟିକାରୀ କଥାରେ ବିରକ୍ତି ପ୍ରକାଶ କରିବେ। ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି।

**ସିଂହ**
ଶୁକ୍ର ଦେବଗୁରୁଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରେ ଥିବାରୁ କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମ କଲେ ଉପକୃତ ହେବେ। ବନ୍ଧୁଙ୍କ ପରୋକ୍ଷ ସାହାଯ୍ୟରୁ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ଆନୁଷ୍ଠାନିକ କାମରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**କନ୍ୟା**
ଦ୍ୱିତୀୟ ସ୍ଥାନ ପ୍ରତି ମଙ୍ଗଳଙ୍କ ବିଷମ ଦୃଷ୍ଟି ହେତୁ ଆପଣଙ୍କ କଠୋର ବାକ୍ୟାଳାପ ସମସ୍ୟା ସୃଷ୍ଟି କରିବ। ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି । ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇବ। ମିଥ୍ୟା ଅଭିଯୋଗ ଆସିପାରେ।

**ତୁଳା**
ଏକାଦଶସ୍ଥ ତିନୋଟି ଗ୍ରହ ଆପଣଙ୍କ ଯାତ୍ରାରେ କାର୍ଯ୍ୟସିଦ୍ଧି, ଅର୍ଥଲାଭ ସହ ଅଭିଳାଷ ପୂରଣ କରିବେ। କିନ୍ତୁ କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ନିର୍ମାଣ କାର୍ଯ୍ୟରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ।

**ବିଛା**
ଆଜିର ଗ୍ରହମାନଙ୍କ ଅପୂର୍ବସଂଯୋଗ ଉଚ୍ଚସମ୍ମାନ, କାର୍ଯ୍ୟସିଦ୍ଧି ସାଙ୍ଗକୁ ବନ୍ଧୁମିଳନର ସୁଯୋଗ ମିଳିବ। ଭଲ ସମ୍ପର୍କ ରହିଥିବା ବନ୍ଧୁଟିର କାର୍ଯ୍ୟକଳାପ ସନ୍ଦେହଜନକ ମନେ ହେବ। ପରିବାର, କର୍ମକ୍ଷେତ୍ର ଓ ବାଣିଜ୍ୟ ବ୍ୟବସାୟ ଭଲରେ ଚାଲିବ। କିନ୍ତୁ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି।

**ଧନୁ**
ଲକ୍ଷ୍ମୀସ୍ଥାନରେ ନିଜ ରାଶିରେ ମଙ୍ଗଳ ଗୃହ,ଜମି, ଯାନ୍ତ୍ରିକ ଜିନିଷ ପ୍ରାପ୍ତିର ସୂଚନା ଦେଉଛି। କିନ୍ତୁ ମୂଳା ନକ୍ଷତ୍ର ସକାଶେ କୌଣସି ଅତୀତ ଘଟଣାକୁ ନେଇ ମାନସିକ ଅବସାଦ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିଥିବା କାରଣରୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ମକର**
ନିଜର ଦୃଢ଼ତା ସାଙ୍ଗକୁ ପରିବାରର ସମର୍ଥନ ଦୃଢ଼ ନିଷ୍ପତ୍ତି ନେବାରେ ସହାୟକ ହେବ। ପରିଜନଙ୍କ ସହିତ ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଜୁଟିପାରେ। ଅଧସ୍ତନ କର୍ମଚାରୀ କିମ୍ବା ସହକର୍ମୀଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ।

**କୁମ୍ଭ**
ଷଷ୍ଠାଧିପ ଚନ୍ଦ୍ର ସପ୍ତମସ୍ଥ ପରିବାରରେ ମନାନ୍ତର ସୃଷ୍ଟି କରିବ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପରିବାରର ଖର୍ଚ୍ଚ ତୁଲାଇବା ସକାଶେ ଧାର ଉଧାର କରିବାକୁ ପଡ଼ିପାରେ। ପଡ଼ୋଶୀଙ୍କ କଥାରେ ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ମୀନ**
ସୁଖଭାବସ୍ଥ ମଙ୍ଗଳଜନିତ ଅପ୍ରିୟ ସତ୍ୟ କହି ବିବାଦକୁ ନିମନ୍ତ୍ରଣ କରିପାରନ୍ତି। କର୍ମକ୍ଷେତ୍ରରେ ମନ କଥା ମନରେ ରଖି କୂଟନୀତି ବଳରେ କାର୍ଯ୍ୟ ସାଧନ କରିପାରିବେ। କେତେକ କ୍ଷେତ୍ରରେ ମଧ୍ୟ ହାତପାହାନ୍ତାରେ ସୁଯୋଗ ମିଳିପାରିବ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ।

ଆଜି ଭାଦ୍ରବ ଶୁକ୍ଳ ଦ୍ୱିତୀୟା ଗୁରୁବାର, ଶ୍ରୀମନ୍ଦିରରେ ନିକୁଳୀଳା,ଚାତୁର୍ମାସ୍ୟା ଗୁରୁବାର ବ୍ରତ, ଅଗଷ୍ଟ ୨୦ ତାରିଖ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ, ସଦ୍‌ଭାବନା ଦିବସ, ବିଶ୍ୱ ମଶକ ଦିବସ, ରାଶି ନକ୍ଷତ୍ର-ପୂର୍ବାଫାଲଗୁନୀ/ସିଂହ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୦୫।୩୨ ଗତେ ଘ.୦୭।୧୩ ମଧ୍ୟେ, ଘ.୧୦।୩୪ ଗତେ ଘ.୦୧।୦୫ ମଧ୍ୟେ ମାହେନ୍ଦ୍ରବେଳା, ରାତ୍ରି ଘ.୦୨।୨୯ ଗତେ ଘ.୦୩।୧୫ ମଧ୍ୟେ ଅମୃତବେଳା । ଦିବା ଘ.୦୧।୨୪ ଗତେ ଘ.୦୨।୫୮ ମଧ୍ୟେ ରାହୁକାଳ।


## classifieds Everyday
0674-2580101, 2549302



**SALE**

ଭୁବନେଶ୍ୱର, ମଞ୍ଚେଶ୍ୱର, ହଂସପାଳ, ପାହାଳ, କେଶୁରାରେ ଘର କଳାଭଳି ଘରବାରି boundary plot ମିଳୁଅଛି। 8249728525, 9090142564. D-69146

Urgent sale fully furnished Office, 9th Floor DLF, Patia. Whatsapp-9437513333. D-17957

Flats sale Jagannathdham Puri, cost 1250. lakhs with fully furnished Bhulaxmi Team. 7978230118, 9668060081. D-69142

Bhubaneswar ସୁନ୍ଦରପଦାରେ ପ୍ଲଟ୍ କିଣି ଆଜି ଘର କରନ୍ତୁ। sqft. 950/. 9938016295. D-69145

Plot sale near Sum Hospital @ 1750/-, Krishnapuri, Malipada 4250 Sq.ft. @ 600/-, One acre Main Road @ 12,00,000/- P Guntha, 7735768268. D-69329

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Ready to move 3/2 BHK Flats near V2 Showroom, Patrapada, Bhubaneswar, 9861037729 / 9040337729. D-63981



Newly open full body massage SPA in Bhubaneswar. Contact: 7205058838. D-69720

Get refreshment body massage by expert therapist contact for. 9556978408. D-69718

Herbal full body massage by smart / expert therapist. Contact: 8338067247. D-69719

Newly open SPA centre smart therapist body massage, Bamikhal. 7205187702. D-59957

Newly open SPA centre smart therapist body massage, Rasulgarh. 7846814019. D-59958

Swarna SPA newly open positively health benefits with expert therapist. 7873794731. D-69721


## ପ୍ରଥମ ପୃଷ୍ଠାରୁ...

### ଅବପାତ ରୂପ ନେଲା ...

ଅନୁଗୋଳ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଏହାର ପ୍ରଭାବରେ ଉକ୍ତ ଜିଲାଗୁଡ଼ିକର କେତେକ ଅଞ୍ଚଳ ଜଳବନ୍ଦୀ ହୋଇପାରେ। କଚ୍ଚାଘର ଭାଙ୍ଗିବା ସହିତ ରାସ୍ତା ଧୋଇ ହୋଇଯିବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ୱାର୍ନିଂ ଜାରି କରାଯାଇଛି । ଏହି ସମୟରେ କେନ୍ଦୁଝର, ଦେବଗଡ଼, ସମ୍ବଲପୁର, କନ୍ଧମାଳ, କଳାହାଣ୍ଡି, ପୁରୀ, ଖୋର୍ଦ୍ଧା, ମାଲକାନଗିରି ଏବଂ କୋରାପୁଟ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଏବଂ ରାଜ୍ୟରେ ଅନ୍ୟାନ୍ୟ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଲଘୁଚାପ ଯୋଗୁ ୨୦ ତାରିଖରେ ଦକ୍ଷିଣ ଓଡ଼ିଶା ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ। ବିଶେଷକରି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ସୁବର୍ଣ୍ଣପୁର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଓ ଅନୁଗୋଳ ଜିଲାର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟାକୁ ୪୫ରୁ ୫୫ କି.ମି. ବେଗରେ ପବନ ବହିବ। ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ସତର୍କ କରାଯାଇଛି। ଲଘୁଚାପକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ବନ୍ଦରରେ ୩ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ଅତି ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ସତର୍କ ରହିବାକୁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଲଗାଣ ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଛି। ତୁହାକୁ ତୁହା ବର୍ଷା ଲାଗି ରହିଥିବାରୁ କେତେକ ସ୍ଥାନ ଜଳମଗ୍ନ ହୋଇଛି। ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ଭୁବନେଶ୍ୱରରେ ୧୭ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବେଗୁନିଆରେ ୧୦, ବାଲିପାଟଣାରେ ୧୨, କଟକରେ ୧୬, ମୁଣ୍ଡଳିରେ ୧୧, ତିଗିରିଆରେ ୧୧, ରାଜଘାଟରେ ୧୫, ଚନ୍ଦନପୁରରେ ୧୪, ଜଳେଶ୍ୱରରେ ୧୧, ମାର୍ଶାଘାଇରେ ୧୧, କଣ୍ଟାପଡ଼ାରେ ୧୧, ବାଙ୍ଗିରିପୋଷୀରେ ୧୦, ଜାମଶୋଳାଘାଟରେ ୯, ଭୋଗରାଇରେ ୯, ବାଲିକୁଦାରେ ୮, କୁଜଙ୍ଗରେ ୮, ଗରଦପୁରରେ ୭, ଜଗତ୍‌ସିଂହପୁରରେ ୭, ବେତନଟୀରେ ୫, ରାଜକନିକାରେ ୪, ନୂଆଗଡ଼ାରେ ୫, ରାଇରଙ୍ଗପୁରରେ ୪, ଉଦଳାରେ ୩, ଯାଜପୁରରେ ୩, ଠାକୁରମୁଣ୍ଡାରେ ୩ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଛି।

### ସୁଶାନ୍ତ ସିଂ ମାମଲାର ...

ପରିବାର ପକ୍ଷରୁ ପାଟନାରେ ରୁଜୁ ହୋଇଥିବା ଏଫ୍‌ଆଇଆର୍‌କୁ ମୁମ୍ବାଇ ସ୍ଥାନାନ୍ତର କରିବା ଲାଗି ସୁପ୍ରିମକୋର୍ଟରେ ଅନୁରୋଧ କରିଥିଲେ। ଏନେଇ ସୁପ୍ରିମକୋର୍ଟ କହିଛନ୍ତି, ମୁମ୍ବାଇ ପୋଲିସ କେବଳ ଏକ ଦୁର୍ଘଟଣାଜନିତ ମୃତ୍ୟୁ ମାମଲା ରୁଜୁ କରିଥିଲା, ଯାହାର ସୀମିତ ତଦନ୍ତ କରାଯିବାର ଥିଲା। କିନ୍ତୁ ବିହାର ପୋଲିସ ସମ୍ପୂର୍ଣ୍ଣ ମାମଲା ପଞ୍ଜୀକରଣ କରି ସିବିଆଇ ତଦନ୍ତ ଲାଗି ସୁପାରିସ୍ କରିଥିଲା। ବଲିଉଡ୍‌ରେ ସୁଶାନ୍ତ ସିଂ ଜଣେ ପ୍ରତିଭାସମ୍ପନ୍ନ ଅଭିନେତା ଥିଲେ। ତାଙ୍କର ଆକସ୍ମିକ ମୃତ୍ୟୁ ପରେ ପରିବାର, ବନ୍ଧୁ ଓ ଶୁଭେଚ୍ଛୁମାନେ ଉଚିତ ତଦନ୍ତ ସହ ନ୍ୟାୟ ଲାଗି ଅପେକ୍ଷା କରିଛନ୍ତି। ରିଆ ମଧ୍ୟ ସିବିଆଇ ତଦନ୍ତକୁ ବିରୋଧ କରିନାହାନ୍ତି ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ମୁମ୍ବାଇର ବାନ୍ଦ୍ରାସ୍ଥିତ ଏକ ଆପାର୍ଟମେଣ୍ଟରୁ ଜୁନ୍ ୧୪ରେ ୩୪ ବର୍ଷୀୟ ସୁଶାନ୍ତ ସିଂଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମୁମ୍ବାଇ ପୋଲିସ ଏହାକୁ ଆତ୍ମହତ୍ୟା ବୋଲି କହି ତଦନ୍ତ କରୁଥିଲା। ମାସକ ପରେ ସୁଶାନ୍ତଙ୍କ ବାପା ରିଆ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଅଭିଯୁକ୍ତ ଦର୍ଶାଇ ସେମାନଙ୍କ ବିରୋଧରେ ପାଟନାରେ ମାମଲା ରୁଜୁ କରିଥିଲେ। ଏକମାତ୍ର ପୁଅର ବ୍ୟାଙ୍କ ଆକାଉଣ୍ଟରୁ କୋଟି କୋଟି ଟଙ୍କା ହଡ଼ପ କରି ତାକୁ ମାନସିକ ଓ ଆର୍ଥିକ ଶୋଷଣ କରିଥିବା ଅଭିଯୋଗ କରାଯାଇଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଖୋଳତାଡ଼ ପରେ ରିଆ ଏଭଳି ଅଭିଯୋଗକୁ ଖଣ୍ଡନ କରିଥିଲେ। ଏବେ ସର୍ବୋଚ୍ଚ କୋର୍ଟ ମାମଲାର ସିବିଆଇ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଥିବାବେଳେ ସୁଶାନ୍ତଙ୍କ ପରିବାର, ବିହାର ପୋଲିସ ଓ ଫିଲ୍ମ ଇଣ୍ଡଷ୍ଟ୍ରୀ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି।

### ଯୁକ୍ତ୨ ବାଣିଜ୍ୟ ...

ଦେବଗଡ଼ ଜିଲାରେ ସର୍ବନିମ୍ନ ୩୪.୧୭% ରହିଛି। ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରେ ପରୀକ୍ଷାଫଳ ଘୋଷଣା ଅବସରରେ ଏହି ସୂଚନା ଦେଇଛନ୍ତି। ପୂର୍ବ ବର୍ଷଗୁଡ଼ିକ ପରି ଏଥର ମଧ୍ୟ ଛାତ୍ରୀମାନେ ଛାତ୍ରଙ୍କୁ ପଛରେ ପକାଇଛନ୍ତି। ଚଳିତବର୍ଷ ଛାତ୍ରୀଙ୍କ ପାସ୍ ହାର ୭୭.୮% ଓ ଛାତ୍ରଙ୍କ ପାସ୍ ହାର ୭୩.୩୭% ରହିଛି। ପରୀକ୍ଷା ଦେଇଥିବା ୯,୧୨୪ଜଣ ଛାତ୍ରୀଙ୍କ ମଧ୍ୟରୁ ୭,୧୦୩ଜଣ ପାସ୍ କରିଛନ୍ତି। ସେହିପରି ୧୬,୬୪୮ଜଣ ଛାତ୍ର ପରୀକ୍ଷା ଦେଇଥିବାବେଳେ ୧୨,୨୧୫ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗତବର୍ଷ ତୁଳନାରେ ଏଥର ସ୍କୁଲ୍‌ଗୁଡ଼ିକ ଭଲ ପ୍ରଦର୍ଶନ କରିଛନ୍ତି। ପାସ୍ ହାର ବଢ଼ିବା ସହିତ ପ୍ରଥମ ଶ୍ରେଣୀରେ ପାସ୍ ହୋଇଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅଧିକ ରହିଥିବାବେଳେ ଶତ ପ୍ରତିଶତ ରେଜଲ୍ଟ କରିଥିବା ସ୍କୁଲ ସଂଖ୍ୟା ମଧ୍ୟ ଅଧିକ ରହିଛି। ଏଥର ୬,୬୧୦ଜଣ ପ୍ରଥମ ଶ୍ରେଣୀରେ, ୪,୨୫୯ଜଣ ଦ୍ୱିତୀୟ ଏବଂ ୮,୩୬୧ଜଣ ତୃତୀୟ ଶ୍ରେଣୀରେ ପାସ୍ ହୋଇଛନ୍ତି। ରାଜ୍ୟରେ ମୋଟ ୨୯ ସ୍କୁଲ ଶତ ପ୍ରତିଶତ ରେଜଲ୍ଟ କରିଥିବାବେଳେ ୨ଟି ସ୍କୁଲରେ ଶୂନ ରେଜଲ୍ଟ ହୋଇଛି। ଏହି ଦୁଇ ସ୍କୁଲ୍‌କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ଏବଂ କାହିଁକି ସେଠାରେ କେହି ପିଲା ପାସ୍ ହେଲେ ନାହିଁ ତା'ର ତର୍ଜମା କରାଯିବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଭୂପିନ୍ଦର ସିଂ ପୁନିଆ, ରାଜ୍ୟ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବୃନ୍ଦାବନ ବେହେରା, ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ, ପରୀକ୍ଷା ନିୟନ୍ତ୍ରକ ବିଜୟ କୁମାର ସାହୁ, ପରିଷଦର ଉପାଧ୍ୟକ୍ଷ ବୃନ୍ଦାବନ ଶତପଥୀ, ପରିଷଦ ସଚିବ ନିୟତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୨୧ରୁ ବିଜ୍ଞାନ, ବାଣିଜ୍ୟ ରିଚେକିଂ ଆବେଦନ

ଭୁବନେଶ୍ୱର, ୧୯।୮(ବ୍ୟୁରୋ)- ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ସିଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ଇତିମଧ୍ୟରେ ପ୍ରକାଶ ପାଇସାରିଛି। ଏହି ଦୁଇଟି ବିଭାଗର ପରୀକ୍ଷାଫଳ ସଂକ୍ରାନ୍ତ ରିଆଡ଼ିଶନ୍ ଓ ରିଚେକିଂ ନିମନ୍ତେ ତାରିଖ ଧାର୍ଯ୍ୟ ହୋଇଛି। ଆସନ୍ତା ୨୧ ତାରିଖରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ଏହାର ସବିଶେଷ ତଥ୍ୟ ପରିଷଦ ୱେବ୍‌ସାଇଟ୍ chseodisha.nic.inରେ ଉପଲବ୍ଧ ହେବ। ଇଚ୍ଛୁକ ଛାତ୍ରୀଛାତ୍ରମାନେ ୧୫ଦିନ ମଧ୍ୟରେ ଅର୍ଥାତ୍ ସେପ୍ଟେମ୍ବର ୫ ମଧ୍ୟରାତ୍ରି ପର୍ଯ୍ୟନ୍ତ ଆବେଦନ କରିପାରିବେ ବୋଲି ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଏଥିସହ ଚଳିତ ମାସ ଶେଷ ସୁଦ୍ଧା କଳା ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାଫଳ ପ୍ରକାଶ କରିବା ପାଇଁ ଯୋଜନା ହେଉଛି। ଏହି ଦୁଇଟି ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଇନ୍‌ଷ୍ଟାଣ୍ଟ ପରୀକ୍ଷା ବା ସପ୍ଲିମେଣ୍ଟାରି ପରୀକ୍ଷା କେବେ ହେବ ସେ ନେଇ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି।

**ସୁଶାନ୍ତ ବାରିକ ରାଜ୍ୟ ସମବାୟ ସମିତି ନିବନ୍ଧକ**

ଭୁବନେଶ୍ୱର(ବ୍ୟୁରୋ): ରାଜ୍ୟ ସରକାର ଆଇଏଏସ ଅଫିସର ସ୍ତରରେ ଛୋଟ ଅଦଳବଦଳ କରିଛନ୍ତି। ୨୦୦୯ ବ୍ୟାଚ୍ ଆଇଏଏସ ଅଫିସର ତଥା ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆ ବର୍ଗ ଓ ସଂଖ୍ୟାଲଘୁ ବିଭାଗ ଅତିରିକ୍ତ ଶାସନ ସଚିବ ସୁଶାନ୍ତ କୁମାର ବାରିକଙ୍କୁ ସମବାୟ ସମିତି ରେଜିଷ୍ଟ୍ରାର(ନିବନ୍ଧକ) ଭାବେ ନିଯୁକ୍ତି ଦିଆଯାଇଛି। ଏନେଇ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି।

# ମୃତ୍ୟୁର ବାହକ

ମ୍ୟାଲେରିଆ ଗବେଷଣା କ୍ଷେତ୍ରରେ ସ୍ମରଣୀୟ ହୋଇ ରହିବ ୧୮୯୭ ଅଗଷ୍ଟ ୨୦। ସଂକ୍ରାମକ ଜ୍ୱର ଉପରେ ଗବେଷଣା କରୁଥିବା ନୋବେଲ ବିଜୟୀ ବ୍ରିଟିଶ ଚିକିତ୍ସକ ସାର୍ ରୋନାଲ୍ଡ ରସ୍ ଏହି ଦିନ ବିଶ୍ୱକୁ ଜଣାଇଥିଲେ ମାରାତ୍ମକ ମ୍ୟାଲେରିଆର କାରଣ। ମଶା ଦ୍ୱାରା ହିଁ ଏହି ଘାତକ ଭୂତାଣୁ ମଣିଷ ଶରୀରରେ ପ୍ରବେଶ କରିଥାଏ ବୋଲି ସ୍ପଷ୍ଟ କରିଥିଲେ ରୋନାଲ୍ଡ। ଏହାପରେ ମ୍ୟାଲେରିଆ ଉପରେ ଅଧିକ ଅଧ୍ୟୟନ କରିବା ଏବଂ ଏହାର ନିଦାନ ବାହାର କରିବାକୁ ଫିଟିଥିଲା ବାଟ। ଏହି ଦିବସକୁ ସ୍ମରଣୀୟ କରିବାକୁ ପ୍ରତିବର୍ଷ ଅଗଷ୍ଟ ୨୦ରେ ପାଳନ କରାଯାଉଛି 'ବିଶ୍ୱ ମଶା ଦିବସ' ବା ୱାର୍ଲ୍ଡ ମସ୍କ୍ୟୁଟୋ ଡେ'...

## ଆଜି ୱାର୍ଲ୍ଡ ମସ୍କ୍ୟୁଟୋ ଡେ



ମଶା ଏକ ଘାତକ କୀଟ। ଉଡ଼ନ୍ତା ମୃତ୍ୟୁ ଭାବେ ପରିଚିତ ଏହି କୀଟ ଦ୍ୱାରା ବ୍ୟାପୁଥିବା ମାରାତ୍ମକ ଜ୍ୱର ପାଇଁ ବର୍ଷକୁ ଯାଉଛି ହାରାହାରି ୧୦ ଲକ୍ଷ ଜୀବନ। କେବଳ ଏତିକି ନୁହେଁ, ମଶାକାମୁଡ଼ାଜନିତ ସଂକ୍ରାମକ ରୋଗ ଶିଶୁ, ଗର୍ଭବତୀଙ୍କ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବାବେଳେ ବିଶ୍ୱ ଅର୍ଥନୀତି ଉପରେ ପଡୁଛି ଏହାର ପ୍ରତିକୂଳ ପ୍ରଭାବ। ଯଦିଓ ଏବେ ଚିକିତ୍ସା ବିଜ୍ଞାନରେ ଅନେକ ଉନ୍ନତି ଆସିଲାଣି, ତଥାପି ସଫଳ ହୋଇପାରିନାହିଁ ସଂକ୍ରାମକ ଜ୍ୱରମୁକ୍ତ ବିଶ୍ୱର ସ୍ୱପ୍ନ। ଅନୁନ୍ନତ, ଅଣବିକଶିତ ତଥା ଅର୍ଦ୍ଧ ବିକଶିତ ଦେଶଗୁଡ଼ିକରେ ମ୍ୟାଲେରିଆ, ଚିକୁନଗୁନିଆ, ଜିକା, ଜାପାନିଜ ଏନ୍‌ସେଫାଲାଇଟ୍‌ସ କାୟା କମୁନାହିଁ। ଏହାକୁ ନେଇ ଚିନ୍ତାବ୍ୟକ୍ତ କରିଛି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)।

ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରେ ମ୍ୟାଲେରିଆ ଏବଂ ମଶାଙ୍କ ମଧ୍ୟରେ ରହିଥିବା ସମ୍ପର୍କକୁ ନେଇ ଅନେକେ ଗବେଷଣା ଜାରି ରଖିଥିଲେ ମଧ୍ୟ ସଫଳତା ମିଳିଥିଲା ବ୍ରିଟିଶ ଚିକିତ୍ସକ ସାର୍ ରୋନାଲ୍ଡ ରସ୍‌ଙ୍କୁ। ମଶା ଏବଂ ମ୍ୟାଲେରିଆ ମଧ୍ୟରେ ଥିବା ସମ୍ପର୍କକୁ ତାଙ୍କ ଅଧ୍ୟୟନ ଦେଇଥିଲା ନୂଆ ଦିଶା। ମ୍ୟାଲେରିଆ ମୂଳୋତ୍ପାଟନ କରିବା ଲାଗି ରୋନାଲ୍ଡଙ୍କ ସଂକଳ୍ପ ଏବଂ ମ୍ୟାଲେରିଆ ବିଷୟରେ ଜନସାଧାରଣଙ୍କ ଭିତରେ ସଚେତନତା ସୃଷ୍ଟି କରିବାକୁ ପ୍ରତିବର୍ଷ ଅଗଷ୍ଟ ୨୦ରେ ପାଳନ କରାଯାଉଛି 'ବିଶ୍ୱ ମଶା ଦିବସ'। ତେବେ ୧୯୩୦ରୁ ନିୟମିତ ଭାବେ 'ଦି ଲଣ୍ଡନ ସ୍କୁଲ ଅଫ୍ ହାଇଜିନ୍ ଆଣ୍ଡ ଟ୍ରପିକାଲ ମେଡିସିନ' ସ୍ୱତନ୍ତ୍ର ଭାବେ ଏହି ଦିବସ ପାଳନ କରି ଆସୁଛି। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜନମାନସରେ ପହଞ୍ଚାଇବା ଲାଗି ଆଲୋଚନାଚକ୍ର, ପ୍ରଦର୍ଶନୀ ଆୟୋଜନ କରାଯାଏ। ଏଥିସହ ରସ୍ ଏବଂ ତାଙ୍କ ପରେ ଏହି ଅଭିଯାନକୁ ଆଗକୁ ନେଇଥିବା ଦିବଂଗତ ବୈଜ୍ଞାନିକଙ୍କ ପ୍ରତି ଅର୍ପଣ କରାଯାଏ ଶ୍ରଦ୍ଧାଞ୍ଜଳି।

## କେତେକ ରୋଚକ ତଥ୍ୟ

- ପୃଥିବୀରେ ୨୫୦୦ ପ୍ରଜାତିର ମଶା ଦେଖାଯାଆନ୍ତି।
- ଆଣ୍ଟାର୍କଟିକା ବ୍ୟତୀତ ଅନ୍ୟ ସବୁଠି ମଶା ଦେଖାଯାଆନ୍ତି।
- ଏକ ମଶା ଥରକେ ୦.୧ ମି.ମି. ରକ୍ତ ଶୋଷି ନେଇଥାଏ।
- ନିଜ ଶରୀର ଓଜନଠାରୁ ୩ ଗୁଣା ରକ୍ତ ଶୋଷିପାରେ ମଶା।
- ମାଈ ମଶାର ଆୟୁ ଅଣ୍ଡିରା ମଶାଠାରୁ ଅଧିକ। ଗୋଟିଏ ଅଣ୍ଡିରା ମଶା ହାରାହାରି ୭ରୁ ୧୦ ଦିନ ଏବଂ ମାଈ ମଶା ୬ରୁ ୮ ସପ୍ତାହ ବଞ୍ଚିଥାଏ।
- ମାଈ ମଶା ଥରକେ ୩୦୦ ଯାଏ ଅଣ୍ଡା ଦେଇଥାଏ।
- ଆଫ୍ରିକାକୁ ମଶାଙ୍କ ସ୍ୱର୍ଗ କୁହାଯାଏ।
- ପ୍ରତିବର୍ଷ ମ୍ୟାଲେରିଆ ନେଇଥାଏ ୧୦ ଲକ୍ଷ ଜୀବନ।
- କେବଳ ମାଈ ମଶା ହିଁ ମଣିଷ ରକ୍ତ ଶୋଷିଥାନ୍ତି। କାରଣ ଲାର୍ଭା ବିକାଶ ଲାଗି ଆବଶ୍ୟକ ପ୍ରୋଟିନ ଏମାନେ ମଣିଷ ରକ୍ତରୁ ସଂଗ୍ରହ କରିଥାନ୍ତି।
- ଏକ ଅଧ୍ୟୟନ ଅନୁଯାୟୀ ମଶାଙ୍କ ସ୍ମରଣ ଶକ୍ତି ଅଧିକ।
- ଝାଳୁଆ ଦେହ, ବିୟର ଗନ୍ଧ ମଶାକୁ ବେଶି ଆକର୍ଷିତ କରିଥାଏ।
- ଗର୍ଭବତୀ ଏବଂ 'ଓ' ବ୍ଲଡ ଗ୍ରୁପ୍‌ର ବ୍ୟକ୍ତି ଅଧିକ ମଶା କାମୁଡ଼ାର ଶିକାର ହୋଇଥାନ୍ତି।
- ତୁଳସୀ, ଗେଣ୍ଡୁ, ଲେଭେଣ୍ଡର, ରସୁଣ ଏବଂ ଲେମ୍ବୁର ବାସ୍ନାରେ ମଶା ପାଖ ମାଡ଼ନ୍ତିନି।
- ସେକେଣ୍ଡକୁ ୩୦୦ରୁ ୬୦୦ ଥର ପର୍ଯ୍ୟନ୍ତ ପର ହଲାଇପାରେ ମଶା।
- ମଶା ମାତ୍ର ୨ରୁ ୩ ମାଇଲ୍ ଯାଏ ଯାତ୍ରା କରିବାକୁ ସକ୍ଷମ।
- ୭୫ ଫୁଟ ଦୂରତାରୁ କାର୍ବନ ଡାଇଅକ୍ସାଇଡକୁ ବାରିପାରିଥାଏ ମଶା।

## ଡେଙ୍ଗୁ



ଡେଙ୍ଗୁ ଏକ ଭୂତାଣୁ ଜନିତ ଜ୍ୱର। ଏଡିଶ୍ ପ୍ରଜାତିର ମାଈ ଏଇଜିପ୍ଟି ମଶା କାମୁଡ଼ିଲେ ଏହି ଜ୍ୱର ହୋଇଥାଏ। ଠିକ୍ ସମୟରେ ଚିକିତ୍ସା ନ କଲେ ରୋଗୀ ମୃତ୍ୟୁମୁଖରେ ପଡ଼ିବା ଆଶଙ୍କା ବେଶି। ଏହି ପ୍ରଜାତିର ମଶା ଦିନବେଳା କାମୁଡ଼ିଥାନ୍ତି। ଜୁଲାଇରୁ ଅକ୍ଟୋବର ଯାଏ ଡେଙ୍ଗୁ ଆତଙ୍କ ଦେଖାଯାଇଥାଏ। ଏସିଆ, ଆମେରିକା, ଆଫ୍ରିକା ଏବଂ ଅଷ୍ଟ୍ରେଲିଆ ମହାଦେଶରେ ଡେଙ୍ଗୁ ସଂକ୍ରମଣ ଏବଂ ଏହାଜନିତ ମୃତ୍ୟୁହାର ଅଧିକ। ୨୦୧୦ରେ ଡେଙ୍ଗୁ ମହାମାରୀ ଯୋଗୁ ସାରା ପୃଥିବୀରେ ପାଖାପାଖି ୧୦୦ ମିଲିୟନ ଲୋକ ପ୍ରଭାବିତ ହୋଇଥିଲେ। ଅଦ୍ୟାବଧି ଡେଙ୍ଗୁର ନିର୍ଦ୍ଦିଷ୍ଟ ଚିକିତ୍ସା ପଦ୍ଧତି ବାହାରି ନ ଥିଲେ ମଧ୍ୟ ଆବଶ୍ୟକ ସ୍ୱାସ୍ଥ୍ୟଗତ ଯତ୍ନ ଦ୍ୱାରା ମୃତ୍ୟୁହାରକୁ କମାଇ ଦିଆଯାଇପାରିଛି।

## ଜାପାନିଜ ଏନ୍‌ସେଫାଲାଇଟ୍‌ସ



ଜାପାନିଜ ଏନ୍‌ସେଫାଲାଇଟ୍‌ସ ଏକପ୍ରକାର ମସ୍ତିଷ୍କ ସମ୍ପର୍କିତ ଜ୍ୱର। ମଶା ଏବଂ ଘୁଷୁରି ଦ୍ୱାରା ଏହି ଭୂତାଣୁ ମଣିଷ ଶରୀରରେ ପ୍ରବେଶ କରେ ଏବଂ ସିଧାସଳଖ ମସ୍ତିଷ୍କକୁ ସଂକ୍ରମିତ ହୋଇଥାଏ। ୧୮୭୧ରେ ଜାପାନରେ ପ୍ରଥମେ ଏହି ଭୂତାଣୁ ଠାବ କରାଯାଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତଥ୍ୟ ଅନୁଯାୟୀ, ପ୍ରତିବର୍ଷ ପୃଥିବୀରେ ୬୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଏହି ଜ୍ୱରରେ ଆକ୍ରାନ୍ତ ହେଉଥିବାବେଳେ ୧୩,୦୦୦ରୁ ୨୦,୦୦୦ ରୋଗୀ ମୃତ୍ୟୁ ମୁଖରେ ପଡ଼ନ୍ତି।

## ଚିକୁନଗୁନିଆ

ମଶାଦ୍ୱାରା ବ୍ୟାପୁଥିବା ଅନ୍ୟ ଏକ ଭୂତାଣୁଜନିତ ମାରାତ୍ମକ ଜ୍ୱର ହେଲା ଚିକୁନଗୁନିଆ। ଏଡିଶ୍ ଏଇଜିପ୍ଟି, ଏଡିଶ୍ ଆଲ୍‌ବୋପିକ୍ଟସ୍ ମଶା ଏହାର ବାହାକ। ମଶା କାମୁଡ଼ିବାର ସପ୍ତାହକ ଭିତରେ ଶରୀରରେ ଜ୍ୱର ଲକ୍ଷଣ ଦେଖାଯାଇଥାଏ। ଘର ବାହାରେ ଏହି ପ୍ରଜାତିର ମଶାଙ୍କ ପ୍ରାଦୁର୍ଭାବ ବେଶି। ଭାରତର ଗ୍ରାମାଞ୍ଚଳରେ ଗତ କିଛିବର୍ଷ ହେଲା ଏହି ଜ୍ୱର ଆତଙ୍କ ସୃଷ୍ଟି କରିଛି।

## ଜିକା ଭାଇରସ୍



ଏଡିଶ୍ ପ୍ରଜାତିର ମଶା ଜିକା ଭାଇରସ୍ ବାହକ ବ୍ୟାପେ। ସଂକ୍ରମିତଙ୍କଠାରୁ ଏହା କ୍ଷିପ୍ରଗତିରେ ବ୍ୟାପିଥାଏ। ୧୯୪୭ରେ ଉଗାଣ୍ଡାର ମାଙ୍କଡ଼ଙ୍କ ଶରୀରରେ ପ୍ରଥମେ ଏହି ଭୂତାଣୁ ଠାବ କରାଯାଇଥିଲା। ୧୯୫୨ରେ ଏହାକୁ ମଣିଷ ଶରୀରରେ ଚିହ୍ନଟ କରାଯାଇଥିଲା। ବିଶ୍ୱର ୮୦ରୁ ଉର୍ଦ୍ଧ୍ୱ ଦେଶରେ ଜିକା ଭାଇରସ ନିଜର ଉପସ୍ଥିତି ଜାହିର କରିସାରିଛି। ଅଦ୍ୟାବଧି ଏହାର ଭାକ୍ସିନ ବାହାରି ନାହିଁ।

## ମ୍ୟାଲେରିଆ



ଆଜିକାର ସମୟରେ ମ୍ୟାଲେରିଆ ସାଧାରଣ ରୋଗ ପାଲଟିଗଲାଣି। ମାଈ ଏନୋଫିଲିସ ମଶା ମ୍ୟାଲେରିଆର ବାହକ। ମଶା ଦ୍ୱାରା ବ୍ୟାପୁଥିବା ପରଜୀବୀ ମଣିଷର ଶ୍ୱେତ ରକ୍ତକଣିକାକୁ ପ୍ରଭାବିତ କରିଥାଏ। ସଂକ୍ରମିତଙ୍କଠାରୁ ଏହା ଆଖପାଖ ଅଞ୍ଚଳରେ ବାସ କରୁଥିବା ଲୋକଙ୍କୁ ବ୍ୟାପିଥାଏ। ୨୦୧୮ରେ ମ୍ୟାଲେରିଆ ବିଶ୍ୱ ଆତଙ୍କ ପାଲଟିଥିଲା। ଏହିବର୍ଷ ୨୨୮ ମିଲିୟନ ଲୋକ ଏହି ଜ୍ୱରରେ ଆକ୍ରାନ୍ତ ହୋଇଥିବାବେଳେ ୪ ଲକ୍ଷରୁ ଉର୍ଦ୍ଧ୍ୱ ଜୀବନ ଯାଇଥିଲା। ବିଂଶ ଶତାବ୍ଦୀରେ ଚିକିତ୍ସା ବିଜ୍ଞାନରେ ଅଗ୍ରଗତି ସତ୍ତ୍ୱେ ମ୍ୟାଲେରିଆ ବୋଝ ବୋହୁଛି ଭାରତ। ଏକ ତଥ୍ୟ ଅନୁଯାୟୀ, ଦେଶରେ ପ୍ରତିବର୍ଷ ୨ ମିଲିୟନ ଲୋକ ମ୍ୟାଲେରିଆରେ ଆକ୍ରାନ୍ତ ହେଉଥିବାବେଳେ ହାରାହାରି ୧୦୦୦ ଜଣଙ୍କ ମୃତ୍ୟୁ ଘଟିଥାଏ। ନିଦାନ ବାହାରିବା ସତ୍ତ୍ୱେ ଦକ୍ଷିଣ ଏସିଆର ମ୍ୟାଲେରିଆ ଆକ୍ରାନ୍ତଙ୍କ ମଧ୍ୟରୁ ୭୭% ଭାରତରୁ ଚିହ୍ନଟ ହେବା ଚିନ୍ତାର ବିଷୟ ପାଲଟିଛି।

# ନଦୀରେ ଭାସି ୨ ଯୁବକ ନିଖୋଜ

**ଚିତ୍ରଡ଼ା,୧୯।୮(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଜମ୍ବୀରା ନଦୀରେ ଭାସି ବୁଧବାର ୨ ଯୁବକ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ଦ୍ୱୟ ହେଲେ ଘୋଳମୁହାଁ ପଞ୍ଚାୟତ ଅନ୍ତର୍ଗତ ଗଣ୍ଡଗୁହାଳି ଗ୍ରାମର ରାମଚନ୍ଦ୍ର ମାଝିଙ୍କ ପୁଅ ବୁଦ୍ଧେଶ୍ୱର ଏବଂ ମଙ୍ଗଳ ମାରାଣ୍ଡିଙ୍କ ପୁଅ ବିରାମ। ବାଘାଝରଣ ନିକଟରେ ହେଉଥିବା ଫୁଟବଲ ଖେଳ ଦେଖିବାକୁ ପୂର୍ବାହ୍ନରେ ଅନ୍ୟ ୫ଜଣଙ୍କ ସହ ପାଣିରେ ପଶି ନଦୀ ପାର ହେଉଥିବା ବେଳେ ଏହି ଅଘଟଣ ଘଟିଥିଲା। ପାଣି ସ୍ରୋତ ଅଧିକ ଥିବାରୁ ପ୍ରଥମେ ବୁଦ୍ଧେଶ୍ୱର ଭାସି ଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ବିରାମ ମଧ୍ୟ ଭାସି ଯାଇଥିଲେ। ଦୁହିଁଙ୍କୁ ଭାସି ଯାଉଥିବା ଦେଖି ସହଯୋଗୀ ଏବଂ ଗ୍ରାମବାସୀ ଚିତ୍ରଡ଼ା ଅଗ୍ନିଶମ ବିଭାଗକୁ ଜଣାଇ ଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଉଭୟଙ୍କ ପତ୍ତା ମିଳି ପାରିନାହିଁ। ଏନେଇ ଚିତ୍ରଡ଼ା ଫାଣ୍ଡିରେ ଏକ ମିଶିଙ୍ଗ କେସ(ନଂ.୨୭/୨୦) ରୁଜୁ ହୋଇଛି। ତେବେ

**ପୂର୍ବରୁ ଭାସି ଯାଇଥିବା ଜଣେ ମହିଳା ଉଦ୍ଧାର**

ଅଗ୍ନିଶମ ବାହିନୀ ଖୋଜାଖୋଜି ଚଳାଇଥିବା ବେଳେ ପୂର୍ବରୁ ନଦୀରେ ଭାସି ଏକ ଗଛରେ ଆଶ୍ରୟ ନେଇଥିବା ଜଣେ ମହିଳାଙ୍କୁ ଉଦ୍ଧାର କରିଥିବା ସୂଚନା ମିଳିଛି।

# ବିଧାୟକଙ୍କ ଚାଷକୁ ଉପରାଷ୍ଟ୍ରପତିଙ୍କ ପ୍ରଶଂସା



ବିଧାୟକ ମନୋହର ରନ୍ଧାରୀ ଲଙ୍ଗଳ ଧରି ବିଲକୁ ଯାଉଛନ୍ତି।

**ଭୁବନେଶ୍ୱର,୧୯।୮(ବ୍ୟୁରୋ):** ନବରଙ୍ଗପୁର ଜିଲା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ପ୍ରତ୍ୟେକ ବର୍ଷ ଦୁଇ ମାସ ପାଇଁ ନିଜ ଜମିରେ ଚାଷ କରନ୍ତି। ସବୁଥର ଭଳି ଏଥର ମଧ୍ୟ ସେ ନିଜ ଜମିରେ ଚାଷ କରୁଥିବା ଦେଖିବାକୁ ମିଳିଛି। ସେ ଏହି କାମ ବହୁ ଆଗ୍ରହ ସହକାରେ କରୁଥିବା ନେଇ ଖବର ପ୍ରଚାର ପ୍ରସାର ହେବାପରେ ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ ତାଙ୍କୁ ପ୍ରଶଂସା କରିଛନ୍ତି। ଉପରାଷ୍ଟ୍ରପତି ଏନେଇ ଟୁଇଟ୍ କରି କହିଛନ୍ତି, ବିଧାୟକଙ୍କ ଏହି କାର୍ଯ୍ୟ ପ୍ରେରଣାଦାୟୀ। ଓଡ଼ିଶା ବିଧାୟକ ରନ୍ଧାରୀ ପ୍ରତିବର୍ଷ ୨ ମାସ ତାଙ୍କ ଧାନ କ୍ଷେତରେ କାମ କରନ୍ତି। ବିଧାୟକ ଜଣାଇଛନ୍ତି, ଯୁବକମାନେ କ୍ଷେତରେ କାମ କରିବାକୁ କୁଣ୍ଠାବୋଧ କରିବା ଅନୁଚିତ। ଉପରାଷ୍ଟ୍ରପତିଙ୍କ ଏହି ଟୁଇଟ୍ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ରିଟୁଇଟ୍ କରି ତାଙ୍କୁ ଆହୁରି ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ବିଧାୟକଙ୍କ ଏହି କାର୍ଯ୍ୟ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ତାଙ୍କର ନିଜ କୃଷିକ୍ଷେତ୍ର ପାଇଁ ଏଭଳି ମନୋଭାବ ପ୍ରେରଣାଦାୟକ। ଏହା ତାଙ୍କ କାମ ଏବଂ କୃଷିକ୍ଷେତ୍ର ଲାଗି ଗର୍ବର ବିଷୟ ବୋଲି ସେ ଉଲ୍ଲେଖ କରିଛନ୍ତି। ଏହାସହ କୃଷିମନ୍ତ୍ରୀ ଅରୁଣ ସାହୁଙ୍କ ସମେତ ଆହୁରି ଅନ୍ୟ ବିଧାୟକମାନେ ମଧ୍ୟ ଟୁଇଟ୍ କରି ଏହାକୁ ପ୍ରଶଂସା କରିଛନ୍ତି।

## ଯୌନ ସମ୍ପର୍କ, ଜଣେ ଗିରଫ

**ଝାରସୁଗୁଡ଼ା ଅଫିସ,୧୯।୮:** ଝାରସୁଗୁଡ଼ା କକ୍ସ କଲୋନୀରେ ଥିବା ଏକ ସାମାଜିକ ସେବା ସଂସ୍ଥାର ପ୍ରତିଷ୍ଠାତା ଜନ୍ ପି. ବ୍ରିଜ୍‌ଙ୍କୁ ଝାରସୁଗୁଡ଼ା ପୋଲିସ ବୁଧବାର ଗିରଫ କରିଛି। ନିଜ ସଂସ୍ଥାର ଜଣେ ନାବାଳକଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ୨୦୧୫ରେ ଜନ୍ ନିଜ ସଂସ୍ଥା ଦ୍ୱାରା ପରିଚାଳିତ ବିଦ୍ୟାଳୟର ଜଣେ ନାବାଳକ ଛାତ୍ରଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ବର୍ତ୍ତମାନ ସେ ସେଠାରୁ ପାସ୍ କରି ସାରିଛନ୍ତି। ଛାତ୍ର ଜଣକ ଘଟଣା ସମ୍ପର୍କରେ ଘରେ କହିବା ପରେ ଗତ ୧୪ ତାରିଖରେ ପରିବାର ଲୋକେ ଝାରସୁଗୁଡ଼ା ଥାନାରେ ଏତଲା ଦେଇଥିଲେ। ତାଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରାଯାଇଥିଲା।

UNIVERSITY LAW COLLEGE
UTKAL UNIVERSITY
VANI VIHAR, BHUBANESWAR-04
UTKAL UNIVERSITY NAAC-A+ Accreditation

ADMISSION NOTICE

5 YEAR INTEGRATED B.A.LL.B (HONS.) COURSE FOR THE SESSION, 2020-2021

NUMBER OF SEATS : 60 (SIXTY)

ELIGIBILITY CRITERIA

45% of marks for General and 40% of marks for S.C. / S.T. candidates at +2 Arts / Science / Commerce or equivalent examinations.

COST OF THE FORM

Application Forms may be obtained by depositing Rs. 500/- (Rupees five hundred only) by cash at the college counters. The same may be obtained on payment of Rs. 600/- (Rupees six hundred only) either by M.O./D.D drawn in favour of the Principal, University Law College, Bhubaneswar Payable at Bhubaneswar through Post or the Application Form may be down loaded from the college website and filled-in application form may be sent along with Rs.600/- (Rupees six hundred only) in the shape of D.D./ Banker's Cheque drawn in favour of the Principal, University Law College, Bhubaneswar Payable at Bhubaneswar.

| | |
|---|---|
| Availability of Form | : From 24th August 2020 (9:00 A.M. to 12:00 Noon) |
| Last date of Submission of Form | : 21st September 2020 by 2.00 PM |
| Course Fee | : Rs.45,000/- (Rupees forty five thousand only) towards Course Fee per annum |
| Publication of Merit List | : 28th September 2020 (Monday) |
| Selection for Admission | : Selection for admission will be made on the basis of last qualifying examination (+2 Arts / Science / Commerce or equivalent examination) marks only in order of merit as per the guideline of Department of Higher Education, Govt. of Odisha. |

For details, please visit our website : www.universitylawcollegebbsr.org
Dr. Prativa Panda (Principal)
University Law College, BBSR. Tel.: (0674) 2589507 (Off.)






ଏକ ପୂର୍ଣ୍ଣ ପ୍ରାଣଶକ୍ତି ଓ ବୌଦ୍ଧିକ ବିକାଶ ବ୍ୟତୀତ, ଭାରତ ତା'ର ଆଧ୍ୟାତ୍ମିକ ପ୍ରବୃତ୍ତିକୁ ନେଇ ଯେତେ ଯାହା କରିଛି ସେତିକି ସେ କେବେ କରିପାରି ନ ଥାନ୍ତା। ଏପରି ଭାବିବା ବଡ ଭୁଲ ଯେ, ଏକ ଦରିଦ୍ର ଭୂମି ଉପରେ ଅର୍ଦ୍ଧମୃତ ଜୀବନ ଏବଂ ହତୋତ୍ସାହିତ ଭୟାକ୍ରାନ୍ତ ବୁଦ୍ଧିରେ ହିଁ ଆଧ୍ୟାତ୍ମିକତା ବିକଶିତ ହୋଇପାରେ। -ଶ୍ରୀଅରବିନ୍ଦ



# ବିଲୁପ୍ତି ପଥେ ପ୍ରାଣୀ



ମାନେକା ଗାନ୍ଧୀ

ମୋତେ ସାହାଯ୍ୟ କର। ମୋତେ ପ୍ରତାରିତ କରାଯାଉଛି। ମାଂସଶିଳ୍ପ, କୀଟନାଶକ ପ୍ରଦୂଷଣକାରୀ ଓ ଶିକାରୀମାନଙ୍କ ସହ କଳକାରଖାନାଗୁଡ଼ିକ ମିଳିତ ଭାବେ ଏକ ଧ୍ୱଂସର ବ୍ୟୂହ ରଚନା କରିଛନ୍ତି। ଏମାନେ ବହୁ ଚମତ୍କାରୀ ଜୀବଙ୍କୁ ବିଲୁପ୍ତ କରିଦେଉଛନ୍ତି, ଯାହାଙ୍କୁ ମୁଁ ଆଖି ପୂରାଇ ଦେଖିବାର ସୁଯୋଗ ପାଇପାରୁନାହିଁ। ସ୍ମୁଥ ହ୍ୟାଣ୍ଡଫିଶ୍ ଏକ ଅସାଧାରଣ ମାଛ। ଏହି ମାଛ ସମୁଦ୍ର ପୃଷ୍ଠରେ ପକ୍ଷ ସାହାଯ୍ୟରେ ଚାଲୁଥିଲା। ଏହାକୁ ଇଣ୍ଟରନ୍ୟାଶନାଲ ୟୁନିୟନ୍ ଫର୍ କଞ୍ଜରଭେଶନ ଅଫ୍ ନେଚର( ଆଇୟୁସିଏନ୍)ବିଲୁପ୍ତ ବୋଲି ଘୋଷଣା କରିଛି। ତାସ୍ମାନିଆ ସମୁଦ୍ରର ଅଗଭୀର ଜଳରେ କିଛି ଦଶକ ପୂର୍ବରୁ ଏହି ମାଛ ପ୍ରଚୁର ମିଳୁଥିଲା। ଏବେ ଏହି ବଂଶର କେବଳ ଗୋଟିଏ ପ୍ରଜାତି ମାଛ ରହିଛି ଓ ଏହାକୁ ୧୮୦୨ରେ ଠାବ କରାଯାଇଥିଲା। ଏହି ବଂଶର ଆଉ ଏକ ପ୍ରଜାତି ମାଛ ରେଡ୍ ହ୍ୟାଣ୍ଡଫିସ୍ ସମୁଦ୍ର ତଳେ ରହେ ଓ ହାତ ସଦୃଶ ପକ୍ଷ ସାହାଯ୍ୟରେ ଚାଲେ। ବର୍ତ୍ତମାନ ଏମାନଙ୍କ ସଂଖ୍ୟା ୧୦୦ରୁ କମ୍ ରହିଛି। ମାଛଧରା, ପ୍ରଦୂଷଣ ଓ ବାସସ୍ଥାନ ନଷ୍ଟ କରାଯିବା ଯୋଗୁ ଏମାନେ ବହୁସଂଖ୍ୟାରେ ମରିଯାଇଛନ୍ତି ବୋଲି ଅନୁମାନ କରାଯାଏ।

ଧଳା ଜିରାଫ ଖୁବ୍ ସୁନ୍ଦର ତଥା ଆକର୍ଷକ। ଶେଷକୁ କେନିଆରେ ଗୋଟିଏ ମା' ଜିରାଫ ଓ ତା ଶାବକ ବଞ୍ଚିଥିଲେ। ୨୦୨୦ରେ ଏ ଦୁହିଁଙ୍କୁ ଶିକାରୀମାନେ ମାରିଦେବା ପରେ ଏହି ପ୍ରଜାତିକୁ ବିଲପ୍ତ ଘୋଷଣା କରାଯାଇଛି। ଆଗାମୀ ଦଶବର୍ଷରେ ଆଉ ସବୁ ପ୍ରଜାତିର ଜିରାଫ ମଧ୍ୟ ଶେଷ ହୋଇଯିବେ। ୧୯୮୫ ପରଠାରୁ ୪୦ ପ୍ରତିଶତ ଜିରାଫଙ୍କୁ ଶିକାର କରାଯାଇଛି। କେବଳ ପୂର୍ବଆଫ୍ରିକାରେ ପାଖାପାଖି ୮୬,୦୦୦ ଜିରାଫ୍‌ଙ୍କୁ ମାରିଦିଆଯାଇଛି। ଜିରାଫ୍‌ଙ୍କ ଚରାଭୂଇଁରେ ଘର କରିବା କିମ୍ବା ଚାଷ ପାଇଁ କୃଷକମାନେ ମଧ୍ୟ ଏମାନଙ୍କୁ ମାରିଦେଉଛନ୍ତି। ଏବେ ଆଉ ମାତ୍ର ୧୬,୦୦୦ ଜିରାଫ ବଞ୍ଚିଛନ୍ତି। ଲୋନେସମ୍ ଜର୍ଜ ନାମକ ମେଲ୍ ପିଣ୍ଟା ଟର୍ଟଏଜ (ଏକ ବିଶାଳ ଓ ଓଜନଦାର କଇଁଛ) ର ଶେଷରେ ମୃତ୍ୟୁ ହୋଇଛି। ସେ ଏତେ ବଡ଼ ଥିଲା ଯେ ମୋତେ ପିଠିରେ ବସାଇ ନେବାର କ୍ଷମତା ତା'ର ଥିଲା। ବର୍ତ୍ତମାନ ଏଭଳି ବିଶାଳ କଇଁଛ ଆଉ ଦେଖିବାକୁ ପାଇବି ନାହିଁ। ପ୍ରଶାନ୍ତ ମହାସାଗରରେ ଥିବା ନିର୍ଜନ ଗାଲାପାଗୋସ ଦ୍ୱୀପସମୂହରେ ଏହି ବିଶାଳ କଇଁଛ ଦେଖିବାକୁ ମିଳୁଥିଲା। ପରେ ଅନ୍ୱେଷଣକାରୀ ଓ ତିମି ଶିକାରୀମାନେ ସେଠାରେ ପହଞ୍ଚି କଇଁଛଙ୍କୁ ଶିକାର କରି ଖାଇଯିବା ଦ୍ୱାରା ଏମାନଙ୍କ ବଂଶ ଲୋପ ପାଇଗଲା।

ଭାରି ସୁନ୍ଦର ଦେଖାଯାଉଥିବା ଫର୍ମୋସାନ କ୍ଲାଉଡେଡ୍ ଲିଓପାଡ୍( ଏକ ପ୍ରକାର ଚିତା ବାଘ, ଯାହା ଚମଡାରେ ବାଦଲ ଭଳି ଛାପ ରହିଥାଏ)ର ଚାରି ଗୋଡ଼ଯାକ ଅଜଗର ଭଳି ଦେଖାଯାଏ। ଏହି ବାଘ ଏବେ ବିଲୁପ୍ତ ହୋଇଗଲେଣି। ଚମଡ଼ା ପାଇଁ ଶିକାର କରି ସେମାନଙ୍କୁ ଶେଷ କରିଦିଆଗଲା। ଯେଉଁମାନେ ସେମାନଙ୍କୁ ମାରିଦେଲେ ସେମାନେ ସରକାରୀ କାର୍ଯ୍ୟାନୁଷ୍ଠାନ ଭୟରେ ଆକର୍ଷଣୀୟ ଚମଡାଗୁଡିକୁ ପୋଡିଦେଲେ। ଏଣୁ କେବଳ କେତୋଟି ଫଟୋ ବ୍ୟତୀତ ତୁମେ ସେମାନଙ୍କ ଚମଡାର ବାସ୍ତବ ସୌନ୍ଦର୍ଯ୍ୟ ଦେଖିବାକୁ ସକ୍ଷମ ହୋଇପାରିବ ନାହିଁ।

ଆମେରିକାରେ ଲକ୍ଷ ଲକ୍ଷ ପାସେଞ୍ଜର ପିଜିଅନ୍ ଥିଲେ। ଗୋଲାପି ଶରୀର ଓ ନୀଳ-ଧୂସର ରଙ୍ଗର ମୁଣ୍ଡ ଥିବା ଏହି ପାରା ଗଛ ଡାଳରେ ବସାବାନ୍ଧି ଗୋଟିଏ ମାତ୍ର ଧଳା ଅଣ୍ଡା ଦେଉଥିଲେ। ଏହି ପାରାଙ୍କୁ କିଏ ଅଧିକ ଗୁଳି କରି ମାରିପାରିବ - ପିଲାମାନଙ୍କର ଏଭଳି ପ୍ରତିଯୋଗୀ ମନୋଭାବ ଯୋଗୁ ଏମାନଙ୍କୁ ପୂରା ମାରିଦିଆଗଲା। ପାରାମାନେ ଉଡି ଗଲାବେଳେ ଛାତ ଉପରେ ରହି ଲୋକମାନେ ମଧ୍ୟ ଏମାନଙ୍କୁ ଗୁଳିକରି ମାରିଦେଲେ। ଖାଇବାକୁ ନୁହେଁ କି ଆଉ କିଛି କାରଣ ପାଇଁ ନୁହେଁ, ବରଂ ମାରିବାରେ ପାଉଥିବା ଟିକିଏ ଆନନ୍ଦ ଲାଗି ଏମାନଙ୍କୁ ଶେଷ କରିଦିଆଗଲା। କାରବିୟାନ ମଙ୍କ ସିଲ୍ ବିଲୁପ୍ତ ହେବା ପଛରେ ଖ୍ରୀଷ୍ଟୋଫର କଲମ୍ବସଙ୍କ ହାତ ରହିଛି। ସେ ଏହି ନିରୀହ ଜୀବର ଡାକ ନାମ ସି' ଉଲଫ୍ ଦେଇଥିଲେ ଓ ୧୯୪୯ରେ ଶହ ଶହ ସିଲ୍‌କୁ ମାରିଦେଇଥିଲେ। ଯାହା କିଛି ସେ ଛାଡିଦେଇଥିଲେ ପରେ ମାଂସ ଓ ତେଲ ଲାଗି ମାଛଧରାଳିମାନେ ଶିକାର କଲେ। ୨୦୦୮ ଜୁନ୍‌ରେ ଏହି ଜୀବକୁ ବିଲୁପ୍ତ ଘୋଷଣା କରାଗଲା। ଡୋଡୋ(ବତକ ଭଳି ଉଡିପାରୁ ନ ଥିବା ପକ୍ଷୀ)ବଂଶର ଆକର୍ଷଣୀୟ ସବୁଜ ଚିହ୍ନର ପର ଥିବା ଲିଭରପୁଲ ପିଜିଅନ୍‌ଙ୍କୁ ମରିସସ୍‌ରେ ନାବିକମାନେ ରହିବା ସମୟରେ ମାରି ଖାଇବା ଯୋଗୁ ଏମାନଙ୍କ ବଂଶ ଲୋପ ପାଇବାରେ ଲାଗିଲା। ତାହାତିରେ ବି ଏହି ପକ୍ଷୀ ରହୁଥିଲେ, କିନ୍ତୁ ଏମାନଙ୍କୁ ସ୍ଥାନୀୟ ଲୋକମାନେ ଶିକାର କରି ଖାଇଦେଲେ। ଯେଉଁ ପାଶ୍ଚାତ୍ୟବାସୀ ସେଠାରେ ଘର କରି ରହିଲେ ସେମାନେ ଘୁଷୁରି ରଖିଲେ। ଘୁଷୁରି ପାରାଙ୍କ ବସା ନଷ୍ଟ କରିଦେଲେ। ତୁମେ ଦେଖିବା ଲାଗି ଲିଭରପୁଲ ଚିଡିଆଖାନାରେ ଏହି ପ୍ରଜାତିର କେବଳ ଗୋଟିଏ ପାରା ରହିଥିବାରୁ ଏହାକୁ ଲିଭର୍‌ପୁଲ ପିଜିଅନ କୁହାଯାଉଛି। ଆଫ୍ରିକା ମହାଦେଶରେ କଳା ଗଣ୍ଡା ଦେଖାଯାଉଥିଲେ। ୧୯୬୦ରେ ଜାଲ୍ ଔଷଧ ବ୍ୟବସାୟ ପାଇଁ ଏମାନଙ୍କୁ ହତ୍ୟା କରି ଶିଙ୍ଗକୁ ଚାଇନାକୁ ବିକ୍ରି କରାଗଲା। ଏମାନେ ଏବେ ଆଉ ନାହାନ୍ତି। ଦୁଃଖର ବିଷୟ, ଏମାନଙ୍କ ଶିଙ୍ଗରୁ ପ୍ରସ୍ତୁତ ଔଷଧରେ ଜଣେ ହେଲେ ବି ଉପକୃତ ହୋଇନାହାନ୍ତି।

ଧୂସର ରଙ୍ଗର ବାଦୁଡ଼ି ଟିନି ଓ୍ୱିକୁ ପିପିଷ୍ଟ୍ରେଲିସ କୁହାଯାଏ। ରାତିରେ ଶାନ୍ତ ସମୁଦ୍ରରେ ଏମାନଙ୍କ ଉଚ୍ଚସ୍ୱର ବହୁ ଦୂରକୁ ଶୁଭାଯାଏ। ଭାରତ ମହାସାଗରର କେବଳ ଖ୍ରୀଷ୍ଟମାସ ଦ୍ୱୀପରେ ଏମାନେ ଦେଖାଯାଆନ୍ତି। ଏହି ଦ୍ୱୀପରେ ଦେଖାଯାଉଥିବା ଏକ ପ୍ରକାର ପିମ୍ପୁଡିଙ୍କୁ ମାରିବା ଲାଗି ବ୍ୟବହାର କରାଯାଉଥିବା କୀଟନାଶକ ଦ୍ୱାରା ଏମାନେ ଲୋପ ପାଇଯାଇଛନ୍ତି। ମାଡାଗାସ୍କାରରେ ଦେଖାଯାଉଥିବା ତିନି ପ୍ରକାର ଜଳହସ୍ତୀଙ୍କ ମଧ୍ୟରୁ ଯେଉଁ ଗୋଟିଏ ବଞ୍ଚିଥିଲା ତାହାକୁ ୨୦୧୪ରେ ମାରିଦିଆଗଲା। ଏକଦା ୟାଙ୍ଗଟେଜ୍ ରିଭର୍ ଡଲ୍‌ଫିନ୍‌କୁ ନଦୀର ଦେବୀ ଭାବେ ପୂଜା କରାଯାଉଥିଲା। ଏହାର ଦୃଷ୍ଟିଶକ୍ତି ନ ଥିଲା ଓ ପାଣିରେ ଶବ୍ଦବାରି ଶିକାର କରୁଥିଲେ। ଏମାନଙ୍କ ସଂଖ୍ୟା ଥିଲା ଚାଇନା ଜନସଂଖ୍ୟାର ଏକ ତୃତୀୟାଂଶ। ସମୟକ୍ରମେ ପ୍ରଦୂଷଣ, ଡ୍ୟାମ ନିର୍ମାଣ ଓ ଶିକାର ଯୋଗୁ ଏହି ଡଲଫିନ୍ ଏବେ ବିଲୁପ୍ତ ହୋଇଯାଇଛି। ଜାପାନର ରିଭର୍ ଓଟର୍ ଲକ୍ଷ ଲକ୍ଷ ସଂଖ୍ୟାରେ ଥିଲେ। ପ୍ରତିଦିନ ଶହ ଶହ ସଂଖ୍ୟାରେ ଶିକାର କରି ଏମାନଙ୍କୁ ୧୯୮୦ ସୁଦ୍ଧା ଲୋପ କରିଦିଆଗଲା। ଏବେ ଏମାନଙ୍କୁ ନେଇ କବିତା ଲେଖାଯାଉଛି। ସେପ୍ଟେମ୍ବର ୧୯କୁ ରିଭର୍ ଓଟର୍ ଦିବସ ଭାବେ ପାଳନ କରାଯାଉଛି।

ବିଲୁପ୍ତ ପ୍ରଜାତିର ତାଲିକାରେ ସ୍ଥାନ ପାଇଥିବା ପ୍ରତ୍ୟେକ ପ୍ରାଣୀ ମଣିଷର ଅପାରଗତାକୁ ସୂଚାଉଛି, ଏକ ଚେତାବନୀ ବି ଦେଉଛି। ଏହା ମଧ୍ୟ ଆମ ନିଷ୍ଠୁରତା ବା କ୍ରୁରତା ଏବଂ ଲୋଭକୁ ସ୍ମରଣ କରାଇଦେଉଛି। ବୈଜ୍ଞାନିକମାନେ ୧୩ ଲକ୍ଷ ଯାଏ ବିଭିନ୍ନ ପ୍ରଜାତିର ଜୀବଙ୍କୁ ଆବିଷ୍କାର କରିଛନ୍ତି। କିନ୍ତୁ ଏବେ ଏହାର ମାତ୍ର ୨୦ ପ୍ରତିଶତ ପ୍ରଜାତିର ଜୀବ ପୃଥିବୀରେ ରହିଛନ୍ତି। ଆହୁରି ଲକ୍ଷ ଲକ୍ଷ ପ୍ରଜାତିର ଜୀବଙ୍କୁ ସନ୍ଧାନ କରିବାକୁ ବାକି ରହିଛି। କିନ୍ତୁ ଆମେ ଏମାନଙ୍କୁ ଖୁବ୍ ଶୀଘ୍ର ମାରି ଦେଉଛୁ। ପୃଥିବୀରେ ଦେଖାଯାଉଥିବା ସବୁ ପ୍ରଜାତିର ଜୀବଙ୍କ ମଧ୍ୟରୁ ୯୦ ପ୍ରତିଶତ ବିଲୋପ ହୋଇଯିବା ମନେ ହେଉଛି। ୧୯୬୪ରେ କୋଷ୍ଟାରିକାରେ ଠାବ କରାଯାଇଥିବା ଗୋଲ୍ଡେନ ଟୋଡ( ସୁନା ରଙ୍ଗର ଛୋଟ ବେଙ୍ଗ) ୧୯୮୯ ସୁଦ୍ଧା ବି ଲୋପ ପାଇଗଲା। କି ଅଦ୍ଭୁତ ଓ ଆନନ୍ଦମୟ ଥିଲା ଏ ପୃଥିବୀ। ମାତ୍ର ୩୦୦ ବର୍ଷ ମଧ୍ୟରେ ଏତେ ସବୁ ଜୀବଙ୍କୁ ବିଲୁପ୍ତ କରିଦେଇଛି। ଆମ ପିଲାମାନେ ଡାଏନୋସର ବିଷୟରେ ପଢୁଛନ୍ତି ଓ ମ୍ୟୁଜିୟମରେ ଡାଏନୋସରର କଙ୍କାଳ ଦେଖାଇବା ଲାଗି ଆମେ ସେମାନଙ୍କୁ ନେଉଛେ। କିନ୍ତୁ ଆମେ ପ୍ରତିବର୍ଷ ମାରି ଶେଷ କରିଦେଉଥିବା ପ୍ରାଣୀଙ୍କ ସମ୍ପର୍କରେ ସେମାନଙ୍କୁ କିଛି ବି କହୁନାହୁଁ। ପ୍ରାୟତଃ ଏକ ଶୂନ୍ୟ ପୃଥିବୀକୁ ସେମାନେ ଉତ୍ତରାଧିକାରୀ ଭାବେ ପାଇବାକୁ ଯାଉଛନ୍ତି।

ଗତ ଦଶନ୍ଧିରେ ୪୬୭ ପ୍ରଜାତି ବିଲୁପ୍ତ ହୋଇଯାଇଥିବା ଆଇୟୁସିଏନ୍ ଘୋଷଣା କରିଛି। ମୋ ଜୀବଦ୍ଦଶାରେ ପୃଥିବୀ ମଧ୍ୟ ପୋଲାର ବିୟର,ଲିଦରବ୍ୟାକ ଟର୍ଟଲ,ବାଘ, ଏସୀୟ ହସ୍ତୀ,ଜାଭାର ଗଣ୍ଡା, ସମୁତ୍ରାର ଓରାଙ୍ଗୁଟାନ, ପାହାଡ଼ୀ ଗରଲା ଓ ବ୍ଲୁଫିନ୍ ଟୁନା ଆଦି ଅଦ୍ଭୁତ ଜୀବଙ୍କୁ ହରାଇବାକୁ ଯାଉଛି। ମଣିଷ ଲୋପ ପାଇବା ପୂର୍ବରୁ ମହୁମାଛି ଶେଷ ଜୀବ ଭାବେ ବିଲୁପ୍ତ ହୋଇଯିବ। କାରଣ,ସେମାନଙ୍କ ଉପରେ ଆମ ଖାଦ୍ୟ ନିର୍ଭର କରେ। କିନ୍ତୁ ୨୦୦୩ରେ ନେଓନିକୋଟିନୋଏଡ୍ ନାମକ କୀଟନାଶକ ବ୍ୟବହାର କରାଯିବା ପରେ ୭୦ ପ୍ରତିଶତ ମହୁମାଛି ବିଲପ୍ତ ହୋଇଗଲେଣି।

Email: gandhim@nic.in

# ଅକୁହା ବ୍ୟଥା



ଡ. ବୈଜୟନ୍ତୀ ମିଶ୍ର

ମାସ୍କ ପିନ୍ଧି ବ୍ୟାଗଟିଏ ଧରି ଚାଲିଚାଲି ଘରୁ ବାହାରିଗଲେ ଅନନ୍ତବାବୁ। ଯାହା ହେଉ ବି ହେଉ, ଆଜି ପରିବା ହାଟକୁ ଯିବାକୁ ପଡ଼ିବ। ଘର ପାଖ ଦୋକାନରେ ଯଦିଓ ପରିବାପତ୍ର ମିଳୁଛି, ତଥାପି ହାଟରୁ ଆଣିଲେ ଶସ୍ତା ପଡ଼ିବ। ଲକ୍‌ଡାଉନ୍ ପାଇଁ ସାଇକେଲରେ ବୋଝ ଲଦି ଆସୁଥିବା ପରିବା ବିକାଳି ଆସୁନାହାନ୍ତି। ସେମାନେ ଦୁଇ ତିନି ଟଙ୍କା ଅଧିକ ନିଅନ୍ତୁ ପଛେ ଏତେ ବାଟ ହାଟକୁ ଯିବାର କଷ୍ଟରୁ ତ ମୁକ୍ତି ମିଳେ। ତା'ଛଡ଼ା ସେମାନେ ଖରାତରାରେ ବୁଲି ବିକୁଛନ୍ତି ଯେତେବେଳେ, ଅଧିକ ଦି'ଟଙ୍କା ଦେବାକୁ ବାଧେ ନାହିଁ। ହେଲେ ଘର ପାଖ ଦୋକାନୀ ନରିଆ ଆଳୁ କିଲୋ କୋଡ଼ିଏ ହେଲେ ସେ ବିକେ ପଚିଶି ଟଙ୍କାରେ। ଥରେ ଟମାଟୋ ଗୋଟେ କିଲୋ ଆଣିଥିଲେ ଯେ ତିରିଶ ଟଙ୍କା ନେଇଗଲା। ଅଥଚ ସେଦିନ ବଜାର ଦର ଅନୁସାରେ ଟମାଟୋ ଦାମ୍ ଥିଲା କୋଡ଼ିଏ ଟଙ୍କା।

ନରିଆକୁ ଇନ୍ଦିରା ଆବାସ ଘର ଖଣ୍ଡେ ମିଳିଛି। ସେହି ଘରକୁ ଲାଗି ଚାଳିଆ ଖଣ୍ଡେ କରି ଦୋକାନ ମେଲିଛି ନରିଆ। ସ୍ତ୍ରୀ ସୁମି ଦୁଇଟା ଘରେ ରୋଷେଇ କାମ କରେ। ଗୋଟିଏ ବୋଲି ପୁଅ ତାଙ୍କର ରଙ୍ଗ କାମ କରେ। ଚଳଣିରେ ଆଦୌ ଅସୁବିଧା ନାହିଁ। ନରିଆ ମା' ମଧ୍ୟ ପର ଘରେ ପାଇଟି କରେ। ନରିଆ ବାପା ଥିଲା ବେଳେ ସେ ପଦାକୁ ଗୋଡ଼ କାଢ଼ି ନ ଥିଲା। ଏଇ ଆଠ ଦଶ ବର୍ଷ ହେଲା କାମକୁ ଯାଉଛି।

ଆଗରୁ ନରିଆ ଖାଲି ପରିବା ବିକୁଥିଲା। ଆଜିକାଲି ଫଳ ରଖିଲାଣି। ଫଳ କହିଲେ, ଦୁଇଚାରି କିଲୋ ସେଓ, ତିନି ଚାରି ଡଜନ କଦଳୀ, ଦି' ଚାରିଟା ଡାଳିମ୍ବ ଗୋଟାଏ ବଡ଼ ପାଛିଆରେ ଶୁଖିଲା ମୁହଁରେ ମୁରୁକି ହସା ଦେଇ ଗରାଖଙ୍କୁ ଅନେଇଥାନ୍ତି। ଅନନ୍ତବାବୁଙ୍କୁ ଦେଖି ନରିଆ ଡାକ ଛାଡ଼ିଲା। ହୋ ଅନନ୍ତବାବୁ, ଫଳ ନଉନାହାନ୍ତି। ଭଲ ବେଦନା ଆଣିଛି। ରସ କରି ପିଇ ଦେଲେ ଦିହରେ ରକତ ହେବ। ଆପଣଙ୍କର ବି ବଅସ ହେଲାଣି, ନିତି ଗୋଟାଏ ଲେଖାଁ ସେଓ ଖାଆନ୍ତୁ ଦେହ ଭଲ ରହିବ।

ନରିଆ କଥା ଶୁଣି ବି ନ ଶୁଣିଲା ଭଳି ଚାଲି ଯାଉଥିଲେ ଅନନ୍ତବାବୁ। ଶୁଖିଲା ସେଓ, ଡାଳିମ୍ବ ତରାଜୁରେ ଧରି ପାଖକୁ ମାଡ଼ି ଆସିଲା ନରିଆ। 'ଫଳ ଘରେ ଅଛି' କହିଲେ ଅନନ୍ତବାବୁ। ତଥାପି ଡାଳିମ୍ବଟିଏ ଦେଖେଇ ନରିଆ କହିଲା, 'ନିଅନ୍ତୁ, ବଢିଆ ରସ ବାହାରିବ।' ଏଇ ଗୋଟାକ ୩୦ ଟଙ୍କା ମାତ୍ର। ୪୦ରେ ବିକିଥିଲି, ଆପଣଙ୍କ ପାଇଁ ଶସ୍ତା କରିଦେଲି। ନରିଆ କଥା ନ ଶୁଣି ଆଗକୁ ପାଦ ପକେଇଲେ ଅନନ୍ତବାବୁ। ପଛରୁ ନରିଆ ପାଟି କରୁଥିଲା, 'ପଇସାକୁ ଜଗିଲେ ହବ? ଦେହକୁ ଯାହା ହିତ ଖାଇବା କଥା ନା...। ତା' କଥାଗୁଡ଼ାକ ତତଲା ବାଲି ଛିଟିକି ମୁହଁ ନାକରେ ପଶିଗଲା ଭଳି ଲାଗୁଥିଲା ଅନନ୍ତବାବୁଙ୍କୁ। କରୋନା ବେଳେ ମାସସାରା କେମିତି ହିସାବକିତାବ କରି ଚଳିବାକୁ ହଉଛି ସେ ନିଜେ ଜାଣନ୍ତି, ନରିଆ କାହୁଁ ବୁଝିବ?

ଅନନ୍ତବାବୁ ସାଧାରଣ ସରକାରୀ ଚାକିରି ଖଣ୍ଡେ କରିଥିଲେ, କେତେ ବା ପାଉଛନ୍ତି ପେନ୍‌ସନ? ଲୋନ୍ କରି ଘର ଖଣ୍ଡେ କରିଥିଲେ ଯେ ଚାକିରିରୁ ଅବସର ନେବାର ୪ବର୍ଷ ଆଗରୁ ଶୁଝା ସରିଲା। ବଡ଼ ଝିଅର ବାହାଘର ସାରି ଦେଇଛନ୍ତି, ସାନ ଝିଅ ପାଇଁ ଏପର୍ଯ୍ୟନ୍ତ ପାତ୍ରଟିଏ ମିଳୁ ନାହିଁ। ଝିଅଟି ଗୋଟିଏ ପ୍ରାଇଭେଟ୍ ସ୍କୁଲରେ ସ୍ୱଳ୍ପ ଦରମାରେ ଚାକିରି କରିଛି। ଏହି ପେନ୍‌ସନ ଟଙ୍କାରେ ଘର ଖର୍ଚ୍ଚ, ପୁନିଅ ପର୍ବ ଭାର ବେଭାର ରୋଗିଣା ସ୍ତ୍ରୀର ଔଷଧ ଖର୍ଚ୍ଚ ସାଙ୍ଗକୁ ବୃଦ୍ଧ ବାପା ମା'ଙ୍କ ଦାୟିତ୍ୱ ସବୁ ତାଙ୍କରି ଉପରେ ହିଁ ନ୍ୟସ୍ତ। ପାଖ ପଡ଼ୋଶୀ ଖୁଣ୍ଟା ଦେଲା ଭଳି କହନ୍ତି; 'ଆପଣ ତ ସରକାରୀ ପେନ୍‌ସନ ପାଉଛନ୍ତି, ଅସୁବିଧା କ'ଣ?' କିଏ ବା ବୁଝେ ନିମ୍ନ ମଧ୍ୟବିତ୍ତର ଯନ୍ତ୍ରଣାକୁ?

ରାସ୍ତାରେ ଯାଉଯାଉ ଅନନ୍ତବାବୁଙ୍କର ଆଖି ପଡ଼ିଲା ଲମ୍ବା ଲାଇନରେ କରୋନାଜନିତ ବ୍ୟବଧାନ ରକ୍ଷା କରି ଗୁଡ଼ାଏ ଲୋକ ଠିଆ ହୋଇଛନ୍ତି। ସରକାରଙ୍କ ତରଫରୁ ଡାଲି, ଚାଉଳ, ତେଲ, ଆଳୁ ବଣ୍ଟା ହେଉଛି। ନରିଆ ମା' ସେହି ଭିଡ଼ରେ ଠିଆ ହୋଇଚି ବ୍ୟାଗଟିଏ ଧରି। ନରିଆ ମା'କୁ ଦୂରରୁ ଚାହିଁଲେ ଅନନ୍ତବାବୁ। ସେ କ'ଣ ବୁଝିଲା କେଜାଣି ହାତରେ ଧରିଥିବା ପଡ଼ିକାର୍ଡଟାକୁ ଦେଖେଇ କହିଲା, 'ଏସବୁ ଆମ ପାଇଁ... ଆପଣଙ୍କ ପାଇଁ ନୁହେଁ।'

ମୁହଁକୁ ବିକୃତ କରି ଆଗକୁ ଚାଲିଲେ ଅନନ୍ତବାବୁ। ବୁଢ଼ୀ ବୋଧେ ଭାବିଲା, ବ୍ୟାଗ୍ ଧରି ଅନନ୍ତବାବୁ ତାରି ଧାଡ଼ିରେ ଠିଆ ହେବାକୁ ଆସିଛନ୍ତି। ଏକଥା ମନକୁ ମନ କହି ହେଉଥିଲେ ଅନନ୍ତବାବୁ।

ଅବଶ୍ୟ ସେ ଭଲ କରି ଜାଣନ୍ତି ଏସବୁ ଗରିବଗୁରୁବାଙ୍କ ପାଇଁ ସରକାର ଦେଉଛନ୍ତି। ହେଲେ ନରିଆ ଘରର ରୋଜଗାର ତ ତାଙ୍କଠାରୁ ଯଥେଷ୍ଟ ଅଧିକ। କିଏ ବା ବୁଝିବ ସେ କଥା? ନା ସରକାର ନା ନରିଆ ଭଳିଆ ଲୋକମାନେ? ହଁ, ତାଙ୍କ ପାଖରେ ସିନା ଅର୍ଥର ଅଭାବ, ହେଲେ ସେ ତ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ନା! ଯିଏ ଏହି ଶୂନ୍ୟ ବ୍ୟାଗଟି ଭିତରେ ଅଭାବୀ ବୋଝକୁ ବୋହିବୋହି, କିଛି ଟଙ୍କା ବଞ୍ଚେଇ, ମାପିଚୁପି ଚଳିବା ପାଇଁ ଚାଲିଚାଲି ହାଟକୁ ଯାଉଛନ୍ତି।

ବୁଢ଼ୀଚଣ୍ଡୀ ଲେନ୍, ତୁଳସୀପୁର, କଟକ
ମୋ-୯୯୩୭୦୮୭୧୮୮

## ଏଇ ଭାରତରେ

ଭାରତରେ ପକ୍ଷୀମାନେ ଫସଲ ନଷ୍ଟ କରୁଥିବାରୁ ସେମାନଙ୍କୁ ତଡିବା ଲାଗି ବିଭିନ୍ନ ପ୍ରକାର ଉପାୟ କରାଯାଉଥିବାବେଳେ ତାମିଲନାଡୁର ଜଣେ କୃଷକ ସେମାନଙ୍କ ଲାଗି ଫସଲ କରୁଛନ୍ତି। କୋଏମ୍ବାଟୁର ଜିଲା ଥୋଣ୍ଡାମୁଥୁର ଗାଁର କୃଷକ ମୁଥୁ ମୁରୁଗାନ ପକ୍ଷୀମାନଙ୍କ ପାଇଁ ମକା ଓ ବାଜରା ଚାଷ କରୁଛନ୍ତି। ସେ ମୋଟ୍‌ରେ ୪ ଏକର ଜମିରେ ଚାଷ କରିଛନ୍ତି। ସେଥିରୁ ଅଧ ଏକରରେ ମକା ଓ ବାଜରା ଚାଷ କରି ତାହାକୁ ପକ୍ଷୀମାନେ ଖାଇବା ପାଇଁ ଛାଡି ଦେଇଛନ୍ତି। ବର୍ତ୍ତମାନ ମୁଥୁଙ୍କୁ ବୟସ ୬୨। ସେ ଜୈବିକ ପଦ୍ଧତିରେ ଚାଷ କରୁଛନ୍ତି। ପକ୍ଷୀମାନେ ଖାଦ୍ୟ ଖାଉଥିବାରୁ ଫସଲରେ କୌଣସି କୀଟନାଶକ ବ୍ୟବହାର କରୁନାହାନ୍ତି। ନବେ ଦଶକରୁ ସେ ଏଭଳି ପକ୍ଷୀମାନଙ୍କୁ ଖୁଆଇବାରେ ଲାଗିଛନ୍ତି। ପ୍ରଥମେ ସେ ତାଙ୍କ ଜମି ଚାରିକଡ଼ରେ ମକା ଓ ବାଜରା ମଞ୍ଜିବୁଣି ଗଛ କରିବା ପରେ ତାହାକୁ ପକ୍ଷୀମାନଙ୍କ ପାଇଁ ରଖୁଥିଲେ। କିନ୍ତୁ ଚଳିତ ବର୍ଷ ସ୍ୱତନ୍ତ୍ର ଭାବେ ଅଧ ଏକରରେ ବାଜରା ଓ ମକା ଚାଷ ଆରମ୍ଭ କରିଛନ୍ତି। ତାଙ୍କ ଗାଁକୁ ପ୍ରତିବର୍ଷ ବାହାରୁ ବହୁ ପକ୍ଷୀ ଆସିଥାନ୍ତି। କିନ୍ତୁ ଚାଷୀମାନେ ଲାଭଜନକ ଫସଲ କରିବା ଯୋଗୁ ସେମାନେ ଖାଦ୍ୟ ପାଇପାରନ୍ତିନି। ଏଣୁ ମୁରୁଗାନ ସେମାନଙ୍କ ପାଇଁ ଏଭଳି ଉପାୟ କରିଛନ୍ତି। ସେ ପକ୍ଷୀମାନଙ୍କ ପାଇଁ ଫସଲରେ ୩,୦୦୦ ଟଙ୍କା ଖର୍ଚ୍ଚ କରୁଛନ୍ତି। ସେ ତାଙ୍କ ଫାର୍ମ ଚାରି ପାଖରେ କଣ୍ଟାଗଛ,ଜଡାଗଛ ଏବଂ କିଛି ଜଙ୍ଗଲି ଗଛ ଲଗାଇ ବାଡ କରିଛନ୍ତି। ବହୁ ପକ୍ଷୀ ସେହି ଗଛରେ ରହୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଅଗଷ୍ଟ ୧୯୯୫

- ସାରାୟୋଭୋରେ ଶାନ୍ତି ଫେରାଇ ଆଣିବା ପାଇଁ ବୋସନିଆର ରାଷ୍ଟ୍ରପତି ଅଲିଜା ଇଜେତବେଗୋଭିକ ୧୨ ସୂତ୍ରୀ ଶାନ୍ତି ଯୋଜନା ଘୋଷଣା କରିଛନ୍ତି।
- ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ ସଙ୍ଗଠନ ଜାତିସଂଘ ଅନ୍ତର୍ଜାତୀୟ ଡ୍ରଗ୍ସ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସହିତ ଏକ ଦ୍ୱିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି।
- ଓଡ଼ିଆ ସାହିତ୍ୟର ବିଶିଷ୍ଟ ସମାଲୋଚକ ଓ ପ୍ରାବନ୍ଧିକ ଡ. ନଟବର ସାମନ୍ତରାୟ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ସମ୍ମାନଜନକ ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।
- ରାୟଗଡ଼ା ଜିଲାର ବିଭିନ୍ନ ଆଦିବାସୀ ବ୍ଲକ୍‌ରେ ମସ୍ତିଷ୍କ ଜ୍ୱର ଓ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ୧୫ ମୃତ।

# ପ୍ରତିଭାମୟୀଙ୍କ ସନ୍ଧାନେ



ଡ. ବାସନ୍ତୀ ମହାନ୍ତି

ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଛାତ୍ରମାନଙ୍କ ଅପେକ୍ଷା ଛାତ୍ରୀମାନେ ବୋର୍ଡ ପରୀକ୍ଷାରେ ବେଶି କୃତିତ୍ୱ ଅର୍ଜନ କରିଛନ୍ତି। ସ୍କୁଲ କଲେଜରେ ଅନୁପାତ ଦୃଷ୍ଟିରୁ ଛାତ୍ରୀ ଓ ଛାତ୍ରଙ୍କ ସଂଖ୍ୟା ପ୍ରାୟତଃ ସମାନ ରହିଛି। କିନ୍ତୁ ପାଠପଢ଼ାକୁ ଝିଅମାନେ ଯେତିକି ଗୁରୁତ୍ୱ ସହକାରେ ଗ୍ରହଣ କରନ୍ତି କମ୍ ପୁଅ ସେଇଭଳି ନିଅନ୍ତି। ଏହା ଲେଖିକାର ନିଜସ୍ୱ ଅନୁଭୂତି। ଯେ କୌଣସି ପ୍ରତିଯୋଗିତା ହେଉ କି ଶ୍ରେଣୀ ପରୀକ୍ଷା ହେଉ ଛାତ୍ରୀମାନେ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ଆସିଥା'ନ୍ତି। ବୋର୍ଡ ଓ ୟୁନିଭର୍ସିଟି ପରୀକ୍ଷାରେ ତ ଗତ କିଛି ବର୍ଷ ହେଲା ଛାତ୍ରୀମାନେ ବେଶି ସଂଖ୍ୟାରେ ଅଧିକ ନମ୍ବର ରଖି ପାସ୍ କରୁଛନ୍ତି। ଝିଅମାନେ ସାମର୍ଥ୍ୟରେ ପୁଅମାନଙ୍କ ଅପେକ୍ଷା କୌଣସି ଗୁଣରେ କମ୍ ନୁହନ୍ତି ବୋଲି ସାବ୍ୟସ୍ତ କରିବାପାଇଁ ସର୍ବନିମ୍ନ ସୁଯୋଗକୁ ସୁଦ୍ଧା ହାତଛଡା କରିବାକୁ ଚାହାନ୍ତି ନାହିଁ। ବେଶି ସଂଖ୍ୟକ ଗୋଲ୍ଡ ମେଡାଲ୍ ପଡିଥାଏ ଝିଅଙ୍କ ଭାଗରେ। କିନ୍ତୁ ଦୁଃଖର ସହ କହିବାକୁ ପଡୁଛି, ପରବର୍ତ୍ତୀ ପର୍ଯ୍ୟାୟରେ ଏମାନଙ୍କୁ ଖୋଜିଲେ ଆଉ ମିଳନ୍ତି ନାହିଁ। କୋଉଠି କାହାଘରେ ଗୃହବଧୂ ହୋଇ ରହିଯାଆନ୍ତି। ସେମାନଙ୍କ ଗୋଲ୍ଡ ମେଡାଲ ସାର୍ଟିଫିକେଟ୍ ସବୁ ସେମିତି ବନ୍ଦ ବାକ୍ସରେ ପଡିରହେ। ସରକାରୀ କିମ୍ବା ବେସରକାରୀ କ୍ଷେତ୍ରରେ ଯେଉଁ କେତେଜଣ ମହିଳା କାମ କରନ୍ତି ସେମାନଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ। ଆମ ଦେଶରେ ୬୯ପ୍ରତିଶତ ପୁରୁଷ ଚାକିରି କରୁଥିବାବେଳେ ମାତ୍ର ୩୧ପ୍ରତିଶତ ମହିଳା ବିଭିନ୍ନ ସେକ୍ଟରରେ କାମ କରିଥାନ୍ତି। ତେବେ କୁଆଡ଼େ ଯାଆନ୍ତି ଏଇ ପ୍ରତିଭାମୟୀମାନେ?

ମାଟ୍ରିକ୍ ପରୀକ୍ଷା ଫଳ ବାହାରିବା ପରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଗୋଟିଏ ଭିଡିଓ ସମସ୍ତଙ୍କ ଦୃଷ୍ଟିରେ ପଡିଥିବ। ୯୨ପ୍ରତିଶତ ନମ୍ବର ରଖିଥିବା ଝିଅଟି ଦୁଃଖ ପ୍ରକାଶ କରି କହୁଛି ମୁଁ ଆହୁରି ବେଶି ନମ୍ବର ରଖିଥାନ୍ତି ଟିକେ କମିଗଲା। ଅଥଚ ସାଧାରଣ ଭାବେ ପାସ୍ କରିଥିବା ପୁଅପିଲାଟିଏ କହୁଛି, ମୁଁ ପାସ କରିଛି ସେଥିପାଇଁ ମୁଁ ବହୁତ ଖୁସି। ଭିଡିଓଟିର ଅନ୍ୟାନ୍ୟ ଯେଉଁ ଦିଗ ଥାଉନା କାହିଁକି ଗୋଟାଏ ଦିଗ ସ୍ୱଷ୍ଟ ହେଉଛି ଯେ, ଝିଅମାନେ ଅତ୍ୟନ୍ତ ଉଚ୍ଚାଭିଳାଷୀ। ଅଳ୍ପରେ ସନ୍ତୁଷ୍ଟ ହୁଅନ୍ତି ନାହିଁ। ସେଥିପାଇଁ ଖୁବ୍ ପରିଶ୍ରମ କରନ୍ତି। ତେବେ ଏହି ଉଚ୍ଚ ଅଭିଳାଷିଣୀ ଓ ପ୍ରତିଭାମୟୀମାନେ କୁଆଡ଼େ ହଜି ଯାଆନ୍ତି? ବିଶିଷ୍ଟ ନୋବେଲ ବିଜେତା ଅମର୍ତ୍ତ୍ୟ ସେନ୍ ମଧ୍ୟ ଯୁବତୀମାନେ ହଜିଯିବା ପ୍ରଶ୍ନ ଉଠାଇଥିଲେ। ସେ ଚାଲାଣ ହୋଇଯାଉଥିବା ଯୁବତୀମାନଙ୍କ ପ୍ରସଙ୍ଗରେ ଏ କଥା କହୁଥିଲେ। କିନ୍ତୁ ଏଇ ପ୍ରତିଭାମୟୀ ଝିଅମାନେ ମଧ୍ୟ ମୁଖ୍ୟ ସ୍ରୋତକୁ ନ ଆସି ହାଣ୍ଡିଶାଳି ସଂସାର ଭିତରେ କୋଉଠି ହଜିଯାଆନ୍ତି ଜଣାପଡେ ନାହିଁ। ବିଶ୍ୱବିଦ୍ୟାଳୟରେ ବିଦୂଷୀ ବୋଲି ବହୁ ଚର୍ଚ୍ଚିତା ହୋଇଥିବା ଝିଅଟିଏ ବୋହୂ ହେଲା ବେଳକୁ ନିଃସ୍ୱ ହୋଇଯାଏ। ଆମେ ସେମାନଙ୍କ ଦକ୍ଷତାକୁ ସମାଜର ବୃହତ୍ କଲ୍ୟାଣ ଉଦ୍ଦେଶ୍ୟରେ ଉପଯୋଗ ନ କରି ରତ୍ନପରି ସିନ୍ଦୁକରେ ସାଇତିବାର ମାନସିକତାର ଊର୍ଦ୍ଧ୍ୱକୁ ଉଠି ପାରିଲୁ ନାହିଁ।

ଛାତ୍ରୀ ଜୀବନରେ ଯେଉଁମାନେ ଉତ୍ସାହ ଉଦ୍ଦୀପନାରେ ପାଠ ପଢୁଥିଲେ, ପୁଅମାନଙ୍କ ସହ ସମକକ୍ଷ ହେବାପାଇଁ ହେଉ ଅଥବା ନିଜର ସୁରକ୍ଷିତ ଭବିଷ୍ୟତ ଚିନ୍ତାରେ ହେଉ, ସେ ଉତ୍ସାହ ଉଦ୍ଦୀପନା ଏତେ ଶୀଘ୍ର କେମିତି ଭାଙ୍ଗିତୁଟିଯାଏ? ଏମିତି ନୁହେଁ ଯେ ସମସ୍ତଙ୍କର ସ୍ୱପ୍ନ ସାକାର ହୁଏନାହିଁ। ସମାଜର ମୁଖ୍ୟ ସ୍ରୋତରେ କେହି ସାମିଲ୍ ହେଉ ନାହାନ୍ତି। ସେମାନେ ଆସୁଛନ୍ତି, ସରକାରୀ ବେସରକାରୀ ଓ ବହୁ ରାଷ୍ଟ୍ରୀୟ କମ୍ପାନୀରେ ବେଶ୍ ପ୍ରୋତ୍ସାହନ ମଧ୍ୟ ଦିଆଯାଉଛି। ରାଜନୀତିଠାରୁ ରଣକ୍ଷେତ୍ର ପର୍ଯ୍ୟନ୍ତ ସବୁଠାରେ ସେମାନଙ୍କ ପାଇଁ ସ୍ଥାନ ସୁରକ୍ଷିତ। ଡାକ୍ତରୀ, ଇଂଜିନିଅରିଂ, ବିଜ୍ଞାନ, ସାହିତ୍ୟ, ସଂସ୍କୃତି, ଶିଳ୍ପ, ବାଣିଜ୍ୟ ଆଦି କୌଣସି କ୍ଷେତ୍ର ସେମାନଙ୍କ ପାଇଁ ଅଗମ୍ୟ ନୁହେଁ। ସବୁଠି ସେମାନେ ନିଜ ନିଜ ଦକ୍ଷତାରେ ପାରଦର୍ଶିତା ପ୍ରଦର୍ଶନ କରିପାରୁଛନ୍ତି। କିନ୍ତୁ ଯେଉଁ ଅନୁପାତରେ ସେମାନେ ସ୍କୁଲ କଲେଜରେ ପ୍ରତିଭା ପ୍ରଦର୍ଶନ କରିଥାଆନ୍ତି, ତା ତୁଳନାରେ ଏସବୁ କିଛି ନୁହେଁ। ଏମାନଙ୍କ ସଂଖ୍ୟା ହାତ ଗଣତି। ଏତେ ଦକ୍ଷତା, ଏତେ ଉଚ୍ଚାଭିଳାଷର ଅଣ୍ଟୁବୋମା ଧରି କେମିତି ରହନ୍ତି ଏମାନେ ଏରୁଣ୍ଡି ଭିତରେ? ପ୍ରତିଭାକୁ ଅବଦମିତ କରି ରଖିବାର ପାର୍ଶ୍ୱପ୍ରତିକ୍ରିୟାରେ ଅତିଷ୍ଠ ହୁଅନ୍ତି ନାହିଁ କି ପରିବାରର ଅନ୍ୟାନ୍ୟ ସଦସ୍ୟଗଣ? ଅଭିଭାବକମାନଙ୍କର କେତେ ଦାୟିତ୍ୱ ରହିଛି ଝିଅ ଓ ବୋହୂଙ୍କୁ ଦକ୍ଷତା ଅନୁସାରେ ସେମାନଙ୍କୁ ବଞ୍ଚିବା ପାଇଁ ସୁଯୋଗ ସୃଷ୍ଟି କରିବାରେ? ଆମେ କେବେ ଏ ସମ୍ପର୍କରେ ଗଭୀର ଭାବରେ ଆତ୍ମ ସମୀକ୍ଷା କରିନାହୁଁ।

ଆମର ପୁଅ ଓ ଝିଅ ଦୁଇଟି ସନ୍ତାନ ଥିଲେ ଆମେ ସଞ୍ଚୟ କରୁ ଝିଅକୁ, ଯାହା ତାହା ପାଠପଢ଼େଇ ଭଲ ବର ଓ ଘରଟିଏ ଦେଖି ବିବାହ ଦେବାପାଇଁ ଓ ପୁଅଟିକୁ ଭଲ ପାଠ ପଢ଼େଇ ଏକ ନିର୍ଭରଯୋଗ୍ୟ ଜୀବିକା ତା' ହାତରେ ଧରେଇ ଦେବାପାଇଁ। ଭଲ ବରଟିଏ ମିଳିଲେ ପାଠପଢ଼ା ବନ୍ଦ କରି ଝିଅଟିକୁ ବାହା କରି ଦେଉ। ଅଥବା ଝିଅ ଯଦି ଚାକିରି କରୁଥାଏ, ବର ଘରର ଦାବି ମୁତାବକ ଚାକିରି ଛଡେଇ ବାହା ଦେବାର ଉଲ୍ଲାସ ଅନୁଭବ କରୁ। ଝିଅଟାର ଯେ କିଛି ସ୍ୱପ୍ନ ସମ୍ଭାବନା ଅଛି ସେ କଥା ଚିନ୍ତା କରିବା ଆବଶ୍ୟକ ମଣୁ ନାହୁଁ। ଝିଅଠାରୁ କମ୍ ମେଧା ଥିବା ପୁଅ ପଛରେ ପାଣିପରି ପଇସା ଛାଡ଼ି ଯୋଗ୍ୟ କରିବାକୁ ଚେଷ୍ଟାକରୁ। କୋଉଠି ଏ ଚେଷ୍ଟା ସଫଳ ହୁଏ ତ ଆଉ କୋଉଠି ବାପାମାଆ ହତାଶରେ ଭାଙ୍ଗି ପଡନ୍ତି ପୁଅର ବିଫଳତାରେ। ତଥାପି ଏ ଚେଷ୍ଟାରୁ ଅଭିଭାବକମାନେ ବିରତ ହୁଅନ୍ତି ନାହିଁ।

ଆଜିର ବେକାର ସମସ୍ୟା ବୃଦ୍ଧି ପାଇଁ ଅନେକେ ନାରୀମାନଙ୍କୁ ଦାୟୀ କରନ୍ତି। ସେମାନେ କର୍ମଜୀବୀ ହେବା ଦ୍ୱାରା ପୁରୁଷମାନଙ୍କ ବେକାରି ବଢୁଛି ବୋଲି ଯୁକ୍ତି କରନ୍ତି। ଅଜବ ଯୁକ୍ତି। ନାରୀଟିଏ ଉଚ୍ଚଶିକ୍ଷା ଲାଭ କରି ଗୃହକର୍ମରେ ଲିପ୍ତ ରହିଲେ ବେକାରି ସମସ୍ୟା ବୃଦ୍ଧି ହୁଏନାହିଁ, କିନ୍ତୁ ପୁରୁଷଟିଏ ସେହି କର୍ମ କଲେ ତାହା ସାମାଜିକ ସମସ୍ୟା ହୋଇପଡେ।

ସ୍ୱାମୀ ସ୍ତ୍ରୀ ଦୁହେଁ ସମାନ ସ୍ଥାନରେ ନିଜ ଦକ୍ଷତା ପ୍ରଦର୍ଶନ କରୁଥିବାବେଳେ କୌଣସି ପାରିବାରିକ ସମସ୍ୟା ଉପୁଜିଲେ ବିଚରା ମହିଳାଟିକୁ ଚାକିରି ଛାଡିବାକୁ ପଡେ। ଆମ ଅସୁରକ୍ଷିତ ସାମାଜିକ ପରିବେଶ ହେତୁ କେତେକ ମହିଳା ହାତରେ ଉଚ୍ଚ ଡିଗ୍ରୀ ଥାଇ ସୁଦ୍ଧା ଦୂର ଜାଗାକୁ ଗମନାଗମନର ସୁବିଧା ନ ଥିଲେ ସେମାନଙ୍କୁ ପଠାଇବାକୁ ପରିବାର ଲୋକେ କୁଣ୍ଠାବୋଧ କରନ୍ତି। ଚାକିରି ନ କରି ସେମାନେ ଘରେ ରହିଥା'ନ୍ତି।

ଏମିତି ଅନେକ ସାମାଜିକ ଓ ପାରିବାରିକ ସମସ୍ୟା ରହିଛି। ତେବେ ଯେଉଁ ପ୍ରତିଭା ରାଷ୍ଟ୍ର ନିର୍ମାଣରେ ଲାଗିବା ଉଚିତ, ଯେଉଁ ଦକ୍ଷତାର ଉପଯୋଗ ଦ୍ୱାରା ସମାଜ ସମୃଦ୍ଧ ହେବ, ତାକୁ ଅବରୋଧ କରା ନ ଯାଉ। ଏକଥା ନୁହେଁ ଯେ ଜଣେ ଉଚ୍ଚଶିକ୍ଷିତା ପରିବାରରେ ସମୟ ଦେଲେ ତା' ପ୍ରତିଭାର ଅବମାନନା ହୁଏ। ପରିବାର ତ ସମାଜର ମୂଳପିଣ୍ଡ। ସମାଜକୁ ଗୋଟିଏ ଉତ୍ତମ ନାଗରିକ ପ୍ରଦାନଠାରୁ ଆଉ ବଡ଼ କାର୍ଯ୍ୟ କ'ଣ ଥାଇପାରେ? ଯାହା ଜଣେ ଉଚ୍ଚଶିକ୍ଷିତା ମହିଳାଙ୍କ ଦ୍ୱାରା ସମ୍ଭବ। ତେବେ ସେମାନଙ୍କ ବ୍ୟକ୍ତିତ୍ୱର ଯଥାର୍ଥ ପ୍ରଦର୍ଶନ ଓ ବିକାଶ ପାଇଁ ବିସ୍ତୃତ ପରିବେଶ ପ୍ରଦାନ କରିବା ଆମ ସମସ୍ତଙ୍କର ଦାୟିତ୍ୱ।

ପ୍ରତିଭାମୟୀଙ୍କ ପ୍ରତିଭା ପରିବାର ସହ ସମାଜ କଲ୍ୟାଣ ପାଇଁ ବିନିଯୋଗ ହେଉ। ସେମାନେ ମୁଖ୍ୟ ସ୍ରୋତରେ ହଜିଯାଆନ୍ତୁ ସିନା କିନ୍ତୁ ଲୋକଲୋଚନ ଅଗୋଚରରେ ସେମାନଙ୍କ ପ୍ରତିଭାର ଅପମୃତ୍ୟୁ ନ ହେଉ। ମହିଳାମାନଙ୍କ ପ୍ରତି ଆମ ଦୃଷ୍ଟିକୋଣ ଆହୁରି ପ୍ରସାରିତ ହେଲେ ହଜିଯାଉଥିବା ପ୍ରତିଭାମାନେ ସେମାନଙ୍କ ଯୋଗ୍ୟତମ ଅବଦାନ ସମାଜକୁ ଦେଇପାରିବେ। ସମାଜର ରୂପରେଖ ସନ୍ତୁଳିତ ହେବ।

ଲକ୍ଷ୍ମୀସାଗର, ଭୁବନେଶ୍ୱର,
ମୋ-୯୪୩୭୦୩୩୦୭୪

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | | | | B | | 2 | | 9 | | | | 3 | | E |
| 9 | | 8 | | 7 | | | | | | | | | | 4 |
| | B | 3 | A | | 2 | | D | | | 0 | | | 5 | C |
| | | | | E | | 1 | 4 | 5 | | | B | | 9 | |
| | 5 | | | | | | | | C | | | | | |
| | | | E | 3 | 7 | | | | | 6 | | A | 0 | |
| 7 | A | | B | | 8 | | | 6 | | | 2 | D | | 5 |
| 2 | | 9 | | | | 4 | 8 | | | D | | | | |
| B | | D | | | 1 | | | | 7 | | E | | | |
| | | 4 | D | | | | C | 0 | | A | | 1 | | |
| | | | | | | | 0 | E | | 5 | A | 9 | | |
| | | | 5 | 0 | | | A | | | E | 6 | | B | |
| | | | | | | 7 | | B | 2 | | | | | 6 |
| | | 1 | 6 | | | | | | | | | | | A |
| | | | | | 3 | | | | 0 | C | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | E | 8 | 2 | 7 | 3 | B | 6 | 5 | 1 | C | D | A | 0 | 9 |
| A | 2 | B | 0 | D | 8 | C | 1 | 9 | 6 | 4 | 7 | E | 3 | 5 |
| 3 | 1 | 0 | A | C | B | 4 | 7 | 2 | 5 | 9 | E | 6 | D | 8 |
| 9 | 6 | C | 4 | E | 5 | 3 | D | A | B | 0 | 8 | 7 | 1 | 2 |
| 5 | D | 7 | 6 | 1 | 9 | E | 8 | 0 | 2 | A | 3 | 4 | B | C |
| 0 | C | 4 | 7 | 6 | A | 2 | 3 | B | D | E | 5 | 8 | 9 | 1 |
| 1 | B | E | 3 | 9 | C | 7 | A | 6 | 0 | 8 | 2 | 5 | 4 | D |
| 8 | 9 | 2 | 5 | 0 | E | D | C | 1 | 3 | 6 | 4 | B | A | 7 |
| 6 | 5 | D | 1 | 8 | 4 | 0 | 9 | E | A | 7 | B | 2 | C | 3 |
| 7 | 3 | A | B | 2 | D | 5 | 4 | 8 | C | 1 | 9 | 0 | 6 | E |
| 2 | A | 6 | 9 | 3 | 7 | 8 | 5 | D | 4 | B | C | 1 | E | 0 |
| C | 4 | 5 | 8 | A | 6 | 9 | 0 | 3 | E | 2 | 1 | D | 7 | B |
| E | 8 | 1 | C | B | 0 | A | 2 | 7 | 9 | D | 6 | 3 | 5 | 4 |
| D | 0 | 3 | E | 4 | 2 | 1 | B | C | 7 | 5 | A | 9 | 8 | 6 |
| B | 7 | 9 | D | 5 | 1 | 6 | E | 4 | 8 | 3 | 0 | C | 2 | A |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବଳରାମ ବନ୍ଧକମୁକ୍ତ ଋଣ

ମହାଶୟ,

'କାଳିଆ' ଯୋଜନାରେ ଜମିଥିବା ଚାଷୀ ଉପକୃତ ହୋଇଥିବା ବେଳେ ଏଥିରେ ଭୂମିହୀନଙ୍କୁ 'ମିଳିତ ଦାୟିତ୍ୱ ଗୋଷ୍ଠୀ' ଜରିଆରେ ଦୁଇବର୍ଷ ମଧ୍ୟରେ ୧.୪୦ ଲକ୍ଷ ଟଙ୍କା ଋଣ ପ୍ରଦାନ କରିବା ଏକ ଅଭିନବ ପ୍ରୟାସ, ଯହିଁରେ ପ୍ରାୟ ସାତ ଲକ୍ଷ ଭୂମିହୀନ କୃଷକଙ୍କୁ ଉପକୃତ କରିବାର ଲକ୍ଷ୍ୟ ରଖାଯାଇଛି। ଅତୀତରେ ସରକାର ଭାଗଚାଷୀମାନଙ୍କୁ ଜମିରେ କିଛି ହକ୍ ଦେବା ପାଇଁ ଯୋଜନା କରି ବିଧେୟକ ଆଣିବାର ପ୍ରୟାସ ରଖିଥିଲେ ହେଁ ଆଇନଗତ ଜଟିଳତା ମଧ୍ୟରେ ଛନ୍ଦି ହେବାରୁ ଏଥିରେ ଅଗ୍ରସର ହୋଇ ନ ଥିଲା। ଜମିର ମାଲିକାନାରେ ଆଉ କୌଣସି ବ୍ୟକ୍ତିର ଭାଗୀଦାରି ଆଇନତଃ ସମ୍ଭବ ନୁହେଁ ବୋଲି ମତ ପ୍ରକାଶ ପାଇଥିଲା। ବନ୍ଦୋବସ୍ତରେ ଯେଉଁମାନଙ୍କ ନାମରେ ସ୍ଥିତିବାନ ସ୍ୱତ୍ୱରେ ଜମି ରେକର୍ଡ ହୋଇ ପଟ୍ଟା ପ୍ରଦାନ କରାଯାଇଥିବ ସେଥିରେ ଅନ୍ୟ କୌଣସି ବାହ୍ୟ ବ୍ୟକ୍ତିର ଅନୁପ୍ରବେଶ ସ୍ପୃହଣୀୟ ନୁହେଁ ବୋଲି ଚର୍ଚ୍ଚା ହୋଇଥିଲା। ତେବେ ବଳରାମ ଯୋଜନାରେ ଜେଏଲ୍‌ଜି ନାମକ ପାଞ୍ଚଜଣିଆ ଗୋଷ୍ଠୀକୁ 'ସାମାଜିକ ବନ୍ଧକ' ରଖି ଋଣ ଦେଇ ଅନାଦାୟରେ ପ୍ରତ୍ୟେକ ସଦସ୍ୟଙ୍କୁ ଉତ୍ତରଦାୟୀ କରିବାର ପରିକଳ୍ପନା କ୍ଷେତ୍ରରେ କେତେଦୂର ସଫଳତା ଲାଭ କରିବ ତାହା କହିହେବ ନାହିଁ। ଚାଷଜମି ବ୍ୟାଙ୍କରେ ବନ୍ଧାଦେଇ ଆବଶ୍ୟକ ବେଳେ କୃଷକମାନେ ଆର୍ଥିକ ସହାୟତା ପାଇପାରୁଛନ୍ତି। ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ 'ବଳରାମ' ବନ୍ଧକମୁକ୍ତ ଋଣ ପାଇଁ କେତେଦୂର ଆଗ୍ରହ ସହକାରେ ଭାଗୀଦାର ହେବେ ତାହା ସମୟ ହିଁ କହିବ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଚିରନ୍ତନୀ

ପବନ ସିରି ସିରି
ବରଷା ଝିରି ଝିରି
ପଡ଼ଇ ପଥଘାଟେ ବରଷି।
କି କଥା ତୁନି ତୁନି
କହିବି ହୁଏଁ ଗୁଣି
ସଖିରେ ନ ପାରଇଁ ଭରସି! (ବର୍ଷାରତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଶ୍ରୀମୟୀଙ୍କୁ କରୋନା**

ଭୁବନେଶ୍ୱର(ବ୍ୟୁରୋ): ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ଶ୍ୱେତ ସ୍ନିଗ୍ଧା ମିଶ୍ର ବୁଧବାର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଶ୍ରୀମୟୀ ଟୁଇଟ କରି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଏ ବର୍ଷ ବଣ୍ଟନ ଲାଗି ୧୫ କୋଟି ଚାରା ଉତ୍ପାଦିତ

ଭୁବନେଶ୍ୱର,୧୯।୮(ବ୍ୟୁରୋ): ୨୦୨୦ରେ 'ସବୁଜ ଓଡ଼ିଶା ମିଶନ' ଯୋଜନାରେ ବାଣ୍ଟିବା ପାଇଁ ୧୫ କୋଟି ଚାରା ରାଜ୍ୟ ଜଙ୍ଗଲ ବିଭାଗ ଦ୍ୱାରା ଉତ୍ପାଦିତ ହୋଇଛି। ଗତ ବର୍ଷ ୫ କୋଟି ୫୦ ଲକ୍ଷ ଚାରା ବଣ୍ଟନ ପାଇଁ ଉତ୍ପାଦନ ହୋଇଥିଲା। କୋଭିଡ୍ ମହାମାରୀ ପରିସ୍ଥିତି ସତ୍ତ୍ୱେ ଏହି ବିପୁଳ ସଂଖ୍ୟକ ଚାରା ଉତ୍ପାଦନ କରାଯିବା ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପାଇଁ ଏକ ସର୍ବକାଳୀନ ରେକର୍ଡ। ୫ କୋଟି ଚାରା ବଣ୍ଟନ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଚଳିତ ବର୍ଷାଋତୁରେ ଏ ପର୍ଯ୍ୟନ୍ତ ୨ କୋଟି ଚାରା ବଣ୍ଟନ କରାଯାଇ ସାରିଛି। ୨୦୧୯ରେ ୬୮ ହଜାର ୩୫୮ ହେକ୍ଟର ପରିମିତ ଜମିରେ ଚାରା ରୋପଣ କରାଯାଇଥିଲା। ୨୦୨୦ରେ ଏହାର ପ୍ରାୟ ଦୁଇଗୁଣ ୧ ଲକ୍ଷ ୩୦ ହଜାର ହେକ୍ଟର ପରିମିତ ଜମିରେ ଚାରା ରୋପଣ କରାଯିବା ଲକ୍ଷ୍ୟ ରଖାଯାଇଛି। ଜଙ୍ଗଲ ବିଭାଗ କ୍ଷେତ୍ର କର୍ମଚାରୀମାନଙ୍କ ନିଷ୍ଠା ଓ ଉଦ୍ୟମ ଯୋଗୁ ବନାଗ୍ନି ପ୍ରତିହତ କରାଯିବା ଓ ଏହାର ସୁପରିଚାଳନା ଅନେକାଂଶରେ ସଫଳ ହୋଇପାରିଛି। ସେମାନଙ୍କ ସମୟୋଚିତ ପଦକ୍ଷେପ ହେତୁ ୨୦୧୯ରେ ହୋଇଥିବା ୧୯ ହଜାର ୭୮୭ ବନାଗ୍ନି ଅଘଟଣକୁ ୨୦୨୦ରେ ୧୧ ହଜାର ୮୮କୁ କମାଯାଇପାରିଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପ୍ରକାଶ କରିଛନ୍ତି।

# ପଡ଼ୋଶୀ ଜିଲା ଅଧୀନରେ ଯାଜପୁରର ୧୨ ରାସ୍ତା

**ରାଜ୍ୟ ପୂର୍ତ୍ତ ବିଭାଗର ଅଜବ ନୀତି**

- ମନମୁଖି ନିର୍ମାଣ, ବିପର୍ଯ୍ୟସ୍ତ ରାସ୍ତା
- ଘଟଗାଁ, ଚାରଭାଟିଆ ଡିଭିଜନ ଉପରେ ରହୁନି ଜିଲା ପ୍ରଶାସନର କର୍ତ୍ତୃତ୍ୱ

ଯାଜପୁର ଅଫିସ୍, ୧୯।୮

ଯାଜପୁର ଜିଲା ଗଠନକୁ ଇତିମଧ୍ୟରେ ୨୭ ବର୍ଷ ଅତିକ୍ରାନ୍ତ ହୋଇସାରିଛି। ରାଜନୈତିକ ମାନଚିତ୍ରରେ ଏହା ଏକ ସ୍ୱତନ୍ତ୍ର ମାନ୍ୟତା ପାଇଛି। କିନ୍ତୁ ଆଜି ବି ଜିଲାର ୧୨ଟି ପ୍ରମୁଖ (ଶତାଧିକ କି.ମି. ବିଶିଷ୍ଟ) ରାସ୍ତା ପଡ଼ୋଶୀ କେନ୍ଦୁଝର ଓ କଟକ ଜିଲାର ପୂର୍ତ୍ତ (ଆର୍ ଆଣ୍ଡ ବି) ବିଭାଗ ଅଧୀନରେ ରହିଛି। ଏହିସବୁ ରାସ୍ତା ଉପରେ ଜିଲା ପ୍ରଶାସନର ସେତେଟା କର୍ତ୍ତୃତ୍ୱ ରହୁ ନ ଥିବାରୁ ମନମୁଖି ନିର୍ମାଣ କାର୍ଯ୍ୟ କରାଯାଉଥିବା ବେଳେ ଅଧିକାଂଶ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି।

ଯାଜପୁର ଜିଲା ଡୁବୁରୀଠାରୁ ବ୍ରାହ୍ମଣୀପାଳ ଯାଏ ଥିବା ୨୦ କିଲୋମିଟର ରାସ୍ତା ପୂର୍ବରୁ କେନ୍ଦୁଝର ପୂର୍ତ୍ତ ଡିଭିଜନ ଅଧୀନରେ ରହିଥିଲା। ରାସ୍ତା ନିର୍ମାଣ ସରିବା ପରେ ଯାଜପୁର ଜିଲାର ପାଣିକୋଇଲି ଆର୍ ଆଣ୍ଡ ବି ଡିଭିଜନକୁ ଏହାକୁ ହସ୍ତାନ୍ତର କରିବାକୁ ଦାବି ହୋଇଥିଲା। କିନ୍ତୁ ତାହା କାର୍ଯ୍ୟକାରୀ କରା ନ ଯାଇ କେନ୍ଦୁଝର ଜିଲାର ଘଟଗାଁ ଡିଭିଜନକୁ ହସ୍ତାନ୍ତର କରାଯାଇଛି। ଘଟଗାଁ ଡିଭିଜନ ପକ୍ଷରୁ ଉକ୍ତ ରାସ୍ତାର ରକ୍ଷଣାବେକ୍ଷଣ ଉପରେ ଆଦୌ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଏହା ବିପର୍ଯ୍ୟସ୍ତ ହୋଇପଡିଛି। ରାସ୍ତାର ଡାଇଭର୍ଶନଗୁଡିକ ମରାମତି ଅଭାବରୁ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାତାୟାତ ପାଇଁ ବିପଦାପନ୍ନ ହୋଇଛି। ଏହି କାରଣରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ନଜିର ରହିଛି। ରାସ୍ତାର ଫୁଲିଝରଠାରେ ଥିବା ଏକ ବିପଦପୂର୍ଣ୍ଣ ଡାଇଭର୍ଶନ ସମ୍ପ୍ରତି ଧନଜୀବନ ହାନିର କାରଣ ହୋଇଛି। ଏହି ରାସ୍ତାକୁ ପାଣିକୋଇଲି ଡିଭିଜନକୁ ହସ୍ତାନ୍ତର କରିବାକୁ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ବିଭାଗୀୟ ସଚିବଙ୍କୁ ଅବଗତ କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ନ ଥିବା ଜଣାପଡିଛି।

ସେହିପରି କଟକ ଜିଲା ଚାରଭାଟିଆ ଆର୍ ଆଣ୍ଡ ବି ଡିଭିଜନ ଅଧୀନରେ ଯାଜପୁର ଜିଲା ବଡ଼ଚଣା ଓ ବରୀ ବ୍ଲକର ୧୧ଟି ଗୁରୁତ୍ୱପୂର୍ଣ୍ଣ ରାସ୍ତା ରହିଛି। ସେଗୁଡିକ ହେଲା ବଡ଼ଚଣା-ଦର୍ପଣୀ, କୃଷ୍ଣଦାସପୁର-ରତ୍ନଗିରି, ବଡ଼ଚଣା-ବାଲିଚନ୍ଦ୍ରପୁର, ଛତିଆ ଚମ୍ପାପୁର-କଳକଳା, ବୈରୀ-ଚଣ୍ଡିଖୋଲ, ଜନକ-ହଳଧରପୁର, ବାଲିଚନ୍ଦ୍ରପୁର-ଦେକୁଡ଼ି, ବନ୍ଦାଳ-ଏଣ୍ଡରପଡା ଓ ଦର୍ପଣୀ-ସିହା ରାସ୍ତା ଏବଂ ବରୀ ବ୍ଲକ ରତ୍ନଗିରି-କମ୍ପଗଡ଼ ଓ ଦରଘା ବ୍ରାହ୍ମଣୀ ବ୍ରିଜଠାରୁ ହଳଦିବସନ୍ତ ରାସ୍ତା। ନିକଟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବାଲିଚନ୍ଦ୍ରପୁର-ଦେକୁଡି ରାସ୍ତା ନିର୍ମାଣ ହୋଇଥିଲେ ହେଁ ଏହାର ବିଭିନ୍ନ ସ୍ଥାନରେ ପାଣି ଜମି ରହିଥିବାରୁ ଗମନାଗମନ ଅନୁପଯୋଗୀ ହୋଇଛି। ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର ହୋଇଥିବା ବେଳେ ତ୍ରୁଟିପୂର୍ଣ୍ଣ ଭାବେ ରାସ୍ତା ନିର୍ମାଣ ହୋଇଥିବା ନେଇ ପୂର୍ବରୁ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ ହୋଇ ନ ଥିବାରୁ ଏବେ ବର୍ଷାଦିନେ ରାସ୍ତାରେ ପାଣି ଜମି ଏହା ଆହୁରି ବିପର୍ଯ୍ୟସ୍ତ ହୋଇପାରେ ବୋଲି କୁହାଯାଉଛି। ଗତ ୨ ବର୍ଷ ମଧ୍ୟରେ ଏହି ରାସ୍ତାର ମରାମତି ନାମରେ ପ୍ରାୟ ୪ କୋଟି ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହୋଇଛି। ବ୍ରିଟିଶ ସମୟରେ ରାଜବାହାଦୁର ମାର୍ଗ ସହ ସଂଯୋଗ ହୋଇଥିବା ଏହି ରାସ୍ତା ଦେଇ ଅତୀତରେ ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ବିଶ୍ୱବିଖ୍ୟାତ ବୌଦ୍ଧପୀଠ ଲଳିତଗିରି-ଉଦୟଗିରି-ରତ୍ନଗିରିକୁ ଆସୁଥିଲେ। ଗୌରବମୟ ସ୍ୱାଧୀନତା ସଂଗ୍ରାମର ପୀଠସ୍ଥଳୀଏବଂ ବୌଦ୍ଧପୀଠଗୁଡ଼ିକୁ ସଂଯୋଗ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଭାଗ୍ୟ କେବେ ଫିଟିବ ବୋଲି ଗ୍ରାମବାସୀ ଏବେ ପ୍ରଶ୍ନ କରିଛନ୍ତି।



ଦେକୁଡ଼ି ପୂର୍ତ୍ତ ବିଭାଗ ରାସ୍ତା।

ଏହାବାଦ୍ ରତ୍ନଗିରି-କମ୍ପଗଡ଼ ରାସ୍ତା ଏକାଧିକ ଖାଲଖମାର ଭର୍ତ୍ତି ଯୋଗୁ ସହଜ ଗମନାଗମନ ସମ୍ଭବ ହୋଇପାରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ତେଣୁ ଯାଜପୁର ଜିଲାର ଉପରୋକ୍ତ ରାସ୍ତାଗୁଡିକୁ ପାଣିକୋଇଲି ପୂର୍ତ୍ତ ଡିଭିଜନ ଅଧୀନକୁ ହସ୍ତାନ୍ତର କରାଗଲେ ଜିଲା ପ୍ରଶାସନ ରାସ୍ତା ନିର୍ମାଣର ମାନ ଉପରେ ଉତ୍ତରଦାୟୀ ରହିବ ବୋଲି ଦାବି ହେଉଛି। ଏ ସଂକ୍ରାନ୍ତରେ ପାଣିକୋଇଲି ପୂର୍ତ୍ତ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଅରୁଣ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ, ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ରାସ୍ତାଗୁଡିକର ଦାୟିତ୍ୱ ଦିଆଯାଇଛି। ତେବେ ସେହି ସବୁ ରାସ୍ତା ପାଣିକୋଇଲି ଡିଭିଜନ ଅଧୀନକୁ ଆସିଲେ ପରିଚାଳନା ଉପଯୁକ୍ତ ଭାବେ ହୋଇପାରିବ ବୋଲି କହିଛନ୍ତି।

# ଠିକ୍ ସମୟରେ ହେବ ବିଧାନସଭା ଅଧିବେଶନ

**ଚୂଡ଼ାନ୍ତ ହୋଇନାହିଁ ତାରିଖ**

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ବିଧାନସଭା ମୌସୁମୀ ଅଧିବେଶନ ଦେଢମାସ ମଧ୍ୟରେ ନିଶ୍ଚିତ ବସିବ। ସେପ୍ଟେମ୍ବର ୩୦ ପୂର୍ବରୁ ହିଁ ଅଧିବେଶନ ହେବ ବୋଲି ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଟୁଇଟ୍ ଯୋଗେ ବୁଧବାର ସୂଚନା ଦେଇଛନ୍ତି। ନିୟମାନୁଯାୟୀ ସେପ୍ଟେମ୍ବର ୩୦ ସୁଦ୍ଧା ଅଧିବେଶନ ବସିବା କଥା। ମାତ୍ର କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏ ନେଇ ତାରିଖ ଚୂଡ଼ାନ୍ତ ହୋଇ ନ ଥିବା ଜଣାପଡିଛି। ହେଲେ ସମୟ ଭିତରେ ବିଧାନସଭା ବସିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ ବୋଲି ଜଣାପଡିଛି। ନିକଟରେ ସରକାର ବିଭିନ୍ନ କ୍ଷେତ୍ରରେ ଖର୍ଚ୍ଚକାଟ କରିବା ଲାଗି ଅର୍ଥ ବିଭାଗ ପକ୍ଷରୁ ସର୍କୁଲାର ଜାରି କରିଥିଲେ। ସେହି ଅନୁଯାୟୀ କେଉଁ ବିଭାଗର କେଉଁ ଯୋଜନାରୁ ଖର୍ଚ୍ଚ କାଟ କରିବେ ସେନେଇ ବିଧାନସଭାରେ ନିଷ୍ପତ୍ତି ହୋଇପାରେ ବୋଲି ଜଣାପଡିଛି। ବାଚସ୍ପତି ପାତ୍ର ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ଅଧିବେଶନ ନେଇ ଚୂଡ଼ାନ୍ତ ତାରିଖ କିମ୍ବା ସ୍ଥାନ ନିର୍ଦ୍ଧାରଣ ହୋଇନାହିଁ। କୋଭିଡ୍ କଟକଣାରେ ଗୃହ ପରିଚାଳନା ନେଇ ଲୋକସଭା ବାଚସ୍ପତିଙ୍କ ସମେତ କର୍ନାଟକ ଓ ରାଜସ୍ଥାନ ବାଚସ୍ପତିଙ୍କ ସହିତ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କ ସହ ଆଲୋଚନା କରିବାପରେ ଅଧିବେଶନ ଲାଗି ଚୂଡ଼ାନ୍ତ ତାରିଖ ସ୍ଥିର ହେବ ବୋଲି ସେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ମାର୍ଚ୍ଚ ୩୦ରେ ଲୋକସେବା ଭବନ କନ୍‌ଭେନ୍‌ଶନ ହଲ୍‌ରେ ବିଧାନସଭା ଅଧିବେଶନ ଅନୁଷ୍ଠିତ ହୋଇଥିଲା।

# ମନ୍ଦିର ଖୋଲା ନ ଯିବା ନେଇ ପ୍ରଶ୍ନ ଉଠାଇଲା ଭାଜପା

ଭୁବନେଶ୍ୱର,୧୯।୮(ବ୍ୟୁରୋ)

କରୋନା ମହାମାରୀ ଏବଂ ଲୋକଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଧର୍ମାନୁଷ୍ଠାନ ବନ୍ଦ ରଖିବା ପାଇଁ କଟକଣା ଜାରି କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାରଙ୍କ ଅନ୍‌ଲକ୍-୧ ଗାଇଡ୍‌ଲାଇନ ଅନୁଯାୟୀ, ଜୁନ୍ ୮ରୁ ଧର୍ମାନୁଷ୍ଠାନ ଖୋଲିବାକୁ ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି। ହେଲେ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ଶ୍ରୀମନ୍ଦିର, ଲିଙ୍ଗରାଜ ମନ୍ଦିର ସମେତ ଅନ୍ୟ ମନ୍ଦିର ଖୋଲିବା ନେଇ କୌଣସି ନିଷ୍ପତ୍ତି ନ ନେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ପୃଥ୍ୱିରାଜ ବୁଧବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଓଡ଼ିଶା ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସର ପ୍ରତୀକ ହେଉଛନ୍ତି ମହାପ୍ରଭୁ ଜଗନ୍ନାଥ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଦୀର୍ଘଦିନ ଧରି ଶ୍ରୀମନ୍ଦିର ବନ୍ଦ ରହିଛି। ରାଜ୍ୟରେ ମନ୍ଦିର ଓ ଧର୍ମାନୁଷ୍ଠାନ ଖୋଲିବା ନେଇ ସରକାର ଚୂଡାନ୍ତ ନିଷ୍ପତ୍ତି ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାସତ୍ତ୍ୱେ ସରକାର ଏ ଦିଗରେ କୌଣସି ପଦକ୍ଷେପ ନ ନେଇ ଚୁପ୍ ରହିବା ଅତ୍ୟନ୍ତ ନିନ୍ଦନୀୟ। ଅନ୍ୟ ରାଜ୍ୟରେ ମନ୍ଦିର ଏବଂ ଧର୍ମାନୁଷ୍ଠାନଗୁଡିକ ମାନକ ପରିଚାଳନା ପ୍ରକ୍ରିୟା (ଏସ୍‌ଓପି)ପାଳନ କରାଯାଇ ଖୋଲା ହୋଇଛି। ଗତ କିଛିଦିନ ତଳେ ବୈଷ୍ଣୋଦେବୀଙ୍କ ମନ୍ଦିର ଖୋଲାଯାଇଛି। ତିରୁପତିରେ ବାଲାଜୀଙ୍କ ମନ୍ଦିର ଏସ୍‌ଓପି ପାଳନ କରି ଖୋଲାଯାଇଥିବାରୁ ଭକ୍ତମାନେ ଦର୍ଶନ କରିପାରୁଛନ୍ତି। ଯଦି ଅନ୍ୟ ରାଜ୍ୟରେ ମନ୍ଦିର ଖୋଲାଯାଇ ପାରୁଛି ତେବେ ରାଜ୍ୟରେ ଅସୁବିଧା କେଉଁଠି ରହିଛି ବୋଲି ପୃଥ୍ୱୀରାଜ କହିଛନ୍ତି। ରାଜ୍ୟ ସରକାର ଏହାକୁ ଗୁରୁତର ସହ ନେଇ କୋଭିଡ୍-୧୯ ନିୟମ ଏସ୍‌ଓପି ପାଳନ କରି ମନ୍ଦିର ଏବଂ ଧର୍ମାନୁଷ୍ଠାନ ଖୋଲନ୍ତୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ଦିଗରେ ହସ୍ତକ୍ଷେପ କରି ମନ୍ଦିର ଖୋଲିବା ନେଇ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ପୃଥ୍ୱୀରାଜ କହିଛନ୍ତି।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଶାନ୍ତିଲତା ପାଇକରାୟ
ପିପିଲି, କଣ୍ଟି, ମୁକୁନ୍ଦନଗର, ପୁରୀ
ଆବିର୍ଭାବ: ଶ୍ରୀଗୁଣ୍ଡିଚା
ତିରୋଧାନ: ଭାଦ୍ରବ କୃଷ୍ଣପକ୍ଷ ଦ୍ୱିତୀୟା
ଆପଣଙ୍କ ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର, ନାତି, ନାତୁଣୀ
ଧ-୧୭୯୪୧

**ତ୍ରୟୋଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ ଅନ୍ତର୍ଯ୍ୟାମୀ ସାହୁ
ଗାରେଡ଼ିପାଞ୍ଚଣ, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୦୫।୦୨।୧୯୬୭
ତିରୋଧାନ: ୦୮।୦୮।୨୦୨୦
ଚାହୁଁ ଚାହୁଁ ୧୩ଦିନ ବିତିଗଲା। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ଆଦର୍ଶ ଓ ଧୈର୍ଯ୍ୟ ଚିରସ୍ମରଣୀୟ ହୋଇ ରହିବ। ତୁମର ଆତ୍ମା ଚିରଶାନ୍ତି ଲାଭକରୁ, ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକସନ୍ତପ୍ତ: ପତ୍ନୀ: ଅନୁସୂୟା, ପୁତ୍ର: ଅରିଜିତ, ଅଭିଜିତ, ଭ୍ରାତା: ନେତ୍ରାନନ୍ଦ, ବୁଦ୍ଧନାଥ, ସୋମନାଥ, ବନ୍ଧୁ ଓ ପରିବାରବର୍ଗ
ଧ-୬୯୫୨୯


# ନକଲି ଆଇପିଏସ୍ ଅଫିସର ଗିରଫ

**ଭୁବନେଶ୍ୱର ପରେ ରାଉରକେଲାରେ ଠକାମି ଉଦ୍ୟମ**

ରାଉରକେଲା ଅଫିସ, ୧୯।୮

ରାଉରକେଲା ଉଦିତନଗର ପୋଲିସ ମଙ୍ଗଳବାର ଜଣେ ନକଲି ମହିଳା ଆଇପିଏସ୍ ଅଫିସରଙ୍କୁ ଧରିଛି। ବୁଧବାର ତାଙ୍କୁ ଗିରଫ କରାଯାଇଛି। ଏହି ମହିଳା ଜଣକ ହେଲେ ଶର୍ମିଷ୍ଠା ବେହେରା। ବୁଧବାର ପୋଲିସ ତାଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ତାଙ୍କ ପାଖରୁ ଏକ ନୂଆ ବୁଲେଟ୍, ପୋଲିସ ଡ୍ରେସ୍, ଆଇପିଏସ୍ ପରିଚୟ ପତ୍ର, ଟ୍ରେନିଂ ନେଇଥିବା ନକଲି ପ୍ରମାଣପତ୍ର ଜବତ ହୋଇଛି।

ପୋଲିସର ସୂଚନା ଅନୁସାରେ ରାଉରକେଲା ସହରର ବାସନ୍ତୀ କଲୋନୀରେ ଥିବା ଏକ ଶୋରୁମ୍‌ରୁ ସେ ଗତ ୧୧ ତାରିଖରେ ଫାଇନାନ୍ସରେ ଗୋଟିଏ ବୁଲେଟ ନେଇଥିଲେ। ହେଲେ ଯେଉଁସବୁ କାଗଜପତ୍ର ଦାଖଲ କରିଥିଲେ ତାହା ଜାଲ୍ ବୋଲି ସନ୍ଦେହ କରି ମଙ୍ଗଳବାର ସନ୍ଧ୍ୟାରେ ଶୋ ରୁମ୍ ମାଲିକ ଓ ଫାଇନାନ୍ସ ସଂସ୍ଥା ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗ ପରେ ପୋଲିସ ତୁରନ୍ତ ତାଙ୍କୁ ଧରି ତଦନ୍ତ ଆରମ୍ଭ କରିଥିଲା।

ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ଏହି ମହିଳା ଜଣକ ଭୁବନେଶ୍ୱରରେ ନିଜକୁ ଆଇପିଏସ୍ ଅଫିସର ପରିଚୟ ଦେଇ କମିଶନରେଟ ପୋଲିସର ବିଭିନ୍ନ ଥାନା ଅଞ୍ଚଳରୁ ସୁବିଧା ହାସଲ କରିବାକୁ ଉଦ୍ୟମ କରି ଧରା ପଡ଼ିଥିଲେ। ତାଙ୍କ ପାଖରୁ ସେତେବେଳେ ପୋଲିସ ଡ୍ରେସ୍ ଏବଂ ପରିଚୟ ପତ୍ର ଜବତ ହୋଇଥିଲା। କମିଶନରେଟ ପୋଲିସ ନୋଟିସ ଦେଇ ତାଙ୍କୁ ଛାଡିଥିଲା। ଏବେ ସମାନ ଠକାମି କରି ରାଉରକେଲା ଉଦିତନଗର ପୋଲିସ ହାତରେ ସେ ଧରାପଡିଛନ୍ତି।



ଗିରଫ ଶର୍ମିଷ୍ଠା ବେହେରା।


## CLASSIFIED DISPLAY

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅନ୍ଧକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର
9773820765
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ 2 ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ-ବଶୀକରଣ ଓ ମୁଠକରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର।
9910560681

BANDHAN FINANCE
(Regd No -1125124)
Bandhan ଋଣ ଲିମିଟେଡ୍
ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ ଋଣ ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ
50% ଛାଡ
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8813813462

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

**ବିଚାରାଧୀନ କଏଦୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା**

ଚୌଦ୍ୱାର,୧୯।୮(ଡି.ଏନ୍.ଏ.)

ଚୌଦ୍ୱାର ସର୍କଲ ଜେଲରେ ଜଣେ ବିଚାରାଧୀନ କଏଦୀ ବିଜେନ୍ଦ୍ର ବାନଙ୍କ ମଙ୍ଗଳବାର ରାତିରେ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିବା ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ କରି ଘରକୁ ଦିଆଯିବା ପରେ ପରିବାର ଲୋକ ପୁଅକୁ ହତ୍ୟା କରାଯାଇଥିବା ସନ୍ଦେହ କରିଛନ୍ତି। ଏ ନେଇ ମୃତକଙ୍କ ଭାଇ ରାଜେନ୍ଦ୍ର କୁମାର ବାନ୍ ଚୌଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ବାଲେଶ୍ୱର ଜିଲା କମର୍ଦ୍ଦା ଥାନା କୁଲିହା ଗ୍ରାମର ବିଜେନ୍ଦ୍ର ବାନ ଗତ ୧୬ତାରିଖରେ ନିଶାଦ୍ରବ୍ୟ କାରବାର ମାମଲାରେ ଗିରଫ ହୋଇ ଚୌଦ୍ୱାର ଜେଲକୁ ଆସିଥିଲେ। ମଙ୍ଗଳବାର ଭୋରୁ ବିଜେନ୍ଦ୍ର ବେକରେ ଗାମୁଛା ବାନ୍ଧି ୱାର୍ଡରେ ଲାଗିଥିବା ଫ୍ୟାନରେ ଝୁଲୁଥିବା କର୍ମଚାରୀ ଦେଖିଥିଲେ। ଜେଲ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ତାଙ୍କୁ ଓହ୍ଲାଇ କଟକ ବଡ ଡାକ୍ତରଖାନା ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଚୌଦ୍ୱାର ପୋଲିସ ନଂ.୨୫/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ତେବେ ବୁଧବାର ବିଜେନ୍ଦ୍ରଙ୍କ ଘରେ ହଠାତ ତାଙ୍କ ମୃତଦେହ ପହଞ୍ଚିବାରୁ ପରିବାର ଲୋକେ ସନ୍ଦେହ କରି ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, ଯେତେବେଳେ ମୃତକ ବିଜେନ୍ଦ୍ରକୁ ଅବକାରୀ ଗୁଇନ୍ଦା ବିଭାଗ ଗିରଫ କରିଥିଲା ସେତେବେଳେ ପରିବାର ଲୋକଙ୍କୁ କୌଣସି ଖବର ଦିଆଯାଇ ନ ଥିଲା। ପରେ ବିଜେନ୍ଦ୍ରଙ୍କ ମୃତ୍ୟୁ ଖବର ମଧ୍ୟ ଦିଆ ନ ଯାଇ କିଭଳି ମୃତଦେହ ଘରକୁ ପଠାଗଲା। ଏଥି ସହିତ ଗିରଫ ହେବାର ପୂର୍ବଦିନ ବିଜେନ୍ଦ୍ର ଘରୁ ଆସିବା ସମୟରେ ୨ଲକ୍ଷ ଟଙ୍କା, ୨ଟି ସୁନାଚେନ, ୩ଟି ମୁଦି, ବ୍ରେସଲେଟ ଓ ଗୋଟିଏ ଧଳାରଙ୍ଗର ଉଷ୍ଟର ଗାଡି ନେଇ ଘରୁ ବହାରିଥିଲେ। ଏ ସମସ୍ତ ଜିନିଷ ଚୌଦ୍ୱାର ପୋଲିସ ଘଟଣାର ତଦନ୍ତ ପରେ ପରିବାରକୁ ଫେରାଇବା ପାଇଁ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ଜେଲରେ ରହୁଥିବା କଏଦୀମାନଙ୍କର ସୁରକ୍ଷା ଦାୟିତ୍ୱ ଜେଲ କର୍ତ୍ତୃପକ୍ଷଙ୍କ ଥିବାବେଳେ ବିଜେନ୍ଦ୍ର କିଭଳି ଆତ୍ମହତ୍ୟା କଲେ ଓ ଏଥିପାଇଁ କିଏ ଦାୟୀ ବୋଲି ପରିବାର ଲୋକେ ଗଣମାଧ୍ୟମକୁ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜେଲ ଅଧୀକ୍ଷକ ଶୁଭକାନ୍ତ ମିଶ୍ର କୁହନ୍ତି, ଏଥିରେ କର୍ତ୍ତବ୍ୟରେ ଅବହେଳା ହୋଇଥିବା ସ୍ୱୀକାର କରିଛି। ଏହାସହ ସେହି ସମୟରେ କାର୍ଯ୍ୟରେ ଥିବା ୪ଜଣଙ୍କ ନାମରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ତଦନ୍ତ ପରେ କର୍ତ୍ତବ୍ୟରେ ଅବହେଳା କରିଥିବା କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଧୀକ୍ଷକ କହିଛନ୍ତି।


**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No.4044/ P.S.C., Dt.18.8.20**
**(IE-01-2019-20) (DR-II)**

No.D-41:- It is for information of all concerned that the Odisha Public Service Commission has decided to conduct the OJS (Main) written examination, 2019, pursuant to the Advertisment No.12 of 2019-20 in respect of **737 (Seven hundred thrity seven)** candidates who have qualified in the preliminary examination, **from 06.10.2020 to 09.10.2020 (04 days)**. The detail programme of the said examination showing venue and time will be notified later in due course. The candidates are advised to visit the website of OPSC regularly for detail programme.

However, the date of the OJS (Main) written examination, 2019 **from 06.10.2020 to 09.10.2020** is subjected to change keeping in view of Govt. guideline and instruction that shall be prevailing then because of Covid-19 Pandemic.

OIPR-12002/11/0020/2021 **Sd./- Secretary**

**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No.4080/ P.S.C., Dt.19.8.20**
**(IE-06-19/20) (DR-III)**

No.D-43:- It is for information of all concerned that the written examination for recruitment to the post of **Assistant Fisheries Officer, Group-B** in Odisha Fisheries Service under Fisheries and ARD Department purusant to Advertisment No.05 of 2019-20 will be held **on 02.09.2020 (Wednesday) at Saraswati Shishu Vidya Mandir, Tulasipur, Cuttack** as per the following programme.

| Date | Time: Paper-I | Time: Paper-II |
|---|---|---|
| 02.09.2020 (Wednesday) | 10.00 A.M. to 12.30 P.M. (10.00 A.M. to 1.20 P.M) For PWD candidates) (Objective type-Multiple choice question as per syllabus) | 2.00 P.M. to 4.30 P.M. (2.00 P.M. to 5.20 P.M.) for PWD candidates) (Objective type-Multiple choice question as per syllabus) |

2. The list of the candidates along with their Roll Nos. will be available in the website of the Commission. The candidates are required to download their **"Admission Certificate" & "Instruction to candidates"** from the Website of the Commission (www.opsc.gov.in) from **24.08.2020 to 28.08.2020**.

OIPR-12002/11/0021/2021 **Sd./- Secretary**

## ସଂକ୍ଷେପରେ

### ଗୋଲିଆ ଗୁଳିକାଣ୍ଡ ଘଟଣା, ଆଉ ୬ ଗିରଫ

ବୁଗୁଡ଼ା,୧୯।୮(ଡି.ଏନ୍.ଏ.)- ବୁଗୁଡ଼ା ଥାନା ଗୋଲିଆ ଗାଁରେ ଗତ ୧୪ ତାରିଖ ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଘଟିଥିବା ଗୁଳିକାଣ୍ଡ ଘଟଣାରେ ଆହତ ହୋଇ ଅନିଲ ଦୋରା ବ୍ରହ୍ମପୁର ଏବଂ ସନାତନ ବାଡ଼ତ୍ୟା କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୋମବାର ମାମଲାରେ ସମ୍ପୃକ୍ତ ୧୦ ଜଣଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଥିବା ବେଳେ ମଙ୍ଗଳବାର ପୁଣି ୬ ଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୋଲିଆ ଗ୍ରାମର ସୁଶାନ୍ତ କୁମାର ପ୍ରଧାନ, ଗଣେଶ ମହାପାତ୍ର, ବଳରାମ ରାଉତ, ମାନସ ପ୍ରଦାନ, ରାଜେନ୍ଦ୍ର ରାଉତ ଓ କାଳୁ ଚରଣ ରାଉତ। ଏହି ଘଟଣାରେ ମୋଟ ୧୬ ଗିରଫ ହେଲେଣି। ସେମାନଙ୍କ ଠାରୁ ଗୋଟିଏ ବନ୍ଧୁକ ଜବତ ହୋଇଥିବା ଜଣାପଡ଼ିଛି।

### ମଣ୍ଡଳ ଭାଜପା ସଭାପତିଙ୍କ ଗିରଫଦାରିକୁ ନିନ୍ଦା

ବୁଗୁଡ଼ା,୧୯।୮(ଡି.ଏନ୍.ଏ.)- ବୁଗୁଡ଼ା ବ୍ଲକ କରଚୁଲି ମଣ୍ଡଳ ଭାଜପା ସଭାପତି ମାନସ ରଞ୍ଜନ ପ୍ରଧାନଙ୍କୁ ବୁଗୁଡ଼ା ପୋଲିସ ଗୋଲିଆ ଗୁଳିକାଣ୍ଡ ଘଟଣାରେ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ଏହାକୁ ବୁଧବାର ଘୁମୁସର ଜିଲା ଭାଜପା ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଜିଲା ସଭାପତି ଗୋକୁଳାନନ୍ଦ ମଲିକ ମାନସଙ୍କ ଗିରଫଦାରିକୁ ଅଗଣତାନ୍ତ୍ରିକ ଓ ବେଆଇନ କହିବା ସହ ତୀବ୍ର ନିନ୍ଦା କରିଛନ୍ତି। ମାନସଙ୍କୁ ଘୁମୁସର ଜିଲା ଭାଜପା ତରଫରୁ ସମସ୍ତ ପ୍ରକାର ଆଇନ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ଆଗାମୀ ଦିନରେ ଭାଜପା କର୍ମୀ ତଥା ନେତାଙ୍କୁ ବିନା କାରଣରେ ଗିରଫ କଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

### ଶେରଗଡ ବ୍ଲକ ୫୮୯୦ ଜଣଙ୍କ ସ୍ୱାବ୍ ପରୀକ୍ଷା, ୪ ମୃତ

ଶେରଗଡ,୧୯।୮(ଡି.ଏନ୍.ଏ.)- ଶେରଗଡ ବ୍ଲକର ୨୨ ପଞ୍ଚାୟତର ୯୫ ରାଜସ୍ୱ ଗ୍ରାମ ସବୁଜ ଜୋନ୍‌ରେ ରହିଛି। ବିଭିନ୍ନ ପଞ୍ଚାୟତରେ ବୁଧବାର ସୁଦ୍ଧା ୫୮୯୦ ଜଣଙ୍କ ସ୍ୱାବ୍ ପରୀକ୍ଷା ୪ ମେଡକେଲ ଟିମ୍ ଦ୍ୱାରା କରାଯାଇଛି। ୩୦ ଗ୍ରାମରୁ ବୁଧବାର ସୁଦ୍ଧା ମୋଟ ୩୧୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ୨୯୪ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ୪ଜଣଙ୍କ ମୃତ୍ୟୁ ହୋଇଛି। ବୁଧବାର ସୁଦ୍ଧା ୧୯ ଜଣଙ୍କ ଚିକିତ୍ସା ଚାଲିଛି। ଜଣଙ୍କୁ କୋଭିଡ୍ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିବାବେଳେ ଜଣେ କୋଭିଡ କେୟାର ହୋମରେ ଅଛନ୍ତି। ଅନ୍ୟ ୧୭ ଜଣ ଘରେ ଆଇସୋଲେସନରେ ରହିଥିବା ବିଡିଓ ସୁରଞ୍ଜନ କୁମାର ସାହୁ ସୂଚନା ଦେଇଛନ୍ତି।

### ଜଙ୍ଗଲରୁ ରନ୍ଧାମଦ ଜବତ, ୩ ଗିରଫ

ଆସିକା,୧୯।୮(ଡି.ଏନ୍.ଏ.)- ଗାଙ୍ଗପୁର ଥାନା ଅନ୍ତର୍ଗତ ବୁଢାକେନ୍ଦୁ ଜଙ୍ଗଲରେ ମଙ୍ଗଳବାର ରାତିରେ ପୋଲିସ ଚଢାଉ କରି ୨୫୦ ଲିଟର ରନ୍ଧାମଦ ଓ ଗୋଟିଏ ବାଇକ୍ ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ଏ ନେଇ ଥାନାରେ ନଂ.୨୩୬/୨୦ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଧିରେଶ କୁମାର ଦାଶ କହିଛନ୍ତି।

### ସିଦ୍ଧ ବିନାୟକ ପୀଠରେ ଭକ୍ତଙ୍କ ଦର୍ଶନ ବନ୍ଦ

ବ୍ରହ୍ମପୁର ଅଫିସ,୧୯।୮-ଗଣେଶ ପୂଜା ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ। କରୋନା କଟକଣା ଯୋଗୁ ସର୍ବସାଧାରଣଙ୍କ ପାଇଁ ସ୍ଥାନୀୟ ହିଲପାଟଣାସ୍ଥିତ ସିଦ୍ଧ ବିନାୟକ ପୀଠ ବନ୍ଦ ରହିବ। ସେହିଭଳି ଜିଲାରେ ଥିବା ବିଭିନ୍ନ ଗଣେଶ ପୀଠ ସମେତ ସ୍କୁଲ ଓ କଲେଜରେ ପୂଜା ହେବ ନାହିଁ। ଏ ନେଇ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ମାର୍ଚ୍ଚ ୧୦ରୁ ଜିଲାରେ କରୋନା କଟକଣା ଆରମ୍ଭ ହୋଇଛି। ତାରାତାରିଣୀଙ୍କ ଚୈତ୍ର ଯାତ୍ରା, ଭଞ୍ଜନଗର, କବିସୂର୍ଯ୍ୟନଗର ଓ ଛତ୍ରପୁର ଠାକୁରାଣୀ ଯାତ୍ରା ଓ ଗଞ୍ଜାମର ପ୍ରସିଦ୍ଧ ଦଣ୍ଡଯାତ୍ରା, ରଜପର୍ବ ପ୍ରଭୃତି କରୋନା ଯୋଗୁ ବନ୍ଦ କରାଯାଇଥିଲା। ହିଲ୍‌ପାଟଣା ସିଦ୍ଧ ବିନାୟକ ପୀଠରେ କେବଳ ପୂଜକଙ୍କ ଜରିଆରେ ଗଜାନନଙ୍କ ସମସ୍ତ ପୂଜା, ନୀତିକାନ୍ତି ସମ୍ପନ୍ନ କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ଚୌଧୁରୀ ସୂଚନା ଦେଇଛନ୍ତି।

# ସଙ୍କଟରେ ମୂର୍ତ୍ତି କାରିଗରଙ୍କ ଜୀବିକା

ବ୍ରହ୍ମପୁର ଅଫିସ,୧୯।୮


ନିର୍ମାଣ ହୋଇଥିବା ଗଣେଶଙ୍କ କ୍ଷୁଦ୍ର ମୃଣ୍ମୟ ମୂର୍ତ୍ତି ।

- କରୋନା କଟକଣା
- ପ୍ରଶାସନର ଗଣେଶ ପୂଜା ବନ୍ଦ ନିଷ୍ପତ୍ତି
- ଲକ୍ଷାଧିକ ଟଙ୍କାର କ୍ଷତି ସହିବେ କାରିଗର

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଗଣେଶ ପୂଜା ଆୟୋଜନ ଉପରେ ଜିଲା ପ୍ରଶାସନ ରୋକ୍ ଲଗାଇଛି। ଯାହାକୁ ନେଇ ଏବେ ଚିନ୍ତାରେ ପଡିଛନ୍ତି ମୂର୍ତ୍ତି କାରିଗର। ପ୍ରଶାସନ ପକ୍ଷରୁ ଗଣେଶ ପୂଜା ବନ୍ଦ କରିବା ନିଷ୍ପତ୍ତି ହେବା ପରେ ମୂର୍ତ୍ତିକାରିଗରଙ୍କ ଜୀବନ ଜୀବିକା ସଙ୍କଟରେ ପଡିଯାଇଛି। ବର୍ଷସାରା ବ୍ୟବସାୟ ପାଇଁ ଅପେକ୍ଷା କରିଥିବା କାରିଗରଙ୍କୁ ପ୍ରଶାସନିକ କଟକଣା ଏବେ ନିରାଶ କରିଛି। ସରକାର କୋଭିଡ୍ ଯୋଦ୍ଧା ତଥା ଅନ୍ୟ ସରକାରୀ କର୍ମଚାରୀ, ଶ୍ରମିକଙ୍କ ପାଇଁ ସହାୟତା ରାଶି ଘୋଷଣା କରିଥିବା ବେଳେ କାରିଗରଙ୍କ ପାଇଁ କୌଣସି ସହାୟତା ଘୋଷଣା କରିନାହାନ୍ତି। କିନ୍ତୁ କରୋନା ସଂକ୍ରମଣ ରୋକିବା ନେଇ ଗଣେଶ ପୂଜା ଭଳି ଗଣପର୍ବକୁ ବନ୍ଦ କରି କାରିଗରଙ୍କ ପ୍ରତି ଅବିଚାର କରିଥିବା ଅଭିଯୋଗ ହୋଇଛି। କରୋନା ଯୋଗୁ ପ୍ରଭାବିତ ହୋଇଥିବା କାରିଗରଙ୍କ ଜୀବନ ଜୀବିକା ପ୍ରତି ସରକାର ଦୃଷ୍ଟି ଦେବା ସହ ସେମାନଙ୍କୁ ସହାୟତା କରିବାକୁ ସାଧାରଣରେ ଦାବି ହୋଇଛି।

ଗଣେଶ ପୂଜାଠାରୁ ଆରମ୍ଭ ହେଉଥିବା ଏହି ପାର୍ବଣ ଋତୁ ଉପରେ ନିର୍ଭର କରିଥାଏ ମୂର୍ତ୍ତିକାରିଗରଙ୍କ ଜୀବନ ଜୀବିକା। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅକ୍ଷୟ ତୃତୀୟାରୁ ଗଣେଶ ପୂଜା ମୂର୍ତ୍ତି ନିର୍ମାଣ ପାଇଁ କାରିଗରମାନେ ପ୍ରସ୍ତୁତି ଆରମ୍ଭ କରିଥିଲେ। ଜାନୁୟାରୀରୁ ହିଁ ଏଥିପାଇଁ ଆବଶ୍ୟକ ପେଇଣ୍ଟ, ଚିକିଟା ମାଟି ଆଣି ରଖିବା ସହ ବାଉଁଶ, ନଡା କିଣି ବୃହତ ମୂର୍ତ୍ତି ନିର୍ମାଣ ଲାଗି ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଥିଲେ। ବର୍ତ୍ତମାନ କରୋନା ମହାମାରୀ ଜନିତ କଟକଣା ଗଣେଶ ପୂଜାରୁ ସ୍ୱାଭାବିକ ହେବା ସହ ବ୍ୟବସାୟ ଭଲ ହେବା ନେଇ କାରିଗରମାନେ ଆଶା ବାନ୍ଧି ଥିଲେ। କିନ୍ତୁ କରୋନା ସ୍ଥିତି ଜିଲାରେ ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇ ନ ଥିବାରୁ ସଂକ୍ରମଣକୁ ଏଡାଇବା ନେଇ ପ୍ରଶାସନ ପକ୍ଷରୁ ମଙ୍ଗଳବାର ଗଣେଶ ପୂଜାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିଷ୍ପତ୍ତି ନେବା ପରେ କାରିଗରମାନେ ଏବେ ହତାଶ ହୋଇପଡିଛନ୍ତି। ବ୍ୟବସାୟ ଆଶାରେ କାରିଗରମାନେ ୬ ମାସ ପୂର୍ବରୁ କ୍ରୟ କରିଥିବା ଲକ୍ଷାଧିକ ଟଙ୍କାର ମୂର୍ତ୍ତି ନିର୍ମାଣ ସାମଗ୍ରୀ ପାଣିରେ ପଡିଛି। ବୃହତ ମୂର୍ତ୍ତି ନିର୍ମାଣ ବନ୍ଦ ହେବା ଦ୍ୱାରା କାରିଗରମାନଙ୍କୁ ଲକ୍ଷାଧିକ ଟଙ୍କାର କ୍ଷତି ସହିବାକୁ ପଡିବାକୁ ଥିବା କାରିଗରମାନେ କହିଛନ୍ତି।

ଏନେଇ ମୂର୍ତ୍ତିକାରିଗର ରାଜକୁମାର ବେହେରା କହନ୍ତି, ପ୍ରତିବର୍ଷ ୩ ଫୁଟରୁ ୨୫ ଫୁଟ ପର୍ଯ୍ୟନ୍ତ ମୂର୍ତ୍ତି ନିର୍ମାଣ କରାଯିବା ନେଇ ଅର୍ଡର ଆସୁଥିଲା। କେବଳ ଗଣେଶ ପୂଜାରେ ୬୦ରୁ ଊର୍ଦ୍ଧ୍ୱ ବୃହତ ମୂର୍ତ୍ତି ନିର୍ମାଣ କରିବା ନେଇ ଅର୍ଡର ଆସୁଥିଲା। ଯେଉଁଥିରୁ ପ୍ରାୟ ୩ରୁ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭ ହେଉଥିଲା। ଯେଉଁଥିରେ ସାରା ବର୍ଷ ନିଜର ପରିବାର ଭରଣପୋଷଣ କରୁଥିଲୁ। କିନ୍ତୁ ଚଳିତ ବର୍ଷ ବୃହତ୍ ଗଣେଶ ମୂର୍ତ୍ତି ପୂଜା ବନ୍ଦ ରହିଥିବାରୁ ଲୋକେ କେବଳ ୨ ଫୁଟରୁ ୩ ଫୁଟ ଭିତରେ ମୂର୍ତ୍ତି ପାଇଁ ବରାଦ ଦେଇଛନ୍ତି। ଏପରିକି କେହି କେହି ୬ ଇଞ୍ଚର ମୂର୍ତ୍ତି ନିର୍ମାଣ ପାଇଁ ମଧ୍ୟ କହିଛନ୍ତି। ଏଥିସହ ବର୍ତ୍ତମାନର କରୋନା ସ୍ଥିତିକୁ ଦୃଷ୍ଟିରେ ମୂର୍ତ୍ତିର ମୂଲ୍ୟ ମଧ୍ୟ କମାଇବାକୁ ପଡିଛି। ଯାହାଦ୍ୱାରା ପାର୍ବଣ ଋତୁରେ ମୂର୍ତ୍ତି ନିର୍ମାଣ କରି ପେଟ ପୋଷୁଥିବା କାରିଗରଙ୍କ ଜୀବନ ଜୀବିକା ସଙ୍କଟରେ ପଡିଥିବା ରାଜକୁମାର କହିଛନ୍ତି। ଗଣେଶ ପୂଜା ବନ୍ଦ ହେବା ପରେ ଏବେ କାରିଗରମାନେ ଦଶହରାକୁ ଅପେକ୍ଷା କରିଛନ୍ତି। ଯଦି ଦଶହରା ପୂର୍ବରୁ ସ୍ଥିତିରେ ସୁଧାର ନ ଆସେ ତେବେ କାରିଗରଙ୍କ ଜୀବନ ଅତ୍ୟନ୍ତ ଦୁର୍ବିଷହ ହୋଇପଡିବ ବୋଲି ସେ କହିଛନ୍ତି। ସରକାର ଅନ୍ୟମାନଙ୍କ ଭଳି କାରିଗରଙ୍କୁ ସହାୟତା ଦେବା ଦିଗରେ ମଧ୍ୟ ଚିନ୍ତା କରିବା ଆବଶ୍ୟକ ବୋଲି କାରିଗର ତଥା ଶିଳ୍ପୀ ରାଜ କୁମାର କହିଛନ୍ତି।

# ଆଜିଠୁ କରୋନା ଆରୋଗ୍ୟଙ୍କ ସ୍ୱାସ୍ଥ୍ୟ ଯାଞ୍ଚ

ଛତ୍ରପୁର,୧୯।୮(ଡି.ଏନ.ଏ)

ଗଞ୍ଜାମ ଜିଲାରେ କରୋନାରୁ ଆରୋଗ୍ୟ ହେଉଥିବା ବ୍ୟକ୍ତିମାନଙ୍କର ସ୍ୱାସ୍ଥ୍ୟଯାଞ୍ଚ କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହେବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ସୂଚନା ଦେଇଛନ୍ତି। ଆରୋଗ୍ୟଙ୍କ ଘରକୁ ମେଡିକାଲ ଟିମ୍ ଯାଇ ସ୍ୱାସ୍ଥ୍ୟଯାଞ୍ଚ କରିବା ସହ ହସ୍ପିଟାଲରୁ ଡିସ୍‌ଚାର୍ଜ ପରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କିଛି ସମସ୍ୟା ଅଛି କି ନାହିଁ ତାହା ପଚାରି ବୁଝିବେ। ଏହାପରେ ସେମାନଙ୍କୁ ଆବଶ୍ୟକ ଚିକିତ୍ସା ସେବା ଯୋଗାଇ ଦିଆଯିବ। ଜିଲାରେ ବହୁ ସଂଖ୍ୟାରେ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନର ଯାଞ୍ଚ ଦ୍ୱାରା ଯେଉଁମାନେ ପ୍ଲାଜ୍‌ମା ଦାନ କରିବେ ସେମାନଙ୍କୁ ଚିହ୍ନଟ କରାଯାଇପାରିବ। କରୋନାରୁ ଆରୋଗ୍ୟମାନେ ପ୍ଲାଜ୍‌ମା ଦାନ କରିବାକୁ ଆଗେଇ ଆସିବାକୁ ଜିଲାପାଳ ପୁଣି ଅନୁରୋଧ କରିଛନ୍ତି। ବୁଧବାର ଜିଲାର ସମସ୍ତ ମେଡିକାଲ ଅଫିସରମାନଙ୍କ ସହ

**ମେଡିକାଲ ଅଫିସରଙ୍କ ସହ ଜିଲାପାଳଙ୍କ ଆଲୋଚନା**

କୋଭିଡ୍ ପରିଚାଳନା ଓ ଆରୋଗ୍ୟଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଜିଲାପାଳ ଭିଡିଓ କନଫରେନ୍ସରେ ଆଲୋଚନା କରିଛନ୍ତି। ବିଭିନ୍ନ ବ୍ଲକ ଓ ଏନ୍‌ଏସିରେ ହୋମ ଆଇସୋଲେଶନରେ ଥିବା ପଜିଟିଭ୍‌ଙ୍କୁ ଭେଟି କିଟ୍ ବଣ୍ଟନ ଚାଲିଛି। କୋଭିଡ୍ ମନିଟରମାନେ ଏହି କିଟ୍ ବାଣ୍ଟିବା ସହ କାଉନସେଲିଂ କରୁଛନ୍ତି। ଜୁମ୍ ଆପ୍ ଦ୍ୱାରା ମେଡିକାଲ ଅଫିସର ଓ କୋଭିଡ୍ ମନିଟର ମଧ୍ୟ ଆକ୍ରାନ୍ତଙ୍କ କଥା ହେଉଛନ୍ତି। ଏଥିସହ ଜିଲାରେ ଥିବା କୋଭିଡ୍ କେୟାର ସେଣ୍ଟର, କୋଭିଡ୍ ହସ୍ପିଟାଲ, କୋଭିଡ୍ କେୟାର ହୋମ୍ ସମ୍ପର୍କରେ ଆଲୋଚନା କରାଯାଇଛି। କରୋନା ରୋଗୀଙ୍କୁ ରେଫର, ପ୍ଲାଜମା ଥେରାପି ଓ ଚିକିତ୍ସା ସମ୍ପର୍କରେ ଜିଲାପାଳ ଆଲୋଚନା କରି ଏହାର ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରିଛନ୍ତି।

# ଟ୍ରକ ଅଟକାଇ ଡକାୟତି ଘଟଣା: ୨ ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୧୯।୮(ଡି.ଏନ.ଏ)

ବାଲି ବୋଝେଇ ୨ଟି ଟ୍ରକକୁ ଦିଗପହଣ୍ଡି ନିକଟ ଚାନ୍ଦପୁର ଛକ ପତ୍ରଗୁଡ଼ି ଗ୍ରାମଠାରେ ଅଟକାଇ ଡକାୟତି ଘଟଣାରେ କେ.ନୂଆଗାଁ ଥାନା ପୋଲିସ ବୁଧବାର ୨ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କେ.ନୂଆଗାଁ ଥାନା ବଡ଼କେଳାଝରି ଗ୍ରାମରେ ରହୁଥିବା କୁମରଡ଼ା ଗ୍ରାମର ଜିତେନ୍ଦ୍ର ପ୍ରଧାନ ଓରଫ ଜିତୁ ଏବଂ କଳିଙ୍ଗଦଳା ଗ୍ରାମର ଚିନ୍ମୟ ପ୍ରଧାନ। ଥାନା ମାମଲା ନଂ ୧୭୫/୨୦ରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ବ୍ରହ୍ମପୁରସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯିବା ପରେ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଜିତେନ୍ଦ୍ରଙ୍କ ନିକଟରୁ ୨ ବୋମା, ୨

**ବୋମା, ଖଣ୍ଡା, ବାଇକ୍ ଜବତ**

ମୋବାଇଲ ଫୋନ ଜବତ କରାଯାଇଥିବା ବେଳେ ଚିନ୍ମୟଙ୍କ ନିକଟରୁ ବାଇକ (ନଂ.ଓଡି୦୭ବି୨୦୨୩), ୧୨ ଶହ ଟଙ୍କା ଏବଂ ନାବାଳକଙ୍କ ଠାରୁ ଖଣ୍ଡା, ୧୬ଶହ ଟଙ୍କା ଜବତ କରାଯାଇଥିବା ଆଇଆଇସି ମାଧବାନନ୍ଦ ନାୟକ କହିଛନ୍ତି।

ଗତ ୧୬ ତାରିଖ ରାତି ପ୍ରାୟ ୧୧ଟାରେ ୨ଟି ବାଲି ଟ୍ରକ ବଜ୍ରଗୁମ୍ଫା ଗାଁରୁ ଚିକିଟି ଅଭିମୁଖେ ଯାଉଥିବା ବେଳେ ପତ୍ରଗୁଡ଼ି ଗ୍ରାମ ନିକଟରେ ଅଭିଯୁକ୍ତମାନେ ଅଟକାଇ ଥିଲେ। ଝାଡ଼ଖଣ୍ଡ ରାଜ୍ୟର ୨ ଚାଳକଙ୍କୁ ଖଣ୍ଡା ଓ ବୋମା ଦେଖାଇ ୨୦ ହଜାର ଟଙ୍କା ମାଗିଥିଲେ। ଟ୍ରକ୍ ଚାଳକଦ୍ୱୟ ଟଙ୍କା ନାହିଁ କହିବାରୁ ମାଡ଼ମାରି ୨୮ ଶହ ଟଙ୍କା ଓ ୨ଟି ମୋବାଇଲ ଫୋନ ଛଡ଼ାଇଥିଲେ। ଏ ନେଇ ଏତଲା ହେବା ପରେ ତଦନ୍ତ କରାଯାଇଥିଲା ବୋଲି ଆଇଆଇସି କହିଛନ୍ତି।

# ମଦ ଭାଟି ବନ୍ଦ କରିବାକୁ ସ୍ମାରକପତ୍ର

ଛତ୍ରପୁର,୧୯।୮(ଡି.ଏନ.ଏ)


ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଛତ୍ରପୁର ବ୍ଲକ ଅଗସ୍ତିନୂଆଗାଁ ପଞ୍ଚାୟତ ଅଧିନ ସାନନୋଲିଆରେ ଥିବା ମଦଭାଟି ବନ୍ଦ କରିବାକୁ ଦାବି ହୋଇଛି। ସାନନୋଲିଆ ନୂଆଗାଁ ଓ ବଡ ନୋଲିଆ ନୂଆଗାଁବାସୀ ବୁଧବାର ଛତ୍ରପୁରରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଏ ନେଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମଦ ଭାଟିରୁ ନିର୍ଗତ ପୋଚ ପାଣି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଯାହାଫଳରେ ସ୍ଥାନୀୟ ଲୋକେ ଓ ଗାଈଗୋରୁ ରୋଗାକ୍ରାନ୍ତ ହେଉଛନ୍ତି। ଏଥିସହ ଚାଷ ଜମି ମଧ୍ୟ ନଷ୍ଟ ହେବାରେ ଲାଗିଛି। ଅନ୍ୟପକ୍ଷରେ ରାସ୍ତା ପାର୍ଶ୍ୱରେ ଭାଟି ଥିବାରୁ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ଗାଁରୁ ମହିଳାମାନେ ଉକ୍ତ ରାସ୍ତା ଦେଇ ମାଛ ବିକ୍ରି କରିବାକୁ ଗଲେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରୁଛନ୍ତି। ତେଣୁ ଉକ୍ତ ମଦଭାଟି ବନ୍ଦ କରିବାକୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି।

# କନ୍ଧମାଳରେ ହେବନି ଗଣେଶ ପୂଜା

ଫୁଲବାଣୀ ଅଫିସ, ୧୯।୮

କନ୍ଧମାଳ ଜିଲାରେ କରୋନା ସଂକ୍ରମଣ ବଢ଼ି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଗଣେଶ ପୂଜା ବନ୍ଦ ପାଇଁ ବୁଧବାର ନିଷ୍ପତି ନେଇଛି। କୌଣସି ପରିସ୍ଥିତିରେ ପୂଜା ବା ଉପାସନା ସ୍ଥଳୀରେ ଶ୍ରଦ୍ଧାଳୁ ଏକାଠି ହୋଇ ପାରିବ ନାହିଁ। ପୂଜା କମିଟିର ସଦସ୍ୟମାନେ ଗଣେଶ ପୂଜା ପାଳନ ସମ୍ପର୍କିତ ଆଲୋଚନା ପାଇଁ କୌଣସି ସଭା କରି ପାରିବେ ନାହିଁ। ସର୍ବସାଧାରଣ ସ୍ଥାନରେ ଗଣେଶ ମୂର୍ତ୍ତି ସ୍ଥାପନ, ପୂଜା ମଣ୍ଡପ ସ୍ଥାପନ, ତୋରଣ ଓ ତମ୍ବୁ ନିର୍ମାଣ ଇତ୍ୟାଦିକୁ ବାରଣ କରାଯାଇଛି। କୌଣସି ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ଯଦି ଏହି ନିର୍ଦ୍ଦେଶକୁ ବେଖାତିର ଅବା ଉଲ୍ଲଂଘନ କରିବେ, ସେମାନଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି।

# ପଞ୍ଚାୟତ ଜନପ୍ରତିନିଧିଙ୍କ ସହଯୋଗ ଲୋଡ଼ିଲା ପ୍ରଶାସନ

ଛତ୍ରପୁର,୧୯।୮(ଡି.ଏନ.ଏ)

କରୋନା ମହାମାରୀ ଯୋଗୁ ଚଳିତବର୍ଷ ଗଞ୍ଜାମ ଜିଲାରେ ଗଣେଶ ପୂଜା ପାଳନ କରାଯିବନି ବୋଲି ଜିଲାପାଳ କହିସାରିଛନ୍ତି। ଏହା ଯେଭଳି କଡାକଡି ଭାବେ କାର୍ଯ୍ୟକାରୀ ହେବ ସେ ନେଇ ଛତ୍ରପୁର ତହସିଲ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ବୁଧବାର ଛତ୍ରପୁର ବ୍ଲକର ପଞ୍ଚାୟତ ପ୍ରତିନିଧିମାନଙ୍କ ସହ ସ୍ଥାନୀୟ ତହସିଲଦାର ନୀଳମାଧବ ଭୋଇ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ସର୍ବସାଧାରଣ ସ୍ଥାନରେ ଗଣେଶ ପୂଜା ଯେଭଳି ନ ହେବ ଏବଂ ଜିଲାପାଳଙ୍କ ନିର୍ଦ୍ଦେଶ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ପାଇଁ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅନୁରୋଧ କରାଯାଇଛି। ଏଥିରେ ସହଯୋଗ କରିବା ପାଇଁ ତହସିଲଦାର କହିଛନ୍ତି। ନିଜ ଘରେ ଗଣେଶ ପୂଜା କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

# ପ୍ରେସ୍ ଲେଖି କାର୍‌ରେ ଗଞ୍ଜେଇ ଚାଲାଣ


ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି।

ଫୁଲବାଣୀ ଅଫିସ, ୧୯।୮

କନ୍ଧମାଳ ଜିଲାରେ ଚୋରା ବ୍ୟବସାୟୀମାନେ ବିଭିନ୍ନ ଉପାୟରେ ଗଞ୍ଜେଇ ଚାଲାଣ କରୁଛନ୍ତି। ସେପଟେ ଜିଲା ଚାରିପଟେ କରୋନା ପାଇଁ ଚେକିଂ କଡାକଡି କରାଯାଉଛି। ବିନା ପାସ୍‌ରେ ଗାଡିଗୁଡିକୁ ଛଡା ଯାଉନାହିଁ। ଏଭଳି ସ୍ଥିତିରେ ମଧ୍ୟ ଗଞ୍ଜେଇ ମାଫିଆ ନୂଆ କୌଶଳ ଆପଣାଉଛନ୍ତି। ପ୍ରେସ୍ ଲେଖା ଥିବା ଏକ କାର୍‌ରେ ଗୋଚ୍ଛାପଡା ଥାନା ସଲାଗୁଡାରୁ ଗଞ୍ଜେଇ ଚାଲାଣ ବେଳେ ସୁନାମୁଦି ପୋଲ ପାଖରେ ବୁଧବାର ପୋଲିସ କାବୁ କରିଛି। ଗାଡିରୁ ୧୦୨ କେଜି ଗଞ୍ଜେଇ, ୧ ଲକ୍ଷ ୪୭ ହଜାର ଟଙ୍କା, ୪ଟି ମୋବାଇଲ, ଏକ ବୁମ୍ ଜବତ ହୋଇଛି। ଏହି ଘଟଣାରେ

**୧.୪୭ ଲକ୍ଷ ଟଙ୍କା ଜବତ, ୫ ଗିରଫ**

ମୋଟ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଛତିଶଗଡର କ୍ରିଷ୍ଟ ଚୌହାନ, ଅର୍ଜୁନ ଯାଦବ, ପରମାନନ୍ଦ ଯାଦବ, ଷ୍ଟିଫାନ୍ ଟିଗୋ ଓ ସଲାଗୁଡାର ଆଦାମ ଦିଗାଲ। ଗୋଚ୍ଛାପଡା ଅଞ୍ଚଳରୁ ବୌଦ୍ଧ ଜିଲା କଣ୍ଟାମାଳ ଦେଇ ଛତିଶଗଡକୁ ଏହି ଗଞ୍ଜେଇ ଚାଲାଣ ହେଉଥିବା ଜେରାବେଳେ ଅଭିଯୁକ୍ତ କହିଛନ୍ତି। ଏ ନେଇ ନଂ.୪୭/୨୦ରେ ମାମଲା ରୁଜୁ ହୋଇଥିବା ସଦର ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଫୁଲକୋବି ଚାଷ ଦେଇଛି ସଫଳତା

ଦାରିଙ୍ଗବାଡ଼ି,୧୯।୮(ଡି.ଏନ୍.ଏ.)



ଦାରିଙ୍ଗବାଡ଼ି ଡୁଲୁରୀସାହିର ମୋଶେସ ପ୍ରଧାନ ଜଣେ ଗ୍ରାଜୁଏଟ। ୧୯୯୫ରେ ଗ୍ରାଜୁଏଟ୍ ପରେ ଚାକିରି ପଛରେ ନ ଧାଇଁ ପନିପରିବା ଚାଷ ପ୍ରତି ମନ ବଳାଇଥିଲେ। ଏବେ ସେ ଦାରିଙ୍ଗବାଡ଼ି ଅଞ୍ଚଳରେ ଜଣେ ସଫଳ ଚାଷୀ ଭାବେ ବେଶ୍ ପରିଚିତ। ଚଳିତ ବର୍ଷ କରୋନା ପାଇଁ ମାର୍ଚ୍ଚରୁ ଲକ୍‌ଡାଉନ, ଶଟ୍‌ଡାଉନ ପରେ ଅନେକ ଲୋକ ରୋଜଗାର ହରାଇଛନ୍ତି। ସୀମା ସିଲ୍ ଯୋଗୁ ପନିପରିବା ବ୍ରହ୍ମପୁର ସମେତ ଭୁବନେଶ୍ୱର ମାର୍କେଟକୁ ପଠାଇବା ମୁସ୍କିଲ ହୋଇପଡ଼ିଛି। ଏଥିପାଇଁ ଶହ ଶହ ଚାଷୀ କ୍ଷତି ସହୁଥିବା ବେଳେ ମୋଶେସ କିନ୍ତୁ ସ୍ୱଳ୍ପ ଖର୍ଚ୍ଚରେ ଅଧିକା ରୋଜଗାର କରିଥିବା କହିଛନ୍ତି। ମାତ୍ର ୧୨ ରୁ ୧୫ ହଜାର ଟଙ୍କା ଖର୍ଚ୍ଚ କରି କୋବି ଚାଷ କରି ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିଥିବା ସେ କହିଛନ୍ତି। ସେ କହିଛନ୍ତି, କୌଣସି ସହାୟତା ନ ମିଳିବାରୁ ନିଜ ପାଖରେ ଥିବା ୧୨ ରୁ ୧୫ ହଜାର ଟଙ୍କା ଖର୍ଚ୍ଚ କରି ଫୁଲକୋବି ଚାଷ ଆରମ୍ଭ କରିଥିଲେ। ଆହୁରି ୧୦ରୁ ୧୫

**ଗ୍ରାଜୁଏଟ ପରେ ଚାଷକୁ ଆପଣେଇଛନ୍ତି ମୋଶେସ**

ହଜାର ଟଙ୍କାର କୋବି ଜମିରେ ଅଛି ବୋଲି ସେ କହିଛନ୍ତି। ଲକ୍‌ଡାଉନ୍ ଯୋଗୁ ବାହାରକୁ ଯାଇ ପାରୁ ନ ଥିଲେ ମଧ୍ୟ ଅଞ୍ଚଳର ଗ୍ରାହକମାନେ ତାଙ୍କ ଚାଷ ଜମିରୁ ଆସି ତାଜି କୋବି କିଣି ନେଉଛନ୍ତି। କିଲୋପିଛା ୩୫ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଥିବା ମୋଶେସ କହିଛନ୍ତି। କରୋନା ମହାମାରୀ ବେଳେ ଚାକିରିଆ ରୋଜଗାର ହରାଇଥିବାବେଳେ ଚାଷ ସଫଳତା ଦେଇଥିବାରୁ ସେ ଯୁବପିଢ଼ୀଙ୍କୁ ମଧ୍ୟ ପନିପରିବା ଚାଷ କରିବାକୁ ପରାମର୍ଶ ଦେଇଛନ୍ତି। ତାଙ୍କର ସଫଳତା ପାଇଁ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ ସାଧୁବାଦ ଜଣାଇଛନ୍ତି।

# ଚଢ଼ା ଦରରେ ସାର ବିକିଲେ କାର୍ଯ୍ୟାନୁଷ୍ଠାନ

ଶେରଗଡ଼,୧୯।୮(ଡି.ଏନ୍.ଏ.):

ଶେରଗଡ ଅଞ୍ଚଳରେ ୟୁରିଆ ସାର ଚଢା ଦରରେ ବିକ୍ରି ହେଉଥିବା ଚାଷୀମାନେ ବାରମ୍ବାର ଅଭିଯୋଗ କରିଆସୁଥିଲେ। ସରକାରୀ ମୂଲ୍ୟ ୨୭୦ ଟଙ୍କା ଥିବାବେଳେ ଡିଲର ଓ ଦୋକାନୀ ୪୦୦ ଟଙ୍କାରେ ବିକ୍ରି କରୁଥିବା ପ୍ରଶାସନ ନିକଟରେ ଅଭିଯୋଗ ପରେ ଶେରଗଡ ତହସିଲଦାର ଡ. ଦୟାସିନ୍ଧୁ ପରିଡା, ସହକାରୀ କୃଷି ଅଧିକାରୀ ସୁବ୍ରତ କୁମାର ବାରିକ, ପିଡଲ ସହକାରୀ କୃଷି ଅଧିକାରୀ ବିଶ୍ୱନାଥ ବେହେରା ମଙ୍ଗଳବାର ସଦଳବଳ ଚାରିଛକର ୨ ଦୋକାନ ଓ ଧନନ୍ତର ଗ୍ରାମରେ ଥିବା

**ଷ୍ଟକ୍ ଯାଞ୍ଚ କଲେ ତହସିଲଦାର**

ଗୋଟିଏ ସାର ଦୋକାନରେ ଚଢାଉ କରି ଷ୍ଟକ ଯାଞ୍ଚ କରିଥିଲେ। କାହିଁକି ୪୦୦ ଟଙ୍କାରେ ୟୁରିଆ ବିକ୍ରି କରୁଛ ବୋଲି ପଚାରିବାରୁ ୟୁରିଆ ସହ ଜିଙ୍କ୍ ବିକ୍ରି କରିବାକୁ ସାର କମ୍ପାନୀ ବାଧ କରୁଛି, ଏଣୁ ଚଢା ଦରରେ ବିକୁଛି ବୋଲି କହିଥିଲେ। ମାତ୍ର ତହସିଲଦାର ପରିଡା ସରକାରୀ ଧାର୍ଯ୍ୟ ଦରରେ ନ ବିକିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଥିଲେ।

# ମହଜୁଦ୍ ଥାଇ ବି ଚାଷୀଙ୍କୁ ଦେଲେନି ସାର

ବୁଗୁଡ଼ା,୧୯।୮(ଡି.ଏନ୍.ଏ.)

ବୁଗୁଡ଼ାର କେତେକ ସାର ଦୋକାନରେ ସାର ମହଜୁଦ ଥାଇ ମଧ୍ୟ ଚାଷୀଙ୍କୁ ଦିଆଯାଉ ନ ଥିଲା। ଏ ନେଇ ଚାଷୀମାନେ ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ପ୍ରଶାସନର ହସ୍ତକ୍ଷେପ ଫଳରେ ଚାଷୀ ସାର ପାଇଥିବା ଜଣାପଡ଼ିଛି। ବର୍ତ୍ତମାନ ଚାଷ ପାଇଁ ଜମିରେ ସାର ଆବଶ୍ୟକ ପଡୁଛି। ବୁଗୁଡ଼ାର କେତେଜଣ ଡିଲରଙ୍କ ପାଖରେ ସାର ମହଜୁଦ ଥିଲେ ମଧ୍ୟ ସେମାନେ ଚାଷୀଙ୍କୁ ବିକ୍ରୟ କରୁ ନଥିଲେ। ବୁଧବାର ଶତାଧିକ ଚାଷୀ ସାର ନେବାକୁ ଡିଲର ଦୋକାନକୁ ଆସିଥିଲେ ମଧ୍ୟ ସେମାନଙ୍କୁ ଫେରାଇ ଦିଆଯାଇଥିଲା। ଏଥିରେ ସେମାନେ ଅସନ୍ତୋଷ ପ୍ରକାଶ କରି


ତହସିଲ କାର୍ଯ୍ୟାଳୟକୁ ଆସିଥିବା ଚାଷୀମାନେ।

ତହସିଲ କାର୍ଯ୍ୟାଳୟ ଯାଇ ବିକ୍ଷୋଭ ପ୍ରଦର୍ଶନ କରଥିଲେ। ସାର ଯୋଗାଇ ଦେବା ବ୍ୟବସ୍ଥା କରିବାକୁ ଚାଷୀମାନେ ପ୍ରଶାସନ ନିକଟରେ ଦାବି କରିଥିଲେ। ତହସିଲଦାର ସଂଗ୍ରାମ କେଶରୀ ଜେନା ତୁରନ୍ତ ସହ କୃଷି ଅଧିକାରୀ ନିହାର

**ପ୍ରଶାସନ ହସ୍ତକ୍ଷେପ ପରେ ହେଲା ସମାଧାନ**

ରଞ୍ଜନ ପୃଷ୍ଟିଙ୍କୁ ଏହା ଜଣାଇ ସମସ୍ୟା ସମାଧାନ କରିବାକୁ କହିଥିଲେ। ପରେ କୃଷି ଅଧିକାରୀ ଚାଷୀମାନଙ୍କ ସହ ଆସି ଡିଲରଙ୍କ ଠାରୁ ସାର କ୍ରୟ କରିବା ବ୍ୟବସ୍ଥା କରିଥିଲେ। ଏଥିସହ ସାର ବିକ୍ରୟରେ ଅବହେଳା ନ କରିବା ପାଇଁ ଡିଲରମାନଙ୍କୁ ତାଗିଦ ମଧ୍ୟ କରିଥିଲେ। ୨ଟି ଦୋକାନରୁ ଚାଷୀମାନଙ୍କୁ ସାର ଦିଆଯାଇଥିଲା।

## ସଂକ୍ଷେପରେ

### ଶେରଗଡ଼ କଲେଜ ବାଣିଜ୍ୟ ଟପ୍ପର ରଞ୍ଜନ

ଶେରଗଡ,୧୯।୮(ଡି.ଏନ୍.ଏ.)- ଶେରଗଡ ସ୍ଥିତ ଉଦୟ ପ୍ରତାପ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଶେରଗଡ କଲେଜ)ର ଯୁକ୍ତଦୁଇ ବାଣିଜ୍ୟ ଫଳାଫଳ ପ୍ରକାଶ ପାଇଛି। ୬୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୪୭ ଜଣ ପାସ୍ ହୋଇଛନ୍ତି। କେ. ରଞ୍ଜନ କୁମାର ରେଡ୍ଡୀ ୪୨୯ ନମ୍ବର ରଖି ଟପ୍ପର ହୋଇଛନ୍ତି। ହିମାନୀ ପ୍ରଧାନ ୩୭୨ ନମ୍ବର ରଖି ଦ୍ୱିତୀୟ ଓ ତ୍ରିଲୋଚନ ଡାକୁଆ ୩୬୯ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ପ୍ରଥମ ଶ୍ରେଣୀରେ ୪ଜଣ, ଦ୍ୱିତୀୟ ଶ୍ରେଣୀରେ ୯ଜଣ ଓ ତୃତୀୟ ଶ୍ରେଣୀରେ ୩୪ ଜଣ ପାସ୍ କରିଛନ୍ତି। ପାସ୍ ହାର ୭୫.୮୦ ପ୍ରତିଶତ ରହିଥିବା ଅଧକ୍ଷ ଉପେନ୍ଦ୍ର କୁମାର ବାଡତ୍ୟା, ବାଣିଜ୍ୟ ଅଧାପକ ଶ୍ରୀକାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି।

### ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ

ପାରଳାଖେମୁଣ୍ଡି,୧୯।୮(ସ୍ୱ.ପ୍ର.): ଗଜପତି ଜିଲା ପାରଳାଖେମୁଣ୍ଡିଠାରେ ବୁଧବାର ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ଫଟୋଗ୍ରାଫର୍‌ମାନେ ସ୍ଥାନୀୟ ରାଜଦାଣ୍ଡସ୍ଥିତ ଏକ ଷ୍ଟୁଡିଓରେ ଏକତ୍ରିତ ହୋଇ କରୋନା ନିୟମ ପାଳନ କରି ଏହି ଦିବସକୁ ପାଳନ କରିଛନ୍ତି। କାର୍ଯ୍ୟକ୍ରମରେ ଫଟୋଗ୍ରାଫି ସଂଘର ସଭାପତି ବିଶ୍ୱନାଥ ମିଶ୍ର, ଶ୍ରୀରାମ ରେଡ୍ଡି, ଜି.ଦିଲ୍ଲେଶ୍ୱର ରାଓ, ପି.ଶିବା, ଜଗଦୀଶ ମିଶ୍ର, ଅମରେନ୍ଦ୍ର ପ୍ରମୁଖ ଉପସ୍ଥିତ ରହି ଏହି ଦିବସ ପାଳନର ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ସହରରେ ୧୮୨ ଫଟୋଗ୍ରାଫର ରହିଛନ୍ତି। ଏହି ଅବସରରେ ଫଟୋଗ୍ରାଫର୍‌ମାନେ କୁଷ୍ଠାଶ୍ରମରେ ଖାଦ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି।

### ମଣ୍ଡଳ କାରାଗାରର ୩୫ ଅନ୍ତେବାସୀ କରୋନାରୁ ସୁସ୍ଥ

ବ୍ରହ୍ମପୁର ଅଫିସ,୧୯।୮- ବ୍ରହ୍ମପୁର ମଣ୍ଡଳ କାରାଗାରର ମୋଟ ୪୪ଜଣ ଅନ୍ତେବାସୀ ଓ କର୍ମଚାରୀ ଗତ ମାସରେ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରେ ୩୫ଜଣ ଅନ୍ତେବାସୀ ରହିଥିବା ବେଳେ ଜେଲରଙ୍କ ସମେତ ୯ଜଣ କର୍ମଚାରୀ ଥିଲେ। ଜେଲ ପରିସରରେ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ କରି ଏମାନଙ୍କ ଚିକିତ୍ସା କରାଯାଇଥିଲା। ଜିଲା ଚିକିତ୍ସାଳୟରୁ ଏକ ଡାକ୍ତରୀ ଟିମ୍ ଯାଇ ସେମାନଙ୍କ ଚିକିତ୍ସା କରିଥିଲେ। ସମସ୍ତ ଅନ୍ତେବାସୀ ସୁସ୍ଥ ହୋଇଥିବା ମଣ୍ଡଳ କାରାଗାର ଅଧୀକ୍ଷକ କୂଳମଣି ବେହେରା ସୂଚନା ଦେଇଛନ୍ତି। ସେହିପରି ଜେଲର୍ ଓ ଅନ୍ୟ କର୍ମଚାରୀ ମଧ ଆରୋଗ୍ୟ ହୋଇ କାର୍ଯ୍ୟରେ ଯୋଗ ଦେଇଛନ୍ତି।

### ଗଜପତି ଜିଲାରେ ୩୬ ଆକ୍ରାନ୍ତ ଚିହ୍ନଟ

ପାରଳାଖେମୁଣ୍ଡି,୧୯।୮(ସ୍ୱ.ପ୍ର.): ଗଜପତି ଜିଲାରୁ ଗତ ୨୪ ଘଣ୍ଟା ମଧ୍ୟରେ ଆଉ ୩୬ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିସହ ଜିଲାରେ ମୋଟ ପଜିଟିଭ ସଂଖ୍ୟା ୨୪୩୪ରେ ପହଞ୍ଚିଛି। ନୂତନ ସଂକ୍ରମିତମାନେ ପାରଳାଖେମୁଣ୍ଡି ସହରାଞ୍ଚଳ, ଗୋଷାଣୀ, ଗୁମ୍ମା, ନୁଆଗଡ଼, ରାୟଗଡ଼, କାଶୀନଗର ଏବଂ ମୋହନା ଅଞ୍ଚଳର ବୋଲି ସୂଚନା ମିଳିଛି।

### ଅସହାୟ ୪ ନାବାଳିକାଙ୍କ ସମସ୍ୟା ବୁଝିଲେ ସିଡିପିଓ

ଖଲ୍ଲିକୋଟ,୧୯।୮- ଖଲ୍ଲିକୋଟ ବ୍ଲକ ଶ୍ରୀକୃଷ୍ଣଶରଣପୁର ଗ୍ରାମର ଉମା ଦାସ (୩୫)ଙ୍କ ଗତ ୧୬ ତାରିଖରେ ବାଲୁଗାଁ ଥାନା ଅନ୍ତର୍ଗତ ନାଭାଲ ଫାଣ୍ଡି ନିକଟରେ ଏକ କାର ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ୭ ବର୍ଷ ପୂର୍ବେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିବା ପରଠୁ ଉମା ମୂଲ ଲାଗି ୪ ଝିଅଙ୍କୁ ଚଳାଉଥିଲେ। ମା'ଙ୍କ ମୃତ୍ୟୁ ପରେ ଏବେ ୪ ନାବାଳିକା ଅସହାୟ ହୋଇପଡ଼ିଛନ୍ତି। ଗ୍ରାମବାସୀ ସେମାନଙ୍କ ପାଇଁ ଚାଉଳ ଓ ଟଙ୍କା ଆଦାୟ କରି ଦେବା ସହ ପ୍ରଶାସନିକ ସହାୟତା ପାଇଁ ନିବେଦନ କରିଛନ୍ତି। ବୁଧବାର ଖଲ୍ଲିକୋଟ ସିଡିପିଓ ଅଂଶୁପା ସାହୁ ଗ୍ରାମରେ ପହଞ୍ଚି ନାବାଳିକାଙ୍କ ସମସ୍ୟା ପଚାରି ବୁଝିବା ସହ ସେମାନଙ୍କୁ ଚାଇଲ୍ଡ ହେଲପ୍ ଲାଇନ କେନ୍ଦ୍ରରେ ଥଇଥାନ କରିବା ପାଇଁ କହିଛନ୍ତି। ସ୍ଥାନୀୟ ସରପଞ୍ଚ ରବି ସେଠୀ ଚାଉଳ ପ୍ୟାକେଟ, ୨ ହଜାର ଟଙ୍କା ଦେଇଥିଲେ। ନବାଳିକାମାନଙ୍କ ପାଠପଢ଼ା ଓ ଭରଣପୋଷଣ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

# ଗଞ୍ଜାମ ଜିଲାରେ ପାସ୍ ହାର ୮୪.୨୦ପ୍ରତିଶତ

ବ୍ରହ୍ମପୁର ଅଫିସ,୧୯।୮

■ ଯୁକ୍ତ ୨ ବାଣିଜ୍ୟ ପରୀକ୍ଷା ଫଳ
■ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱରେ ଜିଲାର ୯ ପରୀକ୍ଷାର୍ଥୀ

ଯୁକ୍ତ ୨ ବାଣିଜ୍ୟ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ଗଞ୍ଜାମ ଜିଲା ରାଜ୍ୟସ୍ତରରେ ଉତ୍କର୍ଷତା ହାସଲ କରିଛି। ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ରାଜ୍ୟର ମୋଟ ୪୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଗଞ୍ଜାମ ଜିଲାର ୯ ଛାତ୍ରୀଛାତ୍ରଙ୍କ ନାମ ଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ସୂଚନା ଦେଇଛନ୍ତି। ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ୯ ପରୀକ୍ଷାର୍ଥୀଙ୍କ ମଧ୍ୟରେ ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭ ଓ ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ ବିଦ୍ୟାର୍ଥୀ ରହିଥିବା ସେ ସୂଚାଇଛନ୍ତି। ଏହାବ୍ୟତୀତ ଜିଲାରେ ଚଳିତ ଯୁକ୍ତ ୨ ବାଣିଜ୍ୟ ପାସ୍ ହାର ୮୪.୨୦ ପ୍ରତିଶତ ରହିଛି। ଯାହା ରାଜ୍ୟର ମୋଟ ପାସ୍ ହାରଠାରୁ ଅଧିକ ବୋଲି ଡ. ଓଝା କହିଛନ୍ତି। ଯୁକ୍ତ ୨ ବାଣିଜ୍ୟ ପରୀକ୍ଷା ଦେଇଥିବା ୨,୧୨୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧,୭୯୧ ପାସ ହୋଇଛନ୍ତି। ସେଥିମଧ୍ୟରୁ ୮୦୨ ପ୍ରଥମ, ୩୭୯ ଦ୍ୱିତୀୟ, ୬୦୪ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୬ ପରୀକ୍ଷାର୍ଥୀ କମ୍ପାର୍ଟମେଣ୍ଟାଲରେ ପାସ୍ କରିଛନ୍ତି। ୩ ପରୀକ୍ଷାର୍ଥୀ ମାଲପ୍ରାକ୍ଟିସ ଅଭିଯୁକ୍ତ ହୋଇଥିବାରୁ ସେମାନଙ୍କ ଫଳ ପ୍ରକାଶ ପାଇ ନ ଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଦକ୍ଷିଣାଞ୍ଚଳ ଅଧୀନ ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡା, ବୌଦ୍ଧ, କନ୍ଧମାଳ ଆଦି ୮ ଜିଲାରେ ୪,୫୩୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୩,୧୨୫ ଛାତୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି।

## ନୀଳକଣ୍ଠନଗର ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ସଫଳତା

ବ୍ରହ୍ମପୁର ଅଫିସ,୧୯।୮


କୃତୀ ଛାତ୍ରୀଛାତ୍ରଙ୍କ ସହ ପ୍ରଧାନ ଆଚାର୍ଯ୍ୟ ଓ ଅନ୍ୟମାନେ।

ଯୁକ୍ତ ୨ ବାଣିଜ୍ୟ ପରୀକ୍ଷାଫଳରେ ବ୍ରହ୍ମପୁରସ୍ଥିତ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ରାଜ୍ୟସ୍ତରରେ ରେକର୍ଡ ସଫଳତା ହାସଲ କରିଛନ୍ତି। ଚଳିତ ବର୍ଷ ୧୨୩ ଛାତ୍ରୀଛାତ୍ର ବାଣିଜ୍ୟ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୧୧୫ ଛାତ୍ରୀଛାତ୍ର ପ୍ରଥମ, ୬ ଦ୍ୱିତୀୟ, ୨ ଜଣ ଛାତ୍ରୀଛାତ୍ର ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିସହ ବିଦ୍ୟାଳୟର ୫୨ ଛାତ୍ରୀଛାତ୍ର ୫୦୦ରୁ ଊର୍ଦ୍ଧ୍ୱ ନମ୍ବର ରଖି ପାସ୍ କରିଥିବା ବେଳେ ୬୯ଜଣ ୮୦%ରୁ ଊର୍ଦ୍ଧ୍ୱ ଓ ୧୦୦ଜଣ ୭୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଏହାବ୍ୟତୀତ ରାହୁଲ ପ୍ରସନ୍ନ ସାହୁ ୫୬୧ ନମ୍ବର ଅର୍ଥାତ ୯୩.୫% ନମ୍ବର ରଖି ପ୍ରଥମ ସ୍ଥାନରେ ରହିଥିବା ବେଳେ ଏସ୍. ସାଇକ୍ରିଷ୍ଣା ପାତ୍ର ୫୫୪ ନମ୍ବର ତଥା ୯୨.୩୩% ନମ୍ବର ରଖି ଦ୍ୱିତୀୟ, ବି.ସ୍ନେହା ରାଣୀ ପାତ୍ର ୫୫୦ ତଥା ୯୧.୬୬% ନମ୍ବର ରଖି ତୃତୀୟ, ଏ. ସନ୍ତୋଷୀ ପାତ୍ର ୫୪୮ ତଥା ୯୧.୩୩% ନମ୍ବର ରଖି ଚତୁର୍ଥ, ମିଳିତ ପ୍ରଗତି ରାଣୀ ହୋତା ଓ ବି.ଭି କ୍ରାନ୍ତି ରୋଷନ ଶର୍ମା ୫୪୫ ୯୦.୮୩% ନମ୍ବର ରଖି ପଞ୍ଚମ, ଆଦିତ୍ୟ ତ୍ରିପାଠୀ ୫୪୧ ୯୦.୧୬% ନମ୍ବର ରଖି ଷଷ୍ଠ ସ୍ଥାନରେ ରହିଛନ୍ତି।

ତେବେ ସେଥିମଧ୍ୟରେ ବିଦ୍ୟାଳୟରେ ପ୍ରଥମ ସ୍ଥାନ ହାସଲ କରିଥିବା ରାହୁଲ ପ୍ରସନ୍ନ ସାହୁ ରାଜ୍ୟରେ ତୃତୀୟ , ଏସ୍. ସାଇକ୍ରିଷ୍ଣା ପାତ୍ର ରାଜ୍ୟରେ ଷଷ୍ଠ ସ୍ଥାନ, ବି.

**ରାହୁଲ ପ୍ରସନ୍ନ ରାଜ୍ୟରେ ତୃତୀୟ**

ସ୍ନେହା ରାଣୀ ପାତ୍ର ରାଜ୍ୟରେ ୯ମ, ଏ. ସନ୍ତୋଷୀ ପାତ୍ର ରାଜ୍ୟରେ ୧୧ତମ, ପ୍ରଗତି ରାଣୀ ହୋତା ଏବଂ ପି.ଭି.କ୍ରାନ୍ତି ରୋଶନ ଶର୍ମା ରାଜ୍ୟରେ ୧୪ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଆଦିତ୍ୟ ପ୍ରସାଦ ତ୍ରିପାଠୀ ରାଜ୍ୟରେ ୧୮ତମ ସ୍ଥାନରେ ରହିଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର, ଉପସଭାପତି ଡ. ହରିକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ଇଂ. ମମତା ପାଣିଗ୍ରାହୀ, କୋଷାଧ୍ୟକ୍ଷ ରବୀନ୍ଦ୍ର ନାଥ ଜେନା, ଅଧ୍ୟକ୍ଷ ଏସ୍. ମୋହନ ରାଓ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଉମାଧବ ମହାନ୍ତି, ଉପଦେଷ୍ଟା ଧର୍ମରାଜ ସାହୁ, ନରସିଂହ ଚୌଧୁରୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଲଗାଣ ବର୍ଷା: ଧୋଇଗଲା ରାସ୍ତା

ଜୟପୁର /ଦଶମନ୍ତପୁର, ୧୯।୮(ଡି.ଏନ.ଏ.)


ଧୋଇ ଯାଇଥିବା ରାସ୍ତା।

ଲଘୁଚାପ ପ୍ରଭାବରେ ଦକ୍ଷିଣ ଓଡିଶାରେ ବୁଧବାର ପ୍ରବଳ ବର୍ଷା ହୋଇଛି। କୋରାପୁଟ ଜିଲା ଜୟପୁର ସହରରେ ପୂର୍ବାହ୍ନ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ୯ ଘଣ୍ଟାରେ ୮୮ ମିମି ବର୍ଷା ହୋଇଛି। ପାରାବେଡା ଅଞ୍ଚଳର କେତେକ ତଳିଆ ଅଞ୍ଚଳରେ ଲୋକଙ୍କ ଘରେ ବର୍ଷା ପାଣି ପଶିଛି।

ସେହିପରି ଲଗାଣ ବର୍ଷାରେ ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିଲିଗୁମ୍ମା ପଞ୍ଚାୟତର ପକ୍କା ରାସ୍ତାରୁ ଗୋଟିଏ ପାର୍ଶ୍ୱ ମାଟି ଧସି ଧୋଇ ହୋଇଯାଇଛି। ଖବରରୁ ଜଣାପଡିଛି , ଟିକିରାପଡ଼ା ଏବଂ ବାଘଲମତି ଗ୍ରାମକୁ ମରିଚଗୁଡ଼ା ଗ୍ରାମରୁ ଟିକିରାପଡ଼ା ଯାଏ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହୋଇଥିଲା। ଆର୍‌ଡ଼ି ବିଭାଗ ପକ୍ଷରୁ ଏହି ୫କିମି ରାସ୍ତା ନିର୍ମାଣ ହୋଇଥିଲା। ଲଗାଣ ବର୍ଷା ଏହି ରାସ୍ତାରେ କ୍ଷତି ପହଞ୍ଚାଇଛି। ଆଗକୁ ଯଦି ବର୍ଷା ଜାରି ରହେ ତେବେ ଏହି ରାସ୍ତା ସମ୍ପୂର୍ଣ୍ଣ

**ଜୟପୁରରେ ୯ଘଣ୍ଟା ଧରି ପ୍ରବଳ ବର୍ଷା**

ଧୋଇହୋଇଯାଇ ଯୋଗାଯୋଗ ବିଚ୍ଛିନ୍ନ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଆମେ ବିଭିନ୍ନ କାର୍ଯ୍ୟରେ ବ୍ଲକ କାର୍ଯ୍ୟାଳୟ, ବ୍ୟାଙ୍କ କିମ୍ବା ତହସିଲ କାର୍ଯ୍ୟାଳୟ ଯିବା କଷ୍ଟକର ହୋଇ ପଡ଼ିବ ବୋଲି ଗ୍ରାମର ନବୀନ ମୁଦୁଲି, ମୁନି ମୁଦୁଲି, ପତି ମୁଦୁଲି, ବାସପତି ମୁଦୁଲି, କାନ୍ତ ଦିଶାରି, ଟିଙ୍ଗୁ ମୁଦୁଲି ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ଖବର ପାଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦୁର୍ଗା ଚରଣ ମାରାଣ୍ଡି ଘଟଣା ସ୍ଥଳକୁ ଯାଇ ଅନୁଧ୍ୟାନ କରି ଫେରିଛନ୍ତି। ଏ ସମ୍ପର୍କରେ ତାଙ୍କୁ ପଚାରିବାରୁ ସେ କହିଲେ ଯେ, ଲଗାଣ ବର୍ଷାରେ ରାସ୍ତା ନଷ୍ଟ ହେବାନେଇ ମୁଁ ଜିଲାପାଳଙ୍କୁ ଅବଗତ କରାଇଛି। ଜିଲା ପ୍ରଶାସନ ପକ୍ଷରୁ ଅନୁଦାନ ଆସିଲେ ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ।

## ସରିଲା ରିମାଣ୍ଡ, ଜେଲ ଗଲେ ମନୋଜ

ବ୍ରହ୍ମପୁର ଅଫିସ,୧୯।୮

**ଜବତ ହେବ ଲୁଟ୍ ଟଙ୍କାରେ କିଣିଥିବା ଗହଣା**

କାର୍‌ରୁ ବନ୍ଧୁକ ଓ ଗୁଳି ଜବତ ଘଟଣାରେ ଗିରଫ ହୋଇ ଜେଲ୍ ଯାଇଥିବା ମନୋଜ ସାହୁଙ୍କୁ ଟାଉନ୍ ଥାନା ପୋଲିସ ରିମାଣ୍ଡରେ ଆଣିଥିଲା। ୩ ଦିନିଆ ରିମାଣ୍ଡ ଅବଧି ଶେଷ ହେବା ପରେ ବୁଧବାର ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏଟିଏମ୍ କାର୍ଡ ବଦଳ କରି ମନୋଜ ଗ୍ୟାଙ୍ଗ ବିଭିନ୍ନ ଜିଲାରେ ପ୍ରାୟ ୨୦ରୁ ୨୨ଟି ଠକେଇ କରିଥିଲେ। ଲୁଟ୍ କରିଥିବା ଟଙ୍କାରେ ମନୋଜ ଓ ତାଙ୍କ ୨ଜଣ ସହଯୋଗୀ ଅୟସ କରିଛନ୍ତି। ଲୁଟ ଟଙ୍କାରେ ମନୋଜ ସୁନା ଗହଣା ଓ ଘର କରଣା ସାମଗ୍ରୀ ଆଦି କିଣିଥିବା ଜେରା ବେଳେ ସ୍ୱୀକାର କରିଛି। ତେଣୁ ଲୁଟ୍ ଟଙ୍କାରେ କିଣା ଯାଇଥିବା ସୁନା ଗହଣା ଓ ଘରକରଣା ସାମଗ୍ରୀ ଜବତ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡିଛି। କନ୍ଧମାଳ ଓ ଖୋର୍ଦ୍ଧାରେ ମନୋଜଙ୍କ ବ୍ୟାଙ୍କ ଆକାଉଣ୍ଟ ରହିଥିଲେ ମଧ ସେଥିରେ ଟଙ୍କା ନ ଥିବା ଯାଞ୍ଚ ପରେ ସ୍ପଷ୍ଟ ହୋଇଛି। ପୂର୍ବରୁ ପୋଲିସ ମନୋଜଙ୍କ ନିକଟରୁ ଏକ ପିସ୍ତଲ, ୩ ରାଉଣ୍ଡ ଗୁଳି, କାର୍ ଓ ୭୦ହଜାର ଟଙ୍କାର ଦାମୀ ମଦ ଜବତ କରିଥିଲା।

## କରୋନାରେ ୱାର୍ଡ ସଭ୍ୟଙ୍କ ମୃତ୍ୟୁ

ଦିଗପହଣ୍ଡି,୧୯।୮(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ କୁଶପଡା ପଞ୍ଚାୟତ କେ.ସାମନ୍ତରାପୁର ଗ୍ରାମର ୯ ନଂ. ଓାର୍ଡସଭ୍ୟ କେ.କୁରିଆ ରେଡ୍ଡୀ (୫୫)ଙ୍କର କୋଭିଡ୍ ହସ୍‌ପିଟାଲରେ ମୃତ୍ୟୁ ଘଟିଛି। କିଛିଦିନ ପୂର୍ବେ ତାଙ୍କ କରୋନା ରିପୋର୍ଟ ପଜିଟିଭ ଆସିଥିଲା। ଡାକ୍ତରଙ୍କ କୋଭିଡ୍ ହସ୍‌ପିଟାଲକୁ ଯିବାକୁ ପରାମର୍ଶ ଦେଇଥିଲେ ମଧ ସେ ଯାଇ ନ ଥିଲେ। ଗତ ୫ ଦିନ ତଳେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର କୋଭିଡ୍ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ସମେତ ବ୍ଲକ ଉପାଧ୍ୟକ୍ଷା ପ୍ରତିନିଧି ଏମ୍. ନିରଞ୍ଜନ ରେଡ୍ଡୀ, ସରପଞ୍ଚ ପ୍ରତିନିଧି ଏସ୍. ଗାନ୍ଧୀ ଦୋରା, ବି. ବାଲାଜୀ ରେଡ୍ଡୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଦେଢ଼ ହଜାର ଟପିଲା କରୋନା ପଜିଟିଭ ସଂଖ୍ୟା

ଫୁଲବାଣୀ ଅଫିସ, ୧୯।୮

କନ୍ଧମାଳ ଜିଲାରେ ବୁଧବାର ୩୦ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ଜଣ କରୋନା ଯୋଦ୍ଧା ଅଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୫୯୦ରେ ପହଞ୍ଚିଛି। ନୂଆ ଚିହ୍ନଟଙ୍କ ମଧ୍ୟରେ ୧୨ ମହିଳା ଓ ୧୮ ପୁରୁଷ ରହିଛନ୍ତି। ଫୁଲବାଣୀରୁ ୪, ଜି. ଉଦୟଗିରିରୁ ୭, ଦାରିଙ୍ଗବାଡିରୁ ୬, କେ.ନୂଆଗାଁରୁ ଜଣେ, ଟିକାବାଲିରୁ ଜଣେ, ତୁମୁଡିବନ୍ଧରୁ ୫, ରାଇକିଆରୁ ୨ ଏବଂ ବାଲିଗୁଡାରୁ ୩ ଜଣ ଅଛନ୍ତି।

## କନ୍ଧମାଳରେ ପାସ୍ ହାର ୬୦.୪୪%

ଫୁଲବାଣୀ ଅଫିସ, ୧୯।୮

କନ୍ଧମାଳ ଜିଲାରେ ଯୁକ୍ତ ୨ ବାଣିଜ୍ୟରେ ପାସ୍‌ହାର ରହିଛି ୬୦.୪୪ ପ୍ରତିଶତ। ଜିଲାରେ ମୋଟ ୨୨୫ ଜଣ ପରୀକ୍ଷା ଦେଇଥିବା ବେଳେ ୧୩୬ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨୪ ଜଣ ପ୍ରଥମ ଶ୍ରେଣୀରେ, ୩୫ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ତୃତୀୟ ଶ୍ରେଣୀରେ ୭୭ ଜଣ ପାସ୍ କରିଛନ୍ତି।

ଫୁଲବାଣୀ ସରକାରୀ ଜୁନିୟର କଲେଜର ୬୨ ଜଣ ପରୀକ୍ଷା ଦେଇଥିବାବେଳେ ୪୭ ପାସ୍ କରିଛନ୍ତି। ୧୨ ଜଣ ପ୍ରଥମ ଶ୍ରେଣୀରେ, ୧୬ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୧୯ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ଛାତ୍ର ଅମ୍ଳାନ ଅଭିନନ୍ଦନ ୪୬୭ ନଂ. ରଖି ଜିଲା ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ସେହିପରି ବାଲିଗୁଡା ଆଦିବାସୀ ମହାବିଦ୍ୟାଳୟରେ ୯୬ ଜଣ ପରୀକ୍ଷା ଦେଇଥିବାବେଳେ ୫୫ ଜଣ ପାସ୍ କରିଛନ୍ତି। ୬ ଜଣ ପ୍ରଥମ ଶ୍ରେଣୀରେ, ୧୦ ଜଣ ଦ୍ୱିତୀୟ ଏବଂ ୩୯ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ସୁମିତ୍ ସେନାପତି ୪୩୫ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ବ୍ରାହ୍ମଣୀଗାଁ କଲେଜରେ ୫୬ ଜଣଙ୍କ ମଧ୍ୟରୁ ୩୪ ଜଣ ପାସ୍ କରିଛନ୍ତି। ୬ ଜଣ ପ୍ରଥମ ଶ୍ରେଣୀ, ଦ୍ୱିତୀୟ ଶ୍ରେଣୀରେ ୯ ଓ ତୃତୀୟ ଶ୍ରେଣୀରେ ୧୯ ଜଣ ପାସ୍ କରିଛନ୍ତି। ଛାତ୍ର ଲିପୁ ଦିଗାଲ ୪୫୭ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି।

## ଗଜପତିରେ ଯୁକ୍ତ ୨ ବାଣିଜ୍ୟ ପାସ୍ ହାର ୭୩.୪୩%

ପାରଳାଖେମୁଣ୍ଡି,୧୯।୮(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ସହରସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟର +୨ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇଛି। ଜିଲାରେ ଏକମାତ୍ର ଏହି କଲେଜରେ ଯୁକ୍ତ ୨ ବାଣିଜ୍ୟ ବିଭାଗ ରହିଛି। ଏଠାରେ ଚଳିତବର୍ଷ ରୋଗୁଲାରରେ ୫୮ ଓ ଏକ୍ସରେଗୁଲାରରେ ୬ ଏପରି ମୋଟ ୬୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ରେଗୁଲାର ପରୀକ୍ଷାର୍ଥଙ୍କ ମଧ୍ୟରୁ ୪୩ ଜଣ ପାସ କରିଥିବା ବେଳେ ଏକ୍ସରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪ ଜଣ ପାସ କରିଛନ୍ତି। ରେଗୁଲାର୍‌ରେ ପାସ ହାର ୭୩.୪୩% ରହିଛି। ପ୍ରଥମ ଶ୍ରେଣୀରେ ୧୧ଜଣ, ଦ୍ୱିତୀୟ ଶ୍ରେଣୀରେ ୧୦ ଓ ତୃତୀୟ ଶ୍ରେଣୀରେ ୨୨ ଜଣ ପାସ କରିଛନ୍ତି। ୧୫ଜଣ ଫେଲ ହୋଇଛନ୍ତି। ସେହିପରି ଏକ୍ସରେଗୁଲାରରେ ପ୍ରଥମ ଶ୍ରେଣୀରେ ଜଣେ, ଦ୍ୱିତୀୟ ଶ୍ରେଣୀରେ ଜଣେ ଓ ତୃତୀୟ ଶ୍ରେଣୀରେ ୨ଜଣ ପାସ କରିଛନ୍ତି। ୨ଜଣ ଏକ୍ସରେଗୁଲାର ପରୀକ୍ଷାର୍ଥୟୀ ଫେଲ ହୋଇଥିବା କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## କଣ୍ଟେନ୍‌ମେଣ୍ଟ ଜୋନ୍ ହେଲା କେନ୍ଦୁପଦର ଗ୍ରାମ

ଆସିକା,୧୯।୮(ଡି.ଏନ୍.ଏ.)

**ମୁନିଗାଡି, କେଶରାପଲ୍ଲୀ ବଫର ଜୋନ୍**

ଆସିକା ବ୍ଲକର କେନ୍ଦୁପଦର ପଞ୍ଚାୟତରେ ବୁଧବାର ସୁଦ୍ଧା ୬୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଆକ୍ରାନ୍ତଙ୍କ ସଂଖ୍ୟାକୁ ଦେଖି କେନ୍ଦୁପଦର ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ସେହିପରି ମୁନିଗାଡି ପଞ୍ଚାୟତ ଅନ୍ତର୍ଗତ ମୁନିଗାଡି ଓ କେଶରାପଲ୍ଲୀ ଗ୍ରାମକୁ ବଫର ଜୋନ୍ ଭାବେ ଘୋଷଣା କରାଯାଇଛି। ମଙ୍ଗଳବାର ରାତିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ପକ୍ଷରୁ ଏ ସମ୍ପର୍କିତ ନିର୍ଦ୍ଦେଶନାମା ଜାରି ହୋଇଥିବା ବେଳେ ବୁଧବାରଠାରୁ ଏହାକୁ କାର୍ଯ୍ୟକାରୀ କରାଯାଇଥିବା ଆସିକା ବିଡିଓ ରୋଶନ ଶତପଥୀ ସୂଚନା ଦେଇଛନ୍ତି। କଣ୍ଟେନମେଣ୍ଟ ଓ ବଫର ଜୋନ ସଂକ୍ରାନ୍ତୀୟ କଟକଣା ସମ୍ପର୍କରେ ପଞ୍ଚାୟତ ପକ୍ଷରୁ ସମ୍ପୃକ୍ତ ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ଅବଗତ କରାଯାଇଛି। ଏଥିସହ ଗ୍ରାମ ପ୍ରବେଶ ପଥରେ ବ୍ୟାରିକେଡ୍ ଓ ଅସ୍ଥାୟୀ ଚେକପୋଷ୍ଟ କରି ନଜର ରଖିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ଆସିକା ଅତିରିକ୍ତ ତହସିଲଦାର ଆଶୁତୋଷ ଗୌରବକରଙ୍କୁ ଘୋଷିତ ଅଞ୍ଚଳର ଦାୟିତ୍ୱ ସହ କାଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଭାବେ ଦାୟିତ୍ୱ ଦିଆଯାଇଛି। କଣ୍ଟେନମେଣ୍ଟ ଅଞ୍ଚଳର ଜନସାଧାରଣଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ନିମନ୍ତେ ପ୍ରଶାସନ ପକ୍ଷରୁ ପଞ୍ଚାୟତକୁ ନିର୍ଦ୍ଦେଶ ଦିଆଯାଇଛି।

## ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ୧୧୮ତମ ଜୟନ୍ତୀ ପାଳିତ

ପାରଳାଖେମୁଣ୍ଡି,୧୯।୮(ସ୍ୱ.ପ୍ର.):

ପାରଳାଖେମୁଣ୍ଡି ଭଣ୍ଡାରୀ ସାହିସ୍ଥିତ ଉତ୍କଳ ହିତୈଷିଣୀ ସଭାଗୃହରେ ବୁଧବାର ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ୧୧୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଗଜପତି ଶାଖା ଏବଂ ସତ୍ୟ ନାରାୟଣ ରାଜଗୁରୁ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ପଦ୍ମଶ୍ରୀ ରାଜଗୁରୁଙ୍କ ସ୍ମୃତିଚାରଣ କରାଯାଇଥିଲା। ସେ ଏକାଧାରରେ ଜଣେ ଐତିହାସିକ, ଗବେଷକ, ଲିପିତତ୍ତ୍ୱ, ସାହିତ୍ୟିକ, ପ୍ରାବନ୍ଧିକ, ନାଟ୍ୟକାର ଥିଲେ। ବହୁ ପ୍ରତିଭାର ଅଧିକାରୀଭାବେ ୧୯୭୪ରେ ତାଙ୍କୁ ଭାରତ ସରକାରଙ୍କଠାରୁ ପଦ୍ମଶ୍ରୀ ଉପାଧିରେ ଭୂଷିତ କରାଯାଇଥିଲା। ଚଳିତ ବର୍ଷ କରୋନା କଟକଣା ଯୋଗୁ ସଭା ସମିତିର ଆୟୋଜନ କରା ନ ଯାଇ କୋର୍ଟ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ କେବଳ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ଏହି ଅବସରରେ କମିଟିର ସମ୍ପାଦକ ବିନୋଦ ଚନ୍ଦ୍ର ଜେନାଙ୍କ ସମେତ ସଦସ୍ୟ ଭାରତ ଭୂଷଣ ମହନ୍ତି, ଜଗଦିଶ ମହାପାତ୍ର, ତିରୁପତି ପଣ୍ଡା, ଅରକ୍ଷିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ସାନିଟାଇଜ୍ କରିବାକୁ ଦାବି

ଶେରଗଡ,୧୯।୮(ଡି.ଏନ୍.ଏ.)

ଶେରଗଡ ବ୍ଲକରେ ଥିବା ୧୪୪ ବିଦ୍ୟାଳୟରୁ ୧୨୬ଟିରେ ସଙ୍ଗରୋଧ କେନ୍ଦ୍ର କରାଯାଇଥିଲା। ବ୍ଲକର ୨୨ ପଞ୍ଚାୟତର ମୋଟ ୬୦୦୦ରୁ ଊର୍ଦ୍ଧ୍ୱ ପ୍ରବାସୀ ଆସି ୯୦ଟି ବିଦ୍ୟାଳୟରେ ରହିଥିଲେ। ଅନ୍ୟଗୁଡିକରେ କାହାରିକୁ ରଖାଯାଇ ନ ଥିଲା। ପ୍ରବାସୀମାନେ ବିଦ୍ୟାଳୟରେ ଶୋଇବା ସହ, ପାଇଖାନା ଓ ଗାଧୁଆଘର ବ୍ୟବହାର କରିଥିଲେ। ସଙ୍ଗରୋଧ ସରିଥିଲେ ମଧ ସେଗୁଡିକ ସଫେଇ ହୋଇନାହିଁ। କେବଳ ତରବରିଆ ଭାବେ ସାନିଟାଇଜ କରାଯାଇଛି। କରୋନା ଭୟରେ ବିଦ୍ୟାଳୟ ପରିସର କେହି ସଫେଇ କରୁନାହାନ୍ତି। ବିଭିନ୍ନ ବିଦ୍ୟାଳୟରେ ପାଇଖାନା ଓ ଗାଧୁଆଘର, ପାନୀୟଜଳ ବ୍ୟବସ୍ଥା ଆଦି ଭାଙ୍ଗିରୁଜି ଯାଇଛି। ବିଦ୍ୟାଳୟ ଖୋଲିଲେ ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହେବେ। ଏନେଇ ଶିକ୍ଷକ ଓ ପରିଚାଳନା କମିଟି ଚିନ୍ତାରେ ପଡିଛନ୍ତି। ତୁରନ୍ତ ଏଗୁଡିକୁ ଭଲରେ ସାନିଟାଇଜ୍ ସହ ସଫେଇ କରିବାକୁ ଅଭିଭାବକମାନେ ବିଇଓ ଓ ବିଡିଓଙ୍କ ନିକଟରେ ଦାବି କରିଛନ୍ତି। ବିଇଓ ଏନେଇ ପତ୍ର ଲେଖି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ଏନେଇ ବିଇଓ ଭାସ୍କର ଲେଙ୍କା କୁହନ୍ତି, ଆମ୍ଭ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟାଳୟ ପାଇଖାନା, ସାନିଟାଇଜ, ନଷ୍ଟ ହୋଇଥିବା ବୈଦ୍ୟୁତିକ ସରଞ୍ଜାମ ସଜାଡିବା ପାଇଁ ଚିଠିଲେଖି ପ୍ରଶାସନକୁ ଅବଗତ କରିଛୁ।

## ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ

ଶଙ୍କରାଖୋଲ,୧୯।୮(ଡି.ଏନ୍.ଏ.)


ନିର୍ମାଣ ହୋଇଥିବା ଚଉତରା।

ଚକାପାଦ ବ୍ଲକ (ଏଲ୍)ବପଲମେଣ୍ଡି ପଞ୍ଚାୟତ ପିଇଓ ବିଷ୍ଣୁ ବେହେରା ସରକାରୀ ଅର୍ଥ ଆତ୍ମସାତ କରିଥିବାବେଳେ ନିୟମିତ ଅଫିସ ଆସୁ ନଥିବା ଜିଲାପାଳ ଡ. ବୃନ୍ଦା ଡିଙ୍କ ନିକଟରେ ସରପଞ୍ଚ ସାରଳା କହଁର ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ପଞ୍ଚାୟତର ରାଗାଗୁଡା ଗ୍ରାମ ନିକଟସ୍ଥ ବୁଢ଼ାବୁଢୀ ଘାଟିଠାରେ ଏକ ଚଉତରା ନିର୍ମାଣ ହୋଇଥିଲା। କାମ ସରିବା ପରେ ୭୫୦୦୦ଟଙ୍କା ବିଲ୍ କରାଯାଇଥିଲା। ସେପ୍ଟେମ୍ବର ୬ରେ ପିଇଓ ବେହେରା ଓ ସରପଞ୍ଚ କହଁର ଚେକ୍‌ରେ ଦସ୍ତଖତ କରିଥିଲେ। ଚଞ୍ଚକତା କରି ଚେକ୍ ନେଇ ପିଇଓ ବ୍ୟାଙ୍କରୁ ଟଙ୍କା ଉଠାଇ

**ଜିଲାପାଳଙ୍କ ନିକଟରେ ଅଭିଯୋଗ କଲେ ସରପଞ୍ଚ**

ଆଣିଥିଲେ। ପରେ ସରପଞ୍ଚଙ୍କୁ ଆଉ ଦେଇ ନ ଥିଲେ। ଏଥିସହିତ ଭଡା ଟଙ୍କା ମଧ ଆତ୍ମସାତ କରିଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। ଏନେଇ ବିଡ଼ିଓ ଅନିଲ କୁମାର ପଟ୍ଟନାୟକ, ଟିକାବାଲି ଥାନା ଅଧିକାରୀ ରେବତୀ ଶବରଙ୍କୁ ଲିଖିତ ଅଭିଯୋଗ ପରେ କୌଣସି ସୁଫଳ ନ ମିଳିବାରୁ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ସରପଞ୍ଚ ସାରଳା କହଁର। ଏନେଇ ପିଇଓ ବେହେରାଙ୍କୁ ପଚାରିବାରୁ ଟଙ୍କା ଉଠାଇ ଆଣିଛି ଦେଇଦେବି ବୋଲି କହିଥିଲେ। ଭଡା ଟଙ୍କା ମଧ ଦିଆଯିବ ବୋଲି ସେ କହିଛନ୍ତି।

## ଦୟାନଦୀରେ ପ୍ରଥମ ବନ୍ୟାଜଳ

କଣାସ,(ସ୍ୱ.ପ୍ର.): ପୁରୀ ଜିଲା କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀ ଓ ତା'ର ଶାଖା ନଦୀ ରାଜୁଆ, ମଲାଗୁଣୀ, କାଣିଆ, ଲୁଣାନଦୀରେ ପ୍ରଥମ ବନ୍ୟାଜଳ ଆସିଛି। ନଦୀର ଦୁଇପାର୍ଶ୍ୱ ପଠାରେ ହୋଇଥିବା ବିଭିନ୍ନ ପନିପରିବା ଗଛଗୁଡିକ ବୁଡିଯିବାରୁ ବ୍ୟାପକ ଫସଲ କ୍ଷତିଗ୍ରସ୍ତ ହୋଇଛି। ସେପରି ଦୟା ଓ ରାଜୁଆ ନଦୀରେ ବନ୍ୟାଜଳ ବୃଦ୍ଧି ପାଇବାରେ ଲାଗିଥିବାରୁ ମଧବର୍ତ୍ତୀ ଅଞ୍ଚଳ ଦୋକନ୍ଦା, ବଡ଼ାସ, ଗଡ଼ବଳଭଦ୍ରପୁର ପଞ୍ଚାୟତର ସମସ୍ତ ଚାଷଜମି ବୁଡିଯାଇ ଅଧିକାଂଶ ଫସଲ ଜମି ନଷ୍ଟ ହୋଇଯାଇଛି। ଅନ୍ୟପଟେ ଲଘୁଚାପ ଜନିତ ବର୍ଷା ଲାଗିରହିବା ସାଙ୍ଗକୁ ହୀରାକୁଦ ଜଳଭଣ୍ଡାରରୁ ଗେଟ୍ ଖୋଲାଯାଇଥିବାରୁ କଣାସ ଅଞ୍ଚଳରେ ବନ୍ୟା ଆଶଙ୍କା ଥିବା ଜଣାପଡିଛି।

### ସଂକ୍ଷେପରେ

## ବଡ଼ଭାଇ ମୃତ୍ୟୁ ଖବର ଶୁଣି ସାନ ମୃତ

ଟାଙ୍ଗୀ(ଖୋର୍ଦ୍ଧା),୧୯।୮(ଡି.ଏନ.ଏ.): ମୃତ୍ୟୁ ଏମିତି ବି ଆସେ। ଗୋଟିଏ ଦିନରେ ମାତ୍ର ଏକ ଘଣ୍ଟା ବ୍ୟବଧାନରେ ଦୁଇ ଭାଇଙ୍କର ଜୀବନ ଚାଲିଯାଇଛି। ଏଭଳି ଦୁଃଖଦ ଘଟଣା ସ୍ଥାନୀୟ ଚାନ୍ଦପୁର ଅଞ୍ଚଳରେ ଘଟିଥିବା ଦେଖିବାକୁ ମିଳିଛି। ସେମାନେ ହେଲେ ଚାନ୍ଦପୁର ଅଞ୍ଚଳର ଗୋଦାବରୀଶ ସାହୁ(୬୩) ଓ ତାଙ୍କ ସାନ ଭାଇ ଲକ୍ଷ୍ମୀଧର ସାହୁ। ଗତ କିଛି ଦିନ ହେଲା ଗୋଦାବରୀଶ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ଚଳିତ ମାସ ୧୭ ତାରିଖରେ ଗୁରୁତର ହୋଇପଡ଼ିବାରୁ ଏମ୍ସକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହେଇଥିଲା। ଏହି ଖବର ଶୁଣି ସାନଭାଇ ଲକ୍ଷ୍ମୀଧରଙ୍କ ହଠାତ୍ ହୃଦ୍‌ଘାତ ହୋଇଥିଲା। ତାଙ୍କୁ ପ୍ରଥମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲକ୍ଷ୍ମୀଧରଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବଡ଼ଭାଇ ଗୋଦାବରୀ ଜଣେ ମେଳାପି, ସଂଗଠକ ଓ ପରୋପକାରୀ ମଣିଷ ଭାବେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା। ଏହି ଦୁଃଖଦ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ମୁଣ୍ଡଳି ବ୍ରିଜ୍‌ରୁ ଖସିଥିବା ଯୁବକ ବାଲିବନ୍ଧ ପଠାରୁ ଉଦ୍ଧାର

ନରାଜ, ୧୯।୮(ଡି.ଏନ୍.ଏ.): କଟକ ଜିଲା ମୁଣ୍ଡଳି ବ୍ରିଜ୍‌ରୁ ବୁଧବାର ପାଣିକୁ ଖସିପଡ଼ିଥିବା ଜଣେ ଯୁବକଙ୍କୁ ମହାନଦୀର ବାଲବନ୍ଧପଠା(ବ୍ରଜବିହାରୀପୁର)ରୁ ଉଦ୍ଧାର କରାଯାଇଛି। ସେ ହେଲେ ଆଠଗଡ ନୂଆବନ୍ଧ ଗ୍ରାମର ରତିରଞ୍ଜନ ମୁଦୁଲି(୨୮)। ସେ ଭୁବନେଶ୍ୱରରୁ ଅପରାହ୍ନ ସମୟରେ ଘରକୁ ଫେରୁଥିବା ବେଳେ ମୁଣ୍ଡଳି ବ୍ରିଜ୍ ନିକଟରେ ଅଟକି ମହାନଦୀକୁ ଦେଖୁଥିଲେ। ଏହି ସମୟରେ ଅସାବଧାନତାବଶତଃ ପାଣିରେ ପଡ଼ି ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବାରଙ୍ଗ ଓ ସିଡିଏ ଅଗ୍ନିଶମ ସେବାସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଖୋଜାଖୋଜି କରିଥିଲେ। ବାଲିବନ୍ଧପଠାରୁ ସନ୍ଧ୍ୟାରେ ରତିରଞ୍ଜନଙ୍କୁ ଉଦ୍ଧାର କରାଯାଇଥିଲା। ସେ ଏବେ ସୁସ୍ଥଥିବା ବାରଙ୍ଗ ଅଗ୍ନିଶମ ସେବା ଅଧିକାରୀ ରାଜକିଶୋର ଜେନା କହିଛନ୍ତି।

## ଗୟାବନ୍ଧରେ ହାତୀପଲଙ୍କ ଉପଦ୍ରବ

ନିରାକାରପୁର,୧୯।୮(ଡି.ଏନ.ଏ.): ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ ବିଭାଗ ଅଧୀନରେ ଥିବା ଓଳସିଂହ ପଞ୍ଚାୟତ ଗୟାବନ୍ଧ ଗ୍ରାମରେ ଗତ କିଛିଦିନ ହେବ ହାତୀପଲଙ୍କ ଉପଦ୍ରବ କରୁଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ରାତିରେ ଗ୍ରାମକୁ ହାତୀପଲ ଆସି ଅବଦୁଲ ଗଫାରଖାଁଙ୍କ ଘର ପଛପଟେ ଥିବା ପାଚେରି ଭାଙ୍ଗିବା ସହ ବାଡ଼ିରେ ଥିବା ବିଭିନ୍ନ ଗଛପତ୍ର ସବୁ ନଷ୍ଟ କରିଦେଇଛନ୍ତି। ସେହିପରି ଉକ୍ତ ଗ୍ରାମରେ ରବି ଫସଲ କରିଥିବା ଜଣେ ଚାଷୀଙ୍କ ଜମିରେ ପଶି କଖାରୁ ଫସଲ ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ଏହି ହାତୀପଲ ଗାଁ ପାଖରେ ଥିବା କାଜୁ ଜଙ୍ଗଲରେ ରହୁଥିବାବେଳେ ସନ୍ଧ୍ୟା ହେଲେ ପଦାକୁ ବାହରି ଏଣେତେଣେ ବୁଲି ନଷ୍ଟ କରୁଛନ୍ତି। ତେବେ ସନ୍ଧ୍ୟା ହେଲେ ଲୋକେ ବାହରକୁ ବାହରିବା ପାଇଁ ଭୟକରୁଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ଭୁଷଣ୍ଡପୁର ଫରେଷ୍ଟର ଗୋଦାବରିଶ ହୋତା କୁହନ୍ତି, ଗ୍ରାମରେ ହାତୀପଲ ବୁଲୁଥିବା ଖବର ପାଇଛୁ। ଭାଙ୍ଗିଥିବା ପାଚେରିଟା ସରକାରୀ ଜାଗାରେ ହୋଇଥିଲା। ତଥାପି ହାତୀଙ୍କୁ ଘଉଡାଇବାକୁ ଆମେ ଚେଷ୍ଟା ଜାରି ରହିଛି।

# ବିଷ ଝଡ଼ାଇବା ପାଇଁ ବୋଳା ହେଉଛି ଏସିଡ୍

### ଗୁଣିଆଙ୍କ ଅଜବ ଚିକିତ୍ସା

- ଯନ୍ତ୍ରଣାରେ ଛଟପଟ ହେଉଛନ୍ତି କାମୁଡ଼ା ରୋଗୀ
- ମୁଖ୍ୟମନ୍ତ୍ରୀ, ଡିଜିପି, ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କୁ ଚିଠି
- ତଦନ୍ତ ସହ ଅଭିଯୁକ୍ତଙ୍କୁ ଗିରଫ ଦାବି

ଭୁବନେଶ୍ୱର, ୧୯।୮(ବ୍ୟୁରୋ)



ଏବେ ବି ତନ୍ତ୍ରମନ୍ତ୍ର ଓ ଅନ୍ଧବିଶ୍ୱାସକୁ ନେଇ ଚିକିତ୍ସା ଚାଲିଛି। ଏଥିଯୋଗୁ କାହିଁ କେତେ ଜୀବନ ବିପଦ ମୁହଁକୁ ଚାଲିଯାଉଛି। ସାପ କିମ୍ବା ଅନ୍ୟକିଛି ବିଷାକ୍ତ ଜୀବଜନ୍ତୁ କାମୁଡ଼ିଲେ ରୋଗୀଙ୍କୁ ଡାକ୍ତରଖାନା ବଦଳରେ ଗୁଣିଆ ପାଖକୁ ନିଆଯାଉଛି। ବିଷ ଝାଡ଼ିବା ପାଇଁ ଗୁଣିଆ କରୁଛନ୍ତି ଅଜବ ଚିକିତ୍ସା। ଯେଉଁ ଅଙ୍ଗରେ ବିଷ ଚରିଥିବ ବୋଲି ଗୁଣିଆ ଭାବୁଛନ୍ତି ସେଥିରେ ସେ ଏସିଡ୍ ବୋଳି ଦେଉଛନ୍ତି। ଫଳରେ ଏସିଡ୍ ଜ୍ୱାଳାରେ ରୋଗୀ ଜଣକ ଛଟପଟ ହେଉଛନ୍ତି। ଚମଡ଼ା ପୋଡ଼ିଯିବାରୁ କପଡ଼ା ପିନ୍ଧିବା ଅସମ୍ଭବ ହୋଇପଡୁଥିବାବେଳେ ସାମାଜିକ କଳଙ୍କ ଭାବି ଲଜ୍ଜାରେ ଘର ଭିତରେ ରହି ମାନସିକ ଭାରସାମ୍ୟ ବି ହରାଉଛନ୍ତି। ଢେଙ୍କାନାଳ ଜିଲାରେ ଏଭଳି ସ୍ପର୍ଶକାତର ଘଟଣା ଦେଖିବାକୁ ମିଳିଛି। ନିକଟରେ ମୋଟଙ୍ଗା ଥାନା ଅନ୍ତର୍ଗତ ମୃଦଙ୍ଗାପଲ୍ଲୀ ଗ୍ରାମର ୩ଜଣଙ୍କ କ୍ଷେତ୍ରରେ ଏଭଳି ବିପଦପୂର୍ଣ୍ଣ ଚିକିତ୍ସା କରାଯାଇଥିବା ଜଣାପଡିଛି।

ମିଳିଥିବା ସୂଚନାନୁସାରେ, ସରିତା ମହାପାତ୍ର ନାମକ ଜଣେ ୨୫ବର୍ଷୀୟ ଯୁବତୀଙ୍କ ଗୋଡ଼ ଆଙ୍ଗୁଠିରେ ଗତ ୧୭ ତାରିଖରେ କ'ଣ ଗୋଟେ କାମୁଡି ଦେଇଥିଲା। ସାପ କାମୁଡ଼ି ଦେଇଥିବା ସନ୍ଦେହରେ ସେ ନିକଟ ଗାଁର ଜଣେ ଗୁଣିଆଙ୍କ ପାଖକୁ ଯାଇଥିଲେ। ଗୁଣିଆ ଜଣକ ତାଙ୍କ ଗୋଡ଼ରେ ଏସିଡ୍ ବୋଳି ଚିକିତ୍ସା କରିଥିଲେ। ତା'ପର ଦିନ ସରିତାଙ୍କ ଗୋଡ଼ କଳା ପଡ଼ି ଫୋଟକା ହୋଇଯାଇଥିଲା। ସେହିପରି ୪୫ ବର୍ଷୀୟ ଶୁଭଶ୍ରୀ ମହାପାତ୍ରଙ୍କ ବାମ ଗୋଡ଼ରେ ପ୍ରାୟ ୧୫ଦିନ ତଳେ ଏକ କଙ୍କଡ଼ାବିଛା କାମୁଡ଼ି ଦେଇଥିଲା। ସେ ମଧ ତାଙ୍କ ପାଖକୁ ଯିବାପରେ କ୍ଷତ ସ୍ଥାନରେ ଏସିଡ଼ ବୋଳି ଚିକିତ୍ସା କରିଥିଲେ। ଏହି ସମୟରେ ଶୁଭଶ୍ରୀ ମୁଣ୍ଡ ବୁଲାଉଥିବା କହିବାରୁ ଗୁଣିଆ ଜଣକ ମଧ ତାଙ୍କ ମୁଣ୍ଡରେ ଏସିଡ୍ ବୋଳିଦେଇଥିଲେ। ଫଳରେ ତାଙ୍କ ଦେହସାରା ଫୋଟକା ଆଉ ଘା' ହୋଇଯାଇଥିଲା। ଯନ୍ତ୍ରଣା ଅସହ୍ୟ ହେବାରୁ ସେ ଡାକ୍ତରଖାନା ଯାଇ ଔଷଧ ଖାଇବା ପରେ ସୁସ୍ଥ ହୋଇଛନ୍ତି। କିନ୍ତୁ ମୁଣ୍ଡରେ କଳା ଦାଗ ରହିଥିବାରୁ ଚିନ୍ତାରେ ରହିଛନ୍ତି ଶୁଭଶ୍ରୀ। ଆଉଜଣେ ରୋଗୀ ହେଉଛନ୍ତ ନିରଞ୍ଜନ ବେହେରା। ୩୦ବର୍ଷୀୟ ଏହି ବ୍ୟକ୍ତିଜଣକ ଗତ ୧୫ ତାରିଖରେ ଘରେ ଥିବାବେଳେ ଚାଳ ଉପରୁ ତାଙ୍କ ମୁଣ୍ଡ ଉପରକୁ ଏକ ସାପ ଖସିପଡ଼ିଥିଲା। ସେ ଉକ୍ତ ସାପଟିକୁ ହାତରେ ଟାଣି ଫୋପାଡ଼ି ଦେଇଥିଲେ। ସାପ କାମୁଡ଼ି ଦେଇଥିବା ଭାବି ସେ ଉକ୍ତ କୁଣିଆଙ୍କ ପାଖକୁ ଯାଇଥିଲେ। ଗୁଣିଆ ଜଣକ ସମାନ ଢଙ୍ଗରେ ଏସିଡ୍ ବୋଳି ଦେଇଥିଲେ। ଏହାପରେ ନିରଞ୍ଜନ ଯନ୍ତ୍ରଣାରେ ଛଟପଟ ହେବା ସହ ତାଙ୍କ ଶରୀରର ଅବସ୍ଥା କଦାକାର ହୋଇଯାଇଥିଲା।

ଉଲ୍ଲେଖଯୋଗ୍ୟ, ଗୁଣିଆ ଜଣକ ଏସିଡ୍ ନୁହେଁ ଏକ ତରଳ ଔଷଧ ବୋଳାଯାଉଥିବା ରୋଗୀଙ୍କୁ କହିଥାନ୍ତି। ସେ କେବେ ବି ହାତରେ ନ ବୋଳି ଏକ ବ୍ରଶ୍ ବ୍ୟବହାର କରୁଥିବାରୁ ତାହାକୁ ସ୍ଥାନୀୟ ଅଞ୍ଚଳର ଶିକ୍ଷିତ ଲୋକେ ଏସିଡ୍ ବୋଲି କହୁଛନ୍ତି। କିନ୍ତୁ ରୋଗୀଙ୍କ କ୍ଷତକୁ ଦେଖିଲେ ମଧ ତାହା ଏସିଡ୍ ପୋଡ଼ା ଚିହ୍ନ ବୋଲି ସ୍ପଷ୍ଟ ଜଣାପଡୁଥିବା ଭୁବନେଶ୍ୱର ଏମ୍ସର ଫରେନ୍‌ସିକ୍ ମେଡିସିନ୍ ବିଭାଗର ଆଡିଶନାଲ ପ୍ରଫେସର ଡା. ସୁଦୀପ୍ତ ରଣସିଂହ କହିଛନ୍ତି। ତେବେ ଏସମ୍ପର୍କରେ ଖବର ପାଇବା ପରେ ସ୍ନେକ୍ ହେଲ୍ପ ଲାଇନ୍ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ମଙ୍ଗଳବାର ନିଜ ଟିମ୍ ସହ ସେଠାକୁ ଯାଇ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ୧୯୦୦ ମସିହାରୁ ଏପରି ବିପଦପୂର୍ଣ୍ଣ ଚିକିତ୍ସା ଚାଲି ଆସିଥିବା ଜାଣିବାକୁ ପାଇଛନ୍ତି। ସେଠାରୁ ଫେରିବା ପରେ ବୁଧବାର ଶୁଭେନ୍ଦୁ ମୁଖ୍ୟମନ୍ତ୍ରୀଙ୍କୁ ତଥ୍ୟ ସମ୍ବଳିତ ଅଭିଯୋଗ କରିଛନ୍ତି। ଏଥିସହିତ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପୋଲିସ ଡିଜି, ଢେଙ୍କାନାଳ ଏସ୍‌ପି ଓ ସିଡିଏମ୍‌ଓଙ୍କୁ ଜଣାଇଛନ୍ତି। ସମ୍ପୃକ୍ତ ଗୁଣିଆରିଙ୍କୁ ତୁରନ୍ତ ଗିରଫ କରିବା ସହିତ ଏକ ସ୍ୱତନ୍ତ୍ର ମେଡିକାଲ ଟିମ୍ ଦ୍ୱାରା ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି।

# ଜେଲ ଗଲେ ଅବସରପ୍ରାପ୍ତ ରେଞ୍ଜର

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

ଭୁବନେଶ୍ୱର, ୧୯।୮(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲୁଗାଁର ଅବସରପ୍ରାପ୍ତ ରେଞ୍ଜର ଅଭୟ କୁମାର ଜେନାଙ୍କୁ ଭିଜିଲାନ୍ସ ଗିରଫ କରିଛି। ତାଙ୍କୁ ପଚରାଉଚରା ପରେ ବୁଧବାର ଭୁବନେଶ୍ୱର ଭିଜିଲାନ୍ସ ସ୍ପେଶାଲ ଜଜ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ମୁତାବକ, ଅବସରପ୍ରାପ୍ତ ରେଞ୍ଜର ଜେନାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିଥିଲା। ଭୁବନେଶ୍ୱର ଭିଜିଲାନ୍ସ ସ୍ପେଶାଲ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱରେଣ୍ଟ ବଳରେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍ ଟିମ୍ ୫ଟି ସ୍ଥାନରେ ଏକକାଳୀନ ଚଢାଉ କରିଥିଲା। କଟକ ତୁଳସୀପୁର ମହୁମାଛି ଗଳିରେ ଥିବା ତାଙ୍କ ବାସଭବନ ସମେତ ଭୁବନେଶ୍ୱରରେ ଥିବା ୩ ମହଲା ବିଲ୍ଡିଂ, ବାଲୁଗାଁସ୍ଥିତ କାର୍ଯ୍ୟାଳୟ, କେନ୍ଦ୍ରାପଡା ଜିଲା ବଙ୍ଗଳାପୁରସ୍ଥିତ ଘର, ଶ୍ୱଶୁରଘର ଓ ଭୁବନେଶ୍ୱରରେ ଥିବା ତାଙ୍କ ଘରେ ମଧ ଯାଞ୍ଚ କରାଯାଇଥିଲା। କଟକସ୍ଥିତ ବାସଭବନରୁ ବିପୁଳ ଟଙ୍କାର ଆସବାବପତ୍ର ସମେତ ଟଙ୍କା, ସୁନା, ଓ ୨ଟି ବନ୍ଧୁକ ଠାବ କରାଯାଇଥିଲା। ଏଥିସହ ଏକାଧିକ ଜମିର କାଗଜପତ୍ର ମଧ ଜବତ କରାଯାଇଥିଲା। ଯାଞ୍ଚ ସରିବା ପରେ ମୋଟ ୪ କୋଟି ୩୭ ଲକ୍ଷ ୭୯ ହଜାର ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଥିଲା। ଏହି ଆଧାରରେ ତାଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସର ଅତିରିକ୍ତ ଏସ୍‌ପି ଅକ୍ଷୟ ମିଶ୍ର କହିଥିଲେ। ପ୍ରକାଶ ଥାଉକି, ୧୯୯୯ରେ ମଧ ରେଞ୍ଜରଙ୍କ ଘରେ ଭିଜିଲାନ୍ସ ଚଢାଉ କରି ବହୁ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିଥିଲା।



ଅଭୟ କୁମାର ଜେନା।

# ୨୫ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

### ଆନ୍ତଃ ରାଜ୍ୟ ର୍ୟାକେଟ ଠାବ କଲା ଏସ୍‌ଟିଏଫ୍

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ଏସ୍‌ଟିଏଫ୍ ଟିମ୍ କୋରାପୁଟ ଜିଲା ବୋରିଗୁମା ଥାନା ଅନ୍ତର୍ଗତ ୨୬ନଂ. ଜାତୀୟ ରାଜପଥରେ ଚଢ଼ାଉ କରି ଆନ୍ତଃ ରାଜ୍ୟ ଗଞ୍ଜେଇ ଚୋରାଚାଲାଣ ର୍ୟାକେଟକୁ ଧରିଛି। ଏକ ଟ୍ରକକୁ ଜବତ କରିବା ସହ ସେଥିରୁ ପ୍ରାୟ ୨୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ୪ କୁଇଣ୍ଟାଲ ୭୪ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିହାରର ଲାଲନ ପଣ୍ଡିତ ଓ ଚନ୍ଦନ କୁମାର ରାମ। ଏ ନେଇ ବୋରିଗୁମା ଥାନାରେ ଏନ୍‌ଡିପିଏସ୍ ଆକ୍ଟ ୨୦(ବି) ଅନୁଯାୟୀ ମାମଲା (ନଂ.୧୦୭/୨୦) ରୁଜୁ ହୋଇଛି।

ସୂଚନା ମୁତାବକ, ମାଲକାନଗିରି ଜିଲାରେ ବ୍ୟାପକ ଗଞ୍ଜେଇ ଚାଷ କରାଯିବା ସହ ଦେଶର ବିଭିନ୍ନ ରାଜ୍ୟକୁ ଚୋରାରେ ଚାଲାଣ ହେଉଛି। ଲକ୍‌ଡାଉନଠାରୁ ଟ୍ରକ୍ ଓ କାରରେ ଏହି କାରବାର ଚାଲୁଛି। ଏଥିସହ କୋରାପୁଟ ଜିଲାରେ ମଧ ବେଆଇନ ଗଞ୍ଜେଇ ଚାଷ ଓ ବ୍ୟବସାୟ ହେଉଥିବାବେଳେ ଆନ୍ତଃ ରାଜ୍ୟ ର୍ୟାକେଟ କାର୍ଯ୍ୟ କରୁଥିବା ନେଇ ଖବର ମିଳିବା ପରେ ଏସ୍‌ଟିଏଫ୍ ଏହା ଉପରେ ନଜର ରଖିଥିଲା। କୋରାପୁଟରୁ ଟ୍ରକ୍‌ରେ ଅନ୍ୟ ରାଜ୍ୟକୁ ଗଞ୍ଜେଇ ଚାଲାଣ ନେଇ ଏସ୍‌ଟିଏଫର ଗୋଇନ୍ଦା ଟିମ ଖବର ପାଇବା ପରେ ଚଢ଼ାଉ ପାଇଁ ଯୋଜନା ହୋଇଥିଲା। ଗଞ୍ଜେଇ ବୋଝେଇ ଟ୍ରକ୍‌କୁ ପିଛା କରି ବୋରିଗୁମା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ଉପରେ ଅଟକାଇ ଯାଞ୍ଚବେଳେ ସେଥିରେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡିଥିଲା। ଟ୍ରକ୍ ଡାଲାରେ ପାଲ ଘୋଡାଯାଇଥିବା ଉକ୍ତ ଗଞ୍ଜେଇ ଓଡ଼ିଶା ବାହାରକୁ ନିଆଯାଉଥିଲା। ଗିରଫ ଦୁଇ ଅଭିଯୁକ୍ତ ଟ୍ରକ୍ ଡ୍ରାଇଭର ଓ ହେଲ୍‌ପର ବୋଲି ଜଣାପଡିଛି। ସେମାନଙ୍କ ନିକଟରୁ କିଛି ଟଙ୍କା, ଏଟିଏମ କାର୍ଡ ଓ ମୋବାଇଲ ଫୋନ୍ ଜବତ କରାଯାଇଛି।



ସପ୍ତପୁରୀ ଅମାବାସ୍ୟା ଅବସରରେ ବୁଧବାର ଶ୍ରୀମନ୍ଦିରକୁ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ।

## ୩ ଦିନ ପ୍ରତାପଶାସନ ପଞ୍ଚାୟତ ଶଟ୍‌ଡାଉନ

ବାଲକାଟୀ,୧୯।୮(ଡି.ଏନ.ଏ.)

ବାଲକାଟୀ ଅଞ୍ଚଳର ପ୍ରତାପ ଶାସନ ପଞ୍ଚାୟତରେ ଗତ ୨ଦିନ ମଧରେ ୧୬ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। କିଛିଦିନ ମଧରେ ଏଠାରେ ଆକ୍ରାନ୍ତ ସଂଖ୍ୟା ବଢୁଥିବାରୁ ଲୋକଙ୍କ ସୁରକ୍ଷା ଦୃଷ୍ଟିକୁ ଦେଖି ସରପଞ୍ଚ ଭାଗ୍ୟଧର ନନ୍ଦୀ ପଞ୍ଚାୟତକୁ ୩ଦିନ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହା ୨୧ତାରିଖ ଶୁକ୍ରବାର ସକାଳ ୬ଟାରୁ ୨୪ତାରିଖ ସୋମବାର ସକାଳ ୬ଟା ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ। ଏହି ସମୟ ମଧରେ ଅଞ୍ଚଳର ସମସ୍ତ ହାଟ, ବଜାର, ଦୋକାନ, ସରକାରୀ, ବେସରକାରୀ ପ୍ରତିଷ୍ଠାନ ବନ୍ଦ ରହିବ। ଅତ୍ୟାବଶ୍ୟକ ଦୋକାନ ସହ ନିର୍ମାଣ କାର୍ଯ୍ୟ, କୃଷି କାର୍ଯ୍ୟ ଚାଲୁ ରହିବ।

# ମହାପ୍ରଭୁଙ୍କୁ ଲାଗି ହେଲା ସାତପୁରୀ ପିଠା

ପୁରୀ ଅଫିସ,୧୯।୮

ସପ୍ତପୁରୀ ଅମାବାସ୍ୟାରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ସାତପୁରୀ ପିଠା ଲାଗି ହୋଇଛି। ଅମାବାସ୍ୟା ହେତୁ ନାରାୟଣ ସାଗର ବିଜେ କରିଛନ୍ତି। ଏଥିସହ ଶ୍ରୀମନ୍ଦିରରେ ଚାଲିଥିବା ଶ୍ରୀକୃଷ୍ଣ ଲୀଳାରେ ବସ୍ତ୍ର ହରଣ ନୀତି ମଧ ସମ୍ପନ୍ନ ହୋଇଛି।

ଅବକାଶ ନୀତି ପରେ ତିନିବାଡ଼ରେ ବେଶ ବଢି ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ସାତପୁରୀ ରୋଷରେ ରୋଷ ହୋମ ସମ୍ପନ୍ନ ହୋଇ ସାତପୁରୀ ପିଠା ପ୍ରସ୍ତୁତ କରାଯାଇଥିଲା। ସକାଳ ଧୂପରେ ସାତପୁରୀ ଭୋଗ ଟାଟ ରୋଷରୁ ମହାପ୍ରଭୁଙ୍କ ନିକଟକୁ ଆସିଥିଲା। ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ମଣୋହୀ କରିଥିଲେ। ଭିତର ଆଳତି ବଢିବା ପରେ ପୂଜାପଣ୍ଡା, ମୁଦିରସ୍ତ ଏବଂ ପତି ମହାପାତ୍ର ୩ ବାଡ଼ରେ ବନ୍ଦାପନା କରିଥିଲେ।

**ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ:** ମହୋଦଧି ତଥା ସମୁଦ୍ର ହେଉଛି ମହାପ୍ରଭୁଙ୍କ ଶ୍ୱଶୁର ଘର। ପ୍ରତି ଅମାବାସ୍ୟାରେ ଅମାବାସ୍ୟା ନାରାୟଣ ସାଗର (ସମୁଦ୍ର) ବିଜେ କରିଥାନ୍ତି। ଶ୍ରୀମନ୍ଦିରରେ ସକାଳ ଧୂପ ପରେ ଦକ୍ଷିଣୀଘରୁ ଆମାବାସ୍ୟା ନାରାୟଣ ରତ୍ନସିଂହାସନକୁ ବିଜେ ହୋଇଥିଲେ। ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ନାରାୟଣ ବଟମୂଳ ପାଲିଙ୍କିରେ ବିଜେ କରିଥିଲେ। ବିମାନବଡୁମାନେ ପାଲିଙ୍କିକୁ ସମୁଦ୍ର କୂଳକୁ ବିଜେ କରାଇଥିଲେ। ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣିଥିଲେ। ଏହି ଜଳକୁ ପୂଜାପଣ୍ଡା ସାମନ୍ତ ସଂସ୍କାର କରି ନାରାୟଣଙ୍କ ପାଦଧୌତ କରିଥିଲେ। ସାବତ ନିଯୋଗ ପକ୍ଷରୁ ପଣାଭୋଗ ସମର୍ପଣ ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

**ବସ୍ତ୍ରହରଣ ଲୀଳା:** ଶ୍ରୀମନ୍ଦିରରେ ସନ୍ଧ୍ୟା ଧୂପ ନୀତି ବଢିବା ପରେ ମଦନମୋହନ ସିଂହାସନ ଉପରକୁ ବିଜେ କରିଥିଲେ। ସେଠାରୁ ଆଜ୍ଞାମାଳ ପାଇ ନାଟ ମନ୍ଦିର ଖଟକୁ ବିଜେ ହୋଇଥିଲେ। ସେଠାରେ ବସ୍ତ୍ରହରଣ ଲୀଳା ହୋଇଥିଲା। ଦ୍ୱାପର ଯୁଗରେ ଗୋପପୁରରେ ଗୋପୀମାନେ ଗାଧୋଉଥିବାବେଳେ ତାଙ୍କ ବସ୍ତ୍ରକୁ ଶ୍ରୀକୃଷ୍ଣ ହରଣ କରି ନେଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ଏହି ଲୀଳା ଅନୁଷ୍ଠିତ ହୋଇଥାଏ। ଏହି ନୀତି ପରେ ଶୀତଳ ଭୋଗ ବନ୍ଦାପନା ସରି ମଦନମୋହନ ଦକ୍ଷିଣୀ ଘରକୁ ବିଜେ କରିଥିଲେ।

# ସ୍ଥିତାବସ୍ଥା ଜାରି କଲେ ହାଇକୋର୍ଟ

### ଚୌଦ୍ୱାର ଟିପିଏମ୍ କାଗଜକଳ ମାମଲା

କଟକ ଅଫିସ,୧୯।୮

ଚୌଦ୍ୱାରସ୍ଥିତ ଟିପିଏମ୍ କାଗଜକଳ ବନ୍ଦ ପଡ଼ିଥିବା ବେଳେ ଏହାର ମେଶିନ ଓ ଜମି ବିକ୍ରି କରିବାକୁ ମସୁଧା ଚାଲିଥିଲା। ଏହା ବିରୋଧରେ ରୁଜୁ ହୋଇଥିବା ମାମଲା ଉପରେ ବୁଧବାର ହାଇକୋର୍ଟ ସ୍ଥିତାବସ୍ଥା ଜାରି କରିଛନ୍ତି। ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍ ଓ ବିଚାରପତି ବିଦ୍ୟୁତ୍‌ରଞ୍ଜନ ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ବିବାଦୀୟ ଜମି ଉପରେ ସ୍ଥିତାବସ୍ଥା ଜାରି କରିବା ସହ ଅକ୍ଟୋବର ୧୨ରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି।

ମାମଲା ବିବରଣୀ ଅନୁଯାୟୀ, ୧୯୯୧ ଏପ୍ରିଲ୍ ୨୦ରେ ରାଜ୍ୟ ସରକାର ଓ ବଲାରପୁର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ମଧରେ କାଗଜକଳ ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ୫୮୪.୬୦ ଏକର ଜମି ହସ୍ତାନ୍ତର ସହ ୧୦ ବର୍ଷ ପର୍ଯ୍ୟନ୍ତ ଟିକସ ରୟାଲ୍‌ଟି ଛାଡ଼ କରିଥିଲେ ରାଜ୍ୟ ସରକାର। ତେବେ କମ୍ପାନି ଲାଭ କରିଥିଲେ ମଧ ଏହାର ଆଧୁନିକୀକରଣ ଓ ସମ୍ପ୍ରସାରଣକୁ ଅଣଦେଖା କରିଥିଲା। ୨୦୦୩ ମାର୍ଚ୍ଚ ୩୧ରେ ହଠାତ୍ କାଗଜକଳକୁ ବନ୍ଦ କରିଦିଆଯାଇଥିଲା। ଏନେଇ ଅଞ୍ଚଳବାସୀ ହାଇକୋର୍ଟରେ ଦୁଇଟି ଜନସ୍ୱାର୍ଥ ମାମଲା କରିଥିଲେ। ଏଥିରେ କମ୍ପାନି କର୍ତ୍ତୃପକ୍ଷ ସତ୍ୟପାଠ ଦେଇଥିଲେ ଯେ, ଜମି ବିକ୍ରି ହେବନାହିଁ, ନୂତନ ଶିଳ୍ପ ପ୍ରତିଷ୍ଠା କରାଯିବ। କେବଳ ଜମିକୁ କମ୍ପାନି ତରଫରୁ ପଟ୍ଟାଦାରୀରୁ ସ୍ଥିତିବାନ୍ କରିବାକୁ ଆବେଦନ କରାଯାଇଛି। କିନ୍ତୁ ଭିତିରିଆ ଭାବେ କମ୍ପାନି ଜମି ଓ ମେଶିନ୍‌କୁ ବିକ୍ରି ପାଇଁ ଯୋଜନା ଚାଲିଛି। ଏଣୁ କମ୍ପାନି ବିରୋଧରେ କାର୍ଯ୍ୟାନୁଷ୍ଠାନ, ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବା, ଜମିର କିସମ ପରିବର୍ତ୍ତନ ବନ୍ଦ କରିବା କିମ୍ବା ସରକାର ଏହାକୁ ଫେରସ୍ତ ନେବା ପାଇଁ ହାଇକୋର୍ଟରେ ମାମଲା ହୋଇଥିଲା। ରାଜ୍ୟ ଶିଳ୍ପ ବିଭାଗର ପ୍ରମୁଖ ସଚିବ, ଶ୍ରମ ବିଭାଗର ପ୍ରମୁଖ ସଚିବ ଓ ଶ୍ରମ ଆୟୁକ୍ତଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବା ପାଇଁ ଏଥିରେ ନିବେଦନ କରାଯାଇଥିଲା।

# ଆଶଙ୍କାରେ ୧୨ ହଜାର ହିତାଧିକାରୀ

- ଲକ୍‌ଡାଉନ ବାଧକ ସାଜିଲା
- ଅବଧି ଭିତରେ ଆଧାର, ବ୍ୟାଙ୍କ ପାସ୍‌ବୁକ୍ ସଂଯୋଗ କରିପାରିଲେନି
- ପ୍ରଥମ ଦିନରେ ଶତାଧିକ ହିତାଧିକାରୀ ଭତ୍ତାରୁ ବଞ୍ଚିତ

କଟକ ଅଫିସ,୧୯।୮

ଭତ୍ତାଧାରୀଙ୍କ ପାଇଁ ଆଧାର କାର୍ଡ ଓ ବ୍ୟାଙ୍କ ପାସ୍‌ବୁକ ସଂଯୋଗ ବାଧ୍ୟତାମୂଳକ ବୋଲି କିଛି ଦିନ ତଳେ କଟକ ମହାନଗର ନିଗମ (ସିଏମ୍‌ସି) ବିଜ୍ଞପ୍ତି ଜାରି କରିଥିଲା। ମଙ୍ଗଳବାର ସିଏମ୍‌ସିର ସମସ୍ତ ୱାର୍ଡରେ ଭତ୍ତା ବଣ୍ଟନ ଆରମ୍ଭ ହୋଇଛି। କିନ୍ତୁ ଲକ୍‌ଡାଉନ ଯୋଗୁ ସଂଯୋଗ ହୋଇପାରି ନ ଥିବାରୁ ଶହ ଶହ ହିତାଧିକାରୀ ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ପ୍ରାୟ ୧୨ ହଜାର ହିତାଧିକାରୀ ଏବେ ନିଜର ଭତ୍ତାକୁ ନେଇ ଆଶଙ୍କାରେ ରହିଛନ୍ତି।

ସିଏମ୍‌ସିରେ ପାଖାପାଖି ୨୭ ହଜାର ଭତ୍ତାଧାରୀ ରହିଛନ୍ତି। ମଧୁବାବୁ ପେନସନ ଓ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ଯଥାକ୍ରମେ ୨୦ ହଜାର ୮୪୮ ଓ ୫ ହଜାରୁ ୫୭୦ ଜଣ ହିତାଧିକାରୀ ପ୍ରତିମାସରେ ଭତ୍ତା ପାଇଥାନ୍ତି। ପ୍ରତିମାସ ୧୫ ତାରିଖରେ ୫୯ ୱାର୍ଡର ୭୬ଟି କେନ୍ଦ୍ରରେ ଭତ୍ତା ଦିଆଯାଏ। ସମସ୍ତ ପ୍ରକାର ହିତାଧିକାରୀଙ୍କୁ ଅଗଷ୍ଟ ମାସର ଭତ୍ତା ପ୍ରଦାନ ପାଇଁ ନିଜର ଆଧାର କାର୍ଡ, ବ୍ୟାଙ୍କ ପାସ୍‌ବୁକ ନକଲ ଓ ମୋବାଇଲ ନମ୍ବର ବିକାଶ ଭବନ ପ୍ରକଳ୍ପ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ସିଏମ୍‌ସି ସୂଚନା ଦେଇଥିଲା। ମାତ୍ର ଲକ୍‌ଡାଉନ କଟକଣା ଯୋଗୁ ଲୋକେ ସେହି ଅବଧି ଭିତରେ ତାହା ଦାଖଲ କରିପାରି ନ ଥିଲେ। ଏବେ ସୁଦ୍ଧା ପ୍ରାୟ ୧୫ ହଜାର ଭତ୍ତାଧାରୀ ଆଧାର, ପାସ୍‌ବୁକ ନକଲ ଦେଇଛନ୍ତି। ଯେଉଁମାନେ ଦେଇପାରି ନାହାନ୍ତି, ସେମାନେ ଭତ୍ତାରୁ ବଞ୍ଚିତ ହୋଇଥିଲେ। ଅନ୍ୟପକ୍ଷରେ ତୁରନ୍ତ ଭତ୍ତା ଦେବା ପାଇଁ ପୂର୍ବତନ କଂଗ୍ରେସ କର୍ପୋରେଟରମାନେ ସିଏମ୍‌ସି କମିଶନରଙ୍କୁ ବୁଧବାର ଦାବିପତ୍ର ଦେଇଛନ୍ତି। ଦାବିପତ୍ର ଦେବା ବେଳେ ପୂର୍ବତନ କର୍ପୋରେଟର ନମିତା ମଞ୍ଜରୀ ସାହୁ, ଚାରୁଲତା ସାହୁ, ସେକ୍ ସମିମୁଲ୍ଲା, ଗୌରୀ ଦାସ, ଅଜିତ ବେହେରା, ଶୈଳବାଳା ଜେନା, ତୃପ୍ତି ଦାସ, ଜନ ଆଶୁତୋଷ, ରମଜାନ ଅଲି ଖାନ, ସୁରଜିତ ସାହୁ, କ୍ଷୀରୋଦ ସାହୁ ଉପସ୍ଥିତ ଥିଲେ। ଏନେଇ ବସ୍ତି ଉନ୍ନୟନ ଅଧିକାରୀ ଅମ୍ରିତ ସରକାର କହିଛନ୍ତି, ଯେଉଁମାନେ ଆଧାର କାର୍ଡ ଓ ବ୍ୟାଙ୍କ ପାସବୁକ ଦେଇ ନାହାନ୍ତି, ସେମାନେ ଦାଖଲ କରିପାରିବେ। ପରେ ତାଙ୍କୁ ଭତ୍ତା ଦିଆଯିବ।

# ଆଇସ୍‌କ୍ରିମ କାଠିରେ କୁନି ଗଣେଶ

### ଏସିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇବାକୁ ଆଶାୟୀ ବିଶ୍ୱଜିତ

ପୁରୀ ଅଫିସ,୧୯।୮

ଆଇସ୍‌କ୍ରିମ କାଠିକୁ ନେଇ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ନିଜ ନାଁ ସ୍ଥାନିତ କରିସାରିଥିବା ପୁରୀ କୁମୁଟିପାଟଣାର ୧୯ ବର୍ଷୀୟ ଛାତ୍ର ବିଶ୍ୱଜିତ ନାୟକଙ୍କ ନଜର ଏବେ ଏସିଆ ବୁକ୍ ଅଫ୍ ରେକର୍ଡ୍ସ ଉପରେ। ଏଥିରେ ନିଜ ନାଁକୁ ସାମିଲ କରିବା ପାଇଁ ପୁଣି ଆଇସ୍‌କ୍ରିମ କାଠିରେ ତିଆରି କରିଛନ୍ତି କୁନି ଗଣେଶ। ସେ ୫,୫୭୫ ଖଣ୍ଡ ଆଇସ୍‌କ୍ରିମ୍ କାଠିରେ ଅତି ସୁନ୍ଦର ଗଣେଶ ତିଆରି କରି ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ଏସିଆ ବୁକ୍ ଅଫ୍ ରେକର୍ଡ୍ସ ପାଇଁ ସେ ଆବେଦନ କରିଥିବା ବିଶ୍ୱଜିତ ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ଡିପ୍ଲୋମା ଦ୍ୱିତୀୟ ବର୍ଷର ଛାତ୍ର ବିଶ୍ୱଜିତ୍ କହିଛନ୍ତି, ପୂର୍ବରୁ ଗତ ଜୁନ୍ ମାସରେ ୨,୫୭୫ଟି ଆଇସ୍‌କ୍ରିମ କାଠିରେ ୨୭ ଇଞ୍ଚ ଉଚ୍ଚତା ଓ ୨୨ ଇଞ୍ଚ ଚଉଡ଼ା ବିଶିଷ୍ଟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷୁଦ୍ର ନନ୍ଦିଘୋଷ ରଥ ତିଆରି କରିଥିଲେ। ଏହାକୁ ସମ୍ପୂର୍ଣ୍ଣ କରିବାକୁ ତାଙ୍କୁ ୧୦ ଦିନ ସମୟ ଲାଗିଥିଲା। ଏଥିପାଇଁ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ନିଜ ନାଁ ସାମିଲ କରିସାରିଛନ୍ତି। ତେଣୁ ଏସିଆ ବୁକ୍ ଅଫ୍ ରେକର୍ଡ୍ସ ପାଇଁ ସେ ୫,୫୭୫ ଖଣ୍ଡ ଆଇସ୍‌କ୍ରିମ୍ କାଠିରେ ୫୫ ଇଞ୍ଚ ଉଚ୍ଚତା ଏବଂ ୩୩ ଇଞ୍ଚ ଚଉଡ଼ାର ଗଣେଶ ତିଆରି କରିଛନ୍ତି। ଏଥିପାଇଁ ତାଙ୍କୁ ୩୦ ଦିନ ସମୟ ଲାଗିଛି। ଏସିଆ ବୁକ୍ ଅଫ୍ ରେକର୍ଡ୍ସ ପାଇଁ ସେ ଆବେଦନ କରିଛନ୍ତି। ତାଙ୍କୁ ତଥ୍ୟ ପ୍ରମାଣ ମଗାଗଲେ ସେ ପ୍ରଦାନ କରିବେ ବୋଲି ବିଶ୍ୱଜିତ କହିଛନ୍ତି। ସୂଚନାଥାଉ କି, ସପ୍ତମ ଶ୍ରେଣୀରେ ବିଶ୍ୱଜିତ ପଢୁଥିବାବେଳେ ଆଇସ୍‌କ୍ରିମ୍ କାଠିରେ ସିଂହାସନ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବସାଇଥିଲେ ଯାହା ବେଶ୍ ଆକର୍ଷଣୀୟ ହୋଇଥିଲା। ପରିବାର, ସମ୍ପର୍କୀୟ ଏହାକୁ ଦେଖିବା ପରେ ତାଙ୍କୁ ପ୍ରେରଣା ଦେଇଥିଲେ। ତେଣୁ ସେ ଆଗକୁ ବଢିବାକୁ ସ୍ୱପ୍ନ ଦେଖିଥିଲେ ବୋଲି ବିଶ୍ୱଜିତ କହିଛନ୍ତି।



ବିଶ୍ୱଜିତ ନାୟକ ଆଇସ୍‌କ୍ରିମ୍ କାଠିରେ ଗଣେଶ ତିଆରି କରୁଛନ୍ତି।

ଅତୀତର ବହି

## ପ୍ରଥମ ଓଡ଼ିଆ ଅଳଙ୍କାର ଗ୍ରନ୍ଥ

# ଅଳଙ୍କାର ବୋଧୋଦୟ

**ଓଡ଼ିଆ ଭାଷାର ପ୍ରଥମ ଅଳଙ୍କାର ଗ୍ରନ୍ଥ 'ଅଳଙ୍କାର ବୋଧୋଦୟ' ୧୮୮୬ ଖ୍ରୀ:ରେ ବାମଣ୍ଡାର ଜଗନ୍ନାଥ ବଲ୍ଲଭ ପ୍ରେସ୍‌ରୁ ମୁଦ୍ରିତ ହୋଇଥିଲା। ଏହାର ପ୍ରଣେତା ସାର୍ ବାସୁଦେବ ସୁଢ଼ଳଦେବ (୧୮୫୧-୧୯୦୩) ଥିଲେ ବାମଣ୍ଡାର ରାଜା ଏବଂ ଓଡ଼ିଆ ସାହିତ୍ୟର ଜଣେ ଏକନିଷ୍ଠ ସାଧକ। ସେ ପ୍ରଥମ ଐତିହାସିକ କାବ୍ୟ 'ବୀରବାମା', ସହିତ ଚିତ୍ରୋତ୍ପଳା, କିଷ୍କିନ୍ଧ୍ୟା, ଜହ୍ନମାମୁ ପ୍ରଭୃତି କାବ୍ୟ ରଚନା କରିଯାଇଛନ୍ତି। ଓଡ଼ିଆ ଭାଷାରେ ପ୍ରଥମ ଉପନିଷଦ 'ମୁଣ୍ଡକୋପନିଷଦ'ର ଅନୁବାଦ ମଧ୍ୟ ସେ କରିଛନ୍ତି। ତାଙ୍କରି ପୃଷ୍ଠପୋଷକତାରେ 'ସମ୍ବଲପୁର ହିତୈଷିଣୀ', 'ବିଜୁଳି', 'ଆଲୋଚନା', 'ଉତ୍କଳ ମଧୁପ' ବାମଣ୍ଡାରୁ ଏବଂ 'ସଂସ୍କାରକ', 'ନବସମ୍ବାଦ' କଟକରୁ ପ୍ରକାଶ ପାଇ ଓଡ଼ିଆ ସାହିତ୍ୟ ଓ ଜୀବନଧାରାକୁ ଋଦ୍ଧିମନ୍ତ କରିଥିଲା..**


ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ

'ଅଳଙ୍କାର ବୋଧୋଦୟ' ଦୀର୍ଘଦିନ ଧରି ଓଡ଼ିଶା ଓ ଆନ୍ଧ୍ରର ବିଭିନ୍ନ ବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ପାଠ୍ୟପୁସ୍ତକ ରୂପେ ପ୍ରଚଳିତ ଥିଲା। ରାଧାନାଥ ଏହି ପୁସ୍ତକର ପ୍ରଶଂସା କରି କୁହନ୍ତି- ''ଓଡ଼ିଆ ଭାଷାର କଥା ଦୂରେ ଥାଉ, ମୁଁ ବଙ୍ଗଳାରେ ସୁଦ୍ଧା ଏପରି ଅଳଙ୍କାର ଗ୍ରନ୍ଥ ଅଦ୍ୟାବଧି ଦେଖିନାହିଁ।'' ଏହାର ଐତିହାସିକ ଆବଶ୍ୟକତାକୁ ସ୍ୱୀକାର କରି ନଟବର ସାମନ୍ତରାୟ କୁହନ୍ତି- ''ପୁରାତନ ସାହିତ୍ୟର କ୍ରମ ତିରୋଧାନ ଓ ଆଧୁନିକ ସାହିତ୍ୟର କ୍ରମପରିବର୍ତ୍ତନର ଏହି ଯୁଗସନ୍ଧିବେଳେ ଓଡ଼ିଆ ଭାଷାରେ ଏପରି ଏକ ସାହିତ୍ୟ ସମାଲୋଚନାତ୍ମକ ଅଳଙ୍କାର ଗ୍ରନ୍ଥର ଐତିହାସିକ ଆବଶ୍ୟକତା ଯେ ଯଥେଷ୍ଟ ଥିଲା, ତାହା ଆଦୌ ଅସ୍ୱୀକାର କରାଯାଇ ନ ପାରେ।'' (ଓଡ଼ିଆ ସାହିତ୍ୟର ଇତିହାସ) ସମକାଳୀନ ପତ୍ରପତ୍ରିକା 'ଉତ୍କଳଦୀପିକା', 'ସଂସ୍କାରକ', 'ଶିକ୍ଷାବନ୍ଧୁ' ଓ 'ସମ୍ବାଦବାହିକା' ପ୍ରଭୃତି ଏହି ପ୍ରଥମ ଅଳଙ୍କାର ପୁସ୍ତକର ଭୂୟସୀ ପ୍ରଶଂସା କରିଥିଲେ।

'ଅଳଙ୍କାର ବୋଧୋଦୟ' ସାତଟି ପରିଚ୍ଛେଦରେ ବିଭକ୍ତ- କାବ୍ୟସ୍ୱରୂପ ନିରୂପଣ କ୍ରମରେ ପ୍ରଥମ ପରିଚ୍ଛେଦରେ ମମ୍ମଟାଚାର୍ଯ୍ୟଙ୍କ ଦୋଷରହିତ-ସଗୁଣ ଓ ବ୍ୟକ୍ତାବ୍ୟକ୍ତ ଅଳଙ୍କାର ବିଶିଷ୍ଟ ଶବ୍ଦାର୍ଥକୁ କାବ୍ୟ କୁହାଯାଇଥିବା ମତକୁ ଅସ୍ୱୀକାର କରି ଦର୍ପଣକାରଙ୍କ ରସାତ୍ମକ ବାକ୍ୟକୁ କାବ୍ୟ ବୋଲି ନିର୍ଦ୍ଦିଷ୍ଟ କରାଯାଇଛି। ଦ୍ୱିତୀୟ ପରିଚ୍ଛେଦରେ ବାକ୍ୟସ୍ୱରୂପ ନିରୂପଣ, ତୃତୀୟ ପରିଚ୍ଛେଦରେ ରସନିର୍ଣ୍ଣୟ, ଚତୁର୍ଥ ପରିଚ୍ଛେଦରେ ଦୋଷ ନିରୂପଣ, ପଞ୍ଚମ ପରିଚ୍ଛେଦରେ ଗୁଣ ନିରୂପଣ, ଷଷ୍ଠ ପରିଚ୍ଛେଦରେ ଅଳଙ୍କାର ନିରୂପଣ ଓ ସପ୍ତମ ପରିଚ୍ଛେଦରେ ଧ୍ୱନି ନିରୂପଣ ବିଶଦ ଭାବେ ଆଲୋଚିତ ହୋଇଛି।

ସୁଢ଼ଳଦେବ କୁହନ୍ତି- ନିର୍ଦ୍ଦୋଷ ବାକ୍ୟ ରଚନା କରିବାରେ ଏହି ପୁସ୍ତକ ଛାତ୍ରମାନଙ୍କ ସହାୟକ ହେବ। ପୁନଶ୍ଚ ନାଟକ, ବ୍ୟଞ୍ଜନା ଓ ରୀତିକୁ ଏହି ପୁସ୍ତକରେ ପରିହାର କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ସୁଢ଼ଳଦେବ ପଣ୍ଡିତ ଭୁବନେଶ୍ୱର ବଡ଼ପଣ୍ଡାଙ୍କ ସହିତ ଅଳଙ୍କାର ଚନ୍ଦ୍ରିକା (କାବ୍ୟାକାରେ) ଓ ତାଙ୍କର ପୁତ୍ର ସଚ୍ଚିଦାନନ୍ଦ ଦେବ 'ଅଳଙ୍କାର ସାର' ରଚନା କରନ୍ତି। 'ଅଳଙ୍କାର ସାର'ରେ ନାଟକ, ବ୍ୟଞ୍ଜନା ଓ ରୀତିକୁ ଅନ୍ତର୍ଭୁକ୍ତ କରାଯାଇଛି। ଓଡ଼ିଆ ଭାଷାର ପ୍ରାରମ୍ଭିକ ଅଳଙ୍କାର ପୁସ୍ତକ ହୋଇଥିବାରୁ ସୁଢ଼ଳଦେବ ସଂସ୍କୃତ ଅଳଙ୍କାର ଶାସ୍ତ୍ର ମୁଖ୍ୟତଃ ବିଶ୍ୱନାଥ କବିରାଜଙ୍କ 'ସାହିତ୍ୟ ଦର୍ପଣ',


ALANKARA BODHODYA
ଅଳଂକାରବୋଧୋଦୟ,
BAMRA
JAGANNATHA BALLABHA PRESS
1886

ମମ୍ମଟଙ୍କ 'କାବ୍ୟ ପ୍ରକାଶ' ଏବଂ ଜୟଦେବଙ୍କ 'ଚନ୍ଦ୍ରାଲୋକ' ଅବଲମ୍ବନରେ କାବ୍ୟସ୍ୱରୂପ, ବାକ୍ୟସ୍ୱରୂପ, ରସ, କାବ୍ୟଦୋଷ, ଗୁଣ, ଅଳଙ୍କାର ଓ ଧ୍ୱନିର ସ୍ୱରୂପ ସାଙ୍ଗୋପାଙ୍ଗ ନିରୂପଣ କରିଛନ୍ତି। ଓଡ଼ିଆ ଉଦାହରଣ ଦ୍ୱାରା ବିଷୟବସ୍ତୁକୁ ସୁବୋଧ କରାଯାଇଛି। ଓଡ଼ିଆ ସାହିତ୍ୟରୁ ଉଦାହରଣ ଯେଉଁଠାରେ ଉପଲବ୍ଧ ହୋଇନାହିଁ, ସେଠାରେ ସଂସ୍କୃତ ଦୃଷ୍ଟାନ୍ତ ସହିତ ତା'ର ଓଡ଼ିଆ ଅନୁବାଦ ପ୍ରଦତ୍ତ ହୋଇଛି। ସୁଢ଼ଳଦେବ ସଂସ୍କୃତ ଅଳଙ୍କାର ଶାସ୍ତ୍ରର କଠିନ ଯୁକ୍ତିତର୍କ ପରିହାର କରି ସହଜ ସରଳ ବୋଧଗମ୍ୟ ଭାଷାରେ ଏହି ପୁସ୍ତକଟି ପ୍ରସ୍ତୁତ କରିଛନ୍ତି।

'ଅଳଙ୍କାର ବୋଧୋଦୟ' ପ୍ରକାଶ ପାଇବା ପୂର୍ବରୁ ଓଡ଼ିଆରେ ଯଦୁମଣି ରାଉତରାୟଙ୍କ 'କବି କଳ୍ପଦ୍ରୁମ' (ସପ୍ତଦଶ ଶତାବ୍ଦୀର ଶେଷାର୍ଦ୍ଧ), ପୀତାମ୍ବର ଦେବଙ୍କ 'ଅଖିଳରସ ଚିନ୍ତାମଣି' (୧୭୦୮ରୁ ୧୭୧୧ ମଧ୍ୟରେ) ଉପେନ୍ଦ୍ରଭଞ୍ଜଙ୍କ 'ରସପଞ୍ଚକ', 'ରସମଞ୍ଜରୀ' ଓ 'ଚିତ୍ରକାବ୍ୟ ବନ୍ଧୋଦୟ', ଗଦାଧର ନାରାୟଣ ଭଞ୍ଜ (୧୮୩୧-୧୮୬୧)ଙ୍କ ରସମୁକ୍ତାବଳୀ, ଲୋକନାଥ ବିଦ୍ୟାଧରଙ୍କ 'ପ୍ରେମାଳଙ୍କାର' ଏବଂ ନରସିଂହ ସେଣଙ୍କ 'ଢଗ ମୁକ୍ତାବଳୀ' ରଚିତ ଓ ପ୍ରଚାରିତ ହୋଇଥିଲା। ଏ ସମସ୍ତ ଅଳଙ୍କାର ପୁସ୍ତକ ପଦ୍ୟାକାରରେ ରଚିତ ଏବଂ ୧୯୪୦ ପରେ ପୁସ୍ତକାକାରେ ମୁଦ୍ରିତ ହୋଇ ଲୋକଲୋଚନକୁ ଆସେ। ଆଧୁନିକ ଶିକ୍ଷାପ୍ରଣାଳୀର ଉଦ୍‌ବର୍ତ୍ତନ ସହିତ ଭାଷା ଓ ଅଳଙ୍କାର ଶିକ୍ଷା ପ୍ରଦାନ ନିମିତ୍ତ ସୁଢ଼ଳଦେବଙ୍କ ରଚିତ 'ଅଳଙ୍କାର ବୋଧୋଦୟ' ହିଁ ଓଡ଼ିଆ ଭାଷାର ପ୍ରଥମ ଅଳଙ୍କାର ପୁସ୍ତକ। ପଣ୍ଡିତ କୁଳମଣି ଦାଶଙ୍କ 'ଅଳଙ୍କାର ତରଙ୍ଗିଣୀ' (୧୯୨୯) ଏବଂ ଅନନ୍ତ ତ୍ରିପାଠୀ ଶର୍ମାଙ୍କ 'ଅଳଙ୍କାର ଚନ୍ଦ୍ରିକା' (୧୯୩୦) ପ୍ରକାଶନ ପର୍ଯ୍ୟନ୍ତ 'ଅଳଙ୍କାର ବୋଧୋଦୟ' ହିଁ ଏକମାତ୍ର ପୁସ୍ତକ ଭାବେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପାଠ୍ୟର ଆବଶ୍ୟକତା ପୂରଣ କରୁଥିଲା।

ମୋ: ୯୪୩୭୨୫୬୧୭୬

କବିତା



## ବୋଉର ଦୁଃଖ

ସୁଦିପା ସାହୁ

ବୋଉର ଦୁଃଖକୁ ଦେଖିଛି
ପଖାଳ ବେଳାର ଦୁଇଚାରିଟା
ଭାତ ଭିତରେ
ବୋଉର ଦୁଃଖକୁ ଖୁଁବୁ ପାଖରୁ ଦେଖିଛି
ଘସିତଡ଼ା ଖଳାରେ
ବୋଉର ଦୁଃଖକୁ ଦେଖିଛି
ପଣତ-ଚିରା ଛୁଞ୍ଚ କାନିରେ।

ବୋଉର ଦୁଃଖକୁ ଖୁଁବୁ ପାଖରେ
ଅନୁଭବ କରିଛି
ଘରର ଅମୂଲମୂଲ ଜିନିଷକୁ
ସାହୁକାରକୁ ଟେକିଦେଲାବେଳେ
ବୋଉର ଦୁଃଖକୁ ଦେଖିଛି
ଦୁଇକାନ୍ଥର ଫାଟ ମଝିରେ
ବୋଉର ଦୁଃଖକୁ ଖୁଁବୁ ପାଖରୁ ଛୁଇଁଛି
ଶୁଖିଯାଉଥିବା ଲୁହ ତକିଆ ଖୋଳରେ।

ହଁ, ବୋଉର ଦୁଃଖକୁ
ବେଶ୍ ପାଖରୁ ଛୁଇଁଛି
ନଖ ସନ୍ଧିର ମାଟି, ଗୋବରରେ।

ତଥାପି ମୋ' ବୋଉ ହସୁଥାଏ
ଗୀତ ଗାଇ ଶୁଆଇ ଦେଉଥାଏ
କଅଁଳ ଗୁଲୁଗୁଲୁ କଥା କହୁଥାଏ
ବଡ଼ହେଲେ ବାବୁ ହବାର
ଆଶା ସଂଚାରୁଥାଏ ମୋ' ଭିତରେ।

ଏଇ ତ ମୋ' ବୋଉ
ଏଇ ତ ତା'ର ଦୁଃଖ!!

ମୋ: ୯୭୭୭୪୨୨୦୨୨

## ସ୍ୱର୍ଣ୍ଣଲତା

ଡ. ହରିଶ୍ଚନ୍ଦ୍ର ବେହେରା

ଏବେ କେଉଁଠି ଅଛ ସ୍ୱର୍ଣ୍ଣଲତା!
ତମ ବାଡ଼ିର ସେଇ କଞ୍ଚାଖାଇ ଆମ୍ବ
ତଳେ ଅନାରସ ବୁଦାମୂଳରେ
ଲୁଚେଇ ରଖୁଥିଲ କେଇଟି
ଆମ୍ବ ମୋ' ପାଇଁ
ଆମ୍ବ ନୁହେଁ ତ ମୁଠେ
ଅପାପବିଦ୍ଧ ଆବେଗ।

ବେତ ଆଉ ଭଇଞ୍ଚକୋଳି କଣ୍ଟାରେ
ଲହୁଲୁହାଣ ତମ ହାତ ଏବେ
କେମିତି ଦିଶୁଥିବ କେଜାଣି !
ତମେ କଣ୍ଟେଇକୋଳିକୁ ଭଲ ପାଅ ତ
କଣ୍ଟାବିଦ୍ଧ ହାତରୁ କେତେ ଥର
ପୋଛି ଦେଇଛ ରକ୍ତ ଦାଗ।

କେତେ ଅଳିଅଝଟ ଆଡ଼ରୁଷା
ଗୋଟେ ଗୋଟେ କାଠଚମ୍ପା
ହୋଇ ଫୁଟୁଥିଲା ତ
ତମ କଅଁଳ ଆଙ୍ଗୁଠିର ଛାପ
ଏବେ ବି ଓଦା ବାସ୍ନାରେ ମହମହ।

କେବେ ଲୁହ ଭିତରକୁ ଅଚାନକ ପଶିଆସ
ହାତ ପତେଇ ମାଗିନିଅ ଅଧା ଦୁଃଖ,
କେବେ ଫିକା ନ ହେଉ, ଜୁଇନିଆଁରେ
ବି ଚକ୍ ଚକ୍ ଦିଶୁ
ଆମ ଶୈଶବର ସରାଗ।

କେବେ ବି ଦେଖା ନ ହେଉ
ତମ ସହ ଜୀବନରେ
ପିଲାଦିନର ଅଧାମୁକୁଳା ନୀଳକଇଁଟି
ସେମିତି ଢଳଢଳ ଥାଉ ଚିରକାଳ।।

ମୋ: ୯୪୩୭୮୧୩୭୦୮



## କାଳ କାଳକୁ



''ମୃତ୍ୟୁ ନୁହେଁ ଆଲୋକର
ନିଃଶେଷ ହୋଇଯିବା, ଏହା
କେବଳ ସକାଳ ହେବାରୁ
ଡିବିରି ଲିଭେଇଦବା।''
-ରବୀନ୍ଦ୍ରନାଥ ଠାକୁର

ରବୀନ୍ଦ୍ରନାଥ ଠାକୁରଙ୍କ ଜନ୍ମ ୭ ମେ ୧୮୬୧ରେ ଓ ପରଲୋକ ୭ ଅଗଷ୍ଟ ୧୯୪୧ରେ, କଲିକତାରେ। ମହର୍ଷି ଦେବେନ୍ଦ୍ରନାଥ ଠାକୁରଙ୍କର ସେ ସବା ସାନ ପୁଅ। ଗଳ୍ପ, କବିତା, ନାଟକ, ଗୀତ, ପ୍ରବନ୍ଧ ଆଦି ସାହିତ୍ୟର ବହୁ ବିଭାଗରେ ସଫଳ ଲେଖନୀ ଚାଳନା ସତ୍ତ୍ୱେ ସେ ମୁଖ୍ୟତଃ ଥିଲେ କବି। ପ୍ରକାଶିତ ପ୍ରାୟ ୫୦ ଖଣ୍ଡରୁ ଅଧିକ କବିତା ଗ୍ରନ୍ଥ, ଯହିଁରୁ ପ୍ରମୁଖ କେତୋଟି - 'ମାନସୀ', 'ସୋନାର ତରୀ', 'ଗୀତାଞ୍ଜଳି', 'ଗୀତିମାଲ୍ୟ' ଓ 'ବଳାକା'। ଇଂଲିଶ୍ ଅନୁଦିତ 'ଗୀତାଞ୍ଜଳି' ପାଇଁ କବିଙ୍କୁ ମିଳେ ସାହିତ୍ୟରେ 'ନୋବେଲ ପୁରସ୍କାର' ୧୯୧୩ରେ।

କରୋନା ଗପ

## ମୂଲଚାଲ

ସୁବ୍ରତ ମଲିକ

''କାହିଁକି ତୁମେ ବିନା ମୂଲଚାଲରେ ସବୁବେଳେ ସେହି ବୁଢ଼ୀଟି ପାଖରୁ ପରିବା କିଣୁଛ, ମୂଲଚାଲ କରିବା ଶିଖ।'' ରାଗ ତମତମ ହୋଇ ଶ୍ରାବଣୀ ନିଜ ସ୍ୱାମୀଙ୍କୁ ପ୍ରଶ୍ନ କଲେ। ''ଆରେ, ତୁମେ ବି ସବୁ ଜାଣି ଅଜଣା ହୁଅ! ଏକରେ ସେ ବୁଢ଼ୀଟି ଖରା, ବର୍ଷା, ଶୀତକୁ ଖାତିର୍ ନ କରି ବୁଲିବୁଲି ଆମ ଘର ପାଖରେ ଆବଶ୍ୟକ ମୁତାବକ ତଟକା ପନିପରିବା ପହଞ୍ଚାଇ ଦେଉଛି। ମୋତେ ବଜାର ଯିବାକୁ ପଡୁନି। ମୂଲ୍ୟବାନ ସମୟ ସହିତ ପେଟ୍ରୋଲ ଖର୍ଚ୍ଚ ବି ବଞ୍ଚିଯାଉଛି। ତା'ଛଡ଼ା ବର୍ତ୍ତମାନ ଲକ୍‌ଡାଉନ ଯୋଗୁ କାମଧନ୍ଦା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେଥିପାଇଁ ସରକାର ମାଗଣାରେ ଗ୍ୟାସ୍‌ଠୁଁ ଆରମ୍ଭ କରି ଡାଲି, ଚାଉଳ, ଗହମ ଆଦି ମାଗଣାରେ ଯୋଗାଇ ଦେଉଛନ୍ତି। ଆମେ ଦୁହେଁ ଭଲ କମ୍ପାନୀରେ ଚାକିରି



କରିଥିବା ଯୋଗୁଁ ମାସିକ ମୋଟା ଅଙ୍କର ଦରମା ପାଉଛନ୍ତି। ଯଦି ବିଚାରି ବୁଢ଼ୀଟି ଆମ ପାଖରୁ ଦି'ଟଙ୍କା ବଦଳରେ ତିନି କି ଚାରି ଟଙ୍କା ନିଏ, ତେବେ ଆମ ଜୀବନରେ କିଛି ଫରକ ପଡ଼ିବନି। ମାତ୍ର ଟଙ୍କାଏ କି ଦି' ଟଙ୍କା କମ୍ ଦେଇଦେଲେ ତା' ଜୀବନରେ ନିଶ୍ଚିତ ଫରକ ପଡ଼ିବ। ସେହି ଟଙ୍କାଏ ଦି' ଟଙ୍କା ପାଇଁ ତ ତା'ର ଏ ବେପାର। ସେ କ'ଣ ଦ୍ୱିତୀୟ ତାଜମହଲ କି କୋଣାର୍କ ଗଢ଼ିବା ଆଶାରେ ଏହି ବୁଢ଼ୀ ବୟସରେ ମୁଣ୍ଡ ଝାଳ ତୁଣ୍ଡରେ ମାରି ଏତେ ପରିଶ୍ରମ କରୁଛି, ଯେଉଁ ବୟସରେ ନାତିନାତୁଣୀଙ୍କ ସହ ହସି ଖେଳି ତା'ର ସମୟ ବିତାଇବାର ଥିଲା? ଅତ୍ୟନ୍ତ ଶାନ୍ତ ଓ ସାବଲୀଳ ଭାବରେ ସ୍ୱାମୀ ଜଣକ ଶ୍ରାବଣୀକୁ ବୁଝାଇ ଦେଲେ। ଏହି ସମୟରେ ପ୍ରେସରକୁକର ସିଟି ମାରିବାରୁ ଶ୍ରାବଣୀ ରୋଷେଇ ଘରକୁ ଚାଲିଗଲା ଓ ଗଲାବେଳେ ଭାବିବାକୁ ଲାଗିଲା, ''ଯଦି ଆମ ପରି ଥିଲାବାଲା ପ୍ରତ୍ୟେକ ଲୋକ ମୂଲଚାଲ ନ କରି ଫେରିବାଲାଠୁଁ ଆରମ୍ଭ କରି ଫୁଟ୍‌ପାଥିରେ ବିକୁଥିବା ଲୋକଙ୍କ ପାଖରୁ ଜିନିଷ କିଣନ୍ତେ, ତେବେ ସେମାନଙ୍କ ଅଜାଣତରେ ଆମେ ସେମାନଙ୍କ ଜୀବନର ଦୁଃଖକଷ୍ଟକୁ କେତେ ଲାଘବ ସତେ ନ କରନ୍ତେ!''

ମୋ: ୭୨୦୫୫୩୦୯୨୬

ପୁସ୍ତକ ପରିଚୟ

### ମଲାପକ୍ଷୀର ଗୀତ

**କବି:** ରମେଶ ପତି
**ପ୍ରକାଶକ:** ପ୍ରଗତି, ବାଦାମବାଡ଼ି, କଟକ-୯
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୫୦/-

ମୋଟ ୪୮ଟି କବିତା ସ୍ଥାନିତ ଆଲୋଚ୍ୟ କବିତାଗ୍ରନ୍ଥରେ। ଏହା କବିଙ୍କର ସପ୍ତମ କବିତା ସଂକଳନ। ସମାଜର ତଳସ୍ତରରେ ବଞ୍ଚୁଥିବା ମଣିଷଙ୍କର ଦୁଃଖ ଦୈନ୍ୟ ଓ ସୁଖସନ୍ତୋଷକୁ କବି ତାଙ୍କ କବିତାଗୁଡ଼ିକରେ ନିଜସ୍ୱ ଶୈଳୀରେ ରୂପ ଦେଇଛନ୍ତି। 'ଘରଡୋଳା', 'ଧରମାର ଶବ', 'ସିଏ ଏକ ଗାଁ', 'ଡୁଂଗୁରୀ ପାହାଡ଼ ତଳେ', 'ମୁଂଡ଼ା ବସ୍ତିରେ ଜହ୍ନରାତି', 'ନଖିଆ ତରାଇ', 'ଠିଆ ଗୋଇଠା', 'ନନାଙ୍କ ଠିକଣା', 'ଆଲୁଅ ଧାପେ ପାଇଁ', 'ମେହେଂତର ବସ୍ତିରେ ଜହ୍ନ' ଓ 'ମଲାପକ୍ଷୀର ଗୀତ' ପ୍ରଭୃତି କବିତାଗୁଡ଼ିକ ପଢ଼ିଲେ ପାଠକ ତହିଁରେ ଲାଖି ରହିଲା ପରି ରହିବ। ଉଦ୍ଧୃତିଟିଏ ନେବା 'ମଲାପକ୍ଷୀର ଗୀତ'ରୁ- ''ସାରା ଜୀବନ ପଶୁସେବା/କରିଥିବା ପ୍ରିୟଂକାକୁ ସେଦିନ/ ନିର୍ଜନ ଅଂଧାର ରାତିରେ ଜାଳିଦେଲେ/ଚାରିଜଣ କାମାତୁର ପଶୁ।/ସେଇ ମୃତ ପକ୍ଷୀଟିର ଦିନେ/ ସୁଂଦର ଡେଣା ହଲେ ଥିଲା।'' 'ଡୁଂଗୁରୀ ପାହାଡ଼ ତଳେ' କବିତାରେ ମିଳେ ରମେଶଙ୍କର ସେଇ ଅନ୍ୱେଷୀ ଦୃଷ୍ଟିର ପରିଚୟ: ''ରାଜପଥଠାରୁ କାହିଁ କେତେଦୂର/ଝାଟିମାଟି ପାହାଡ଼ ସଂଧିରେ/ଦଶବାର ଘର/ଆରଂଭରୁ ଶେଷ/ରୋଗ ଜରଜର/ବଂଚିବା ପାଇଁ ବଂଚୁଥିବା/ଥୋକେ ବିକଳାଂଗ ଜିଉଥାଂତି/ ଇତର ଜୀବନ।'' ବହିଟି ଏକ ବର୍ଷିବା ବର୍ଷିବା ମେଘ ପରି ପାଠକର ମନକୁ ଢେର୍ ଦିନ ଉଦାସ କରି ରଖେ, ପଢ଼ି ସାରିବା ପରେ।



### ପୁନର୍ନବ

**ଗାଳ୍ପିକ:** ଚିତ୍ତରଞ୍ଜନ ଚିରଞ୍ଜିତ
**ପ୍ରକାଶକ:** ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୯୫/-

୧୫ଟି ଗଳ୍ପ ୧୫ଟି ଅଭୁଲା ମୁହୂର୍ତ୍ତ ହୋଇଉଠେ ଜୀବନରେ, ଯଦି ପଢ଼ିବସେ କେହି ଚିତ୍ତରଞ୍ଜନଙ୍କର ଏଇ 'ପୁନର୍ନବ' ଗଳ୍ପ ବହିଟି। 'ପ୍ରଚ୍ଛଦଲେଖ'ରେ କୁହାଯାଇଛି: ''ପୁନର୍ନବରେ ସନ୍ନିବିଷ୍ଟ ୧୫ଟି ଗଳ୍ପ ଜୀବନ ଜିଜ୍ଞାସା ସମ୍ପର୍କିତ ସକଳ ଅବବୋଧର ଗୋଟିଏ ଗୋଟିଏ ଜ୍ୱଳନ୍ତ ଚିତ୍ରପଟ, ଗୋଟିଏ ଗୋଟିଏ ଜାଗରିତ ପ୍ରତିଛବି।'' ମିଛ ଲାଗେ ନାହିଁ ଏହି ଆକଳନ ଗଳ୍ପଗୁଡ଼ିକ ପଢ଼ିଲେ। ପ୍ରାୟ ଗଳ୍ପରେ ଜୀବନ ବର୍ଣ୍ଣିତ ଭାଷା ଆଡୁଆଳରୁ ମୁଣ୍ଡଟେକି ଚାହିଁଥାଏ, ଯେମିତି ଲଟା ଆଡୁଆଳରୁ ଏଣ୍ଡୁଅ। ଏଣ୍ଡୁଅ ରଙ୍ଗ ବଦଳାଇଲା ପରି ଗଳ୍ପଗୁଡ଼ିକର ପରିସର ବି ବଦଳୁଥାଏ। ବଦଳୁଥାଏ ଭାଷା- କିନ୍ତୁ ଭୟ ଥାଏ, ଜୀବନର ଫଟୋଗ୍ରାଫିରେ- ''ଜୁଲାଇ ମାସ ଅଧାଅଧି ହେଲାଣି। ବର୍ଷା ହଉଚି ତ କାଁ ଭାଁ। ନିଧିଆ ପ୍ରଧାନ କୁହେ, ଏଇ ସମୟରେ ଧୂଁ ଧୂଁ ବର୍ଷା ହେବା କଥା। ମୂଷଳଧାରାରେ ବର୍ଷା।'' 'ନଗଡ଼ା' ଗଳ୍ପର ଆରମ୍ଭ ଏହିପରି। ଚାରା ନାହିଁ ପାଠକର ଗଳ୍ପ ଭିତରକୁ ନ ଯିବାକୁ। ଚିତ୍ତରଞ୍ଜନଙ୍କ ଗଳ୍ପରେ 'ଓଡ଼ିଆ ଗଳ୍ପ'ର ବୁନିୟାଦ୍ ସୁରକ୍ଷିତ ଓ ବିବର୍ତ୍ତିତ।



## ଦିନ ଥିଲା, ଯେବେ କବିତାଖାତା ଥିଲା ମୋ' ତକିଆ

**ରକ୍ଷକ ନାୟକଙ୍କ ଜନ୍ମ ୧୮ ଅଗଷ୍ଟ ୧୯୬୩ରେ, ପୁରୀ ଜିଲା ଗୋପ୍‌ର ପାଇକସାହିରେ। 'ଉର୍ଦ୍ଧ୍ୱ ଉଡ଼ାଣ', 'ବ୍ରହ୍ମଶିଳା' ଓ 'ବୀଜ ବିକ୍ଷେପ' ଭଳି ଦମ୍‌ଦାର କବିତାଗ୍ରନ୍ଥର ଏହି ସ୍ରଷ୍ଟାଙ୍କୁ 'ଅସରନ୍ତି ଅନ୍ତାକ୍ଷରୀ' ପାଇଁ ୨୦୧୩ରେ ମିଳିଛି 'ଓଡ଼ିଶା ସାହିତ୍ୟ ଏକାଡେମୀ' ପୁରସ୍କାର। ଛଳନାଶୂନ୍ୟ ଜୀବନଚିତ୍ର ଓ ଓଡ଼ିଆ ଭାଷାର ଦାୟବଦ୍ଧ ବ୍ୟବହାର ପାଇଁ ଆଜିର ଓଡ଼ିଆ କବିତାରେ ସେ ଏକ ଅନନ୍ୟ ଦୃଷ୍ଟାନ୍ତ...**

ସୃଜନ-ସ୍ମୃତି


ରକ୍ଷକ ନାୟକ

ମୋତେ କବି କରିଛି ମୋ' ଗାଁ। (ପୁରୀ ଜିଲା ଗୋପ୍ ବ୍ଲକ୍‌ର ପାଇକସାହି)। ଗାଁର ସାମାଜିକ ଓ ସାଂସ୍କୃତିକ ପରିବେଶରୁ ପାଇଛି ସାରସ୍ୱତ ପୁଞ୍ଜି ଓ ପ୍ରେରଣା। (ଅବଶ୍ୟ ଏବେ ସେ ଗାଁ ଆଉ ଗାଁ ହେଇ ନାହିଁ)। ରେଡ଼ିଓର ବଡ଼ ଭୂମିକା ରହିଛି। ଷଷ୍ଠ/ସପ୍ତମ ବେଳୁ ଶବ୍ଦରେ ଖେଳିଛି ଲୁଚେଇ ଲୁଚେଇ। କାରଣ କବିତା ପ୍ରତି କାହିଁକି କେଜାଣି ଗୁରୁଜନମାନଙ୍କର ବିରାଗ। ଥରେଅଧେ ମୋ' ବଡ଼ ଭାଇ ହାତରେ ଧରାପଡ଼ିଛି; ସେ ଉତ୍ସାହିତ କରିନି କିନ୍ତୁ ଖୁସି ହୋଇଛି।

ଏନ୍‌ଆର୍‌ଟିଏସ୍ ପାଇ ଗାଁରୁ ଖସିଗଲି ପୁରୀକୁ, ବିଶ୍ୱମ୍ଭର ବିଦ୍ୟାପୀଠକୁ। ସେଠି ବି ସେଇ ଅବସ୍ଥା। ରକ୍ଷଣଶୀଳ ମନୋଭାବ। ପ୍ରବନ୍ଧ ଓ ବକ୍ତୃତାକୁ ପ୍ରୋତ୍ସାହନ, କିନ୍ତୁ କବିତାକୁ ନା'। ଭଲ ପିଲାକୁ କବିତା ନଷ୍ଟ କରିଦିଏ, କ୍ୟାରିଅର୍ ଖାଇଯାଏ ବୋଲି ପ୍ରଚଳିତ ବଦ୍ଧମୂଳ ଧାରଣା। ସତରେ କ'ଣ କବିତା ନଷ୍ଟ କରିଦିଏ? ଏବେ ପଛକୁ ଅନେଇଲେ ଉତ୍ତରରେ ହଁ କି ନା- ମୁଁ ବି କେଉଁଟିରେ ସ୍ଥିର ନୁହେଁ।

ବିଶ୍ୱମ୍ଭର ବିଦ୍ୟାପୀଠ ପରେ ଆସିଲି ଭୁବନେଶ୍ୱର ବିଜେବି କଲେଜ, ୧୯୮୦ରେ। ରହିଲି ଜେନେରାଲ ହଷ୍ଟେଲ୍‌ରେ। ହଷ୍ଟେଲ୍‌ରେ ପଶୁପଶୁ ସାମ୍ନାରେ ଏକ ପ୍ରାଚୀର ପତ୍ରିକା। ଚିତ୍ର ଓ ଶବ୍ଦରେ ଆକର୍ଷଣୀୟ ଲାଗୁଥିଲା। ମୋର ମନ କୁଣ୍ଢେମୋଟ ହେଇଗଲା। ଏକେ ତ ହାଇସ୍କୁଲର ଶାସନରୁ ମୁକ୍ତି; ପୁଣି ଏ ପ୍ରାଚୀର ପତ୍ରିକା, ଯେମିତି କବିତାର ପକ୍ଷୀ ଆକାଶରେ ଉଡ଼ିବାକୁ ପଞ୍ଜୁରୀ ଖୋଲିଗଲା। ସେତେବେଳେ କଲେଜର ଅଧ୍ୟକ୍ଷ ଥାଆନ୍ତି ମେଜର ଗୁରୁପ୍ରସାଦ ମହାନ୍ତି। ଚନ୍ଦ୍ରଶେଖର ରଥଙ୍କଠାରୁ ଯୁବ କବି ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କ ପର୍ଯ୍ୟନ୍ତ କଲେଜରେ କବି ଓ ଲେଖକ ଭର୍ତ୍ତି। କହିବାକୁ ଗଲେ ହୁ ଇଜ୍ ହୁ ଅଫ୍ ଓଡ଼ିଆ ଲିଟରେଚର-୧୯୮୦। ସେମାନଙ୍କୁ ଦୂରରୁ ଦେଖେ, ଖୋଜି ଖୋଜି ଚିହ୍ନେ। ପାଖକୁ ଯାଏନି, ଡର ଲାଗେ। ତାଙ୍କ ବହି ସବୁ କଲେଜ ଲାଇବ୍ରେରୀ, ନ ହେଲେ ମାଉସୀ ମା' ଛକରେ ଥିବା ରାମକୃଷ୍ଣ ମିଶନ ଲାଇବ୍ରେରୀରେ ଖୋଜେ।

ମୋର ଗୋଟେ କବିତା ବାହାରିଲା 'ପ୍ରାଚୀର ପତ୍ରିକା'ରେ। ଏହା ମୋର ପ୍ରଥମ ପ୍ରକାଶ ସର୍ବସାଧାରଣରେ। ଏହା ସମସ୍ତଙ୍କର ଦୃଷ୍ଟିଆକର୍ଷଣ କଲା। ହଷ୍ଟେଲ୍‌ରେ ବଡ଼ ଭାଇମାନେ ମତେ ଖୋଜିଲେ। ଏମିତିରେ ବେଷ୍ଟ ଟେନ୍‌ରୁ ଅଳ୍ପକେ କଟି ଯାଇଥିଲେ ମଧ୍ୟ ମାଟ୍ରିକ୍‌ରେ ବେଶୀ ନମ୍ବର ରଖିଥିବାରୁ ଅନେକେ ଚିହ୍ନିଥିଲେ। ଅବଶ୍ୟ ସେତେବେଳେ ଗୋଟେ ଜେନେରାଲ ହଷ୍ଟେଲ୍ ଥିବାରୁ ଅଧିକ ମାର୍କବାଲା ହିଁ ହଷ୍ଟେଲ୍‌ରେ ସିଟ୍ ପାଉଥିଲେ। ଯାହା ହେଉ, ମୋର କବି ପ୍ରସିଦ୍ଧି 'ପ୍ରାଚୀର ପତ୍ରିକା'ରୁ କ୍ୟାମ୍ପସ୍‌କୁ ପ୍ରସାରିତ ହେଇଗଲା। କେତେଜଣ ଅଧ୍ୟାପକ ମତେ ବଧେଇ ଜଣାଇଥିଲେ। ବେଶୀ ମନେପଡୁଛନ୍ତି ତାରାକାନ୍ତ ସାର୍, ଇଂରାଜୀ ଅଧ୍ୟାପକ, ସେ ପରେ ବ୍ୟାଙ୍କ୍ ପିଓ ହେଇ ଚାଲିଗଲେ।

ପ୍ରାଚୀର ପତ୍ରିକାର ପ୍ରତ୍ୟେକ ସଂଖ୍ୟାରେ ମୋ' କବିତା ହିଟ୍ ହେଲା। ମୁଁ ହିରୋ ହୋଇଗଲି। ମୋ' ଲେଖାକୁ ବେଶୀ ଉତ୍ସାହିତ କଲେ ମୋର ସାଙ୍ଗମାନେ। ସେମାନେ ରୁମ୍‌କୁ ଆସି ମୋ' ସହିତ ସାହିତ୍ୟ ଆଲୋଚନା କଲେ, କ'ଣ ନୂଆ ଲେଖିଛି ବୋଲି ପଚାରି ବୁଝିଲେ। ସେମାନେ ବାସ୍ତବରେ ମୋର ଆଦ୍ୟ ପ୍ରେରଣାଦାତା। ସେମାନଙ୍କ ମଧ୍ୟରେ ମନେପଡୁଛି ମନୋଜ ପାତ୍ର, ଅଜୟ ଜେନା, ପ୍ରଦୀପ ଜେନା, ପ୍ରଦୀପ୍ତ ନନ୍ଦ, ସଚ୍ଚିକାନ୍ତ ଖୁଣ୍ଟିଆ, ପ୍ରମଥେଶ ମହାନ୍ତି, ସୂର୍ଯ୍ୟ ପତି, ରଂଜନ ମହାପାତ୍ର ପ୍ରମୁଖ। ସେମାନେ ପ୍ରକୃତରେ କବି କି ଲେଖକ ହେବା ପାଇଁ ଜନ୍ମ ହେଇଥିଲେ। ପ୍ରଦୀପ ଜେନା, ଯେ ଏବେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ନାଟକରେ ରୁଚି ଥିଲା, ହୃଦୟରେ କବିଟିଏ। ସେମାନଙ୍କୁ କ୍ୟାରିଅର୍ ଖାଇଗଲା; ଆଉ ମତେ କବିତା। ଏବେ ଅଜୟ ଚମତ୍କାର ଲିରିକ୍ ଲେଖୁଛି, ସଚ୍ଚି ଇଞ୍ଜିନିୟର ହେଇ ବହୁ ପରେ ବଢ଼ିଆ କବିତା ଲେଖୁଛି। ଆଉ ଅନ୍ୟମାନେ ନିରବରେ।

ସେତେବେଳେ ଦିସ୍ତା ଦିସ୍ତା କବିତା ଲେଖୁଥିଲି। ମୋ' ରୁମ୍‌ମେଟ୍ ସୁଶୀଲ ଏବେ କହୁଥିଲା। ମୋର ତକିଆ ନ ଥିଲା। କବିତାଖାତା / ବହି ମୁଣ୍ଡତଳେ ଥିଲା। ପୁରୁଣା ସାଙ୍ଗମାନେ ମୋର ଅନେକ କବିତା ମନେରଖିଛନ୍ତି। ଦେଖା ହେଲେ ପଦେ ପଦେ ଶୁଣାନ୍ତି। ଭଲ ଲାଗେ। ସବୁ କବିତା ସାଇତି ରଖିଥିଲି। ସଂକଳନ କରିବି ବୋଲି ନୁହେଁ, ବୁଢ଼ା ବେଳେ ନିଜେ ପଢ଼ିବି ବୋଲି।

ଆଉ ନାହିଁ। ସବୁ ଭାସିଗଲା ୧୯୯୯ ମହାବାତ୍ୟାରେ। ସେ କଥା କହିବି ପୁଣି କେବେ, ପୁଣି କେବେ ପରେ।

ମୋ: ୯୪୩୭୧୭୧୪୪୦

## ସଂକ୍ଷେପରେ

### ଭାରତରେ ୧୩.୯ ଲକ୍ଷ କ୍ୟାନ୍ସର ରୋଗୀ

**ନୂଆଦିଲ୍ଲୀ, ୧୯।୮(ପି.ଟି.):** ଭାରତରେ ଚଳିତ ବର୍ଷ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ୧୩.୯ ଲକ୍ଷ ହେବ ବୋଲି ଆକଳନ କରାଯାଇଥିବାବେଳେ ୨୦୨୫ ସୁଦ୍ଧା ୧୫.୭ ଲକ୍ଷରେ ପହଞ୍ଚିବ ବୋଲି କୁହାଯାଇଛି। ପୁରୁଷଙ୍କ ତୁଳନାରେ ମହିଳା କର୍କଟ ରୋଗରେ ଅଧିକ ଆକ୍ରାନ୍ତ ହେଉଥିବା ଜଣାପଡିଛି। ଭାରତର ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ଏବଂ ବେଙ୍ଗାଲୁରୁର ନ୍ୟାଶନାଲ ସେଣ୍ଟର ଫର୍ ଡିଜିଜ୍ ଇନ୍ଫର୍ମେଟିକ୍ସ ଆଣ୍ଡ ରସର୍ଚ୍ଚ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଭାରତରେ ୬,୭୯,୪୨୧ ପୁରୁଷ କ୍ୟାନ୍ସର ପୀଡ଼ିତ ହୋଇଥିବାବେଳେ ମହିଳା ଆକ୍ରାନ୍ତଙ୍କ ସଂଖ୍ୟା ୭,୧୨,୭୫୮। ୨୦୨୫ ବେଳକୁ ଏହି ସଂଖ୍ୟା ବଢ଼ି ଯଥାକ୍ରମେ ୭,୬୩,୫୭୫ ଏବଂ ୮,୦୬,୨୧୮ରେ ପହଞ୍ଚିବା ସମ୍ଭାବନା ରହିଛି। ୨,୩୮,୯୦୮ ମହିଳାଙ୍କଠାରେ ସେତେବେଳକୁ ସ୍ତନକର୍କଟ ହୋଇଥିବାବେଳେ ଫୁସ୍ଫୁସ୍ କର୍କଟରେ ୧,୧୧,୩୨୮ ଏବଂ ମୁଖ କର୍କଟରେ ୯୦,୦୬୦ ଜଣ ଆକ୍ରାନ୍ତ ହୋଇଥିବେ। ତମାଖୁ ଜନିତ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ୩.୭ ଲକ୍ଷ, ଯାହାକି ମୋଟ କର୍କଟ ରୋଗୀ ସଂଖ୍ୟାର ୨୭.୧ ପ୍ରତିଶତ। ଏହା ପଛକୁ ଅନ୍ତଃନଳୀ କ୍ୟାନ୍ସର ଓ ସ୍ତନ କର୍କଟ ରହିଛି। ପ୍ରତି ଲକ୍ଷେ ପୁରୁଷରେ କ୍ୟାନ୍ସର ହାର ମିଜୋରାମର ଆଇଜଲ୍ ଜିଲାରେ ସର୍ବାଧିକ ୨୬୯.୪ ରହିଥିବାବେଳେ ମହାରାଷ୍ଟ୍ରର ଓସ୍ମାନାବାଦ ଓ ବିଦ୍ରେ ୩୯.୫ ରହିଛି। ସେହିପରି ମହିଳାଙ୍କ କ୍ଷେତ୍ରରେ ସଂକ୍ରମଣ ହାର ଅରୁଣାଚଳ ପ୍ରଦେଶର ପପୁମପାରେ ଜିଲାରେ ସର୍ବାଧିକ ୨୧୯.୮ ଏବଂ ଓସ୍ମାନାବାଦ ଓ ବିଦ୍ ଜିଲାରେ ସର୍ବନିମ୍ନ ୪୯.୪ ରହିଛି।

### ଖୋର୍ଦ୍ଧା ଜିଲାରେ ପାସ୍ ହାର ୮୭.୫୫ %

**ଖୋର୍ଦ୍ଧା ଅଫିସ,୧୯।୮:** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ବାଣିଜ୍ୟ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ଖୋର୍ଦ୍ଧା ଜିଲାର ପାସ୍ ହାର ୮୭.୫୫ ପ୍ରତିଶତ ରହିଛି। ଚଳିତ ବର୍ଷ ଜିଲାରେ ୨୬୯୯ ଜଣ ପରୀକ୍ଷା ଦେଇଥିଲେ। ସେଥିରୁ ୨୩୨୮ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୦୧୧, ଦ୍ୱିତୀୟ ଶ୍ରେଣୀରେ ୫୯୮ ଓ ତୃତୀୟରେ ୭୧୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୪ ଜଣ କମ୍ପାର୍ଟମେଣ୍ଟରେ ପାସ୍ କରିଛନ୍ତି। ଜିଲାର ପ୍ରମୁଖ ଶିକ୍ଷାନୁଷ୍ଠାନ ପ୍ରାଣନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଚଳିତ ବର୍ଷ ୩୭୬ ଜଣ ପରୀକ୍ଷା ଦେଇଥିଲେ। ସେଥିରୁ ରେଗୁଲାର ୩୬୪, ଏକ୍ସ ରେଗୁଲାର ୧୧ ଓ ଜଣେ କରେସପଣ୍ଡେଣ୍ଟ ପରୀକ୍ଷା ଦେଇଥିଲେ। ଏଥିରୁ ୩୪୮ ଜଣ ପାସ୍ କରିଛନ୍ତି। ପାସ୍ ହାର ୯୨.୫୫ ପ୍ରତିଶତ ରହିଥିବା କଲେଜ ପକ୍ଷରୁ କୁହାଯାଇଛି। ପ୍ରିୟଙ୍କା ଅଗ୍ରୱାଲ ସର୍ବାଧିକ ୫୩୮ ନମ୍ବର ରଖିଛନ୍ତି। ଉତ୍ତୀର୍ଣ୍ଣଙ୍କ ମଧ୍ୟରେ ପ୍ରଥମ ଶ୍ରେଣୀରେ ୧୬୫, ଦ୍ୱିତୀୟରେ ୯୮, ତୃତୀୟରେ ୮୫ ଜଣ ରହିଛନ୍ତି। ୨୮ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି।

### ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଏକତା ମଞ୍ଚର ଆନ୍ଦୋଳନ ଚେତାବନୀ

**ଭୁବନେଶ୍ୱର,୧୯।୮(ବ୍ୟୁରୋ)** ୬ ଦଫା ଦାବି ନେଇ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଏକତା ମଞ୍ଚ ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ସେସୁକୁ ପୁନର୍ଗଠନ କରା ନ ଯିବା ପର୍ଯ୍ୟନ୍ତ ନୂତନ ଉଚ୍ଚ ବେତନଧାରୀ କର୍ମଚାରୀ ନିଯୁକ୍ତି ବନ୍ଦ କରାଯାଉ। ୨୦୧୩ରୁ କର୍ମଚାରୀମାନଙ୍କ ପ୍ରୋଭିଡେଣ୍ଟ ଫଣ୍ଡ କର୍ମଚାରୀ ଅଂଶଧନ ତୁରନ୍ତ ପ୍ରଦାନ କରାଯାଉ, ସେସୁ ସହିତ ତ୍ରିପାକ୍ଷିକ ଚୁକ୍ତିନାମା ଅନୁସାରେ ୧୨୧ ଜଣ କ୍ଷେତ୍ର କର୍ମଚାରୀ ଓ ୩୯ ଜଣ କିରାଣିଙ୍କ ସମେତ ଅନ୍ୟାନ୍ୟ ବର୍ଗର ମୋଟ ୪୩୨ କର୍ମଚାରୀଙ୍କୁ ଟାଟା ପାୱାର କମ୍ପାନୀ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିସିଓଡିଏଲ୍)ରେ ନିୟମିତ ନିଯୁକ୍ତି ପ୍ରଦାନ କରାଯାଉ। ନିଯୁକ୍ତି କ୍ଷେତ୍ରରେ ଓଆର୍ଭି ଆକ୍ଟ ଲାଗୁ ହୋଇ ନ ଥିବା କର୍ମଚାରୀଙ୍କୁ ପଦୋନ୍ନତି ଦେବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି । ଏଥିସହିତ ଓପିଟିସିଏଲ୍ କର୍ମଚାରୀଙ୍କ ଭଳି ଟିପିସିଓଡିଏଲ୍ କର୍ମଚାରୀଙ୍କ ମେଡିକାଲ ସୁବିଧା, କର୍ମଚାରୀଙ୍କ ବକେୟା ପାଉଣା, ସୁରକ୍ଷା ଉପକରଣ, ଜାତୀୟ ଛୁଟି ଦିବସ ପାଉଣା ଆଦି ଦିଆଯାଉ ବୋଲି ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମଞ୍ଚର ନେତୃମଣ୍ଡଳୀ ଯତୀନ୍ଦ୍ର ରାଏ, ପ୍ରଶାନ୍ତ ମହାପାତ୍ର, ଅକ୍ଷୟ ତ୍ରିପାଠୀ, ବି.ପି.ବସୁମଲ୍ଲିକ, ଶିବପ୍ରସାଦ ବେହେରା, ସତ୍ୟବାଦୀ ବାଗ୍ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ବଢ଼ିଲା ଯୁକ୍ତ ୨ ବାଣିଜ୍ୟ ପାସ୍ ହାର

ରାଜ୍ୟ ଉଚ୍ଚମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବାଣିଜ୍ୟ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ପାସ୍ହାର ଅଧିକ ରହିଛି। ନୟାଗଡ଼ ଉଚ୍ଚମାଧ୍ୟମିକ ସ୍କୁଲର ସିତୁ ବେହେରା ୫୬୭ ନମ୍ବର ରଖି ଟପ୍ପର ହୋଇଥିବାବେଳେ ସେହି ବିଦ୍ୟାଳୟର ମନସ୍ୱିତା ମହାନ୍ତି ୫୬୨ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଚଳିତ ବର୍ଷ ମଧ୍ୟ ଛାତ୍ରଙ୍କ ଅପେକ୍ଷା ଛାତ୍ରୀମାନେ ଉତ୍ତମ ପ୍ରଦର୍ଶନ କରିଛନ୍ତି। କରୋନା ଯୋଗୁ ଫଳ ପ୍ରକାଶ ପରେ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରମାନେ ଏକାଠି ହୋଇ ସେଲିବ୍ରେଶନ ପାଳନ କରିପାରି ନ ଥିଲେ ମଧ୍ୟ ନିଜନିଜ ଘରେ ପରିବାର ଲୋକଙ୍କ ଗ୍ରହଣରେ ସଫଳତାର ଖୁସି ମନାଇଛନ୍ତି। ଉତ୍ତମ ପ୍ରଦର୍ଶନ କରିଥିବା କେତେକ ଛାତ୍ରୀଛାତ୍ର ସେମାନଙ୍କ ଜୀବନର ଲକ୍ଷ୍ୟ ସମ୍ପର୍କରେ ମତ ପ୍ରକାଶ କରିଛନ୍ତି।




ଭୁବନେଶ୍ୱର ସ୍ଥିତ ଉଚ୍ଚ ମାଧ୍ୟମିକ ଶିକ୍ଷାପରିଷଦ କାର୍ଯ୍ୟାଳୟ ପରିସରରେ ବୁଧବାର ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଓ ଅନ୍ୟମାନେ ଯୁକ୍ତ୨ ବାଣିଜ୍ୟ ଫଳ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

### ପରିଶ୍ରମର ଫଳ ବୃଥା ଯାଏନି



ଚଳିତ ବର୍ଷ ନୟାଗଡ଼ ଉଚ୍ଚମାଧ୍ୟମିକ ସ୍କୁଲର ଛାତ୍ର ସିତୁ ବେହେରା ଯୁକ୍ତଦୁଇ ବାଣିଜ୍ୟ ପରୀକ୍ଷାରେ ୫୬୭ ନମ୍ବର ରଖି ରାଜ୍ୟ ଟପ୍ପର ହୋଇଛନ୍ତି। ଚାଷୀ ପରିବାରରେ ଜନ୍ମିତ ସିତୁଙ୍କ ଘର ନୟାଗଡ଼ ଜିଲା ନୂଆଗାଁ ବ୍ଲକର କଣିକିଆରୀ ଗ୍ରାମରେ। ସେ ଭବିଷ୍ୟତରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବାକୁ ଲକ୍ଷ୍ୟ ରଖିଛନ୍ତି। ସିତୁ କୁହନ୍ତି, ରାଜ୍ୟରେ ଟପ୍ପର ହେବା ଆଶା ଥିଲା। ପରିଶ୍ରମର ଫଳ ବୃଥା ଯାଏନି। ହେଲେ ଫଳକୁ ଆଶା ନ ରଖି ପରିଶ୍ରମ କଲେ ସଫଳତା ମିଳିବା ନିଶ୍ଚିତ।

### ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଲକ୍ଷ୍ୟ



ନୟାଗଡ଼ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ ମନସ୍ୱିତା ମହାନ୍ତି ୫୬୨ ନମ୍ବର ରଖି ରାଜ୍ୟରେ ୨ୟ ସ୍ଥାନରେ ଅଛନ୍ତି। ତାଙ୍କ ଘର ନୟାଗଡ଼ ଜିଲା ଦଶପଲ୍ଲା ସହର କୁଞ୍ଜବନଗଡ଼ ମହାନ୍ତିସାହିରେ। ସେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବାକୁ ଲକ୍ଷ୍ୟ ରଖିଛନ୍ତି। ଦିନକୁ ସେ ୭ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲେ। ତାଙ୍କ ସଫଳତା ପଛରେ ମା'ଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସଫଳତା ପାଇବାକୁ ହେଲେ କଠିନ ପରିଶ୍ରମ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

### ମାତାପିତାଙ୍କୁ ଦେଲେ ଶ୍ରେୟ



ଚଳିତ ବର୍ଷ ଯୁକ୍ତ ୨ ବାଣିଜ୍ୟରେ ରାଜ୍ୟରେ ତୃତୀୟ ସ୍ଥାନ ହାସଲ କରିଛନ୍ତି ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ରାହୁଲ ପ୍ରସନ୍ନ ସାହୁ। ତାଙ୍କର ଏହି ସଫଳତା ପାଇଁ ସେ ନିଜର ମାତା, ପିତାଙ୍କୁ ଶ୍ରେୟ ଦେଇଛନ୍ତି। ଆଗକୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି ।

### ଆଇନଜୀବୀ ହେବାକୁ ଲକ୍ଷ୍ୟ ରଖିଛି



କଟକ ରେଭେନ୍ସା ଉଚ୍ଚମାଧ୍ୟମିକ ସ୍କୁଲର ନିକୁଞ୍ଜ ଅଗ୍ରୱାଲ ୫୫୯ ନମ୍ବର ରଖି ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ପରିଶ୍ରମର ଫଳ ମିଳିଥିବାରୁ ଖୁସି ଲାଗୁଛି ବୋଲି କହିବା ସହ ଏହାର ଶ୍ରେୟ ପରିବାରବର୍ଗ, ଶିକ୍ଷକ ଓ ସାଙ୍ଗମାନଙ୍କୁ ଦେଇଛନ୍ତି। କେତେ ସମୟ ପାଠ ପଢୁଛି ତା' ଉପରେ ଧ୍ୟାନ ନ ରଖି କ'ଣ ପଢୁଛି, ତାକୁ ଗୁରୁତ୍ୱ ଦେଉଥିଲି। ଭବିଷ୍ୟତରେ ଆଇନ ପାଠ ପଢ଼ିବି। ଆଇନଜୀବୀ ହେବାକୁ ଲକ୍ଷ୍ୟ ରଖିଛନ୍ତି।

### ଏମ୍ବିଏ ଉପରେ ଫୋକସ



ବଲାଙ୍ଗୀର ସିଏନ୍ସି କଲେଜ ଛାତ୍ର ରାମପ୍ରସାଦ ପାତ୍ର ୯୨.୩ ପ୍ରତିଶତ ମାର୍କ ରଖି ରାଜ୍ୟର ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ଷଷ୍ଠ ସ୍ଥାନରେ ରହିଛନ୍ତି । ଏହି ସଫଳତା ପାଇଁ ସେ ପିତା ଭେଙ୍କଟେଶ୍ୱର ପାତ୍ର, ମାତା ଅନିତା ପାତ୍ର, ସିଏନ୍ସି କଲେଜର ଡାଇରେକ୍ଟର, ଅଧ୍ୟାପକ, ଅଧ୍ୟାପିକା ଓ ସହପାଠୀଙ୍କୁ ଶ୍ରେୟ ଦେଇଛନ୍ତି । ଆଗାମୀ ଦିନରେ ବେଙ୍ଗାଲୁରୁରେ ବି.କମ୍ କରିବା ସହ ଭବିଷ୍ୟତରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏବଂ ଏମ୍ବିଏ ପଢ଼ିବା ତାଙ୍କ ଲକ୍ଷ୍ୟ ବୋଲି ସେ କହିଛନ୍ତି । ଯେକୌଣସି ଛାତ୍ର ଫଣ୍ଡାମେଣ୍ଟାଲ କ୍ଲିୟର ଉପରେ ଫୋକସ କଲେ ସଫଳତା ନିଶ୍ଚିତ ମିଳିବ ବୋଲି ରାମପ୍ରସାଦ କହିଛନ୍ତି ।

### ଆଇଆଇଏମ୍ରେ ପଢ଼ିବା ଲକ୍ଷ୍ୟ



ଯୁକ୍ତ ୨ ବାଣିଜ୍ୟ ପରୀକ୍ଷା ଫଳରେ ବରଗଡ଼ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଶିଖର ଅଗ୍ରୱାଲ ୫୫୪(୯୨.୩୩ %) ମାର୍କ ରଖି ରାଜ୍ୟରେ ଷଷ୍ଠ ସ୍ଥାନରେ ରହିଛନ୍ତି। ଆଗକୁ ଆଇଆଇଏମ୍ (ଇଣ୍ଡିଆନ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ)ରେ ପଢ଼ିବା ତାଙ୍କ ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି। ଅତାବିରା ବ୍ଲକ ଗୋଡ଼ଭଗାର ସଞ୍ଜୁ ଅଗ୍ରୱାଲ ଓ ପବନ ଅଗ୍ରୱାଲଙ୍କ ପୁଅ ଶିଖର ନିଜର ସଫଳତାର ଶ୍ରେୟ ମା, ବାପା, ବିକାଶ ଶିକ୍ଷାନୁଷ୍ଠାନ ପରିଚାଳନା କମିଟି, ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦେଇଛନ୍ତି।

### ବିଷ୍ଣୁ କେନ୍ଦୁଝର ଜିଲା ଟପ୍ପର



ଚଳିତ ଯୁକ୍ତ ଦୁଇ ବାଣିଜ୍ୟ ପରୀକ୍ଷାରେ କେନ୍ଦୁଝର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ବିଷ୍ଣୁ ପରିଡା ଜିଲା ଟପ୍ପର ହୋଇଥିବାବେଳେ ରାଜ୍ୟରେ ୧୩ ତମ ସ୍ଥାନ ଅଧିକାର କରିଛନ୍ତି। ସେ ସମୁଦାୟ ୯୧.୫ ପ୍ରତିଶତ ମାର୍କ ରଖିଛନ୍ତି। ଭବିଷ୍ୟତରେ ସେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ସଫଳତା ପାଇଁ ସେ ତାଙ୍କ ବାପା, ମା' ଏବଂ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ବାପା ସୁକୁମାର ପରିଡା ଜଣେ ବ୍ୟବସାୟୀ। ମା' ଭାନୁମତି ପରିଡା ଜଣେ ଗୃହିଣୀ ।

### ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବି



ମୟୂରଭଞ୍ଜ ଜିଲା ବହଳଦା ଧିରଜଲାଲ କଲେଜର ଛାତ୍ରୀ ଲିଜା ଅଗ୍ରୱାଲ ଜିଲାରେ ସର୍ବାଧିକ ୫୪୮ ନମ୍ବର ରଖିଛନ୍ତି। ୯୧.୩୩ ପ୍ରତିଶତ ନମ୍ବର ରଖି ଜିଲାର ଗୌରବ ବୃଦ୍ଧି କରିବା ସହ ଭବିଷ୍ୟତରେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବେ ବୋଲି ସେ କହିଛନ୍ତି। ସଙ୍ଗୀତା ଅଗ୍ରୱାଲ ଓ ପିତା ବିମଲ ଅଗ୍ରୱାଲଙ୍କ ଝିଅ ଲିଜା ନିଷ୍ଠା ଏବଂ ଏକାଗ୍ରତାର ସହ ଅଧ୍ୟୟନ କଲେ ସଫଳତା ମିଳିଥାଏ ବୋଲି କହିଛନ୍ତି। ମା', ବାପା, କଲେଜ ଅଧକ୍ଷ, ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ବେତନଟୀ ଶାଳବଣୀ ଜବାହର ନବୋଦୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ନିଜର ପିଉସୀ ଏବଂ ପିଉସାଙ୍କୁ ସେ ତାଙ୍କ ସଫଳତାର ଶ୍ରେୟ ଦେଇଛନ୍ତି ।

### ପ୍ରଥମ ଟପ୍ ୧୦ରେ ୧୪ ଛାତ୍ରୀଛାତ୍ର

| ନାମ | ସ୍କୁଲନାମ | ନମ୍ବର |
|---|---|---|
| ସିତୁ ବେହେରା | ନୟାଗଡ଼ ଉଚ୍ଚ ମାଧ୍ୟମିକ ସ୍କୁଲ, ନୟାଗଡ଼ | ୫୬୭ |
| ମନସ୍ୱିତା ମହାନ୍ତି | ନୟାଗଡ଼ ଉଚ୍ଚ ମାଧ୍ୟମିକ ସ୍କୁଲ, ନୟାଗଡ଼ | ୫୬୨ |
| ରାହୁଲ ପ୍ରସନ୍ନ ସାହୁ | ସରସ୍ୱତୀ ଉଚ୍ଚ ମାଧ୍ୟମିକ ସ୍କୁଲ ନୀଳକଣ୍ଠନଗର, ବ୍ରହ୍ମପୁର | ୫୬୧ |
| ନିକୁଞ୍ଜ ଅଗ୍ରୱାଲ | ରେଭେନ୍ସା ଉଚ୍ଚ ମାଧ୍ୟମିକ ସ୍କୁଲ, କଟକ | ୫୫୯ |
| ସୁନୀଲ୍ ପଣ୍ଡା | କେନ୍ଦ୍ରାପଡ଼ା ଉଚ୍ଚ ମାଧ୍ୟମିକ ସ୍କୁଲ, କେନ୍ଦ୍ରାପଡ଼ା | ୫୫୫ |
| ଆଦ୍ୟାଶା ନନ୍ଦିନୀ | ବକ୍ସିଜଗବନ୍ଧୁ ବିଦ୍ୟାଧର ଉଚ୍ଚ ମାଧ୍ୟମିକ ସ୍କୁଲ, ଭୁବନେଶ୍ୱର | ୫୫୫ |
| ରାମପ୍ରସାଦ ପାତ୍ର | ନାଇସ୍ ଏଚ୍ଏସ୍ ସ୍କୁଲ ଅଫ୍ କମର୍ସ, ବଲାଙ୍ଗିର | ୫୫୪ |
| ଏସ୍ ସାଇକ୍ରିଷ୍ଣା ପାତ୍ର | ସରସ୍ୱତୀ ଉଚ୍ଚ ମାଧ୍ୟମିକ ସ୍କୁଲ ନୀଳକଣ୍ଠନଗର, ବ୍ରହ୍ମପୁର | ୫୫୪ |
| ଶିଖର ଅଗ୍ରୱାଲ | ବିକାଶ ଉଚ୍ଚ ମାଧ୍ୟମିକ ସ୍କୁଲ, ବରହଗୁଡା, ବରଗଡ଼ | ୫୫୪ |
| ପି ରାକେଶ | ଖଲିକୋଟ ଉଚ୍ଚ ମାଧ୍ୟମିକ ସ୍କୁଲ, ବ୍ରହ୍ମପୁର | ୫୫୩ |
| ଗୁଞ୍ଜନ ଶର୍ମା | ରେଭେନ୍ସା ଉଚ୍ଚ ମାଧ୍ୟମିକ ସ୍କୁଲ,କଟକ | ୫୫୧ |
| ବି ସ୍ନେହାରାଣୀ ପାତ୍ର | ସରସ୍ୱତୀ ଉଚ୍ଚ ମାଧ୍ୟମିକ ସ୍କୁଲ, ନୀଳକଣ୍ଠନଗର, ବ୍ରହ୍ମପୁର | ୫୫୦ |
| ବିଷ୍ଣୁ ପରିଡ଼ା | କେନ୍ଦୁଝର ଉଚ୍ଚ ମାଧ୍ୟମିକ ସ୍କୁଲ,ନିଉ କଲୋନୀ | ୫୪୯ |
| ଦୁର୍ଗେଶ୍ୱରୀ ଅଗ୍ରୱାଲ | ବିକାଶ ଉଚ୍ଚ ମାଧ୍ୟମିକ ସ୍କୁଲ,ବରହଗୁଡା,ବରଗଡ଼ | ୫୪୯ |

### ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବା ସ୍ୱପ୍ନ



କଟକ ରେଭେନ୍ସା ଉଚ୍ଚମାଧ୍ୟମିକ ସ୍କୁଲର ଗୁଞ୍ଜନ ଶର୍ମା ୫୫୧ ନମ୍ବର ରଖି ଅଷ୍ଟମ ସ୍ଥାନ ଅଧିକାର କରିଛନ୍ତି। ପରୀକ୍ଷା ପାଇଁ ଦିନରାତି ପରିଶ୍ରମ କରିବାକୁ ପଡ଼ିଥିଲା। ଶ୍ରେଣୀରେ ପଢ଼ାକୁ ସବୁବେଳେ ଗୁରୁତ୍ୱ ଦେଉଥିଲେ। ସଫଳତାର ଶ୍ରେୟ ସମସ୍ତ ଶିକ୍ଷକ, ସହପାଠୀ ଓ ପରିବାରବର୍ଗଙ୍କୁ ଦେଇଛନ୍ତି। ଏବେ ଗ୍ରାଜୁଏଶନ କରିବି। ଭବିଷ୍ୟତରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବାର ସ୍ୱପ୍ନ ରଖିଥିବା ଗୁଞ୍ଜନ କହିଛନ୍ତି।

### ଶୃଙ୍ଖଳିତ ଶିକ୍ଷା ସଫଳତା ଦେଇଛି



ଯୁକ୍ତ ୨ ବାଣିଜ୍ୟ ପରୀକ୍ଷା ଫଳରେ ବରଗଡ଼ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଦୁର୍ଗେଶ୍ୱରୀ ଅଗ୍ରୱାଲ ୫୪୯(୯୧.୫ %) ମାର୍କ ରଖି ରାଜରେ ଦଶମ ସ୍ଥାନରେ ରହିଛନ୍ତି। ସେ ଭବିଷ୍ୟତରେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବାର ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି। ବିକାଶ ଶିକ୍ଷାନୁଷ୍ଠାନର ଶୃଙ୍ଖଳିତ ଶିକ୍ଷା ପ୍ରଣାଳୀ, ମାସିକ ପରୀକ୍ଷା ଏବଂ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ କଠିନ ପରିଶ୍ରମରୁ ତାଙ୍କୁ ଏହି ସଫଳତା ମିଳିଥିବା ଦୁର୍ଗେଶ୍ୱରୀ କହିଛନ୍ତି । ବଲାଙ୍ଗୀର ଜିଲା ଲାଠୋରର ସପ୍ନା ଅଗ୍ରୱାଲ ଓ ଘନଶ୍ୟାମ ଅଗ୍ରୱାଲଙ୍କ ଝିଅ ଦୁର୍ଗେଶ୍ୱରୀ ବିକାଶ ଶିକ୍ଷାନୁଷ୍ଠାନର ପରିଚାଳନା କମିଟି, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ମା, ବାପାଙ୍କୁ ସଫଳତାର ଶ୍ରେୟ ଦେଇଛନ୍ତି।

### ଏକାଗ୍ରତା ଦେଇଛି ସଫଳତା



ବ୍ରହ୍ମପୁର ନୀଳକଣ୍ଠନଗର ସ୍ଥିତ ସରସ୍ୱତୀ ଉଚ୍ଚମାଧ୍ୟମିକ ସ୍କୁଲର ଛାତ୍ରୀ ବି.ସ୍ନେହାରାଣୀ ପାତ୍ର ୫୫୦ ନମ୍ବର ରଖି ରାଜ୍ୟରେ ନବମ ସ୍ଥାନ ଅଧିକାର କରିଛନ୍ତି। ପାଠପଢ଼ା ପ୍ରତି ଦୃଢ ଇଚ୍ଛାଶକ୍ତି, ଏକାଗ୍ରତା ଥିଲେ ସଫଳତା ନିଶ୍ଚୟ ମିଳିବ ସ୍ନେହା ରାଣୀ କହିଛନ୍ତି। ସେ ନିଜର ଏହି ସଫଳତା ପାଇଁ ମାତା, ପିତାଙ୍କୁ ଶ୍ରେୟ ଦେଇଛନ୍ତି। ଶିକ୍ଷୟିତ୍ରୀଶିକ୍ଷକଙ୍କ ମାର୍ଗଦର୍ଶନ ଯଥେଷ୍ଟ ସହାୟକ ହୋଇଛି। ଆଗାମୀ ଦିନରେ ଚାଟାର୍ଡ ଆକାଉଣ୍ଟାଣ୍ଟ ହେବାକୁ ଲକ୍ଷ୍ୟ ରଖିଛନ୍ତି।

## ତବ୍ଲିଘି ଜମାତ୍ ମନି ଲଣ୍ଡରିଂ ମାମଲା

# ୨୦ ସ୍ଥାନରେ ଇଡିର ଚଢ଼ାଉ

**ନୂଆଦିଲ୍ଲୀ, ୧୯।୮ :** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ତବ୍ଲିଘି ଜମାତ୍ ମନି ଲଣ୍ଡରିଂ ମାମଲାରେ ଅଧିକ ତଥ୍ୟ ହାସଲ ଲାଗି ବୁଧବାର ୨୦ଟି ସ୍ଥାନରେ ଚଢାଉ କରାଯାଇଛି। ଦିଲ୍ଲୀର ୭, ମୁମ୍ବାଇର ୫, ହାଇଦ୍ରାବାଦର ୪, କେରଳର ୩ ସ୍ଥାନରେ ଇଡି ଚଢାଉ କରିଥିବା ଜଣାପଡ଼ିଛି। ଦିଲ୍ଲୀ ତବ୍ଲିଘି ଜମାତ୍ ମୁଖ୍ୟ ମୌଲାନା ସାଦ୍ଙ୍କ ବାସଭବନରେ ମଧ୍ୟ ଚଢାଉ କରାଯାଇଛି। ଦେଶରେ ବିଭିନ୍ନ ଧାର୍ମିକ କାର୍ଯ୍ୟକଳାପ ଲାଗି ଜମାତ୍ କର୍ତ୍ତୃପକ୍ଷ ପ୍ରଚୁର ଅର୍ଥ ଖର୍ଚ୍ଚ କରିଥିବାବେଳେ ଏହାର ତଦନ୍ତ ଜାରି ରହିଛି। ଗତ ଏପ୍ରିଲ ମାସରୁ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ପକ୍ଷରୁ ତଦନ୍ତ ଜାରି ରହିଛି। ଦିଲ୍ଲୀ ପୋଲିସ କ୍ରାଇମ ବ୍ରାଞ୍ଚ ପକ୍ଷରୁ ଜମାତ୍ ମୁଖ୍ୟ ସାଦ୍ ଓ ଅନ୍ୟ ୫ ଜଣଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲା ରୁଜୁ କରାଯାଇଥିଲା। ମହାମାରୀ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଜମାତ୍ ସଦସ୍ୟଙ୍କ ପ୍ରମୁଖ ଭୂମିକା ରହିଥିଲା। ସେମାନଙ୍କ ସମ୍ପର୍ଶରେ ଆସିଥିବା ୨୬ ହଜାର ବ୍ୟକ୍ତିଙ୍କୁ କ୍ୱାରାଣ୍ଟାଇନ୍ରେ ରଖାଯାଇଥିଲା।

# ଓଆର୍ଇଏଟିରେ ସେପ୍ଟେମ୍ବରରୁ ନ୍ୟାୟିକ ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର,୧୯।୮(ବ୍ୟୁରୋ)**

ଓଡ଼ିଶା ରିୟଲ ଇଷ୍ଟେଟ ଟ୍ରିବ୍ୟୁନାଲ ସେପ୍ଟେମ୍ବରରୁ ଏହାର ନ୍ୟାୟିକ ପ୍ରକ୍ରିୟା ଆରମ୍ଭ କରିବ। ରାଜ୍ୟ ସରକାର ରିୟଲ ଇଷ୍ଟେଟ (ରେଗୁଲେଶନ ଆଣ୍ଡ ଡେଭ୍ଲପମେଣ୍ଟ) ଆକ୍ଟ-୨୦୧୬ ଅନୁଯାୟୀ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ରେଗୁଲେଟୋରି ଅଥରିଟି(ଓରେରା) ସ୍ଥାପନ କରିଥିଲେ। ଗତ ୩ ବର୍ଷ ହେବ ଓରେରା କାର୍ଯ୍ୟକ୍ଷମ ରହିଛି। ବିଭିନ୍ନ ପ୍ରକଳ୍ପ ଅନୁମୋଦନ ପାଇଁ ଓରେରାକୁ ଆବେଦନ ପତ୍ର ଆସୁଛି। ଅନୁମୋଦନକୁ ନେଇ ଅନେକ ସମୟରେ ବିବାଦ ଦେଖାଦେଉଛି। ଓରେରା ଆଦେଶକୁ ନେଇ ଦେଖାଦେଉଥିବା ଅଭିଯୋଗର ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ତେଣୁ ଏହାର ଶୁଣାଣି କରି ଡେଭଲପର୍ସମାନଙ୍କୁ ନ୍ୟାୟ ଦେବା ସକାଶେ ଓଡ଼ିଶା ରିୟଲ ଇଷ୍ଟେଟ ଆପିଲେଟ୍ ଟ୍ରିବ୍ୟୁନାଲ(ଓଆର୍ଇଏଟି) ଗଠନ କରାଯାଇଛି। ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ସୁବାସ ଚନ୍ଦ୍ର ପରିଜାଙ୍କୁ ଏହାର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଇଶାନ କୁମାର ଦାଶ ଏବଂ ମଳୟ ଚାଟାର୍ଜୀଙ୍କୁ ଟ୍ରିବ୍ୟୁନାଲର ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ଜିଲା ଜଜ ର୍ୟାଙ୍କର ଅହିଲା କୁମାର ପଶ୍ଚିମକବାଟଙ୍କୁ ଟ୍ରିବ୍ୟୁନାଲର ରେଜିଷ୍ଟ୍ରାର ଭାବେ ନିଯୁକ୍ତି ଦିଆଯାଇଛି। ଓଆର୍ଇଏଟିର ସ୍ଥାୟୀ କାର୍ଯ୍ୟାଳୟ ତୋଶାଳୀ ପ୍ଲାଜାରେ ଥିବା ବେଳେ ଅସ୍ଥାୟୀ ଭାବେ ଏହା ଫର୍ଚ୍ଚୁନ ଟାୱାରରେ କାର୍ଯ୍ୟ କରୁଛି। ଏଥିସହିତ ଟ୍ରିବ୍ୟୁନାଲ ପାଇଁ ୩୮ଟି ଅନ୍ୟାନ୍ୟ ପଦବୀ ସୃଷ୍ଟି କରାଯାଇଛି। ବିକ୍ରୀକରଣ ଟ୍ରିବ୍ୟୁନାଲରେ ଥିବା ସମସ୍ତ ମାମଲାକୁ ଓଆର୍ଇଏଟିକୁ ଟ୍ରାନ୍ସଫର କରାଯାଇଛି। ଏ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଯୁବ କଂଗ୍ରେସ ସଭାପତିଙ୍କ ନୂଆ କମିଟି

**ଭୁବନେଶ୍ୱର,୧୯।୮(ବ୍ୟୁରୋ):** ଅଖିଳ ଭାରତୀୟ ଯୁବ କଂଗ୍ରେସ କମିଟି ଅନୁମୋଦନ କ୍ରମେ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ରାଜ୍ୟର ୧୧ ସାଙ୍ଗଠନିକ ଜିଲା ଯୁବ କଂଗ୍ରେସ ସଭାପତିଙ୍କ ନାମ ବୁଧବାର ଘୋଷଣା କରିଛନ୍ତି। ମୟୂରଭଞ୍ଜ ଜିଲା ଯୁବ କଂଗ୍ରେସ ସଭାପତି ଭାବେ ଅଂଶୁମାନ ଦାସ, ବୌଦ୍ଧ ମହେଶ୍ୱର ପ୍ରଧାନ, କେନ୍ଦୁଝର ସୁନେଶ କୁମାର ଧୀର୍, ଭୁବନେଶ୍ୱର ରଞ୍ଜିତ ପାତ୍ର, ଖୋର୍ଦ୍ଧା ସ୍ୱାଗତ କର, କନ୍ଧମାଳ ବସନ୍ତ କୁମାର ପାଢ଼ୀ, ଦେବଗଡ଼ ଅମିତ୍ କୁମାର ରଞ୍ଜିତ୍, ପୁରୀ ପ୍ରେମ୍ଜିତ୍ ମହାନ୍ତି, ବାଲେଶ୍ୱର ରଞ୍ଜନ କୁମାର ଦାସ ଓ ରାୟଗଡ଼ା ଜିଲା ଯୁବ କଂଗ୍ରେସ ସଭାପତି ଭାବେ ପ୍ରଦୀପ କୁମାର ସାହୁ ରହିଛନ୍ତି। ସେହିପରି ବରଗଡ ଜିଲା ପାଇଁ ଯୁବ କଂଗ୍ରେସର ଦୁଇଜଣ କାର୍ଯ୍ୟକାରୀ ସଭାପତି ଭାବେ ସୁଶାନ୍ତ ସାହୁ ଓ ଅଭିଷେକ ସେଠ୍ଙ୍କୁ ନିଯୁକ୍ତି ଦିଆଯିବା ନେଇ କଂଗ୍ରେସ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସ୍ମୃତି ଜଣାଇଛନ୍ତି। ସେହିପରି ରାଜ୍ୟ ଯୁବ କଂଗ୍ରେସ ଆଇନ ବିଭାଗ ମୁଖ୍ୟଭାବେ ଆଡ୍ଭୋକେଟ୍ ଆଦିତ୍ୟ ପ୍ରସାଦ ପରିଡାଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ମିଡିଆ ସେଲ୍ କମିଟିରେ ମାନସ ରଞ୍ଜନ କର, ଅଜୟ କୁମାର ସାହୁ, ନଳିନୀକାନ୍ତ ନାୟକ, ଅମ୍ରିତା ଦାସ, ବୀରେନ୍ଦ୍ର ବାଗ, ଶ୍ରୀଜିତ୍ ମହାପାତ୍ର ଓ ସୁମିତ୍ରା ଜେନାଙ୍କୁ ମୁଖପାତ୍ର ନିଯୁକ୍ତି ଦିଆଯାଇଛି।




ସୁପ୍ରିମକୋର୍ଟ ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କ ଦଣ୍ଡ ଘୋଷଣା ପ୍ରତ୍ୟାହାର ଦାବିରେ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍ଜିଠାରେ ବାମଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସଂକ୍ଷେପରେ

### ପାନାସୋନିକ୍‌ର ନୂଆ ମଡ୍ୟୁଲାର ସୁଇଚ୍

**ମୁମ୍ବାଇ,୧୯।୮:** ପାନାସୋନିକ୍ ଲାଇଫ୍ ସଲ୍ୟୁଶନ ଇଣ୍ଡିଆ ପକ୍ଷରୁ ଆକର୍ଷଣୀୟ ମଡ୍ୟୁଲାର ସୁଇଚ୍ 'ଜିଭା'ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସୁଇଚ୍ ପକେଟକୁ ସୁହାଇଲା ଭଳି ମୂଲ୍ୟରେ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ବିକଶିତ ଜ୍ଞାନକୌଶଳ ଆଧାରରେ ନିର୍ମିତ ହୋଇଥିବା ଏହି ଅନନ୍ୟ ସୁଇଚ୍ ସର୍ବାଧିକ କାର୍ଯ୍ୟକାରିତାକୁ ଉପଲବ୍ଧ କରାଇବ। ଏହି ସୁଇଚ୍‌କୁ କମ୍ପାନୀ ନିଜସ୍ୱ ଜ୍ଞାନକୌଶଳରେ ନିର୍ମାଣ କରିଛି। 'ଜିଭା'ର ସୁଇଚ୍, ସକେଟ୍, ଫ୍ୟାନ୍ ରେଗୁଲେଟର, ଟେଲିଫୋନ୍ ସକେଟ, ରିସେପ୍ଟର, ଟିଭି ସକେଟ୍ ଏବଂ ୟୁଏସ୍‌ବି ଚାର୍ଜର ଆଦି ବଜାରରେ ଉପଲବ୍ଧ ହେଉଛି। ଏହି ଅବସରରେ ପାନାସୋନିକ୍ ଲାଇଫ୍ ସଲ୍ୟୁଶନ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ବିବେକ ଶର୍ମା କହିଛନ୍ତି ଯେ,ଜିଭାର ବଜାର ପ୍ରବେଶ କରି ଆମେ ଆମର ପୋର୍ଟଫୋଲିଓରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିପାରିଛୁ।

### 'ନେଟ୍‌ମେଡସ'ର ଅଂଶଧନ ହାସଲ କଲା ରିଲାଏନ୍ସ ରିଟେଲ

**ମୁମ୍ବାଇ,୧୯।୮:** ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ୍ (ଆର୍‌ଆଇଭିଏଲ୍) ପ୍ରମୁଖ ଡିଜିଟାଲ ଫାର୍ମା କମ୍ପାନୀ ନେଟ୍‌ମେଡସ' ନାମରେ ପରିଚିତ ଭିଟାଲିକା ହେଲ୍‌ଥକେୟାର ପ୍ରାଇଭେଟ ଲିମିଟେଡ୍ ଓ ଏହାର ସହଯୋଗୀ ସଂସ୍ଥାର ଅଧିକାଂଶ ଅଂଶଧନକୁ ପ୍ରାୟ ୬୨୦ କୋଟି ଟଙ୍କାରେ ଅଧିଗ୍ରହଣ କରିଛି। ଏହି ନିବେଶ ଭିଟାଲିକାର ୬୦% ଇକ୍ୱିଟି ଶେୟାର ପୁଞ୍ଜି ହାସଲ କରିବା ସହ ଏହାର ସହଯୋଗୀ ସଂସ୍ଥା ଯଥା ଟ୍ରେସାରା ହେଲ୍‌ଥ ପ୍ରାଇଭେଟ ଲିମିଟେଡ୍, ନେଟ୍‌ମେଡସ ମାର୍କେଟ ପ୍ଲେସ୍ ଲିମିଟେଡ୍ ଓ ଦାଦା ଫାର୍ମା ଡିଷ୍ଟ୍ରିବ୍ୟୁଶନ ପ୍ରାଇଭେଟ ଲିମିଟେଡ୍‌ର ୧୦୦% ପ୍ରତ୍ୟକ୍ଷ ଇକ୍ୱିଟିର ମାଲିକାନାକୁ ମଧ ଉପସ୍ଥାପିତ କରୁଛି। ୨୦୧୫ରେ ପ୍ରତିଷ୍ଠିତ ଏହି ଡିଜିଟାଲ ଫାର୍ମା କମ୍ପାନୀ ବହୁ କମ୍ ସମୟରେ ଲୋକପ୍ରିୟ ହୋଇପାରିଥିଲା।

# ୮.୪ ଲକ୍ଷ କୋଟିର ଋଣ ପୁନର୍ଗଠନ ହୋଇପାରେ

**ନୂଆଦିଲ୍ଲୀ,୧୯।୮**



**ଇଣ୍ଡିଆ ରେଟିଂ ରିପୋର୍ଟ**
- ପ୍ରସ୍ତୁତି ଚଳାଇଛନ୍ତି ବ୍ୟାଙ୍କ
- ପୁନର୍ଗଠନ ଯୋଜନାକୁ ରିଜର୍ଭ ବ୍ୟାଙ୍କର ମଞ୍ଜୁରୀ
- କୋଭିଡ୍ ଯୋଗୁ ଋଣ ଶୁଝିବାରେ ସମସ୍ୟା

କରୋନା ଯୋଗୁ ଘରୋଇ ବଜାରର କମ୍ପାନୀଗୁଡ଼ିକ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। କମ୍ପାନୀଗୁଡ଼ିକ ବର୍ତ୍ତମାନ ସଙ୍କଟ ଦେଇ ଗତି କରୁଥିବା ବେଳେ ବଜାରରେ ସୁଧାର ଆଣିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ହାତକୁ ନେଇଥିଲେ। କମ୍ପାନୀଗୁଡ଼ିକର ଋଣ ରିଷ୍ଟ୍ରକ୍ଚର ବା ପୁନର୍ଗଠନ ନେଇ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ନିକଟରେ ମଞ୍ଜୁରୀ ପ୍ରଦାନ କରିଛି। ଏହି ଧାରା ଅନ୍ତର୍ଗତ ବ୍ୟାଙ୍କଗୁଡ଼ିକ ୮.୪ ଲକ୍ଷ କୋଟି ଟଙ୍କାର ଚାପଗ୍ରସ୍ତ ଋଣକୁ ପୁନର୍ଗଠନ କରିପାରନ୍ତି। ଏ ନେଇ ବ୍ୟାଙ୍କଗୁଡ଼ିକ ପ୍ରକ୍ରିୟା ଜାରି ରଖିଥିବା ଏକ ରିପୋର୍ଟ ପ୍ରକାଶ ପାଇଛି। ଏହା ବ୍ୟାଙ୍କଗୁଡ଼ିକ ପ୍ରଦାନ କରିଥିବା ମୋଟ ଋଣର ପ୍ରାୟ ୭.୭%।

ରେଟିଂ ଏଜେନ୍ସି ଇଣ୍ଡିଆ ରେଟିଂ ଆଣ୍ଡ ରିସର୍ଚ୍ଚ ପକ୍ଷରୁ ପ୍ରକାଶିତ ଏହି ରିପୋର୍ଟରେ କୁହାଯାଇଛି ଯେ, ୮.୪ ଲକ୍ଷ କୋଟି ଟଙ୍କାର ଚାପଗ୍ରସ୍ତ ଋଣ ମଧ୍ୟରୁ ପ୍ରାୟ ୬୦% ଏନ୍‌ପିଏ ହେବା ଆଶଙ୍କା ଉପୁଜିଛି। କରୋନା ଯୋଗୁ ଅର୍ଥ ବ୍ୟବସ୍ଥା ଉପରେ ସଙ୍କଟ ଆସିଥିବା ବେଳେ ଋଣ ପୁନର୍ଗଠନ ନ ହେଲେ ଏହା ସମସ୍ୟାକୁ ଆହୁରି ବଢାଇ ଦେବ। ଚଳିତ ମାସ ଆରମ୍ଭରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ପୁନର୍ଗଠନ ଯୋଜନା ଘୋଷଣା କରାଯାଇଥିଲା। ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ସମୟରେ ପୁନର୍ଗଠନ ହୋଇଥିବା ଋଣ ପରିମାଣ ମଧ୍ୟରୁ କର୍ପୋରେଟ ଋଣର ଅଂଶ ୯୦% ରହିଥିଲା। ମାତ୍ର ବର୍ତ୍ତମାନ ସ୍ଥିତିରେ କର୍ପୋରେଟକୁ ଛାଡ଼ିଦେଲେ କ୍ଷୁଦ୍ର ବ୍ୟବସାୟ, କୃଷି ଏବଂ ରିଟେଲ ଋଣ ସାମିଲ ରହିବ। ଏହି ସବୁ କ୍ଷେତ୍ରଗୁଡ଼ିକରୁ ପ୍ରାୟ ୨.୧ ଲକ୍ଷ କୋଟି ଟଙ୍କାର ଋଣ ପୁନର୍ଗଠନ କରାଯାଇପାରେ।

ରିପୋର୍ଟରେ କୁହାଯାଇଛି ଯେ, ମହାମାରୀ ପୂର୍ବରୁ ଅଣ କର୍ପୋରେଟ ଋଣ କ୍ଷେତ୍ରରେ ବିଭିନ୍ନ ସମସ୍ୟା ରହିଥିଲା। ପ୍ରାୟ ୪ ଲକ୍ଷ କୋଟି ଟଙ୍କାର କର୍ପୋରେଟ ଋଣ ମଧ ଫସି ରହିଥିଲା। କରୋନା ଯୋଗୁ ଆଉ ୨.୫ ଲକ୍ଷ କୋଟିର ଋଣ ଚାପଗ୍ରସ୍ତ ହୋଇଛି। ଅଣ କର୍ପୋରେଟ କ୍ଷେତ୍ରଗୁଡ଼ିକରେ ଏହି ଋଣ ପରିମାଣରେ ମଧ ବୃଦ୍ଧି ଘଟିଛି। ପୂର୍ବରୁ ପ୍ରାୟ ୭୦ ହଜାର କୋଟି ଟଙ୍କା ଏହି କ୍ଷେତ୍ରଗୁଡ଼ିକରେ ଫସିଥିବା ବେଳେ ବର୍ତ୍ତମାନ ଏହା ୨.୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବା ନେଇ ଆଶଙ୍କା କରାଯାଇଛି। କେବଳ କର୍ପୋରେଟ କ୍ଷେତ୍ରର ୩.୩ ଲକ୍ଷ କୋଟି ଟଙ୍କାରୁ ୬.୩ ଲକ୍ଷ କୋଟି ଟଙ୍କାର ଋଣ ପୁନର୍ଗଠନ କରାଯାଇପାରେ। ବ୍ୟାଙ୍କଗୁଡ଼ିକ ଏ ଦିଗରେ କି ପ୍ରକାର କାର୍ଯ୍ୟପନ୍ଥା ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା। ସେହିଭଳି ଏଥିରେ ହୋଟେଲ ଏବଂ ରିୟଲ ଇଷ୍ଟେଟ କ୍ଷେତ୍ରର ଋଣର ମଧ ବଡ଼ ଅଂଶ ରହିବ। ଏହାବାଦ୍ ବିଜୁଳି, ଭିତ୍ତିଭୂମି ଏବଂ ନିର୍ମାଣ କ୍ଷେତ୍ରର ଋଣ ସର୍ବାଧିକ ରହିପାରେ ବୋଲି ରିପୋର୍ଟରେ କୁହାଯାଇଛି।

## ବିଦ୍ୟୁତ୍ ବିତରଣ କମ୍ପାନୀଙ୍କ ଲାଗି ନିୟମ କୋହଳ

**ନୂଆଦିଲ୍ଲୀ,୧୯।୮:** ବିଦ୍ୟୁତ୍ ବିତରଣ କମ୍ପାନୀଗୁଡିକ ଲାଗି କେନ୍ଦ୍ର କ୍ୟାବିନେଟ୍ ପରିଚାଳନା ପୁଞ୍ଜି ସୀମା ନିୟମରେ କୋହଳ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି। ଉଜ୍ଜ୍ୱଳ ଡିସ୍‌କମ୍ ଆସ୍ୟୁରାନ୍ସ ଯୋଜନା(ଉଦୟ) ଯୋଜନା ଅଧିକ ପ୍ରାୟ ୯୦ ହଜାର କୋଟି ଟଙ୍କାର ପୁଞ୍ଜି ଯୋଗାଣ କାର୍ଯ୍ୟକ୍ରମ ଅଧୀନରେ ଏହାକୁ ଅନୁମତି ମିଳିଛି। ଦେଶର ଶକ୍ତି କ୍ଷେତ୍ର ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ପୂର୍ବରୁ ପରିଚାଳାନ ପୁଞ୍ଜି ସୀମା ୨୫% ରହିଥିଲା। ବର୍ତ୍ତମାନ ଏହାକୁ ପରିବର୍ତ୍ତନ କରାଯାଇଛି। କମ୍ପାନୀଗୁଡିକୁ ୯୦ ହଜାର କୋଟି ଟଙ୍କାର ପୁଞ୍ଜି ଯୋଗାଣ ଯୋଜନାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଘୋଷଣା କରିଥିଲେ। ମାତ୍ର କିଛି କମ୍ପାନୀ ଏହା ଅଧୀନରେ ଋଣ ଲାଭ କରିପାରୁ ନ ଥିଲେ। କାରଣ ପରିଚାଳନା ପୁଞ୍ଜି ନିୟମକୁ ଏମାନେ ଠିକ୍ ଭାବେ ପାଳନ କରିବାକୁ ସକ୍ଷମ ହେଉ ନ ଥିଲେ।

## ଆଖୁ ଏଫ୍‌ଆର୍‌ପି ୧୦ ଟଙ୍କା ବଢ଼ିଲା

**ନୂଆଦିଲ୍ଲୀ, ୧୯।୮:** କେନ୍ଦ୍ର କ୍ୟାବିନେଟ ଆଖୁ ଉପରେ ପ୍ରଦାନ କରାଯାଉଥିବା ଫେୟାର ଆଣ୍ଡ ରେମ୍ୟୁନରେଶନ ପ୍ରାଇସ (ଏଫ୍‌ଆର୍‌ପି)କୁ ୧୦ ଟଙ୍କା ବଢାଇବା ନେଇ ନିଷ୍ପତ୍ତି ନେଇଛି।



ଏହାକୁ ସାଧାରଣତଃ ଉତ୍ସାହିତ ମୂଲ୍ୟ ବୋଲି ବିବେଚନା କରାଯାଇଥାଏ। ଏଫ୍‌ଆର୍‌ପି ଆଖୁଚାଷୀଙ୍କ ଲାଗି ସର୍ବନିମ୍ନ ସହାୟକ ମୂଲ୍ୟ ହୋଇଥିବା ବେଳେ ମିଲ୍‌ଗୁଡ଼ିକ ପକ୍ଷରୁ ଏହା ଆଖୁଚାଷୀଙ୍କୁ ପ୍ରଦାନ କରାଯାଇଥାଏ। ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଇଏ) ଏଫ୍‌ଆର୍‌ପିରେ ୧୦ ଟଙ୍କା ବୃଦ୍ଧି ନିଷ୍ପତ୍ତିକୁ ମଞ୍ଜୁରୀ ଦେଇଛି। ଫଳରେ ଏହା କୁଇଣ୍ଟାଲ ପିଛା ୨୭୫ ଟଙ୍କାରୁ ୨୮୫ ଟଙ୍କାକୁ ବୃଦ୍ଧି ଘଟିଛି। ଏହାଦ୍ୱାରା ୧ କୋଟି ଚାଷୀ ଲାଭବାନ୍ ହୋଇପାରିବେ। ସୁଗାରକେନ କଣ୍ଟ୍ରୋଲ ଅର୍ଡର ୧୯୬୬ ଅନୁଯାୟୀ ଏଫ୍‌ଆର୍‌ପି ସାରା ଦେଶରେ ଲାଗୁ ହେଉଛି। ଉତ୍ତର ପ୍ରଦେଶ, ପଞ୍ଜାବ, ହରିୟାଣା ଭଳି ବହୁଳ ଆଖୁଚାଷ ହେଉଥିବା ରାଜ୍ୟଗୁଡିକରେ ଷ୍ଟେଟ ଆଡଭାଇଜର ପ୍ରାଇସ (ଏସ୍‌ଏପି) କାର୍ଯ୍ୟକାରୀ କରାଉଛନ୍ତି। ଏହା ସାଧାରଣତଃ କେନ୍ଦ୍ରର ଏଫ୍‌ଆର୍‌ପି ଠାରୁ ଭିନ୍ନ ରହିଥାଏ।

## ପିପିପିରେ ଆଉ ୩ ବିମାନ ବନ୍ଦର



**ନୂଆଦିଲ୍ଲୀ,୧୯।୮**

ଦେଶର ଆଉ ୩ ବିମାନ ବନ୍ଦର ପବ୍ଲିକ ପ୍ରାଇଭେଟ୍ ପାର୍ଟନରଶିପ (ପିପିପି) ବା ସରକାରୀ ଘରୋଇ ସହଭାଗିତାରେ ପରିଚାଳିତ ହେବ। ଏହି ବିମାନ ବନ୍ଦରଗୁଡିକ ମଧ୍ୟରେ ଗୁଆହାଟୀ, ଜୟପୁର ଏବଂ ଥିରୁଭାନନ୍ତପୁରମ ରହିଛି। କେନ୍ଦ୍ର କ୍ୟାବିନେଟ ପକ୍ଷରୁ ଏହି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। କେନ୍ଦ୍ର କ୍ୟାବିନେଟ ଗ୍ରହଣ କରିଥିବା ନିଷ୍ପତ୍ତି ଉପରେ କେନ୍ଦ୍ର ମନ୍ତ୍ରୀ ପ୍ରକାଶ ଜାଭଡେକର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଅଧୀନରେ ପରିଚାଳିତ ହେଉଥିବା ଏହି ବିମାନବନ୍ଦରଗୁଡିକୁ ଲିଜ୍‌ରେ ଦେବା ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ବୁଧବାର ମଞ୍ଜୁରୀ ପ୍ରଦାନ କରିଥିବା ସେ ମତ ରଖିଛନ୍ତି। ଏହି ବିମାନ ବନ୍ଦରଗୁଡିକ ଘରୋଇ କମ୍ପାନୀ ଦ୍ୱାରା ପରିଚାଳିତ ହେବ। କିଛି ବିମାନ ବନ୍ଦରକୁ ସରକାର ଘରୋଇ ହାତକୁ ପୁଣି ଟେକିଦେବେ ବୋଲି ପୂର୍ବରୁ ଅନୁମାନ କରାଯାଇଥିଲା। ୩ ବିମାନ ବନ୍ଦରଗୁଡିକ ଆଦାନୀ ଏଣ୍ଟରପ୍ରାଇଜେସ ଲିମିଟେଡ୍‌କୁ ୫୦ ବର୍ଷ ଲାଗି ଦେବାକୁ ନିଷ୍ପତ୍ତି ହୋଇଛି।

## ଟୟୋଟା କିର୍ଲୋସ୍କର ମୋଟର୍ସର ମୋବିଲିଟି ସେବା

**ମୁମ୍ବାଇ,୧୯।୮:** ଟୟୋଟା କିର୍ଲୋସ୍କର ମୋଟର ପକ୍ଷରୁ ଅଲ୍ ନ୍ୟୁ ମୋବିଲିଟି ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସେବା ଅନ୍ତର୍ଗତ କାର ଲିଜିଂ ଏବଂ ସବ୍‌ସ୍କ୍ରିପଶନ ସେବା ଗ୍ରାହକଙ୍କୁ ଯୋଗାଇ ଦିଆଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଯୋଜନା ଅନ୍ତର୍ଗତ ଗ୍ଲାଞ୍ଜା, ୟାରିସ, ଇନୋଭା କ୍ରିଷ୍ଟା,ଫର୍ଚୁନର ଭଳି ଗାଡିକୁ ଗ୍ରାହକମାନେ ଲିଜ୍‌ରେ ନେଇପାରିବେ ବୋଲି ଟୟୋଟା କିର୍ଲୋସ୍କର ମୋଟରର ସେଲ୍‌ସ ଆଣ୍ଡ ସର୍ଭିସ ବରିଷ୍ଠ ଉପସଭାପତି ନବୀନ ସୋନି ସୂଚନା ଦେଇଛନ୍ତି। ଉଭୟ କର୍ପୋରେଟ ଲିଜିଂ ଏବଂ ଇଣ୍ଡିଭିଜୁଆଲ ସବ୍‌ସ୍କ୍ରିପଶନ ସେବା କମ୍ପାନୀ ଯୋଗାଇଦେବ। ପର୍ଯ୍ୟାୟକ୍ରମେ ଦେଶବ୍ୟାପୀ ଏହି ସେବା ଉପଲବ୍ଧ ହେବ। ପ୍ରଥମ ପର୍ଯ୍ୟାୟରେ ଦିଲ୍ଲୀ ଏନ୍‌ସିଆର୍,ବାଙ୍ଗାଲୁରୁ ଏବଂ ମୁମ୍ବାଇ ଭଳି ସହରରେ ସେବା ଆରମ୍ଭ କରାଯିବ। ଦେଶର ପ୍ରମୁଖ ୧୦ଟି ସହରରେ ଚଳିତ ବର୍ଷ ଶେଷ ସୁଦ୍ଧା କମ୍ପାନୀ ପକ୍ଷରୁ ଏହି ସେବା ଯୋଗାଣ ନେଇ ଲକ୍ଷ୍ୟ ରଖାଯାଇଛି। ଗ୍ରାହକମାନେ ନିଜ ପସନ୍ଦର ଗାଡିକୁ ଅତିକମ୍‌ରେ ୩ବର୍ଷ ବା ୫ବର୍ଷ ପାଇଁ ଫିକ୍ସଡ ମାସିକ ପୈଠ କରି ଲିଜ୍‌ରେ ନେଇପାରିବେ। ସେହିଭଳି ୨୪ ମାସ କିମ୍ବା ୨ବର୍ଷ ପାଇଁ ଶର୍ଟ ଟର୍ମରେ ମଧ ଗାଡ଼ି ଲିଜ୍‌ରେ ନେବା ସୁବିଧା ମିଳିବ।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍:(୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା ୮୧ ତା :୧୦।୮।୨୦
**ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଧର୍ମବିହାର, ଜାଗମରା, ଭୁବନେଶ୍ୱର ହାଉସିଂ ପ୍ରକଳ୍ପରେ ଘର ନଂ. ଏଚ୍.ଆଇ.ଜି.-୧୮୬ (HIG-186)କୁ (୧) ଶ୍ରୀ ରାଜେନ୍ଦ୍ର କୁମାର ଅଗରୱାଲ, ପି.- ସଚ୍ଚିଦାନନ୍ଦ ଅଗରୱାଲ (୨) ଶ୍ରୀମତୀ ସଙ୍ଗୀତା ଅଗରୱାଲ, ସ୍ୱା.- ରାଜେନ୍ଦ୍ର କୁମାର ଅଗରୱାଲ, ସା/ପୋ/ଥା- ଖାରବେଳନଗର, ଜିଲ୍ଲା-ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ମୋହିତ ଗର୍ଗ, ପି.- ଶ୍ରୀ ବିଜୟ ଗର୍ଗ, ସା-ଏ/୬, ଫରେଷ୍ଟ ପାର୍କ, ପୋ.- ଉଦ୍ୟାନ ମାର୍ଗ, ଥା.- କ୍ୟାପିଟାଲ, ଭୁବନେଶ୍ୱର, ଜି.- ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।
ସ୍ୱା./- ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## ଖେଳ ଖବର

### ନାଭାଲ ଟାଟା ହକି ଏକାଡେମୀ ଓଡ଼ିଶାର ପ୍ରଥମ ବାର୍ଷିକୀ

**ଭୁବନେଶ୍ୱର, ୧୯।୮:** ନାଭାଲ ଟାଟା ହକି ଏକାଡେମୀ (ଏନ୍‌ଟିଏଚ୍‌ଏ) ଓଡ଼ିଶାର ପ୍ରଥମ ବାର୍ଷିକୀ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ପରିସରରେ ନିକଟରେ ପାଳିତ ହୋଇଯାଇଛି। ଉଦୀୟମାନ ହକି ପ୍ରତିଭାଙ୍କୁ ବିଶ୍ୱସ୍ତରୀୟ ଖେଳାଳିରେ ପରିଣତ କରିବା ଏହି ଏକାଡେମୀର ମୂଳ ଲକ୍ଷ୍ୟ। ଏନ୍‌ଟିଏଚ୍‌ଏ ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲାରେ ଏହାର ତୃଣମୂଳସ୍ତରୀୟ ଯୋଜନା କାର୍ଯ୍ୟକାରୀ କରୁଛି। ଇତିମଧ୍ୟରେ ୧୦ ତୃଣମୂଳସ୍ତରୀୟ କେନ୍ଦ୍ର ଖୋଲାଯାଇସାରିଛି। ଏହି କେନ୍ଦ୍ରଗୁଡ଼ିକରେ ମୋଟ ୧୬ କୋଚ୍ ନିଯୁକ୍ତି ଦିଆଯାଇଥିବାବେଳେ ୨,୦୦୦ ବାଳିକା ଓ ବାଳକଙ୍କୁ ପଞ୍ଜୀକୃତ କରାଯାଇଛି। ଏନ୍‌ଟିଏଚ୍‌ଏ ଓଡ଼ିଶାର ପ୍ରଥମ ବାର୍ଷିକୀ ପାଳନ ଅବସରରେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦାନ କରି କହିଥିଲେ ଖୁବ୍ କମ ସମୟରେ ଏହି ଏକାଡେମୀ ଯଥେଷ୍ଟ ଅଗ୍ରଗତି କରିପାରିଛି। ଚାମ୍ପିୟନ ହକି ଖେଳାଳି ସୃଷ୍ଟି କରିବା ଦିଗରେ ଏକାଡେମୀ ଏହାର ପ୍ରୟାସ ଜାରି ରଖିବା ସହ ଲକ୍ଷ୍ୟ ହାସଲ କରିବାରେ ସଫଳ ହେବ ବୋଲି ତାଙ୍କର ଦୃଢ ବିଶ୍ୱାସ ରହିଛି। ଓଡ଼ିଶା କ୍ରୀଡ଼ା, ଯୁବସେବା ଓ ପର୍ଯ୍ୟଟନ ବିଭାଗ କମିଶନର ତଥା ସଚିବ ବିଶାଲ ଦେବ କହିଥିଲେ ଓଡ଼ିଶାରେ ବହୁ ଦକ୍ଷ ପ୍ରତିଭାବାନ ଆଥଲେଟ୍ ରହିଛନ୍ତି। ସେମାନେ ଏହି ଏକାଡେମୀର ସୁଯୋଗ ନେବା ଉଚିତ। ଏହି ଅବସରରେ ଟାଟା ଷ୍ଟିଲ କର୍ପୋରେଟ ସର୍ଭିସେସ୍ ବିଭାଗ ଭାଇସ୍ ପ୍ରେସିଡେଣ୍ଟ ଚାଣକ୍ୟ ଚୌଧୁରୀ କହିଥିଲେ, ଏନ୍‌ଟିଏଚ୍‌ଏ ଏଭଳି ଏକ ଜାତୀୟ ଏକାଡେମୀ ଯାହାକି ଅଳ୍ପ ସମୟ ମଧ୍ୟରେ ଅଦ୍ଭୁତ କ୍ରୀଡ଼ା ସଂସ୍କୃତିର ବିକାଶ କରାଇପାରିଛି। ଆବାସିକ କାର୍ଯ୍ୟକ୍ରମରେ ବର୍ତ୍ତମାନ ଓଡ଼ିଶାର ୧୫ ବାଳିକା, ଝାଡ଼ଖଣ୍ଡରୁ ୫ଜଣ, ଆସାମରୁ ୨ଜଣ ଏବଂ ପଞ୍ଜାବ, ମଣିପୁର ଓ ଉତ୍ତରପ୍ରଦେଶରୁ ଜଣେ ଲେଖାଏ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

### ଇଂଲଣ୍ଡ କୋଚିଂ ଷ୍ଟାଫ୍‌ରେ ଆଝାର ମେହମୁଦ୍

**ପାକିସ୍ତାନ ବିପକ୍ଷ ଟି୨୦ ସିରିଜ**

**ଲଣ୍ଡନ,୧୯।୮(ପି.ଟି.):** ଆସନ୍ତା ୨୮ତାରିଖରୁ ଆରମ୍ଭ ହେବାକୁ ଥିବା ପାକିସ୍ତାନ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ପାଇଁ ଆୟୋଜକ ଇଂଲଣ୍ଡ ଏକ ଭିନ୍ନ ପ୍ରକାର ରଣନୀତି ଆପଣାଇଛି। ପାକିସ୍ତାନ ପୂର୍ବତନ ଅଲରାଉଣ୍ଡର ଆଝାର ମେହମୁଦ୍‌ଙ୍କୁ ଇଂଲଣ୍ଡ ତା'ର କୋଚିଂ ଷ୍ଟାଫ୍‌ରେ ସାମିଲ କରିଛି। ଏଥି ସହିତ ଇଂଲଣ୍ଡ ମଧ ଏହି ସିରିଜ ପାଇଁ ଏକ ୧୪ ଜଣିଆ ଦଳ ଘୋଷଣା କରିଛି।

ମେହମୁଦ୍ ଏବେ ଜଣେ ବ୍ରିଟିଶ ନାଗରିକ। ଗତବର୍ଷ ସେ କୋଚ୍ ମିକି ଆର୍ଥରଙ୍କ ତତ୍ତ୍ୱାବଧାନରେ ପାକିସ୍ତାନ କୋଚିଂ ଷ୍ଟାଫ୍‌ର ସଦସ୍ୟ ଥିଲେ। ଇଂଲଣ୍ଡ ଆସିଷ୍ଟାଣ୍ଟ କୋଚ୍ ଗ୍ରାହାମ ଥୋର୍ପେ ଏହି ସିରିଜରେ କ୍ରିସ୍ ସିଲଭରଉଡ୍‌ଙ୍କ ସ୍ଥାନରେ ମୁଖ୍ୟ କୋଚ୍‌ର ଦାୟିତ୍ୱ ତୁଲାଇବେ। ସିଲଭରଉଡ୍‌ଙ୍କୁ ଏବେ ବିଶ୍ରାମ ଦିଆଯାଇଛି। ପଲ କଲିଂଉଡ୍ ଆସିଷ୍ଟାଣ୍ଟ କୋଚ୍ ଭାବେ ତାଙ୍କୁ ସହଯୋଗ କରିବେ। ତେବେ ୪୫ ବର୍ଷୀୟ ଆଝାର ମେହମୁଦ୍ ଇଂଲଣ୍ଡ ବୋଲିଂ କୋଚ୍ ଜନ ଲୁଇସ୍‌ଙ୍କୁ ସହାୟତା ପ୍ରଦାନ କରିବେ ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ତରଫରୁ ମଙ୍ଗଳବାର ସୂଚନା ଦିଆଯାଇଛି। ପୂର୍ବତନ ଓପନର ମାର୍କସ ଟ୍ରେସ୍କୋଥିକ୍ ବ୍ୟାଟିଂ କୋଚ୍‌ର ଦାୟିତ୍ୱ ତୁଲାଇବେ। ପୂର୍ବତନ ଏସେକ୍ସ ଉଇକେଟକିପର ଜେମ୍ସ ଫୋଷ୍ଟର ସିରିଜ୍‌ରେ ଉଇକେଟକିପିଂ କୋଚ୍ ଭାବେ ଦାୟିତ୍ୱ ନିର୍ବାହ କରିବେ।

**ଇଂଲଣ୍ଡ ଦଳ:** ଇଅନ ମୋର୍ଗାନ (ଅଧିନାୟକ), ମୋଇନ ଅଲୀ, ଜୋନଥନ ବେୟାରଷ୍ଟୋ, ଟମ୍ ବାଣ୍ଟନ, ସାମ୍ ବିଲିଙ୍ଗ୍ସ, ଟମ୍ କୁରାନ, ଜୋନ ଡେନ୍‌ଲି, ଲୁଇସ୍ ଗ୍ରେଗୋରି, କ୍ରିସ୍ ଜୋର୍ଡାନ, ସାକିବ୍ ମେହମୁଦ, ଡେଭିଡ୍ ମଲାନ, ଆଦିଲ ରସିଦ୍, ଜାସନ ରଏ ଓ ଡେଭିଡ୍ ୱିଲି।

**ରିଜର୍ଭ ଖେଳାଳି:** ପ୍ୟାଟ୍ ବ୍ରାଉନ୍, ଲିଆମ ଲିଭିଙ୍ଗଉଡ୍, ରିସିଟପ୍‌ଲି।

**ODISHA HYDRO POWER CORPORATION LTD.**
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/P.O.- BARINIPUT, DIST.- KORAPUT - 764006, ODISHA
PHONE.: (06854) 242001, FAX: (06854) 242038, Email: sgmel_ukhep@ohpcltd.com
CIN: U40101OR1995SGC003963

**TENDER CALL NOTICE NO. UKHEP-14/2020-21 DATED: 14.08.2020**

No. CAD-371: Sealed tenders in duplicate are invited from Govt. registered Agencies / Electrical Contractors having HT Electrical License issued by ELBO for the job as mentioned below by Semiskilled and skilled Workmen on Job Contract basis for a Calendar year (12 Months).

| Sl. No. | Description of Work | Cost of Tender Paper in Rs. | EMD |
|---|---|---|---|
| 1 | Annual Maintenance of 11 KV Lines, 11/0.4 KV Substation, LT Lines, 05 Nos. of distribution Transformers, Illumination System of street light, Internal and External electrification work of Residential and Non Residential Buildings under UKHEP, Bariniput for one year on job contract basis. | 4720/- (Non-refundable) (Rs.4000/- + 18% GST) | Rs.9000/- |

The sale of Tender Paper will be from : 24.08.2020 to 13.00 Hrs of 07.09.2020
The last date & time of receipt of Tender : 16.00 Hrs of 07.09.2020
The date and time of opening of Tender : 16.30 Hrs of 07.09.2020
For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.
Sd./- C & P Head, Upper Kolab H.E. Project, Bariniput
OIPR-04002/11/0014/2021

**ODISHA HYDRO POWER CORPORATION LIMITED**
OFFICE OF THE SR. GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT, POST: BALIMELA, DIST.: MALKANGIRI (ODISHA), PIN: 764051, Phones: 06861-232581 (O)/ 232641 (R), FAX: 06861-232541, E-mail: unit.head_balimela@yahoo.com
REGD. OFFICE: ODISHA HYDRO POWER CORPORATION LIMITED
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR - 22, Tel.: 91-0674-2542983, 2542802, 2545526, Fax: 2542102, GRAM: HYDROPOWER, E-mail: ohpc.co@gmail.com / md@ohpcltd.com, WEB: www.ohpcltd.com, CIN: U40101OR1995SGC003963

**TENDER CALL NOTICE No. BHEP-15/2020-21 Dated: 17.08.2020**

No. CAD-367: Sealed tenders are invited in two parts from the Contractor/Firm/Agency having valid IT PAN, GST Registration Certificate with minium qualifying eligibility criteria for the following work.

| Sl. No. | Description of Work | Cost of Tender Paper | EMD in Rs. |
|---|---|---|---|
| 1 | AMC Services for Electrical maintenance of (4 × 60 + 2 × 75) MW Balimela Hydro Electric Project with assignments ranging from Protection & Control of Units, Feeders, Valve House, Auxiliaries, Transformers, Switch Gears, Illumination System, Relay/Control Panels, Battery Bank, Chargers, DC Distribution System, Station Auxiliary System to Maintenance of 220KV Switchyard, Grass and bushes cleaning & major breakdown of 220KV switchyard, BHEP, Balimela for a period of one year on Job contract basis. | Rs.11800/- (Rs.10,000/- + GST @ 18%) (Non-refundable) | Rs.82,000/- |

The sale/download of tender paper will be from : Dtd. 24.08.2020 to 13.00 Hrs. on Dt.08.09.2020
The last date & time of receipt of tender : Upto 16.00 Hrs. on Dtd.08.09.2020
The date and time of opening of Technical Bid of tender : At 16.30 Hrs. on Dtd.08.09.2020
The due date and time of opening of Price bid will be intimated later on to the Technically qualified bidders.
For details of tender documents, terms and conditions, eligibility criteria and downloading please visit our website at www.ohpcltd.com.
OIPR-04019/11/0014/2021 Sd./- C&P Head, BHEP, Balimela

**ODISHA STATE SEEDS CORPORATION LTD.**
(A GOVERNMENT UNDERTAKING)
SANTARAPUR, BHUBANESWAR-751002
Tel.MD 0674-2340573,
E Mail-osscltd@bsnl.in & mdosscltd456@gmail.com
**TENDER CALL NOTICE**
No.-OSSC Engg-63a/2020
No.CAD-376:- The Managing Director, Odisha State Seeds Corporation Ltd. invites item wise Tenders through ONLINE MODE only from eligible tenderers through e-tender site of Govt. of Odisha (www.tenderodisha.gov.in) for the **work Supply, Installation, Commissioning & Testing of Additional Equipments in the Seed Processing plants of OSSC-Dust Aspiration System with accessories**.
The details of location of work, cost of Tender Document, EMD and other criteria along with critical dates can be seen in the Detailed Tender Call Notice posted in Website of Govt. of Odisha www.tenderodisha.gov.in. The last date for uploading of tender to tender portal is dt.07.09.20.
Sd./- Sri J.R. Mishra (OAS-S)
Managing Director, OSSC Ltd., BBSR
OIPR-01045/11/0012/2021

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC ODISHA NEW OPPORTUNITIES

**Operation & Maintenance of Effluent Treatment Plant (ETP) installed at Quarry-D of South Kaliapani Chromite Mine on Lump sum monthly contract basis (RfP No. 163/OMC/P&T/2020 dated 19.07.2020)**

No. CAD-377:- The Odisha Mining Corporation Limited (OMC) invites bids from experienced contractor to carry out efficient operation and maintenance of Effluent Treatment Plant (ETP) installed at Quarry D for remediation of hexavalent chromium from mines effluent and surface runoff of South Kaliapani chromite mines of OMC Ltd. on lump sum monthly contract basis.
Plant Capacity : **1,200 KL/hour**
Period of Contract : 4 (four)+3 (three) years
Last Date of on-line Submission of Bid : Up to 4.00PM on **dtd.14.09.2020**
Last Date of Physical Submission of Original Documents related to Bid : Up to 04.00 PM on **dtd.15.09.2020**
Bid Document Cost : INR 29,500/- (Rupees Twenty Nine Thousand Five Hundred) only including GST @18%
The executive summary of the Bidding Process as well as the Bidding Documents have been uploaded on the portal of MSTC Ltd. **(www.mstcecommerce.com/eprochome/omc)** and website of The Odisha Mining Corporation Limited **(http://www.omcltd.in)**. The Bidding documents can be downloaded from the above sites from **dtd.22.08.2020.**
Any further communications, corrigendum/ addendum, etc. will be uploaded on the website of MSTC and OMC. OMC reserves the right to reject any or all bids/ proposals without assigning any reason whatsoever.
**Nodal officer for this bidding process: Rajesh Mishra, General Manager(Mining), OMC**
**Email: pksahoo1@odishamining.in Phone: +91 674 2377437/+91 8763545981**
Sd./- General Manager(Mining), OMC
OIPR-30005/11/0061/2021

**OFFICE OF THE ENGINEER-IN-CHIEF (CIVIL), ODISHA**
NIRMAN SOUDHA, UNIT-V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel. -(0674)-2391523
**1st Corrigendum**
File No. B-I-HE(WB)-1/18(pt.) Letter No.26738 Bhubaneswar Dt. 19th Aug. 2020
No. B-192
**NOTICE INVITING REQUEST FOR PROPOSAL**
Bid Identification No. CE (B)- 03 / 2020-21
1. The Chief Engineer (Buildings), Odisha, Bhubaneswar on behalf of Government of Odisha invites Request for Proposal (RFP) in **double cover system** from experienced and reputed Architectural Consultants registered with Council of Architecture, New Delhi for preparation of Master Plan , Architectural drawing and Detailed Project Report (DPR) to be received in **Offline mode** detailed in the table below.

| Sl. No. | Name of the Work | No. of Work | Bid Security | Cost of Bid Document |
|---|---|---|---|---|
| 1 | 2 | 3 | 4 | 5 |
| 1 | Architectural Consultancy for Preparation of Master Plan , Architectural drawing and Detailed Project Report (DPR) for the work- "Infrastructure Development of Colleges and Universities under World Bank Assistance Programme (OHEPEE)", Phase-II. | 1 No. (36 Nos. College & 5 Nos. University) | Rs.4,00,000/- | Rs.10,000/- |

2. The RFP document must be accompanied with Refundable **Bid Security** in form of Kissan Vikash Patra / National Saving Certificate / Post Office Time Deposit Account / Bank Guarantee/Term deposit from any Nationalized / Scheduled Bank in India counter guaranteed by its local branch at **Bhubaneswar** pledged in favour of **Executive Engineer, Dhenkanal (R&B) Division, Dhenkanal (Nodal Officer)** & Non-Refundable **cost of bid document** mentioned in the table in form of Demand draft in favour of the **Executive Engineer, Dhenkanal (R&B) Division, Dhenkanal (Nodal Officer)** drawn in any Nationalized / Scheduled Bank payable at **Dhenkanal**.
3. The bidders have to participate in **Offline** bidding only.
4. Bid documents will be available in Govt. website i.e **www.tendersodisha.gov.in** during the period from **Dt.21.08.2020 to 17.30 hours of Dt.21.09.2020**.
5. The **last date** of receipt of RFP in the following address is **Dt.21.09.2020 up to 17.30 P.M.** through **Speed Post / Registered Post / Courier** only. Submission of proposal through any other mode is not allowed.
6. Date of opening of Technical bid is **Dt.22.09.2020**.
7. For further details the RFP document is to be referred from the website.
8. Any addendum / corrigendum / cancellation of tender (RFP) can also be seen in the said website. The authority reserves the right to reject any or all bids without assigning any reason thereof.

**Address for Submission of R.F.P.**
Chief Engineer (Buildings), Odisha,
Office of the E.I.C.(Civil), Odisha,
Nirman Soudha, Unit-V, Bhubaneswar-751001, Contact No.0674-2391523
E-mail ID: **cebuildings_orissa@yahoo.co.in**
OIPR-34117/11/0007/2021 Sd./- Chief Engineer (Buildings), Odisha

**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)
**OFFICE OF THE EXECUTIVE ENGINEER, L.I. DIVISION, BHUBANESWAR**
e-Mail: eeolicdivn.bbsr@ymail.com, Tel.: 0674-2391847
**e-Procurement Notice**
Bid Identification No. 1570/2020-21 Dt.10.08.2020
No. CAD-373: The **Executive Engineer, Lift Irrigation Division, Bhubaneswar** on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites **percentage Rate bids in Online mode** for installation of Lift Irrigation Projects in Puri district under BKVY in TURNKEY BASIS as mentioned below from the reputed Contractors/Frims having valid HT Licence issued by E.L.B.O., Odisha and Civil licence as mentioned below with experience in similar nature of work.
1. Nature of Work : Execution of work for installation & energisation of 10 Nos. L.I. Projects in different Blocks of Puri district.
2. No. of Packages : 10 Nos.
3. Estimated Cost : Varies from Rs.1749202/- to Rs.3654117/-
4. Period of Completion : 90 days
5. Date & time of availablity of bid documents in the portal : 24.08.2020 at 10.00 A.M.
6. Last date & time for receipt of bids in the portal : 10.09.2020 upto 5.00 P.M.
7. Date & time of seeking clarification : 24.08.2020 at 10.00 A.M. to 09.09.2020 upto 5.00 P.M.
8. Opening date & time : 14.09.2020 at 03.00 P.M.
9. Name & address of the Officer Inviting Bid : Executive Engineer, Lift Irrigation Division, Bhubaneswar

The details of tender are available in the Government tender website i.e. **www.tendersorissa.gov.in** and other related documents are available in the DTCN for bidding. Any Addendum/Corrigendum/Cancellation of tender will be available in the said website.
Sd./- Executive Engineer, L.I. Division, Bhubaneswar
OIPR-32155/11/0003/2021



ପର୍ତ୍ତୁଗାଲର ଏଲଗ୍ରାଭେ ବିଚ୍‌ରେ ଦେଖିବାକୁ ମିଳିଥିଲା ଏକ ଅଦ୍ଭୁତ ଦୃଶ୍ୟ। ଯେତେବେଳେ ପାଣିରେ ବୁଡି ଯାଉଥିବା ୨ ମହିଳାଙ୍କ ଜୀବନ ବଞ୍ଚାଇବାକୁ ପାଣିକୁ ଡେଇଁ ପଡିଥିଲେ ନିଜେ ରାଷ୍ଟ୍ରପତି। ଏଲଗ୍ରାଭେ ବିଚରେ ଦୁଇ ମହିଳା ଏକ ଛୋଟ ନୌକା ନେଇ ସମୁଦ୍ର ମଧ୍ୟକୁ ଚାଲିଯାଇଥିଲେ। ହେଲେ ଏମାନେ ପହଁରା ଜାଣି ନ ଥିବାରୁ ସମୁଦ୍ର ମଧ୍ୟରେ ଖୁବ୍ ଦୂରକୁ ଚାଲି ଯାଇଥିବା ବେଳେ ସେଠାରେ ନୌକାଟି ଓଲଟି ଯାଇଥିଲା। ଏହା ଦେଖିବା ପରେ ପର୍ତ୍ତୁଗାଲର ରାଷ୍ଟ୍ରପତି ମାର୍କେଲୋ ରେବେଲୋ ସୌସା ପାଣିକୁ ଡେଇଁ ସେମାନଙ୍କୁ ଉଦ୍ଧାର କରିଥିଲେ।



# ଯୁଦ୍ଧବନ୍ଦୀଙ୍କୁ ଅମାନବୀୟ ପ୍ରୟୋଗ

ବିଂଶଶତାବ୍ଦୀରେ ଭୟଙ୍କର ପରମାଣୁ ବୋମାର ବାରୁଦଗଦାରେ ବସିଛି ସାରା ବିଶ୍ୱ। କୌଣସି କାରଣରୁ ଯୁଦ୍ଧ ହେଲେ ନିମିଷକ ମଧ୍ୟରେ ସବୁକିଛି ଶେଷ ହୋଇଯିବ। ମନୁଷ୍ୟକୃତ ଅସ୍ତ୍ରର ପ୍ରୟୋଗରେ ପୃଥିବୀ ପାଲଟିଯିବ ଶ୍ମଶାନ। ଯଦିଓ ଯୁଦ୍ଧର ଭୟଙ୍କର ପରିସ୍ଥିତି ସହ ବିକଶିତ ଏବଂ ବିକାଶଶୀଳ ରାଷ୍ଟ୍ର ସମୂହ ବେଶ୍ ପରିଚିତ, ତଥାପି ସେମାନଙ୍କ ମଧ୍ୟରୁ ଅନେକେ ଜୈବିକ ଯୁଦ୍ଧାସ୍ତ୍ରର ଗୁପ୍ତ ପରୀକ୍ଷଣ ଜାରି ରଖିଛନ୍ତି, ଯାହା ୪୦ ଦଶକର 'ମାନବୀୟ ଏକ୍ସପେରିମେଣ୍ଟ'ର ସ୍ମୃତି ଉଜାଗର କରୁଛି।





ଯୁଦ୍ଧବନ୍ଦୀଙ୍କ ନିର୍ଯାତନାର କଥା ଲେଖିବସିଲେ ଇତିହାସ ହେବ। ପରାଜୟ କଷ୍ଟରେ ଜର୍ଜରିତ ମଣିଷକୁ ବଳିଯାଉଥିଲା ବନ୍ଦୀଗୃହରେ ନିର୍ମମ ଅତ୍ୟାଚାର। ବର୍ଷ ବର୍ଷ ଧରି ଶାରୀରିକ, ମାନସିକସ୍ତରରେ ଶୋଷଣର ଶିକାର ହେବାପରେ ବି ସେମାନଙ୍କ ପ୍ରତି ନ ଥିଲା କାହାରି ସାମାନ୍ୟତମ ଦରଦ। ଓଲଟି କଏଦୀଙ୍କ ଶରୀର ପାଲଟୁଥିଲା ପରୀକ୍ଷଣର ମାଧ୍ୟମ। ଜିଅନ୍ତା ମଣିଷ ଦେହରେ କ୍ଷତିକାରକ ପଦାର୍ଥ ଜବରଦସ୍ତି ଭର୍ତ୍ତି କରିଦେଇ ଠେଲି ଦିଆଯାଉଥିଲା ମୃତ୍ୟୁମୁହଁକୁ। କେବଳ ଏତିକି ନୁହେଁ, ବିନା ଅନାସ୍ଥେସିଆରେ କାଟି ଦିଆଯାଉଥିଲା ହାତଗୋଡ଼। ବାହାର କରି ଦିଆଯାଉଥିଲା କିଡ୍‌ନୀ, ହୃଦ୍‌ପିଣ୍ଡ, ବୃକକ୍ ଭଳି ଆଭ୍ୟନ୍ତରୀଣ ଅଙ୍ଗ। ଅତୀତରେ ଘଟିଥିବା ମାନବୀୟ ପରୀକ୍ଷଣର ଏପରି ବୀଭତ୍ସ ଘଟଣାବଳୀ ଆଜି ବି କଳଙ୍କିତ ଇତିହାସ ହୋଇରହିଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଗୋଟିଏପଟେ ଭୟ ଆତଙ୍କରେ ପୃଥିବୀ ଥରହର ହେଉଥିବାବେଳେ ଅନ୍ୟପଟେ ଚିକିତ୍ସା ବିଜ୍ଞାନରେ ଚାଲିଥିଲା ପରୀକ୍ଷାନିରୀକ୍ଷା। ବିଶେଷ କରି ଯୁଦ୍ଧବନ୍ଦୀଙ୍କ ଶରୀରକୁ ନେଇ କରାଯାଉଥିଲା ଭଳିକି ଭଳି ଏକ୍ସପେରିମେଣ୍ଟ। ବିଯୁକ୍ତ ତାପମାତ୍ରାରେ ସୈନିକମାନଙ୍କ ଦକ୍ଷତା ବଢ଼ାଇବା, ପ୍ରତିକୂଳ ପରିବେଶରେ କାମ କରିବାର ଶକ୍ତି ହାସଲ କରିବା, ଜେନେଟିକ୍ ପରିବର୍ତ୍ତନ, ସଂକ୍ରାମକ ରୋଗରୁ ରକ୍ଷା, ଅଙ୍ଗ ପ୍ରତିରୋପଣ ବିଷୟରେ ଅଧିକ ତଥ୍ୟ ସଂଗ୍ରହ କରିବା ଏବଂ ଅପ୍ରାକୃତିକ ଭାବେ ଶରୀରରେ ଶକ୍ତି ବୃଦ୍ଧି କରିବାକୁ ଏପରି ଅନେକ ପ୍ରୟୋଗ କରାଯାଉଥିଲା। ତେବେ ଏପରି ପରୀକ୍ଷଣ ଅଧିକାଂଶ କ୍ଷେତ୍ରରେ ଏହା ବିଫଳ ହେଉଥିଲା ଏବଂ ଚାଲିଯାଉଥିଲା ହଜାର ହଜାର ନିରୀହ ବନ୍ଦୀଙ୍କ ଜୀବନ।

## ଗ୍ୟାସ୍ ଚାମ୍ବରରେ କଏଦୀ

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସୋଭିଏଟ ରୁଷର ସବୁଠାରୁ ଶକ୍ତିଶାଳୀ ଶାସକ ଥିଲେ ଜୋଶେଫ୍ ଷ୍ଟାଲିନ୍। ତାଙ୍କ ପ୍ରରୋଚନାରେ ସେନାର ବୈଜ୍ଞାନିକମାନେ ନିଦ ଉପରେ ନୂତନ ପ୍ରୟୋଗ କରିବାକୁ ଚିନ୍ତା କରିଥିଲେ। ଏଥିପାଇଁ ଚିହ୍ନଟ କରାଯାଇଥିଲା ଲେବର କ୍ୟାମ୍ପ, ଯାହାକୁ 'ଗୁଲାଗ୍' କୁହାଯାଉଥିଲା। ଏହି ସ୍ଥାନରୁ ୫ଜଣ କଏଦୀଙ୍କୁ ବଛାଯାଇଥିଲା। ସମ୍ପୃକ୍ତ ବନ୍ଦୀମାନେ ଥିଲେ ବେଶ୍ ସୁସ୍ଥସବଳ। ସେମାନଙ୍କ ନିକଟରେ ଅଜବ ସର୍ତ୍ତ ରଖାଗଲା। ତଦନୁଯାୟୀ ସେମାନେ ଏହି ପ୍ରୟୋଗରେ ସାମିଲ ହେବେ ଏବଂ ୩୦ ଦିନ ପରେ ସେମାନଙ୍କୁ ବନ୍ଦୀ ଜୀବନରୁ ମୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଗଲା। କ୍ୟାମ୍ପରେ ନିର୍ଯାତନାରେ ଅତିଷ୍ଠ ହୋଇଯାଇଥିବା କଏଦୀମାନେ ଏଥିଲାଗି ତୁରନ୍ତ ରାଜି ହୋଇଗଲେ। ସେମାନଙ୍କୁ ଲାବ୍‌କୁ ଅଣାଯାଇ ଏକ ଏୟାର ଟାଇଟ୍ ଚାମ୍ବରରେ ଛାଡ଼ି ଦିଆଗଲା। ଏଥିପୂର୍ବରୁ କଏଦୀଙ୍କୁ ନିଦ ନ ଆସିବା ଲାଗି ଚାମ୍ବରରେ ଭରି ଦିଆଗଲା ମାଇକ୍ରୋଟ୍ରପିକ୍ ଗ୍ୟାସ୍। ଏହି ସମୟ ଭିତରେ ସେମାନଙ୍କୁ ଆବଶ୍ୟକ ଖାଦ୍ୟପେୟ ଦିଆଯାଉଥିଲା। ହେଲେ ପ୍ରୟୋଗର ୫ଦିନ ପରେ ଭୟଙ୍କର ପରିଣାମ ସାମ୍ନାକୁ ଆସିବାରେ ଲାଗିଲା। ଚ୍ୟାମ୍ବର ଭିତରେ କଏଦୀମାନେ ଚିତ୍କାର କରିବା ସହ କାନ୍ଦିବାକୁ ଲାଗିଲେ। କିଛିଦିନ ପରେ ସେମାନେ ଚୁପ୍ ହୋଇଗଲେ। ଏପରି କି ପରସ୍ପର ଭିତରେ କଥାବାର୍ତ୍ତା ମଧ୍ୟ ବନ୍ଦ କରିଦେଲେ। ୧୧ତମ ଦିନରେ ଜଣେ କଏଦୀ ଏତେ ଜୋର୍‌ରେ ଚିତ୍କାର କଲେ ଯେ, ତାଙ୍କର ବେକର ଶିରା ଫାଟିଗଲା। ହେଲେ ତାଙ୍କର ଯନ୍ତ୍ରଣା ଶୁଣି ଅନ୍ୟ ଏକଦୀମାନେ ସାମାନ୍ୟ ପ୍ରତିକ୍ରିୟା ଦେଖାଇ ନ ଥିଲେ। ପରିସ୍ଥିତି ବିଗିଡ଼ିବା ପରେ ୧୫ତମ ଦିନରେ ବୈଜ୍ଞାନିକମାନେ ଏହି ପ୍ରୟୋଗ ରୋକିବାକୁ ନିଷ୍ପତ୍ତି ନେଲେ। ସ୍ଥିତି ପରଖିବାକୁ ଚ୍ୟାମ୍ବର ପାଖକୁ ଯାଇଥିବା ବୈଜ୍ଞାନିକମାନେ ଯେଉଁ ଦୃଶ୍ୟ ଦେଖିଲେ, ତାହା ଥିଲା ଛାତି ଥରାଇ ଦେବା ଭଳି। ୧୫ଦିନ ଯାଏ ଆଖି ପଲକ ପକାଇ ନ ଥିବା କଏଦୀମାନେ ନିଜେ ନିଜ ଶରୀରର ମାଂସ ଖାଇଯାଇଥିଲେ। ଅନେକଙ୍କ ହାତ, ଗୋଡ଼ରେ ମାଂସ ନ ଥିଲା। ବାହାରକୁ କେବଳ ହାଡ଼ ଦେଖାଯାଉଥିଲା। ଏପରି ଭୟଙ୍କର ଦୃଶ୍ୟ ଦେଖି ଜଣେ ବୈଜ୍ଞାନିକ ସମସ୍ତଙ୍କୁ ହତ୍ୟା କରିଦେଇଥିଲେ। ଏହାପରେ ଗବେଷଣା ସହିତ ଜଡ଼ିତ ସମସ୍ତ ତଥ୍ୟ ଗାଏବ କରି ଦିଆଗଲା।

## ଆଜି ବି ତୁଟିନି ଦ୍ୱନ୍ଦ୍ୱ

ରୁଷିଆର ସ୍ଲିପ୍ ଏକ୍ସପେରିମେଣ୍ଟକୁ ନେଇ ଆଜି ବି ଦ୍ୱନ୍ଦ୍ୱ ତୁଟିନି। ଅନେକେ ଏହି ଘଟଣାକୁ ମନଗଢ଼ା କାହାଣୀ ବୋଲି କୁହନ୍ତି। ଆଜିଯାଏ ଏପରି କୌଣସି ଗ୍ୟାସ୍ ନାହିଁ; ଯାହା ମଣିଷର ପ୍ରାକୃତିକ ନିଦକୁ ରୋକିପାରିବ ବୋଲି ସେମାନେ ଯୁକ୍ତି ବାଢ଼ନ୍ତି। ହେଲେ ଆଉ ଗୋଟିଏ ବର୍ଗ ଏହି ଘଟଣାକୁ ସତ୍ୟ ବୋଲି ମାନନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପରାଜିତ ହୋଇଥିବା ଦେଶର ସେନା ସହ ବିଜୟୀ ଦେଶର ଶାସକ ନିଷ୍ଠୁର ବ୍ୟବହାର କରୁଥିଲେ। ଏପରି କି ସେହି ସମୟରେ ଅନେକ ଅମାନବୀୟ ପ୍ରୟୋଗ ମଧ୍ୟ କରାଯାଇଥିଲା। ଏପରି ଅନେକ ଉଦାହରଣ ରହିଛି ବୋଲି ସେମାନେ ନିଜ ଯୁକ୍ତିରେ କୁହନ୍ତି।

## ଏଞ୍ଜେଲ ଅଫ୍ ଡେଥ୍ 'ଜୋଶେଫ୍ ମାଙ୍ଗେଲେ'



ଡାକ୍ତରଙ୍କୁ କୁହାଯାଏ ଦ୍ୱିତୀୟ ଈଶ୍ୱର। ହେଲେ ଜର୍ମାନୀର ଏକଚ୍ଛତ୍ରବାଦୀ ଶାସକ ହିଟ୍‌ଲରଙ୍କ ବିଶ୍ୱସ୍ତ ଜୋଶେଫ ମାଙ୍ଗେଲେ ଥିଲେ ଡାକ୍ତର ନାମରେ ଜଣେ କଳଙ୍କିତ ବ୍ୟକ୍ତିତ୍ୱ। ଏକଦା ନାଜି ସେନାର ୱାର ହିରୋ ଭାବେ ସୁନାମ ଅର୍ଜିଥିଲେ ଜୋଶେଫ। ସେନାରୁ ଅବସର ପରେ ତାଙ୍କୁ ଯୁଦ୍ଧବନ୍ଦୀଙ୍କ କ୍ୟାମ୍ପରେ ମେଡିକାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଥିଲା। ଏହାପରେ ନିର୍ଦ୍ଦୟତାର ସୀମା ଟପିଯାଇଥିଲେ ମାଙ୍ଗେଲେ। ଦକ୍ଷତାର ଦୁରୁପଯୋଗ କରି ସେ ଆରମ୍ଭ କରିଥିଲେ ଇହୁଦୀ ଏବଂ ରୋମାନୀଙ୍କ ଉପରେ ଅକଥନୀୟ ଅତ୍ୟାଚାର। ଜେନେଟିକ୍ ସାଇନ୍ସରେ ପିଏଚ୍‌ଡି କରିଥିବା ମାଙ୍ଗେଲେ ଟପିଯାଇଥିଲେ ନିର୍ଦ୍ଦୟତାର ସମସ୍ତ ସୀମା। କ୍ୟାମ୍ପରେ ଗର୍ଭବତୀ, ଶିଶୁ, ଯମଜ ସନ୍ତାନ, ଦିବ୍ୟାଙ୍ଗଙ୍କ ଶରୀରରେ ଭୟଙ୍କର ଏକ୍ସପେରିମେଣ୍ଟ କରୁଥିଲେ। ବିନା ଆନାସ୍ଥେସିଆରେ ହାଡ଼, ମାଂସପେଶୀ ବାହାର କରି ଅନ୍ୟତ୍ର ପ୍ରତିରୋପଣ, ଯମଜ ସନ୍ତାନଙ୍କ ମୁଣ୍ଡ ଯୋଡ଼ିବା ଭଳି ବିଫଳ ପ୍ରୟାସ କରୁଥିଲେ। ଶିଶୁ ଏବଂ ଦିବ୍ୟାଙ୍ଗଙ୍କ ଶରୀରରେ ମ୍ୟାଲେରିଆ, ଟାଇଫଏଡ୍ ଭଳି ପ୍ରାଣଘାତୀ ଭୂତାଣୁ, ମାତ୍ରାଧିକ କ୍ଲୋରୋଫର୍ମ ପ୍ରୟୋଗ କରି ଏହାର କ୍ରିୟା ଏବଂ ପ୍ରତିକ୍ରିୟା ସମ୍ପର୍କିତ ତଥ୍ୟ ହାସଲ କରୁଥିଲେ। ଜେନେଟିକ୍ ଚିକିତ୍ସା ବିଜ୍ଞାନରେ ପିଏଚ୍‌ଡି କରିଥିବା ମାଙ୍ଗେଲେଙ୍କ ଏକ୍ସପେରିମେଣ୍ଟର ପ୍ରଥମ ପସନ୍ଦ ଥିଲେ ଜମଜ ଶିଶୁ। ସେମାନଙ୍କ ଭିତରେ ଥିବା ସମାନତା ଏବଂ ଭିନ୍ନତାକୁ ଜାଣିବା ଲାଗି ସେ ଜାରି ରଖିଥିଲେ ଜେନେଟିକ୍ ଷ୍ଟଡି। ବିନା ସୁରକ୍ଷା ପଦ୍ଧତିରେ କରାଯାଉଥିବା ଏପରି ପରୀକ୍ଷାରେ ଲକ୍ଷାଧିକ ଇହୁଦୀ, ରୋମାନୀଙ୍କ ମୃତ୍ୟୁ ଘଟିଥିଲା। ୧୯୪୫ରେ ନାଜିସେନାର ପରାଜୟ ପରେ ମାଙ୍ଗେଲେ ଛଦ୍ମବେଶରେ ଫେରାର ହୋଇଯିବାକୁ ଉଦ୍ୟମ କରୁଥିବାବେଳେ ଆମେରିକା ସେନା ହାତରେ ଧରାପଡ଼ିଥିଲେ। ତେବେ ଆବଶ୍ୟକ ପ୍ରମାଣ ଅଭାବରୁ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଗଲାନାହିଁ। ଯୁଦ୍ଧ ଇତିହାସରେ ମୃତ୍ୟୁର ସୌଦାଗର ଭାବେ ପରିଚିତ ଜୋଶେଫ ମାଙ୍ଗେଲେଙ୍କ ମୃତ୍ୟୁ ଘଟିଥିଲା ୧୯୭୯ରେ। ମାଙ୍ଗେଲେଙ୍କ ଜୀବନୀକୁ ନେଇ ଅନେକ ପୁସ୍ତକ ରଚନା କରାଯାଇଛି। ଏଥିରେ ତାଙ୍କୁ ରାକ୍ଷସ, ନିର୍ଦ୍ଦୟୀ ଭାବେ ଚିତ୍ରଣ କରାଯାଇଛି।

## ଜାପାନର ମାନବୀୟ ପ୍ରୟୋଗଶାଳା 'ୟୁନିଟ୍-୭୩୧'

ଜାପାନର ମାନବୀୟ ପ୍ରୟୋଗଶାଳା ହେଉଛି 'ୟୁନିଟ୍-୭୩୧'। ୧୯୩୦ରୁ ୧୯୪୫ ଯାଏ 'ଇମ୍ପାରିଏଲ ଜାପାନିଜ ଆର୍ମି' ଚାଇନାର ପିଙ୍ଗ୍‌ଫାଙ୍ଗ୍ ପ୍ରଦେଶରେ ନିଜର ପ୍ରୟୋଗଶାଳା କରିଥିଲା। ଚାଇନାର ହସ୍ତକ୍ଷେପ ନ ଥିବା ଏହି ସ୍ଥାନରେ ଚାଇନିଜ୍ ଯୁଦ୍ଧବନ୍ଦୀ, ସେନା ଅଧିକାରୀ, ସୈନିକଙ୍କ ଶରୀରରେ ବହୁ ଜଟିଳ ପରୀକ୍ଷା କରାଯାଉଥିଲା। ଦୀର୍ଘ ଦଶନ୍ଧି ପରେ ଏଭଳି ନିର୍ମମ ଘଟଣାବଳୀର ଅଧାଅଧୁରା ଦସ୍ତାବିଜ୍ ପଦାକୁ ଆସିଥିଲା, ଯାହା ବ୍ୟଥିତ କରିଥିଲା ବିଶ୍ୱବାସୀଙ୍କୁ। ଉକ୍ତ ଦସ୍ତାବିଜ୍ ୧୦୦୦ରୁ ଊର୍ଦ୍ଧ୍ୱ ଡାକ୍ତର, ନର୍ସ, ସର୍ଜନ, ବୈଜ୍ଞାନିକ, ଇଞ୍ଜିନିୟରଙ୍କ କଳାକାରନାମାକୁ ପଦାରେ ପକାଇଥିଲା।

## ହଲିଉଡ୍‌ରେ ପ୍ରତିଫଳନ

ହ୍ୟୁମାନ ଏକ୍ସପେରିମେଣ୍ଟକୁ ନେଇ ହଲିଉଡ୍‌ରେ ଅନେକ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ସେଥିରୁ କେତେକ ସତ୍ୟଘଟଣାବଳୀ ଏବଂ ଆଉ କେତେକ ସାଇନ୍ସ ଫିକ୍ସନ ଉପରେ ଆଧାରିତ। ହ୍ୟୁମାନ ଏକ୍ସପେରିମେଣ୍ଟ ଚଳଚ୍ଚିତ୍ର ଭିତରେ ଦି ଅନବର୍ନ, ହ୍ୟୁମାନ ସେଣ୍ଟିପେଡ୍, ରୋବୋକପ୍, ଇନ୍‌କ୍ରେଡିବଲ ହଲ୍କ, ହୋଲୋମ୍ୟାନ୍, କ୍ୟାପ୍‌ଟେନ ଆମେରିକା, ଦି ଜର୍ମାନ ଡକ୍ଟର, ଶକ୍ ୱେଭ, ଦି ବିଏଷ୍ଟ ଇନ୍ ହିଟ୍, ଜାଟ୍, ୱାର ଅଫ୍ ଡେଡ୍ ଅନ୍ୟତମ।


ନିଧି ଅଗ୍ରୱାଲ

## 'ଅସହାୟ ଲୋକଙ୍କୁ ସାହାଯ୍ୟ କରିବି'

ମୁମ୍ବାଇ: ଅଭିନେତ୍ରୀ ନିଧି ଅଗ୍ରୱାଲ ବଲିଉଡ୍ ଇଣ୍ଡଷ୍ଟ୍ରୀରେ ବେଶ୍ ପରିଚିତ। ଦେଖିବାକୁ ଯେମିତି ସୁନ୍ଦରୀ, ଅଭିନୟ ମଧ୍ୟ ସେତିକି ଭଲ। ସମଗ୍ର ଦେଶରେ କରୋନା ପାଇଁ ତାଲା ବନ୍ଦ ହୋଇ ରହିଥିବାବେଳେ ନିଧି ତାଙ୍କ ଫିଗର୍ ଏବଂ କ୍ୟାରିୟର ପ୍ରତି ବେଶ୍ କନ୍‌ସସ ଅଛନ୍ତି। ସେ ଲକ୍‌ଡାଉନ୍‌ରେ ନିଜ ଘରେ ରହି ସବୁଦିନ ଯୋଗ କରୁଛନ୍ତି। ନିଧି ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍। ସେ ତାଙ୍କ ଫ୍ୟାନ୍‌ଙ୍କ ସହ ସବୁବେଳେ ଲାଇଭ୍ ଚାଟ୍ କରିବାକୁ ଭଲ ପାଆନ୍ତି। ସେ ଏହି ଲକ୍‌ଡାଉନ୍‌ରେ ମଧ୍ୟ ରିଫ୍ରେସିଂ ମୁଡ୍‌ରେ ଅଛନ୍ତି। ସେଥିଲାଗି ଇନ୍‌ଷ୍ଟାରେ ଏକ ପୋଷ୍ଟ ଶେୟାର କରି କହିଛନ୍ତ, ମୁଁ ବଲିଉଡ୍ ଅଭିନେତ୍ରୀଙ୍କୁ ଟକ୍କର ଦେବାକୁ ପୂରା ପ୍ରସ୍ତୁତ। ସୋମବାର ନିଧି ତାଙ୍କର ୨୭ତମ ଜନ୍ମଦିନ ପାଳନ କରି କହିଛନ୍ତି ଏବେ କୌଣସି ଶୁଟିଂ ନ ଥିବାରୁ ଫ୍ୟାମିଲି ମେମ୍ବରଙ୍କ ସହ ବାର୍ଥ ଡେ ସେଲିବ୍ରେଟ୍ କରିଛି। ସେଥିପାଇଁ ମୁଁ ବହୁତ ଖୁସି। ଆଗକୁ ଫିଲ୍ମ କରିବା ସହ ଏକ ଚାରିଟେବଲ୍ ଟ୍ରଷ୍ଟ କରି ଅସହାୟ ଲୋକଙ୍କୁ ସାହାଯ୍ୟ କରିବାକୁ ଚାହୁଁଛି। ଏହି ଡ୍ରିମ୍ ମୁଁ କେବେଠୁ ଦେଖିଛି, ତେବେ ବହୁ ଜଲ୍‌ଦି ଏହାକୁ ପୂରଣ କରିବି। ତାଙ୍କ ବାର୍ଥଡେ'ରେ ଫ୍ୟାନ୍‌ମାନେ ତାଙ୍କୁ ଢେରସାରା ୱିଶ୍ କରିଥିଲେ। ସେଥିଲାଗି ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ଫ୍ୟାନ୍‌ମାନେ ତାଙ୍କୁ ଏମିତି ଭଲ ପାଉଥାନ୍ତୁ ବୋଲି କହିଛନ୍ତି। ଆଗକୁ ବଲିଉଡ୍‌ରେ ତାଙ୍କର ୪ଟି ଫିଲ୍ମ ଆସିବାର ଅଛି। ତେବେ କରୋନା ପାଇଁ ସବୁ ବନ୍ଦ ରହିଛି।

## ଶାନ୍ତି, ଏକତା, ଭାଇଚାରା ମୂଳ ଲକ୍ଷ୍ୟ




ପ୍ରତିବର୍ଷ ଅଗଷ୍ଟ ୨୦ରେ ଦେଶବ୍ୟାପୀ ସଦ୍ଭାବନା ଦିବସ ପାଳନ କରାଯାଇଥାଏ। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜନ୍ମ ଦିବସକୁ ୨୦୦୮ଠାରୁ ସଦ୍ଭାବନା ଦିବସ ଭାବେ ପାଳନ କରାଯିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହାପରେ ଏହି ଦିବସ ପାଳିତ ହୋଇଆସୁଛି। ଜାତୀୟ ଏକତା ସୃଷ୍ଟି ସଦ୍ଭାବନା ଦିବସର ମୁଖ୍ୟ ଲକ୍ଷ୍ୟ। ରାଜୀବ ଗାନ୍ଧୀ ୧୯୪୪ ଅଗଷ୍ଟ ୨୦ରେ ମୁମ୍ବାଇଠାରେ ଜନ୍ମ ଗ୍ରହଣ କରିଥିଲେ। ୧୯୮୪ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରାଯିବା ପରେ ସେ ପ୍ରଧାନମନ୍ତ୍ରୀ ପଦରେ କାର୍ଯ୍ୟ କରିଥିଲେ। ୪୦ ବର୍ଷରେ ପ୍ରଧାନମନ୍ତ୍ରୀ ପଦ ସମ୍ଭାଳି ସେ ଦେଶର ସବୁଠାରୁ କମ୍ ବୟସ୍କ ପ୍ରଧାନମନ୍ତ୍ରୀ ପାଲଟିଥିଲେ। ୧୯୮୪ ଅକ୍ଟୋବର ୩୧ରୁ ୧୯୮୯ ଡିସେମ୍ବର ୨ ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ନିର୍ବାଚନ ପ୍ରଚାର ସମୟରେ ବୋମା ବିସ୍ଫୋରଣରେ ୧୯୯୧ ମେ ୨୧ରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁରଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ କାର୍ଯ୍ୟକାଳରେ ବିଭିନ୍ନ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା।

## ଅକ୍ଷୟ ଶକ୍ତି ଉତ୍ସ ଦେଶ ବିକାଶର ପୁଞ୍ଜି



ଅକ୍ଷୟ ଶକ୍ତି ଦିବସ ପ୍ରତିବର୍ଷ ଅଗଷ୍ଟ ୨୦ରେ ଦେଶବ୍ୟାପୀ ପାଳନ କରାଯାଇଥାଏ। ୨୦୦୪ଠାରୁ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇଆସୁଛି। ଦେଶର ବିକାଶ ପାଇଁ ଅକ୍ଷୟ ଶକ୍ତି ଉତ୍ସ ଅପରିହାର୍ଯ୍ୟ। ତେଣୁ ସୌର ଶକ୍ତି, ପବନ ଶକ୍ତି ଏବଂ ଜଳ ବିଦ୍ୟୁତ୍ ଶକ୍ତି ଆଦି ବିକଳ୍ପ ଉତ୍ସର ବିକାଶ ଭାରତ ଭଳି ବିକଶିତ ଦେଶ ଲାଗି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅକ୍ଷୟ ଶକ୍ତିର ପରିବେଶ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପଡ଼ି ନ ଥାଏ। ତେଣୁ ପ୍ରଦୂଷଣ ମୁକ୍ତ ଦେଶ ଗଠନ ଲାଗି ଏହି ଦିବସରେ ଲୋକଙ୍କ ମଧ୍ୟରେ ସଚେତନା ସୃଷ୍ଟି କରାଯାଇଥାଏ। ଦେଶରେ ଶକ୍ତି ଚାହିଦା ବଢ଼ିଚାଲିଛି। ଏପରିସ୍ଥଳେ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ଲାଗି ବିକଳ୍ପ ଶକ୍ତି ଉତ୍ସ ହିଁ ଏକ ପ୍ରମୁଖ ମାଧ୍ୟମ। ସମ୍ପ୍ରତି ବୃଦ୍ଧି ପାଉଥିବା ପରିବେଶୀୟ ପ୍ରଦୂଷଣରୁ ମୁକ୍ତି ପାଇବା ଲାଗି ଅକ୍ଷୟ ଶକ୍ତି ଗୁରୁତ୍ୱପୂର୍ଣ୍ଣ ବୋଲି ବିଶେଷଜ୍ଞ କହିଥାନ୍ତି।

## ମାସକୁ ଶହେ ଟଙ୍କାରେ ମିଳୁଛି ବିଜୁଳି

ଲକ୍ଷ୍ନୌ: ଗ୍ରାମାଞ୍ଚଳରେ ସବୁବେଳେ ବିଦ୍ୟୁତ ସଙ୍କଟ ଲାଗି ରହିଥାଏ। କେତେବେଳେ ଟ୍ରାନ୍ସଫର୍ମର ପୋଡ଼ି ତ ଆଉ କେତେବେଳେ ବର୍ଷା ଦାଉ ସାଧିଥାଏ। ଫଳରେ ଲୋକଙ୍କୁ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେବା ସହ ପିଲାଙ୍କୁ ରାତିରେ ପାଠ ପଢ଼ିବାକୁ ସମସ୍ୟା ହୋଇଥାଏ। ତେଣୁ ଏହାକୁ ଦୃଷ୍ଟିରେ ରଖି ସରକାର ଅକ୍ଷୟ ଶକ୍ତି ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ତେବେ ଏହି ଅକ୍ଷୟ ଶକ୍ତି ଉତ୍ତରପ୍ରଦେଶ ହରଦୋଇ ବ୍ଲକର କଥୌଲିଆ ଗ୍ରାମବାସୀଙ୍କ ପାଇଁ ବରଦାନ ପାଲଟିଛି। ଏଠାରେ ଅକ୍ଷୟ ଶକ୍ତି ଘରକୁ ଘର ପହଞ୍ଚିଛି। ଆଉ ଏଥିପାଇଁ ଖର୍ଚ୍ଚ କରିବା ପଡୁଛି ମାସକୁ ମାତ୍ର ଶହେ ଟଙ୍କା। ଏହି ଗାଁର ଭାନୁ ପ୍ରତାପ ସିଂ ନାମକ ଜଣେ ବ୍ୟକ୍ତି ନିଜ ଘରେ ପ୍ରାୟ ୬୦ଟି ସୌର ଶକ୍ତି ଦ୍ୱାରା ଚାର୍ଜ ହେଉଥିବା ଲଣ୍ଠନ ରଖିଛନ୍ତି। ଆଉ ଏହି ଲଣ୍ଠନଗୁଡ଼ିକୁ ଘରେ ହିଁ ସୌର ଶକ୍ତିରେ ଲାଗିଥିବା ପ୍ୟାନେଲ ଦ୍ୱାରା ଚାର୍ଜ କରିଥାନ୍ତି। ଚାର୍ଜ ହେବା ପରେ ସନ୍ଧ୍ୟାରେ ଗାଁର ଲୋକମାନେ ଏହି ଲଣ୍ଠନକୁ ନେଇଯାଇଥାନ୍ତି। ରାତିସାରା ଘରେ ଜଳାଇବା ପରେ ସକାଳକୁ ପୁଣି ଫେରେଇ ଦିଅନ୍ତି। ଏହି ଲଣ୍ଠନ ପ୍ରାୟ ୮ ଘଣ୍ଟା ଧରି ଜଳୁଥିବା ବେଳେ ପ୍ରତିଦିନ ଏଭଳି ଚାଲେ। ସୂଚନା ମୁତାବକ, ଏହି ଯୋଜନା ୟୁନିୟନ ବ୍ୟାଙ୍କ ଓ ଏଫ୍ ଦାର୍ପୁରର। ଏହାର ପ୍ରତିବଦଳରେ ଲୋକଙ୍କୁ ମାସକୁ ଶହେ ଟଙ୍କା ଦେବାକୁ ପଡ଼ିଥାଏ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଗୋଟିଏ ମାସ ପାଇଁ ଲଣ୍ଠନ ଜଳାଇ ପୁଣି ସକାଳେ ଗ୍ରାମବାସୀ ଫେରାଇ ଦିଅନ୍ତି ବୋଲି ଭାନୁପ୍ରତାପ କହିଛନ୍ତି।



# ସନ୍ଧ୍ୟାରୁ ହିଁ ଡିନର ଶେଷ କରେ

**‘ଭୈରବ’ ଚଳଚ୍ଚିତ୍ରରୁ ଓଡ଼ିଆ ସିନେମା କ୍ୟାରିୟର ଆରମ୍ଭ କରିଥିଲେ ଆହାନା। ତା’ପରେ ‘ବ୍ଲାକ୍‌ମେଲ୍’ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ନିଜକୁ ଫିଟ୍ ରଖିବା ପଛରେ କି ରହସ୍ୟ ରହିଛି ସେ ବିଷୟରେ ଆହାନା କହନ୍ତି...**



ଆହାନା

ଆଜିକାଲିର ବ୍ୟସ୍ତ ଜୀବନଶୈଳୀରେ ଆମକୁ ଫିଟ୍‌ନେସ୍ ପ୍ରତି ସତର୍କ ରହିବାକୁ ପଡୁଛି। ବିଶେଷଭାବରେ ସେଲିବ୍ରିଟିମାନେ ଏଥିପ୍ରତି ଅଧିକ ନଜର ଦେଇଥାଆନ୍ତି। ଆଉ ଏହି ତାଲିକାରୁ ନିଜକୁ ଓଡ଼ିଆ ସିନେମା ନାୟିକା ଦୌଡ଼ରେ ସାମିଲ କରିଥିବା ଆହାନା ବାଦ୍ ପଡ଼ନ୍ତେ କିପରି? କିପରି ଆରମ୍ଭ ହୁଏ ତାଙ୍କ ପ୍ରତିଦିନର ସକାଳ, ଲଞ୍ଚ୍ ହେଉ କି ଡିନର, ସେଥିରେ ସେ କ’ଣ ଖାଆନ୍ତି–ଏଭଳି ପ୍ରଶ୍ନର ଉତ୍ତରରେ ସେ କହନ୍ତି, ‘ସକାଳୁ ଉଠିବା ପରେ ମୁଁ ଅଧଘଣ୍ଟା ଜଗିଂ କରେ। ଜଗିଂରୁ ଫେରିବା ପରେ ଜୁସ୍ ପିଏ। ତା’ପରେ ରୁଟି, ସନ୍ତୁଳା ଖାଏ। ଯେହେତୁ ଡାଏଟିଂ କରୁଛି ତେଣୁ ଭାତ ଆଦୌ ଖାଏନା। ଖରାବେଳେ ରୁଟି। ପ୍ରତିଦିନ ଡିନର ମୁଁ ସନ୍ଧ୍ୟାରୁ ହିଁ ଶେଷ କରିଦିଏ। ଆଉ ରାତିରେ କେବଳ ଏକ ଗ୍ଲାସ୍ ପାଣି। ବାସ୍, ଇଏ ହେଉଛି ମୋ ଡେଲି ରୁଟିନ୍। ଗତ କିଛିବର୍ଷ ଧରି ଏହାକୁ ମୁଁ ଫଲୋ କରୁଛି।’

କ୍ଷୁଦ୍ର ଚଳଚ୍ଚିତ୍ର

# ଲକ୍‌ଡାଉନ୍‌ର ଲକି



ସୂର୍ଯ୍ୟ

ପରିବାର ପ୍ରତିପୋଷଣ ପାଇଁ ବାହାରେ ଚାକିରି କରେ ଲକି। ହେଲେ କରୋନା ମହାମାରୀ ଯୋଗୁ ଚାକିରିରୁ ଛଟେଇ ହୋଇ ସେ ଗାଁକୁ ଫେରିଆସେ। ଏପରି କି ପାଖରେ ଅର୍ଥ ଅଭାବରୁ ସେ ଚାଲି ଚାଲି ଆସି ଗାଁରେ ପହଞ୍ଚେ। ହେଲେ ଏଠାକାର ପରିସ୍ଥିତି ତାକୁ ବିବ୍ରତ କରିଦିଏ। ନିଜ ଗାଁର ସାଙ୍ଗମାନେ କଳା ଧନ୍ଦାରେ ବ୍ୟସ୍ତ ଜାଣିବା ପରେ ସେ ଯେମିତି ଏକୁଟିଆ ହୋଇଯାଏ। ସେପଟେ ପ୍ରେମିକ ଲକିକୁ ଖୋଜି ଖୋଜି ଆସି ସେଠାରେ ପହଞ୍ଚେ ତାହାର ପ୍ରେମିକା ସୋମା। ତେବେ ଏପରି ପରିସ୍ଥିତିରେ ଲକି କି ନିଷ୍ପତ୍ତି ନିଏ। ଗୋଟିଏ ପଟରେ କିଛି ରୋଜଗାର କରିବାର ଆଶା ଏବଂ ଅନ୍ୟପଟରେ ପ୍ରେମିକା। ଶେଷରେ ଲକି ଚାକିରି କରୁଛି ନା ପ୍ରେମିକାକୁ ବିବାହ କରି ଘରସଂସାର କରୁଛି ଅଥବା ନିଜ ସାଙ୍ଗମାନଙ୍କର କଳା ଧନ୍ଦାରେ ନିଜକୁ ସାମିଲ କରୁଛି–ଏମିତି ଅନେକ ଅସମାହିତ ପ୍ରଶ୍ନର ଉତ୍ତର ରହିଛି ନିର୍ମାଣାଧୀନ ଓଡ଼ିଆ କ୍ଷୁଦ୍ର ଚଳଚ୍ଚିତ୍ର ‘ଲକ୍‌ଡାଉନ୍‌ର ଲକି’ରେ। ସ୍ମାର୍ଟ ଗ୍ରୁପ୍ ବ୍ୟାନରରେ ଫିଲ୍ମଟିର ପ୍ରଯୋଜନା କରିଛନ୍ତି ସୂର୍ଯ୍ୟନାରାୟଣ ଦୋରା। କାହାଣୀ, ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ସାତ୍ତ୍ୱିକ ରାଜା। ମହେନ୍ଦ୍ର ମହାନ୍ତି ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। କ୍ୟାମେରା ଦାୟିତ୍ୱରେ ଅଛନ୍ତି ପ୍ରତ୍ୟୁଷ ଏବଂ ରାଜେନ୍ଦ୍ର। ଏହାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ସୂର୍ଯ୍ୟ, ରିକିତା, ଶ୍ରୀ, ଟିକି, ମାନସ ଓ ରାଜେଶ। ଫିଲ୍ମଟି ସବୁ ଦୃଷ୍ଟିରୁ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରଖିଛନ୍ତି ପ୍ରଯୋଜକ।

ଛୋଟ ପରଦା

# ମାୟା



ପୁରାଣରେ ବର୍ଣ୍ଣିତ ନାଗକନ୍ୟା ପଛରେ ରହିଛି ଅନେକ ରୋମାଞ୍ଚକର କାହାଣୀ। ସେପରି ଏକ ଭିନ୍ନ କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ମେଗା ଧାରାବାହିକ ‘ମାୟା’। ସେହି ନାଗକନ୍ୟା ପଛରେ କି ପ୍ରକାର ରହସ୍ୟ ରହିଛି ତାହାକୁ ଆଧାର କରି ଧାରାବାହିକଟି ଗତିଶୀଳ। ରତି ରଞ୍ଜନ ଗଡନାୟକଙ୍କ ପ୍ରଯୋଜିତ ଏବଂ ସୁବ୍ରତ ନାୟକଙ୍କ ଅନ୍‌ଲାଇନ୍ ପ୍ରଯୋଜନାରେ ପ୍ରସ୍ତୁତ ଏହି ଧାରାବାହିକର ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି ‘ଦୁର୍ଗା’ ଫେମ୍ ମହେଶ ହାଜରା। ନିକଟରେ ଉକ୍ତ ଧାରାବାହିକର ୧୦୦ ଏପିସୋଡ ପ୍ରସାରିତ ହୋଇସାରିଛି। ଏ ସମ୍ପର୍କରେ ନିର୍ଦ୍ଦେଶକ ମହେଶ କହନ୍ତି, ‘ଏହାର କାହାଣୀ ଯେଉଁ ଚରିତ୍ରମାନଙ୍କ ଉପରେ ଗତିଶୀଳ ସେମାନଙ୍କୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି, ଯେଉଁଥିପାଇଁ ଧାରାବାହିକଟି ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି।’ ତରଙ୍ଗ ଚ୍ୟାନେଲରେ ସନ୍ଧ୍ୟା ୭–୭.୩୦ ପର୍ଯ୍ୟନ୍ତ (ସୋମବାର–ଶୁକ୍ରବାର) ପ୍ରସାରିତ ହେଉଥିବା ଏହି ଧାରାବାହିକର ବିଭିନ୍ନ ଭୂମିକାରେ ନବାଗତ ମାନସ, ଜସ୍ମିନ୍, ଅଖିଳ ପଟ୍ଟନାୟକ, ମମତା ନନ୍ଦ, ଅମ୍ବିକା ଅଭିନୟ କରୁଛନ୍ତି।



# ଦୋଛକିରେ ସୋନୁ

କରୋନା ମହାମାରୀ ସମୟରେ ସମାଜସେବା କରି ରାତାରାତି ଚର୍ଚ୍ଚିତ ହୋଇଛନ୍ତି ସୋନୁ ସୁଦ୍। ନିକଟରେ ଆଉ ଏକ କଥା ପାଇଁ ସେ ଆଲୋଚନାର ଶିରୋନାମା ପାଲଟିଛନ୍ତି। ତାହା କ’ଣ ଜାଣନ୍ତି ? ଲକ୍‌ଡାଉନ୍ ସମୟରେ ସୋନୁ ବେଶ୍ ସାହସର ପରିଚୟ ଦେଇ ଅସୁବିଧାରେ ପଡିଥିବା ଲୋକମାନଙ୍କୁ ସାହାଯ୍ୟ କରିଥିଲେ। ଏପରି ଅନେକ ପ୍ରବାସୀ ଶ୍ରମିକଙ୍କୁ ସେମାନଙ୍କ ରାଜ୍ୟକୁ ନିଜ ଖର୍ଚ୍ଚରେ ପଠାଇଥିଲେ। ତାଙ୍କର ଏପରି ସାହସୀ ତଥା ପ୍ରଶଂସନୀୟ କାମକୁ ସିନେମାର ରୂପ ଦେବାକୁ କେତେକ ପ୍ରଯୋଜକ ଅଣ୍ଟା ଭିଡିଛନ୍ତି। ଏ ନେଇ ମଧ୍ୟ କେତେକେ ସୋନୁଙ୍କୁ ନିଜେ ଏଥିରେ ଅଭିନୟ କରିବାକୁ ପ୍ରପୋଜାଲ ଦେଇଛନ୍ତି। ହେଲେ ସେପଟେ ସୋନୁ ଏହାକୁ ନେଇ ଦୋଛକିରେ ପଡ଼ିଯାଇଛନ୍ତି। ସେ କହନ୍ତି, ‘ବର୍ତ୍ତମାନ ଏପରି ସିନେମା ନିର୍ମାଣ କରିବାର ଉପଯୁକ୍ତ ସମୟ ନୁହେଁ। କାରଣ ଲୋକମାନଙ୍କ ପାଇଁ ମୋର ଆହୁରି ଅନେକ କିଛି କରିବାର ଅଛି। ତେଣୁ ଏ ନେଇ ମୁଁ କେବେ ତରବର ହୋଇ ନିଷ୍ପତ୍ତି ନେବି ନାହିଁ।’ ତେବେ ନିଜର ଏପରି ସାହସୀ କାମକୁ ନେଇ ସୋନୁ କେବେ ବଡ଼ ପରଦାରେ ଉଭା ହେବେ ତାହା ଦେଖିବାକୁ ବାକି ରହିଲା।

# ଏଥର ଆଦିପୁରୁଷ

‘ବାହୁବଳୀ’ଫେମ୍ ପ୍ରଭାସଙ୍କୁ ଦର୍ଶକ ପୁଣି ଥରେ ଆକ୍ସନ ମୁଡ୍‌ରେ ଦେଖିବାକୁ ପାଇବେ। ଏକ ଥ୍ରୀଲର ତଥା ଆକ୍ସନଭିତ୍ତିକ କାହାଣୀକୁ ନେଇ ପ୍ରସ୍ତୁତ ହେଉଛି ନୂଆ ହିନ୍ଦୀ ସିନେମା ‘ଆଦିପୁରୁଷ’। ଖାସ୍ କଥା ହେଲା, ଏପରି ଏକ ହାଇ ବଜେଟ ଫିଲ୍ମର ନାୟକ ଭୂମିକାରେ ଅଭିନୟ କରିବେ ପ୍ରଭାସ। ଯେତେବେଳେ ତାଙ୍କୁ ଏ ନେଇ ଯୋଗାଯୋଗ କରାଗଲା ସେତେବେଳେ ସେ ଅଫରଟିକୁ ଗ୍ରହଣ କରିଥିଲେ। ପୁଣି ପ୍ରଯୋଜକ ଭୂଷଣ କୁମାର ଚାହୁଁଥିଲେ ଯେ, ଯେମିତି ହେଉନା କାହିଁକି ପ୍ରଭାସ ହିଁ ତାଙ୍କ ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଯାହାହେଉ ତାଙ୍କର ଆଶା ମଧ୍ୟ ପୂରଣ ହୋଇଛି। ଏ ସମ୍ପର୍କରେ ପ୍ରଭାସ କହନ୍ତି, ‘ଫିଲ୍ମର କାହାଣୀ ଶୁଣିବା ପରେ ମୁଁ ବେଶ୍ ଉତ୍ସାହିତ ହୋଇପଡିଥିଲି। ତେଣୁ ଏପରି ଏକ ସୁବର୍ଣ୍ଣ ସୁଯୋଗକୁ ମୁଁ ଆଦୌ ହାତଛଡା କରିବାକୁ ଚାହୁଁ ନ ଥିଲି।’ ଫିଲ୍ମଟି ଉଭୟ ହିନ୍ଦୀ ଏବଂ ତେଲୁଗୁ ଭାଷାରେ ନିର୍ମିତ ହେବ ଏବଂ ତାମିଲ, ମାଲାୟାଲମ, କନ୍ନଡ ଏବଂ ଆଉ କେତୋଟି ପ୍ରାନ୍ତୀୟ ଭାଷାରେ ଏହାର ଡବିଂ କରାଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଫିଲ୍ମଟିର ନିର୍ଦ୍ଦେଶନା ଦେବେ ଓମ୍ ରାଓ୍ୱତ। ବର୍ତ୍ତମାନ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି ଏବଂ ଆସନ୍ତାବର୍ଷ ଶୁଟିଂ ହେବ। ଏହା ୨୦୨୨ରେ ପରଦା ଉପରକୁ ଆସିବ। ଏହି ଚଳଚ୍ଚିତ୍ରରେ ବଲିଉଡ୍‌ର ନାମୀ କଳାକାର ମଧ୍ୟ ଅଭିନୟ କରିବାର ଯୋଜନା ରହିଛି।



ପ୍ରଭାସ



କରୀନା

# ବଲିଉଡ ହାଲ୍‌ଚାଲ୍

–ଆଦିତ୍ୟ ଚୋପ୍ରାଙ୍କ ଆଗାମୀ ଫିଲ୍ମର ନାୟକ ସାଜିବେ ଶାହରୁଖ ଖାଁ। ଫିଲ୍ମର ଟାଇଟଲ ଘୋଷଣା କରାଯାଇ ନ ଥିବା ବେଳେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି।

–କୁଶନ ନନ୍ଦୀଙ୍କ ରୋମାଣ୍ଟିକ-କମେଡି ସିନେମା ‘ଜୋଗିରା ସାରା ରା ରା’ର ମୁଖ୍ୟ ଭୂମିକାରେ ଅଭିନୟ କରିବେ ନୱାଜଉଦ୍ଦିନ ସିଦ୍ଦିକ ଏବଂ ତାଙ୍କ ସହ ଫିମେଲ ଲିଡ୍‌ରେ ରହିବେ ନେହା ଶର୍ମା।

–ଆମୀର ଖାଁଙ୍କ ପ୍ରଯୋଜିତ ‘ଲାଲ୍ ସିଂ ଚଡ୍ଢା’ର ଶୁଟିଂ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଆମୀର ଏବେ ତୁର୍କୀରେ ଅଛନ୍ତି। ଆସନ୍ତାବର୍ଷ ଡିସେମ୍ବର ୨୫ରେ ଫିଲ୍ମଟି ରିଲିଜ ହେବ। ଏଥିରେ ଆମୀର ମୁଖ୍ୟ ଟାଇଟଲ ଭୂମିକାରେ ଅଭିନୟ କରିଥିବା ବେଳେ ତାଙ୍କ ସହ ଅଛନ୍ତି କରୀନା କପୁର।

–ଯଶରାଜ ଫିଲ୍ମସ ତାହାର ୫୦ତମ ଚଳଚ୍ଚିତ୍ର ପାଇଁ ପ୍ରସ୍ତୁତିରେ ଲାଗିପଡିଛି। ଏହି ସିନେମାର ନାୟକ ସାଜିବେ ‘ଉରି’ ଫେମ୍ ଭିକି କୌଶଲ ଏବଂ ନାୟିକା ଭୂମିକାରେ ଅଭିନୟ କରିବେ ୨୦୧୭ରେ ମିସ୍ ୱାର୍ଲ୍ଡ ଟାଇଟଲ ଜିତିଥିବା ମାନୁଷୀ ଛିଲ୍ଲାର। ଫିଲ୍ମଟି କମେଡି କାହାଣୀକୁ ନେଇ ନିର୍ମିତ ହେବ।

–ଅମିତାଭ ବଚ୍ଚନଙ୍କ ଅଭିନୀତ ‘ଅଗ୍ନିପଥ’ ଏବଂ ‘ଡନ୍’ ପରେ ଆଉ ଏକ ସିନେମାର ରିମେକ ହେବାକୁ ଯାଉଛି। ତାହା ହେଲା ‘ଶକ୍ତି’। ଫିଲ୍ମଟିର ନିର୍ଦ୍ଦେଶନା ଦେବେ ‘ଟୟଲେଟ୍ : ଏକ ପ୍ରେମ କଥା’ର ନିର୍ଦ୍ଦେଶକ ଶ୍ରୀ ନାରାୟଣ ସିଂ। ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ସୂଚନାଯୋଗ୍ୟ ୧୯୮୨ରେ ରିଲିଜ ହୋଇଥିବା ସୁପରହିଟ୍ ଫିଲ୍ମ ‘ଶକ୍ତି’ର ନିର୍ଦ୍ଦେଶନା ଦେଇଥିଲେ ରମେଶ ସିପ୍ପୀ। ଏଥିରେ ଅମିତାଭଙ୍କ ବ୍ୟତୀତ ଦିଲୀପ କୁମାର, ସ୍ମିତା ପାଟିଲ, ରାକ୍ଷୀ ଗୁଲଜାର ଏବଂ ଅମରିଶ ପୁରୀ ଅଭିନୟ କରିଥିଲେ।

–ଇଷାନ ଖଟ୍ଟର ଏବଂ ଅନନ୍ୟା ପାଣ୍ଡେ ଅଭିନୀତ ‘ଖାଲି ପିଲି’ ଓଟିଟି ଫର୍ମାଟରେ ରିଲିଜ କରିବାକୁ ପ୍ରଯୋଜନା ସଂସ୍ଥା ଯୋଜନା କରୁଛି।

# ଅତୀତରୁ..

➤୧୯୮୪ ମସିହାରେ ମୁକ୍ତିଲାଭ କରିଥିଲା ଓଡ଼ିଆ ସିନେମା ‘ଜନନୀ’। ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ମହମ୍ମଦ ମହସୀନ। ଉତ୍ତମ ମହାନ୍ତି, ଅପରାଜିତା, ଅନୀତା ଦାସ, ବନଜା ମହାନ୍ତି ଏବଂ ଅଜିତ ଦାସ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

➤ଓଡ଼ିଆ ଚଳଚ୍ଚିତ୍ର ‘ମୁଁ ତୁମେ ଓ ସେ’ର ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିଥିଲା ଅଜିତ ଦାସ, ଶ୍ରୀରାମ ପଣ୍ଡା, ସୁଜାତା ଆନନ୍ଦ ଏବଂ ଜୟାଙ୍କୁ। ଅଭିଯାତ୍ରିକ ପ୍ରଡକ୍ସନ, କଟକ ବ୍ୟାନରରେ ଏହାର ପ୍ରଯୋଜନା କରିଥିଲେ ଜୟନ୍ତ କୁମାର। ଫିଲ୍ମଟିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଥିଲେ ପ୍ରଫୁଲ୍ଲ କର। ଚିତ୍ରଟି ୧୯୮୫ରେ ପରଦା ଉପରକୁ ଆସିଥିଲା।

➤ତୋଫାନ ତ୍ରିପାଠୀଙ୍କ ପ୍ରଯୋଜନାରେ ନିର୍ମିତ ହୋଇଥିଲା ଓଡ଼ିଆ ସିନେମା ‘ଅଶାନ୍ତ ଗ୍ରହ’। ସମଲେଶ୍ୱରୀ ଫିଲ୍ମସ, ସମ୍ବଲପୁର ବ୍ୟାନରରେ ଉକ୍ତ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ ଶରତ ପୂଜାରୀ। ଶରତ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଏବଂ ତାଙ୍କ ସହ ଉତ୍ତମ ମହାନ୍ତି, ମହାଶ୍ୱେତା ରାୟଙ୍କୁ ଅନ୍ୟାନ୍ୟ ଭୂମିକାରେ ଦେଖିବାକୁ ମିଳିଥିଲା। ଗୀତଗୁଡିକୁ ସ୍ୱର ଦେଇଥିଲେ ଅକ୍ଷୟ ମହାନ୍ତି।

➤ଶିଶିର ମିଶ୍ରଙ୍କ ନିର୍ଦ୍ଦେଶିତ ‘ସୁନା ସଂସାର’ ଚଳଚ୍ଚିତ୍ରର ନାୟକ ସାଜିଥିଲେ ସେ ସମୟର ଅନ୍ୟତମ ଲୋକପ୍ରିୟ ଅଭିନେତା ସାମୁଏଲ ସାହୁ (ବାବି)। ତାଙ୍କ ବ୍ୟତୀତ ସୁଜାତା ଆନନ୍ଦ, ନୀହାରିକା, ଦୀପା ସାହୁ ଏବଂ ଆଦିତ୍ୟ ମିଶ୍ର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଗୁରୁବାର, ଅଗଷ୍ଟ ୨୦/୨୦୨୦ Berhampur, Thursday, August 20/2020

# ନଦୀ ବାଲିରେ ଦୌଡ଼, କିଲାପଡ଼ିଆରେ ୱାର୍ମଅପ



ଶାରୀରିକ ଅଭ୍ୟାସ ଅବସରରେ (ବାମରୁ) ରାଜଶ୍ରୀ ସ୍ୱାଇଁ, ଭବାନୀ ଧଡ଼ା, ଶୁଭ୍ର ନିର୍ଝରିଣୀ ଓ ଶିଳ୍ପା ସ୍ୱାଇଁ।

**କଟକ ଅଫିସ,୧୯।୮**

ଖେଳ ପଡ଼ିଆରେ ବି କରୋନା କଟକଣା ଲାଗିଛି। ଗତ ମାର୍ଚ୍ଚ ୨୨ରୁ ଏ ପର୍ଯ୍ୟନ୍ତ ଖେଳାଳିମାନେ ପଡ଼ିଆକୁ ଓହ୍ଲାଇ ନାହାନ୍ତି। ଅଭ୍ୟାସ ବନ୍ଦ ଯୋଗୁଁ ସେମାନଙ୍କ ଫିଟନେସ ଉପରେ ପ୍ରଭାବ ପଡୁଛି। ଏଭଳି ସ୍ଥିତିରେ ରାଜ୍ୟର ୪ମହିଳା କ୍ରିକେଟ ଖେଳାଳି ଫିଟ୍ ରହିବା ପାଇଁ ଚଳାଇଛନ୍ତି ଅହରହ ପ୍ରୟାସ। ମହାନଦୀ ବାଲିରେ ଦୌଡ଼ିବା ହେଉ କି କିଲାପଡ଼ିଆରେ ୱାର୍ମଅପ୍। ପ୍ରତ୍ୟେକଦିନ ଏମାନଙ୍କୁ ଷ୍ଟାଡିୟମ ଆଖପାଖ ଅଞ୍ଚଳରେ ଦେଖିବାକୁ ମିଳୁଛି। ଏହି ଖେଳାଳିମାନେ ହେଲେ ୧୯ବର୍ଷରୁ କମ ମହିଳା ଦଳର ଅଧିନାୟିକା ଶୁଭ୍ର ନିର୍ଝରିଣୀ ସ୍ୱାଇଁ, ରାଜ୍ୟ ସିନିୟର ଦଳର ଉଇକେଟ କିପର ଓ ଓପନର ବ୍ୟାଟ୍ସୱମ୍ୟାନ ଶିଳ୍ପା ସ୍ୱାଇଁ, ଅଫସ୍ପିନର ରାଜଶ୍ରୀ ସ୍ୱାଇଁ ଓ ୧୯ବର୍ଷରୁ କମ୍ ଦଳର ଲେଗସ୍ପିନର ଭବାନୀ ଧଡ଼ା। ନିଜକୁ ଫିଟ୍ ରଖିବା ସହ କ୍ୟାରିୟରକୁ ନେଇ ଦେଖିଥିବା ସ୍ୱପ୍ନ ପୂରଣ ପାଇଁ ଚିନ୍ତିତ ବୋଲି ଏହି ୪ ପ୍ରତିଭାବାନ ଖେଳାଳି କହିଛନ୍ତି।

ଶୁଭ୍ର ନିର୍ଝରିଣୀଙ୍କ ଘର ସିଡ଼ିଏ ଅଞ୍ଚଳରେ ହୋଇଥିବା ବେଳେ ଅନ୍ୟ ୩ଜଣ ମଙ୍ଗଳାବାଗ ଅଞ୍ଚଳରେ ରୁହନ୍ତି। ଲକଡାଉନ ଘୋଷଣା ହେବା ପରେ ପ୍ରଥମ କିଛି ଦିନ ଅଭ୍ୟାସ ବନ୍ଦ ରହିଥିଲା। ପରିସ୍ଥିତି ସ୍ୱାଭାବିକ ହେବା ସହ କଟକଣା କୋହଳ ହୋଇଯିବ ବୋଲି ଆଶା କରିଥିଲେ ଏହି ଖେଳାଳିମାନେ। ହେଲେ ଦିନକୁ ଦିନ କଟକଣା କଡ଼ାକଡ଼ି ହେବା ଯୋଗୁ ଏମାନେ ନିଜ ଘରେ ଶାରୀରିକ ଅଭ୍ୟାସ ଆରମ୍ଭ କରିଥିଲେ। ଛାତ ଉପରେ ନିଜ ପ୍ରଚେଷ୍ଟାରେ ଫିଟନେସ ପାଇଁ ଉଦ୍ୟମ ଚଳାଇଥିଲେ। ପରେ ଫୋନ ଯୋଗେ କଥାବାର୍ତ୍ତା ହୋଇ ୪ଜଣଯାକ ମିଶି ଅଭ୍ୟାସକୁ ଓହ୍ଲାଇବେ ବୋଲି ସ୍ଥିର କରିଥିଲେ। ୪ଜଣ ଯାକ ସାଇକେଲ ଯୋଗେ ଆସି ତଳ ବାଲିଯାତ୍ରା ପଡ଼ିଆ ନିକଟରେ ଏକତ୍ର ହୁଅନ୍ତି। ପରେ ନଦୀ ବାଲିରେ ଦୌଡ଼ିବା ସହ କିଲାପଡ଼ିଆରେ ଘଣ୍ଟାଘଣ୍ଟା ଧରି ୱାର୍ମଅପ କରୁଥିବା ଦେଖିବାକୁ ମିଳେ। ଗତ ୩ ମାସ ହେବ ଏମାନେ ନଦୀବାଲି ଓ କିଲା ପଡ଼ିଆରେ ଅଭ୍ୟାସ କରୁଛନ୍ତି। ଏବେ କିଛି ଦିନ ହେବ ଅଳ୍ପବହୁତେ କ୍ରିକେଟ ଅଭ୍ୟାସ କରୁଥିବା ଦେଖିବାକୁ ମିଳୁଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଦ୍ୱାରା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି) କାର୍ଯ୍ୟକାରୀ ନ ହେବା ପର୍ଯ୍ୟନ୍ତ ଏମାନେ କ୍ରିକେଟ ଏକାଡେମୀ କିମ୍ବା ଷ୍ଟାଡିୟମ ଭିତରେ ପ୍ରବେଶ କରି ପାରିବେ ନାହିଁ। ନିଜ ଭବିଷ୍ୟତକୁ ନଜରରେ ରଖି ପରିଶ୍ରମ କରୁଛୁ ବୋଲି ଏହି ୪ ଖେଳାଳି କହିଥିଲେ।

ବାପା ସୁଧାଂଶୁ ମୋହନ ସ୍ୱାଇଁ ମା'

### ଫିଟ୍‌ନେସ ଚିନ୍ତାରେ କ୍ରିକେଟ ପ୍ରତିଭା

ରଶ୍ମିତା ସ୍ୱାଇଁଙ୍କ ଝିଅ ଶୁଭ୍ର ରାଜ୍ୟ ୧୯ବର୍ଷରୁ କମ୍ ଦଳର ଜଣେ ପ୍ରତିଭାବାନ ଖେଳାଳି। ଡାହାଣହାତୀ ବ୍ୟାଟ୍ସୱମ୍ୟାନ ଓ ମିଡ଼ିୟମ ପେସବୋଲର ଶୁଭ୍ର ୧୯ବର୍ଷରୁ କମ୍ ଦଳର ଅଧିନାୟିକା ରହିବା ପରେ ୨୩ବର୍ଷରୁ କମ୍ ଦଳର ଉପଅଧିନାୟିକା ଅଛନ୍ତି। ସେହିପରି ଯତୀନ କୁମାର ସ୍ୱାଇଁ ଓ ରଞ୍ଜୁବାଳା ସ୍ୱାଇଁଙ୍କ ଝିଅ ଶିଳ୍ପା ଉଇକେଟ କିପର ଓ ଓପନର ଭାବେ ରାଜ୍ୟ ସିନିୟର ଦଳରୁ ପ୍ରତିନିଧିତ୍ୱ କରନ୍ତି। ଗୁଣନିଧି ସ୍ୱାଇଁ ଓ ସଂଯୁକ୍ତା ସ୍ୱାଇଁଙ୍କ ଝିଅ ରାଜଶ୍ରୀ ଅଲରାଉଣ୍ଡର ଭାବେ ସିନିୟର ଦଳରେ ଖେଳିଥାନ୍ତି। ଅଫସ୍ପିନ ଓ ବ୍ୟାଟିଂରେ ରାଜଶ୍ରୀଙ୍କର ଦକ୍ଷତା ରହିଛି। ଭବାନୀ ଜଣେ ନବାଗତ ଚେହେରା। ବଳରାମ ଧଡ଼ା ଓ ବାସନ୍ତୀ ଧଡ଼ାଙ୍କ ଝିଅ ଭବାନୀ ଗତ ୩ବର୍ଷ ହେବ କ୍ରିକେଟ ଖେଳୁଛନ୍ତି। ଲେଗସ୍ପିନ ବୋଲିଂ କରୁଥିବା ଭବାନୀ ରାଜ୍ୟ ପକ୍ଷରୁ ୧୯ବର୍ଷରୁ କମ୍ ଦଳରେ ସାମିଲ ହୋଇଥିଲେ।

# କୋଏମ୍ୟାନ ବାର୍ସିଲୋନାର ନୂଆ କୋଚ୍

**ବାର୍ସିଲୋନା, ୧୯।୮(ଏପି)**

ନେଦରଲାଣ୍ଡର ରୋନାଲ୍ଡ କୋଏମ୍ୟାନ ବାର୍ସିଲୋନାର ନୂଆ କୋଚ୍ ନିଯୁକ୍ତ ହୋଇଛନ୍ତି। ବୁଧବାର ଏହା କ୍ଲବ ପକ୍ଷରୁ ବିଧିବଦ୍ଧଭାବେ ଘୋଷଣା କରାଯାଇଛି। ଚାମ୍ପିୟନ୍ସ ଲିଗ୍‌ର କ୍ୱାର୍ଟର ଫାଇନାଲରେ ବେୟରନ ମ୍ୟୁନିଚ୍‌ଠାରୁ ୨-୮ ଗୋଲରେ ଲଜ୍ଜାଜନକ ପରାଜୟର ୫ ଦିନ ପରେ ବାର୍ସିଲୋନା ଏହାର ନୂଆ କୋଚ୍ ପାଇଛି। ପୂର୍ବତନ ଡିଫେଣ୍ଡର କୋଏମ୍ୟାନଙ୍କ ସହ ବାର୍ସିଲୋନା ୨୦୨୨ ଜୁନ୍ ପର୍ଯ୍ୟନ୍ତ ଚୁକ୍ତି କରିଛି। ବିଦାୟୀ କୋଚ୍ ଫ୍ରେଡ୍ କ୍ୱିକ୍ ଷ୍ଟେଇନ୍‌ଙ୍କ ସ୍ଥାନରେ କୋଏମ୍ୟାନଙ୍କୁ ଏହି ନିଯୁକ୍ତି ମିଳିଛି। ଗତ ଜାନୁୟାରୀରେ ଏର୍ନାଷ୍ଟୋ



ରୋନାଲ୍ଡ କୋଏମ୍ୟାନ

ଭାଲଭେର୍ଡଙ୍କ ସ୍ଥାନରେ କୋଚ୍ ହୋଇଥିବା ଷ୍ଟେଇନଙ୍କ କାର୍ଯ୍ୟକାଳ ମାତ୍ର ୨୫ ମ୍ୟାଚରେ ସୀମିତ ରହିଥିଲା। କୋଏମ୍ୟାନଙ୍କର ୨୦ ବର୍ଷ ଧରି ମ୍ୟାନେଜର ରହିବା ଏବଂ ୮ ଟ୍ରଫି ଜିତିବାର ଅଭିଜ୍ଞତା ରହିଛି। ଡଚ୍ ନ୍ୟାଶନାଲ ଟିମ୍‌କୁ ସେ ୨୦୧୮ ପର୍ଯ୍ୟନ୍ତ କୋଚିଂ ଦେଇଥିଲେ। ପୂର୍ବରୁ ସେ ସ୍ୱାଶିସ୍ ଲିଗ୍, ଡଚ୍ ଲିଗ୍ ଏବଂ ପର୍ତ୍ତୁଗୀଜ୍ ଲିଗ୍‌ରେ କୋଚ୍ ଦାୟିତ୍ୱ ତୁଲାଇଥିଲେ। ୫୭ ବର୍ଷୀୟ କୋଏମ୍ୟାନ ପୂର୍ବରୁ ୧୯୯୦ ଶେଷଭାଗରେ ବାର୍ସିଲୋନାର ସହକାରୀ କୋଚ୍ ଥିଲେ। ଜଣେ ଖେଳାଳିଭାବେ ସେ ବାର୍ସିଲୋନାକୁ ଏହାର ପ୍ରଥମ ୟୁରୋପିଆନ ଟାଇଟଲ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଦୁଇ ଦଶନ୍ଧୀ ପୂର୍ବରୁ ଅନୁଷ୍ଠିତ ଫାଇନାଲରେ ତାଙ୍କ ଅତିରିକ୍ତ ସମୟ ଗୋଲ ବଳରେ ବାର୍ସିଲୋନା ପ୍ରତିପକ୍ଷ ସାମ୍ପଡୋରିଆକୁ ପରାସ୍ତ କରିଥିଲା।




## ପୂର୍ବତନ କ୍ରିକେଟର କସ୍ତୁରିରଙ୍ଗନଙ୍କ ପରଲୋକ

**ବେଙ୍ଗାଲୁରୁ, ୧୯।୮ (ପି.ଟି.):** ଭେଟେରାନ କ୍ରିକେଟର ଗୋପାଳସ୍ୱାମୀ କସ୍ତୁରିରଙ୍ଗନଙ୍କର ବୁଧବାର ହୃଦ୍‌ଘାତରେ ପରଲୋକ ଘଟିଛି। ୮୯ ବର୍ଷୀୟ କସ୍ତୁରିରଙ୍ଗନ ଜଣେ ପୂର୍ବତନ କ୍ରିକେଟର, ପ୍ରଶାସକ ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରଶାସକ ଥିଲେ। ସେ କ୍ୟାରିୟରର ଅଧିକାଂଶ ରଣଜୀ ଟ୍ରଫି ମ୍ୟାଚ ମହୀଶୂର ପକ୍ଷରୁ ୧୯୪୮ରୁ ୧୯୬୩ ପର୍ଯ୍ୟନ୍ତ ଖେଳିଥିଲେ। ତାଙ୍କ ମୃତ୍ୟୁରେ ପୂର୍ବତନ କ୍ରିକେଟର ଅନୀଲ କୁମ୍ବଲେଙ୍କ ସମେତ ଅନେକ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। କର୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏଶନ ପକ୍ଷରୁ ମଧ୍ୟ ଶୋକ ପ୍ରକାଶ କରାଯାଇଛି।

# କାରିବିୟନ ପ୍ରିମିୟର ଲିଗ୍ ଆରମ୍ଭ

**ଟାରୌବା, ୧୯।୮**

କାରିବିୟନ ପ୍ରିମିୟର ଲିଗ୍(ସିପିଏଲ) ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ୨ଟି ମ୍ୟାଚରେ ତ୍ରିନବାଗୋ ନାଇଟ ରାଇଡର୍ସ ଓ ବାର୍ବାଡୋସ ଟ୍ରାଇଡେଣ୍ଟ୍ସ ବିଜୟ ହାସଲ କରିଛନ୍ତି। ୩୦ଟି ଲିଗ୍ ମ୍ୟାଚ ପରେ ଦୁଇ ସେମିଫାଇନାଲ ସେପ୍ଟେମ୍ବର ୮ ଓ ୯ ଏବଂ ଫାଇନାଲ ୧୦ ତାରିଖରେ ଅନୁଷ୍ଠିତ ହେବ।

ପ୍ରଥମ ମ୍ୟାଚରେ ତ୍ରିନବାଗୋ ୪ ଉଇକେଟରେ ଗୁୟାନା ଆମାଜନ ୱାରିୟର୍ସକୁ ପରାସ୍ତ କରିଛି। ବର୍ଷା ଯୋଗୁ ମ୍ୟାଚ ୧୭ ଓଭର ବିଶିଷ୍ଟ ହୋଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱାରିୟର୍ସ ୧୭ ଓଭରରେ ୫ ଉଇକେଟ ହରାଇ ୧୪୪ ରନ କରିଥିଲା। ଦଳ ପକ୍ଷରୁ ସିମରନ ହେଟମେର ସର୍ବାଧିକ ୬୩(୪୪ ବଲ, ୨ ଚୌକା, ୨ ଛକା) ରନ କରିଥିଲେ। ପ୍ରତିପକ୍ଷ ଦଳର ସୁନୀଲ ନାରିନ ୨ଟି ଉଇକେଟ ନେଇଥିଲେ। ଜବାବରେ ତ୍ରିନବାଗୋ ୧୬.୪ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଇନିଂସ ଓପନ କରିଥିବା ନାରିନ ୨୮ ବଲ୍‌ରୁ ୨ ଚୌକା ଓ ୪ ଛକା ସହାୟତାରେ ସର୍ବାଧିକ ୫୦ ଏବଂ ଡାରେନ ବ୍ରାଭୋ ୩୦(୨୭ ବଲ, ୨ ଛକା) ରନ କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ନାରିନ୍ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଦ୍ୱିତୀୟ ମ୍ୟାଚଟି ୨୦ ଓଭର ବିଶିଷ୍ଟ ହୋଇଥିଲା। ଏଥିରେ ବାର୍ବାଡୋସ ଟ୍ରାଇଡେଣ୍ଟ୍ସ ୬ ରନରେ ସେଣ୍ଟ କିଟ୍ସ ଆଣ୍ଡ ନେଭିସ ପାଟ୍ରିଅଟ୍ସକୁ ହରାଇ ଦେଇଥିଲା। ବାର୍ବାଡୋସ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୫୩ ରନ କରିଥିଲା। ଅଧିନାୟକ ଜାସନ ହୋଲ୍ଡର ସର୍ବାଧିକ ୩୮(୨୨ ବଲ, ୨ ଚୌକ, ୩ ଛକା), କାଏଲ ମେୟର୍ସ ୩୭(୨୦ ବଲ, ୨ ଚୌକା, ୩ ଛକା) ରନ କରିଥିଲେ। ବିପକ୍ଷ ଦଳର ସୋହେଲ ତନଭୀର, ରାୟାଡ ଏମ୍ରିଟ ଓ ଶେଲଡନ କଟ୍ରେଲ ୨ଟି ଲେଖାଏ ଏବଂ ଆଲଜାରି ଜୋଶେଫ ଓ ଇଶ୍ ସୋଧି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସେଣ୍ଟ କିଟ୍ସ ପୂରା ୨୦ ଓଭର ଖେଳିଥିଲେ ହେଁ ୫ ଉଇକେଟ ହରାଇ ୧୪୭ ରନ କରିବାକୁ ସକ୍ଷମ ହୋଇଥିଲା। ଜୋଶୁଆ ଡା ସିଲ୍‌ଭା ସର୍ବାଧିକ ୪୧(୪୧ ବଲ, ୩ ଚୌକା) ରନ କରି ଅପରାଜିତ ରହିଥିଲେ ହେଁ ଦଳକୁ ବିଜୟୀ କରିପାରି ନ ଥିଲେ। ବେନ୍ ଡୁଙ୍କ୍ ୩୪(୨୧ ବଲ, ୩ ଚୌକା, ୧ ଛକା) ରନ କରିଥିଲେ। ସାଣ୍ଟନର ଚମତ୍କାର ପ୍ରଦର୍ଶନ କରି ନିଜ ୪ ଓଭର ସ୍ପେଲରେ ଗୋଟିଏ ମେଡେନ ନେଇ ୧୮ ରନ ବିନିମୟରେ ୨ଟି ଉଇକେଟ ନେଇଥିଲେ। ତେଣୁ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ରଶିଦ ଖାଁ ୨୭ ରନ ଦେଇ ୨ଟି ଉଇକେଟ ନେଇଥିଲେ।

# ଡ୍ରିମ୍ ୧୧ର ୨୦୨୧, ୨୦୨୨ ବିଡ୍‌କୁ ବିସିସିଆଇର ପ୍ରତ୍ୟାଖାନ

**ନୂଆଦିଲ୍ଲୀ,୧୯।୮(ପି.ଟି.)**

୨୦୨୦ ପାଇଁ ଜଣାଶୁଣା ଫାଣ୍ଟାସୀ ଗେମିଂ ପ୍ଲାଟଫର୍ମ ଡ୍ରିମ୍ ୧୧ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଟାଇଟଲ ସ୍ପୋନ୍‌ସରଶିପ୍ ଅଧିକାର ହାସଲ କରିଛି। ଆଇପିଏଲ୍‌ର ୨୦୨୦ ସଂସ୍କରଣ ପାଇଁ ଡ୍ରିମ୍ ୧୧ ନୂଆ ଟାଇଟଲ ସ୍ପୋନସର ବୋଲି ଲିଗ୍ ଗଭର୍ଣ୍ଣିଂ କାଉନସିଲ ଘୋଷଣା କରିଛି ଓ ଏ ନେଇ ବୁଧବାର ବିସିସିଆଇ ତରଫରୁ କୁହାଯାଇଛି।

DREAM11

ତେବେ ବୋର୍ଡ ୨୦୨୧ ଓ ୨୦୨୨ ପାଇଁ ଡ୍ରିମ୍ ୧୧ର ବିଡ୍‌କୁ ପ୍ରତ୍ୟାଖ୍ୟାନ କରିଛି। ଅର୍ଥାତ ଆଗାମୀ ଦୁଇଟି ସେସନ ପାଇଁ ଏହି କମ୍ପାନୀ ବୋର୍ଡ ସହିତ ଜଡିତ ରହିବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଲୋ ବିଡ୍ ଆମାଉଣ୍ଟ ପାଇଁ ଡ୍ରିମ୍ ୧୧ର ସର୍ତ୍ତମୂଳକ ୩ ବର୍ଷିଆ ପ୍ରସ୍ତାବକୁ ବିସିସିଆଇ ଅଗ୍ରାହ୍ୟ କରିଛି। ମଙ୍ଗଳବାର ଡ୍ରିମ୍ ୧୧ ଏଜୁକେଶନାଲ ଟେକ୍ନୋଲୋଜି କମ୍ପାନୀ ବାଇଜୁ ଓ ଅନ୍‌ଏକାଡେମୀକୁ ପଛରେ ପକାଇ ୨୨୨ କୋଟି ଟଙ୍କାର ବିଡ୍ ସହିତ ୪ ମାସ ଓ ୧୩ ଦିନ ପାଇଁ ଟାଇଟଲ ରାଇଟ୍ ହାସଲ କରିଥିଲା। ଏହି କ୍ରମରେ ଚାଇନା ମୋବାଇଲ ଫୋନ୍ କମ୍ପାନୀ ଭିଭୋକୁ ହଟାଇ ରାଇଟ୍ ପାଇଥିଲା। ଯଦି ଟାଇଟଲ ସ୍ପୋନ୍‌ସର ଭାବେ ଭିଭୋ ପ୍ରତ୍ୟାବର୍ତ୍ତନ ନ କରେ ତେବେ ଡ୍ରିମ୍ ୧୧ ଦ୍ୱିତୀୟ ଓ ତୃତୀୟ ବର୍ଷ ପାଇଁ ୨୪୦ କୋଟି ଟଙ୍କା ଦେବାକୁ ପ୍ରସ୍ତାବ ଦେଇଥିଲା। ତେବେ ଏହାକୁ ବୋର୍ଡ ଗ୍ରହଣ କରିନାହିଁ। ଭାରତ ଓ ଚାଇନା ମଧ୍ୟରେ ଦେଖାଦେଇଥିବା ସୀମା ବିବାଦ ପାଇଁ ଭିଭୋ ବର୍ଷକୁ ୪୪୦ କୋଟି ଟଙ୍କା ପ୍ରଦାନ କରୁଥିଲେ ମଧ୍ୟ ଚୁକ୍ତିରୁ ଓହରିବାକୁ ବାଧ୍ୟ ହୋଇଥିଲା। ଆଗାମୀ ଦୁଇଟି ସେସନ ପାଇଁ ଡ୍ରିମ୍ ୧୧କୁ ଉପଯୁକ୍ତ ଭାବେ ପାଉଣା ବୃଦ୍ଧି କରିବାକୁ କୁହାଯାଇଥିଲା ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଆଗାମୀ ଦୁଇବର୍ଷରେ କୋଭିଡ଼-୧୯ ପରିସ୍ଥିତିରେ ଉନ୍ନତି ହେବା ନିଶ୍ଚିତ ମନେ ହେଉଛି। ଭିଭୋ ସହିତ ଏବେ ବି ଆମର ଚୁକ୍ତି ବଳବତ୍ତର ରହିଛି। ଭିଭୋଠାରୁ ଆମେ ବର୍ଷକୁ ୪୪୦ କୋଟି ଟଙ୍କା ପାଉଥିବା ବେଳେ ୨୪୦ କୋଟି ଟଙ୍କାରେ ଡ୍ରିମ୍ ୧୧କୁ ଅଧିକାର ପ୍ରଦାନ କରିବାର ଆବଶ୍ୟକତା କ'ଣ ବୋଲି ସେ ପ୍ରଶ୍ନ କରିନ୍ତି। ପୁଣି ଏହାର କୌଣସି ପ୍ରାସଙ୍ଗିକତା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ